# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ମେ ୩୧/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 31/2025 | Page 16 | ₹ 7.00

୫୧ଶ ଭାଗ ୧୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 185 | ମୂଲ୍ୟ ₹୭/-




**ହଲିଉଡ୍‌ର ଷ୍ଟଣ୍ଟ ଡାଇରେକ୍ଟରଙ୍କ ସହାୟତା ନେଲେ ୟଶ୍**

କନ୍ନଡ ଅଭିନେତା ୟଶ୍ 'ରାମାୟଣ' ଚଳଚ୍ଚିତ୍ରରେ ନିଜ ଅଭିନୟକୁ ନିଖୁଣ କରିବା ପାଇଁ ହଲିଉଡ୍‌ର ଷ୍ଟଣ୍ଟ ଡାଇରେକ୍ଟର ଗେ' ନୋରିସ୍‌ଙ୍କ ସହାୟତା ନେଇଛନ୍ତି।

୦୪

୧୬

**ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ**

ବେଲାରୁଷର ଆରିନା ସାବାଲେଙ୍କା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



# ଖାଦ୍ୟ ପ୍ୟାକେଟରେ '୧୦୦%' ଲେବଲ ମନା

**ଦେଶରେ ଖାଦ୍ୟ ଅପମିଶ୍ରଣ ବଢ଼ିବାରେ ଲାଗିଥିବାବେଳେ କମ୍ପାନୀଗୁଡ଼ିକ ନିଜ ଉତ୍ପାଦର ପ୍ରଚାରପ୍ରସାର ସକାଶେ ସେଥିରେ '୧୦୦% ବିଶୁଦ୍ଧ' ଲେବଲ ଲଗାଉଛନ୍ତି। ବିଜ୍ଞାପନ ପାଇଁ ଏଭଳି ପ୍ରମୋଶନାଲ କଣ୍ଟେଣ୍ଟ ଉପଭୋକ୍ତାଙ୍କୁ ବିଭ୍ରାନ୍ତ କରୁଥିବା ଦର୍ଶାଇ କେନ୍ଦ୍ର ସରକାର ଏହା ଉପରେ ଅଙ୍କୁଶ ଲଗାଇଛନ୍ତି। ଏଣିକି କୌଣସି କମ୍ପାନୀ ନିଜ ଉତ୍ପାଦର ପ୍ୟାକିଂ ଉପରେ ୧୦୦% ଶୁଦ୍ଧ ବୋଲି ଉଲ୍ଲେଖ କରିପାରିବେ ନାହିଁ। ଏପରି କି ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀ ଫୁଡ୍ ପ୍ରଡକ୍ଟ ସମ୍ପର୍କରେ ସମ୍ପୂର୍ଣ୍ଣ ନିର୍ଭୁଲ ସୂଚନା ଦେବାକୁ ବାଧ ବୋଲି ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।**

## ଏଫ୍‌ଏସ୍‌ଏସ୍‌ଏଆଇ କଟକଣା




**ନୂଆଦିଲ୍ଲୀ,୩୦।୫**

ଭାରତର ସର୍ବୋଚ୍ଚ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଫୁଡ୍ ବିଜ୍‌ନେସ୍ ହାଉସ୍‌ଗୁଡ଼ିକ ଉପରେ କଠୋର ଆଭିମୁଖ୍ୟ ଦେଖାଇଛନ୍ତି। କମ୍ପାନୀଗୁଡ଼ିକ କୌଣସି ଖାଦ୍ୟ ପ୍ୟାକେଟ, ଲେବଲ୍ ଓ ବିଜ୍ଞାପନରେ '୧୦୦% ବିଶୁଦ୍ଧ' ଦାବି କରିପାରିବେ ନାହିଁ ବୋଲି ଫୁଡ୍ ସିକ୍ୟୁରିଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଗୁରୁବାର ଜାରି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, '୧୦୦%' ବୋଲି ଉଲ୍ଲେଖ କରାଯିବା ଦ୍ୱାରା ବଜାରରେ ସବୁ ଖାଦ୍ୟର ବିକ୍ରି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ତେବେ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ (ଏଫ୍‌ଏସ୍‌ଏସ୍) ଆଇନ ଓ ଏହାର କୌଣସି ନିୟମରେ ଏପରି ଅଭିବ୍ୟକ୍ତି ସମ୍ପର୍କରେ ଉଲ୍ଲେଖ ନାହିଁ। ଖାଦ୍ୟ ପ୍ୟାକେଟରେ ଏପରି ଲେବଲ ଲଗାଇ ବଜାରକୁ ଛଡ଼ାଯିବା ଦ୍ୱାରା ଉପଭୋକ୍ତା ତାକୁ ସତକୁ ସତ ୧୦୦ ପ୍ରତିଶତ ବିଶୁଦ୍ଧ ମନେକରି କିଣିନେଉଛନ୍ତି। ଯେଉଁ ପ୍ୟାକେଟରେ ଏପରି ଉଲ୍ଲେଖ କରାଯାଉ ନାହିଁ, ତାକୁ ଲୋକେ ୧୦୦% ଶୁଦ୍ଧ ଲେଖାଥିବା ଖାଦ୍ୟ ତୁଳନାରେ ନ୍ୟୂନ ମନେକରୁଛନ୍ତି। ଏପରି ଭାଷା ଏଫ୍‌ଏସ୍‌ଏସ୍‌ଏଆଇ ନିୟାମକର କୌଣସି ବୈଧାନିକ ଆବଶ୍ୟକତାକୁ ପୂରଣ କରୁ ନ ଥିବାରୁ ଏହାକୁ ତୁରନ୍ତ ବନ୍ଦ କରିବାକୁ ପଡ଼ିବ ବୋଲି ଆଡ୍‌ଭାଇଜରିରେ କୁହାଯାଇଛି। '୧୦୦%' ଲେବଲକୁ ପ୍ରଚଳିତ ଆଇନ ଅନୁସାରେ ବିଧିବଦ୍ଧ ଭାବେ ପରିଭାଷିତ ଓ ନିର୍ଦ୍ଧାରିତ ନ କରି ବ୍ୟବହାର କରିବା ମିଥ୍ୟା ବିଜ୍ଞାପନ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ ଚେତାଇଦେଇଛନ୍ତି।

କେବଳ ଏତିକି ନୁହେଁ, ଦେଶର ସର୍ବୋଚ୍ଚ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଏଫ୍‌ଏସ୍‌ଏସ୍(ଆଡଭର୍ଟାଇଜିଂ ଆଣ୍ଡ କ୍ଲେମ୍ସ) ରେଗୁଲେଶନ୍ସ, ୨୦୧୮: ସବ୍-ରେଗୁଲେଶନ୍ ୪(୧) ଏବଂ ୧୦(୭)ର ଅବତାରଣା କରି କମ୍ପାନୀଗୁଡ଼ିକୁ ସତର୍କ କରାଇଛନ୍ତି। ସବ୍-ରେଗୁଲେଶନ୍ ୪(୧) ଅନୁସାରେ ଖାଦ୍ୟ ଲେବଲ ବା ବିଜ୍ଞାପନର ଦାବିରେ ସମ୍ପୂର୍ଣ୍ଣ ସତ୍ୟତା ଓ ସ୍ୱଷ୍ଟତା ରହିବା ଉଚିତ। ଉପଭୋକ୍ତାମାନେ ବଜାରରେ ଉପଲବ୍ଧ କେଉଁ ଖାଦ୍ୟ କିଣିବେ ତାକୁ ନେଇ ସମ୍ପୂର୍ଣ୍ଣ ରୂପେ ବିଭ୍ରାନ୍ତିମୁକ୍ତ ହୋଇପାରିବେ। ସେହିପରି ସବ୍-ରେଗୁଲେଶନ୍ ୧୦(୭) ଅନୁସାରେ ଅନ୍ୟ ଉତ୍ପାଦକୁ ନ୍ୟୂନ କରୁଥିବା କୌଣସି ଦାବି କିମ୍ବା ବିଜ୍ଞାପନ ପ୍ରସାର କରାଯାଇପାରିବ ନାହିଁ। ବିସ୍ତୃତ ଭାବେ ବିବରଣୀ ପ୍ରଦାନ ନ କରି କେବଳ ସଂଖ୍ୟାରେ ଉଲ୍ଲେଖ କରିବା ପ୍ରଚଳିତ ଆଇନର ଉଲ୍ଲଂଘନ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ ଉକ୍ତ ନିର୍ଦ୍ଦେଶନାମାରେ କହିଛନ୍ତି।

ପ୍ରକାଶ ଯେ, ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମଧ୍ୟ ଫ୍ରୁଟ୍ ଜୁସ୍ ପ୍ୟାକେଟରେ '୧୦୦% ଫ୍ରୁଟ୍ ଜୁସ୍' ଉଲ୍ଲେଖକୁ ବାରଣ କରିଥିଲେ। ଏହା ଆଇନତଃ ଅନୁମତିଯୋଗ୍ୟ ନୁହେଁ ଏବଂ ମାର୍କେଟିଂ ପାଇଁ ବିଭ୍ରାନ୍ତିକର ବୋଲି ଉଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ୨୦୨୪ ଜୁନ୍‌ରେ ଡାବର ପକ୍ଷରୁ ଦାଖଲ ଏକ ପିଟିଶନର ଜବାବରେ ଏଫ୍‌ଏସ୍‌ଏସ୍‌ଏଆଇ ୧୦୦% ଦାବିକୁ ଖାରଜ କରିବା ସହ ବର୍ତ୍ତମାନ ପ୍ରଚଳିତ କୌଣସି ଆଇନରେ ଏପରି ବ୍ୟବସ୍ଥା ନ ଥିବା ଉଲ୍ଲେଖ କରିଥିଲେ।

# ତିସ୍ତା ନଦୀକୁ ଖସିଲା ଗାଡ଼ି


ଇତିଶ୍ରୀ ଜେନା


ସାହିଲ ଜେନା


ଅଜିତ ନାୟକ


ସୁନିତା ନାୟକ

## ଭାଜପା ନେତ୍ରୀ ଇତିଶ୍ରୀଙ୍କ ସମେତ ୪ ନିଖୋଜ

**ଯାଜପୁର,୩୦।୫ (ହର୍ଷବର୍ଦ୍ଧନ ବେହେରା)**

ଉତ୍ତର ସିକ୍କିମର ତିସ୍ତା ନଦୀକୁ ଏକ କାର ଖସିପଡିବାରୁ ଯାଜପୁର ରୋଡ୍‌ର ଭାଜପା ନେତ୍ରୀ ତଥା ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ ଜଣ ନିଖୋଜ ହୋଇଯାଇଛନ୍ତି । ଗୁରୁବାର ରାତି ପ୍ରାୟ ୮ଟା ସମୟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ନିଖୋଜମାନେ ହେଲେ ଇତିଶ୍ରୀ ଜେନା ଓ ତାଙ୍କ ବଡ଼ ପୁଅ ସାହିଲ ଜେନା, ଭାଇ ଅଜିତ ନାୟକ ଓ ଭାଉଜ ସୁନିତା ନାୟକ। ସଙ୍କଟାପନ୍ନ ଅବସ୍ଥାରେ ଇତିଶ୍ରୀଙ୍କ ସାନପୁଅ ସାଇରାଜ ଓ ଭାଇଙ୍କ ପୁଅ ଅଂଶୁମାନ ନାୟକଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ଧାର କାର୍ଯ୍ୟ, ଆବଶ୍ୟକ ଚିକିତ୍ସା ଏବଂ ଫେରିବା ବ୍ୟବସ୍ଥା କରିବାକୁ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗଙ୍କ ସହ ଆଲୋଚନା କରିଛନ୍ତି। ତେବେ ଶୁକ୍ରବାର ସେଠାରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ନଦୀର ଆରପଟରେ ଏକ ମୃତଦେହ ପଡିଥିବା ସୂଚନା ମିଳିଛି। ହେଲେ ସେହି ମୃତଦେହ କାହାର ତାହା ସ୍ପଷ୍ଟ ହୋଇନାହିଁ ବୋଲି ସ୍ଥାନୀୟ ପୋଲିସ କହିଛି।

ସୂଚନା ଅନୁଯାୟୀ, ଇତିଶ୍ରୀ ଜେନା ତାଙ୍କ ୧୧ ଜଣ ପରିବାର ସଦସ୍ୟଙ୍କ ସହ ଯାଜପୁରରୁ ରବିବାର ରାତି ୧୨ଟାରେ ଟ୍ରେନ ଯୋଗେ ସିକ୍କିମ ଯାତ୍ରା କରିଥିଲେ। ସିଲିଗୁଡି ଷ୍ଟେଶନରୁ ଓହ୍ଲାଇ ସେମାନେ ଆଖପାଖ ଅଞ୍ଚଳ ବୁଲାବୁଲି କରି ଗ୍ୟାଙ୍ଗଟକ୍ ଯାଇଥିଲେ। ସେଠାରୁ ପ୍ରାୟ ୧୦୦୦ଫୁଟ ଉଚ୍ଚରେ ଥିବା ଚୁଙ୍ଗଥାଙ୍ଗକୁ ଟୁରିଷ୍ଟ ଗାଡ଼ିରେ ବୁଲିବାକୁ ଯାଇ ଫେରୁଥିବା ସମୟରେ ଇତିଶ୍ରୀ ବସିଥିବା କାର ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୧୦୦୦ ଫୁଟ ତଳେ ଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ସ୍ୱର ବଦଳୁଛି


DSPL-87


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ

ଆମ ସଂକଳ୍ପ
ନିଶା ନୁହେଁ, ଜୀବନ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ

ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ

ସଦୟ ଉପସ୍ଥିତି

ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ

୩୧ ମଇ - ୨୬ ଜୁନ୍ ୨୦୨୫

୩୧ ମଇ ୨୦୨୫ । ଲୋକସେବା ଭବନ, ଭୁବନେଶ୍ୱର

ଆଜି ହିଁ ସଂକଳ୍ପ ନେବା ନିଶା ନୁହେଁ, ଜୀବନକୁ ବାଛିବା

ଅବକାରୀ ବିଭାଗ, ଓଡ଼ିଶା ସରକାର

OIPR-36001/13/0004/2526

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ଧମକ: ଯୁବକ ଗିରଫ


ସମୀର କୁମାର ରଞ୍ଜନ

ପାଟନା,୩୦।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨ ଦିନିଆ ବିହାର ଗସ୍ତ ବେଳେ ତାଙ୍କୁ ହତ୍ୟା କରିବା ପାଇଁ ଫୋନ୍ ଯୋଗେ ଧମକ ଦେଇଥିବା ଭାଗଲପୁର ଜିଲାର ୩୫ ବର୍ଷୀୟ ସମୀର କୁମାର ରଞ୍ଜନଙ୍କୁ ପୋଲିସ ମହେଶୀ ଗ୍ରାମରୁ ଗିରଫ କରିଛି। ଗୁରୁବାରଠାରୁ ମୋଦିଙ୍କ ବିହାର ଗସ୍ତ ଆରମ୍ଭ ହୋଇଥିବାବେଳେ ଭାଗଲପୁରରୁ ସୁରକ୍ଷା ଏଜେନ୍ସି ନିକଟକୁ ଏକ ହ୍ୱାଟ୍ସଆପ୍ କଲ୍ ଆସିଥିଲା, ଯେଉଁଥିରେ ହତ୍ୟା ଧମକ ଦିଆଯାଇଥିଲା। ଏହାର ତଦନ୍ତ ପାଇଁ ଭାଗଲପୁର ଏସ୍ଏସ୍ପି ହୃଦୟକାନ୍ତ ଏକ ଟିମ୍ ଗଠନ କରିଥିଲେ। ପ୍ରାଥମିକ ତଦନ୍ତ ଅନୁଯାୟୀ, ୭୧ ବର୍ଷୀୟ ମଣ୍ଟୁ ଚୌଧରୀଙ୍କ ମୋବାଇଲ ଫୋନ୍ରୁ କଲ୍ ଆସିଥିଲା। ତେବେ ସବିଶେଷ ବୈଷୟିକ ଅନୁଶୀଳନ ଏବଂ ପଚରାଉଚରା ପରେ ଅଭିଯୁକ୍ତ ସମୀର ଭର୍ଚୁଆଲ ପ୍ରାଇଭେଟ୍ ନେଟ୍ୱର୍କ (ଭିପିଏନ୍) ବ୍ୟବହାର କରି ଚୌଧରୀଙ୍କ ମୋବାଇଲ ନମ୍ବରରୁ ହ୍ୱାଟ୍ସଆପ୍ କଲ୍ କରିଥିବା ଜଣାପଡ଼ିଥିଲା ବୋଲି ସଦର ଡିଏସ୍ପି ଚନ୍ଦ୍ରଭୂଷଣ କହିଛନ୍ତି। ଅଭିଯୁକ୍ତ ଅପରାଧ ସ୍ୱୀକାର କରିଥିବାବେଳେ ଅଧିକ ତଦନ୍ତ ଜାରି ରହିଛି।

### ସୁପ୍ରିମକୋର୍ଟର ୩ ବିଚାରପତି ଶପଥ ନେଲେ

ନୂଆଦିଲ୍ଲୀ,୩୦।୫(ପି.ଟି.)

ଭାରତର ପ୍ରଧାନ ବିଚାରପତି ବି.ଆର୍. ଗବଇ ଶୁକ୍ରବାର ସୁପ୍ରିମକୋର୍ଟର ୩ ନବନିଯୁକ୍ତ ବିଚାରପତି ଜଷ୍ଟିସ୍ ଏନ୍.ଭି. ଅଞ୍ଜରିଆ, ବିଜୟ ବିଷ୍ଣୋଇ ଏବଂ ଏ.ଏସ୍. ଚନ୍ଦୁରକଙ୍କୁ ଶପଥ ପାଠ କରାଇଛନ୍ତି। ସେମାନଙ୍କ ଶପଥ ଗ୍ରହଣ ସହିତ ସର୍ବୋଚ୍ଚ ଅଦାଲତର ୩୪ ବିଚାରପତିଙ୍କୁ ନେଇ ଏହାର ପୂର୍ଣ୍ଣ କାର୍ଯ୍ୟ ସାମର୍ଥ୍ୟ ହାସଲ କରିଛି। କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଅଞ୍ଜରିଆ, ଗୁଆହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ବିଷ୍ଣୋଇ ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଚନ୍ଦୁରକରଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେବା ପାଇଁ ଗତ ସୋମବାର କଲେଜିୟମ୍ ସୁପାରିସ୍ କରିଥିବାବେଳେ ଗୁରୁବାର ରାଷ୍ଟ୍ରପତି ସେମାନଙ୍କୁ ନିଯୁକ୍ତି ଦେଇଥିବା ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକ୍ସ'ରେ ଘୋଷଣା କରିଥିଲେ।

## ଚର୍ଚ୍ଚାରେ ଶି ଜିନ୍ପିଙ୍ଗ୍ଙ୍କ ଝିଅ

# ଆମେରିକାରୁ ବିଦା ହୋଇପାରନ୍ତି

ୱାଶିଂଟନ୍,୩୦।୫

ମାସାଚ୍ୟୁସେଟ୍ସରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହୁଥିବା ଚାଇନା ରାଷ୍ଟ୍ରପତି ଶି ଜିନ୍ପିଙ୍ଗ୍ଙ୍କ ଏକମାତ୍ର ଝିଅ ଶି ମିଙ୍ଗ୍ଜେଙ୍କୁ ଆମେରିକା ବିଦା କରିପାରେ। ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ମାଗା) ଆକ୍ଟିଭିଷ୍ଟ ଲଉରା ଲୁମର ଏହି ପ୍ରସଙ୍ଗ ଉଠାଇବା ପରେ ଚର୍ଚ୍ଚାର ବିଷୟ ପାଲଟିଛି। ଲଉରା କହିଛନ୍ତି, ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ଗାର୍ଡ୍ସଙ୍କ ସୁରକ୍ଷାରେ ମାସାଚ୍ୟୁସେଟ୍ସରେ ଜିନ୍ପିଙ୍ଗ୍ଙ୍କ ଝିଅ ମିଙ୍ଗ୍ଜେ ରହୁଛନ୍ତି। କମ୍ୟୁନିଷ୍ଟମାନେ ଆମ ଦେଶର ନୁହନ୍ତି। ଚାଇନା ଛାତ୍ରୀଛାତ୍ରଙ୍କ ଉପରେ ଆମେରିକା ବଡ଼ କଟକଣା ଜାରି କରିବା ସତ୍ତ୍ୱେ ସେ କିପରି ଭାବେ ଏଠାରେ ରହୁଛନ୍ତି। ମିଙ୍ଗ୍ଜେଙ୍କୁ ତାଙ୍କ ବାପାଙ୍କ ପରିଚୟ ମାଗିବେ ବୋଲି ଲଉରା କହିଛନ୍ତି। ତେବେ ମିଙ୍ଗ୍ଜେଙ୍କ ଅବସ୍ଥାନ ସମ୍ପର୍କରେ ଆମେରିକା କିମ୍ବା ଚାଇନା ପକ୍ଷରୁ ସରକାରୀ ଭାବେ କିଛି କୁହାଯାଇନାହିଁ।

ସୂତ୍ରରୁ ଜଣାପଡ଼ିଛି ଯେ, ଶି ଜିନ୍ପିଙ୍ଗ୍ ଏବଂ ପେଙ୍ଗ୍ ଲିୟୁଆନ୍ଙ୍କ ଝିଅ ମିଙ୍ଗ୍ଜେ ୧୯୯୨ ଜୁନ୍ ୨୫ରେ ଚାଇନାର ଫୁଝୌସ୍ଥିତ ଏକ ହସ୍ପିଟାଲରେ ଜନ୍ମଗ୍ରହଣ କରିଥିଲେ। ୩୨ ବର୍ଷୀୟା ଶି ମିଙ୍ଗ୍ଜେ ଆମେରିକାରେ ଛଦ୍ମନାମରେ ଅବସ୍ଥାନ କରୁଛନ୍ତି। ୨୦୧୦ରୁ ୨୦୧୪ ମଧ୍ୟରେ ସେ ହାର୍ଭାର୍ଡ ୟୁନିଭର୍ସିଟିରେ ମନସ୍ତତ୍ତ୍ୱ ବିଜ୍ଞାନ ପଢୁଥିଲେ। ଏହା ପୂର୍ବରୁ ସେ ହଙ୍ଗ୍ଝୌ ଫରେନ୍ ଲାଙ୍ଗୁଏଜ୍ ସ୍କୁଲରେ ଫରାସୀ ଭାଷା ଉପରେ ଅଧ୍ୟୟନ କରୁଥିଲେ। ମିଙ୍ଗ୍ଜେ ସ୍ନାତକ ଶିକ୍ଷାଲାଭ ପରେ ଆମେରିକାରୁ ଚାଇନାକୁ ଚାଲିଯାଇଥିଲେ। କିନ୍ତୁ ୨୦୧୯ରେ ସେ ଉଚ୍ଚଶିକ୍ଷା ପାଇଁ ପୁଣି ହାର୍ଭାର୍ଡକୁ ଫେରିଥିବା କୁହାଯାଉଛି। ମାସାଚ୍ୟୁସେଟ୍ସରେ ସେ ସରକାରୀ ସୁରକ୍ଷାରେ ରହିଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ମିଙ୍ଗ୍ଜେ ସମ୍ପୂର୍ଣ୍ଣ ଭାବେ ଗୁପ୍ତ ଜୀବନ ବିତାଇଥାନ୍ତି। ତାଙ୍କ ବ୍ୟକ୍ତିଗତ ଜୀବନ ଓ ପୃଷ୍ଠଭୂମି ସମ୍ପର୍କରେ କେବଳ ଚାଇନାର ଅଳ୍ପ କେତେଜଣ ବରିଷ୍ଠ ଅଧିକାରୀ ଜାଣିଛନ୍ତି।

### ହାର୍ଭାର୍ଡରେ ଛଦ୍ମନାମରେ ପଢ଼ିବାବେଳେ ପିଏଲ୍ଏ ଦେଉଥିଲା ସୁରକ୍ଷା


ଶି ମିଙ୍ଗ୍ଜେ

ତାଙ୍କ ସମ୍ପର୍କିତ ସୂଚନା ଯେପରି ପ୍ରଘଟ ନ ହୁଏ ସେଥିଲାଗି ଚାଇନା କର୍ତ୍ତୃପକ୍ଷ ଯତ୍ନବାନ୍ ଥିବା କୁହାଯାଉଛି। ୨୦୧୯ରେ ଚାଇନାର ଜଣେ ଟେକ୍ନିସିଆନ୍ ନିଉ ଟେଙ୍ଗ୍ ମିଙ୍ଗ୍ଜେଙ୍କ ବ୍ୟକ୍ତିଗତ ତଥ୍ୟ ଅନ୍ଲାଇନ୍ରେ ପ୍ରଘଟ କରିବା ଅଭିଯୋଗରେ ଗିରଫ ହୋଇଥିଲେ। ଏହି ହାଇପ୍ରୋଫାଇଲ ମାମଲାରେ ନିଉ ଟେଙ୍ଗ୍ଙ୍କୁ ୧୪ ବର୍ଷ ଜେଲ ହୋଇଥିଲା। ଶି ମିଙ୍ଗ୍ଜେ ଆମେରିକାରେ ରହୁଥିବା ନେଇ ୨୦୨୨ରେ ଆମେରିକୀୟ ପ୍ରତିନିଧି ଭିକି ହର୍ଟଜଲର ଦାବି କରିଥିଲେ। ଚାଇନା ରାଷ୍ଟ୍ରପତିଙ୍କ ଝିଅ ହୋଇଥିବାରୁ ଲୋକଲୋଚନ ଓ ମିଡିଆ ସ୍କ୍ରୁଟିନିରୁ ସୁରକ୍ଷା ଦେବା ପାଇଁ ଗୁପ୍ତ ଜୀବନ ବିତାଇବାକୁ ତାଙ୍କୁ ପରାମର୍ଶ ଦିଆଯିବା ବେଜିଂର ଏକ ରଣନୀତି ବୋଲି ଅନେକେ ମନେକରନ୍ତି।

ଆମେରିକାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜରେ ସମ୍ପ୍ରତି ୨,୭୫,୦୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ସହ ଜଡ଼ିତ ଥିବା କିମ୍ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡିଫେନ୍ସ ରୋବୋଟିକ୍ସ ଭଳି ସମ୍ବେଦନଶୀଳ ପାଠ୍ୟକ୍ରମରେ ନାମ ଲେଖାଇଥିବା ଚାଇନା ଛାତ୍ରୀଛାତ୍ରମାନଙ୍କ ଭିଜା ରଦ୍ଦ ହେବ ବୋଲି ବୁଧବାର ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ କହିବା ପରେ ମିଙ୍ଗ୍ଜେ ଚର୍ଚ୍ଚାକୁ ଆସିଛନ୍ତି। ଆମେରିକାର ଏହି ଭିଜା ରଦ୍ଦ ଯୋଜନାକୁ ବେଜିଂ ଅଯୌକ୍ତିକ ପଦକ୍ଷେପ ଦର୍ଶାଇ ସମାଲୋଚନା କରିଛି। ଆମେରିକା ଆଦର୍ଶ ଓ ଜାତୀୟ ସୁରକ୍ଷା ଆଳରେ ଅକାରଣେ ଚାଇନା ଛାତ୍ରୀଛାତ୍ରଙ୍କ ଭିଜା ରଦ୍ଦ କରିବା ଦୁର୍ଭାଗ୍ୟଜନକ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି।

## ଜିଡିପି ଅଭିବୃଦ୍ଧି ୬.୫%କୁ ହ୍ରାସ




ନୂଆଦିଲ୍ଲୀ,୩୦।୫(ପି.ଟି.)

ଭାରତର ଆର୍ଥିକ ଅଭିବୃଦ୍ଧି ଗତ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୭.୪ ପ୍ରତିଶତକୁ ହ୍ରାସ ପାଇବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ଏହା ୬.୫ ପ୍ରତିଶତକୁ ଖସିଥିବା ଶୁକ୍ରବାର ପ୍ରକାଶିତ ସରକାରୀ ତଥ୍ୟରୁ ଜଣାପଡ଼ିଛି। ୪ ବର୍ଷ ମଧ୍ୟରେ ଏହା ସବୁଠୁ କମ୍ ଅଭିବୃଦ୍ଧି ହାର। ମୁଖ୍ୟତଃ ଉତ୍ପାଦନ ସେକ୍ଟରର ଖରାପ ପ୍ରଦର୍ଶନ ଯୋଗୁ ମୋଟ ଘରୋଇ ଉତ୍ପାଦନ (ଜିଡିପି) ଅଭିବୃଦ୍ଧି ହ୍ରାସ ପାଇଥିବା କୁହାଯାଉଛି।

ଭାରତର ଅର୍ଥନୀତି ୩୩୦.୬୮ ଲକ୍ଷ କୋଟି ଟଙ୍କା ବା ୩.୯ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଥିବାବେଳେ ଆଗାମୀ କିଛି ବର୍ଷରେ ଏହା ୫ ଟ୍ରିଲିୟନ ଡଲାର ଲକ୍ଷ୍ୟ ହାସଲ କରିବାକୁ ଯାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଆର୍ଥିକ ଅଭିବୃଦ୍ଧି ହାର ୯.୨ ପ୍ରତିଶତ ରହିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦ୍ୱାରା ପ୍ରକାଶିତ ଆର୍ଥିକ ଆକଳନ ଅନୁଯାୟୀ, ଗତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ (୨୦୨୫ ଜାନୁଆରୀରୁ ମାର୍ଚ୍ଚ)ରେ ଅଭିବୃଦ୍ଧି ହାର ୭.୪% ଥିବାବେଳେ ୨୦୨୪ ଅକ୍ଟୋବର-ଡିସେମ୍ବରରେ ୬.୪%, ଜୁଲାଇ-ସେପ୍ଟେମ୍ବରରେ ୫.୬% ଏବଂ ଏପ୍ରିଲ-ଜୁନ୍ରେ ୬.୫% ରହିଥିଲା। ଗତ ଫେବୃଆରୀରେ ଏନ୍ଏସ୍ଓ ପ୍ରକାଶ କରିଥିବା ଦ୍ୱିତୀୟ ଅଗ୍ରିମ ଆକଳନ ଅନୁଯାୟୀ ୨୦୨୪-୨୫ ବର୍ଷରେ ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବ ବୋଲି କୁହାଯାଇଥିଲା।



## ନାଇଜେରିଆରେ ବନ୍ୟା: ୧୧୧ ମୃତ

### ମୋକଓ୍ୱା ସହର ଜଳାର୍ଣ୍ଣବ

ଅବୁଜା,୩୦।୫

କେନ୍ଦ୍ରୀୟ ନାଇଜେରିଆର ନାଇଜର ରାଜ୍ୟରେ ପ୍ରବଳ ବନ୍ୟା ଆସିବାରୁ ଅନ୍ୟୁନ ୧୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୋକଓ୍ୱା ସହର ବନ୍ୟାପାଣିରେ ବୁଡ଼ିଯାଇଛି। ଅନେକ ଲୋକ ପାଣିଘେରରେ ଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁବାର ଲଗାଣ ବର୍ଷା ଦୀର୍ଘ ସମୟ ଲାଗିରହିବାରୁ ବନ୍ୟା ଆସିଥିବାବେଳେ ସହର ନିକଟବର୍ତ୍ତୀ ଏକ ନଦୀବନ୍ଧ ଭୁଶୁଡ଼ିବାରୁ ସ୍ଥିତି ଗମ୍ଭୀର ହୋଇଥିବା ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି। ବନ୍ୟା ଯୋଗୁ ଅନେକ ଲୋକ ବିସ୍ଥାପିତ ହୋଇଛନ୍ତି। ଶୁକ୍ରବାର ପ୍ରଥମେ ୮୮ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିବାବେଳେ ପରେ ଆଉ ୨୩ଟି ମୃତଦେହ ମିଳିଥିବା ନାଇଜର ରାଜ୍ୟ ଜରୁରୀ ସଂସ୍ଥା ପକ୍ଷରୁ କୁହାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନାଇଜେରିଆରେ ଅନେକ ସମୟରେ ବନ୍ୟା ଆସୁଥିବାରୁ ନାଇଜର ଏବଂ ବେନୁଇ ନଦୀକୂଳିଆ ଲୋକମାନେ ବିଶେଷ ପ୍ରଭାବିତ ହୋଇଥାନ୍ତି।

## ଦୁର୍ନୀତି ଖବର ଛାପିବାରୁ ନିର୍ଯାତନା: କ୍ୟାମେରା ଆଗରେ ବିଷ ପିଇଲେ ଖବରଦାତା ଓ ସ୍ତ୍ରୀ

ପିଲିଭିଟ୍,୩୦।୫

ଉତ୍ତରପ୍ରଦେଶର ବିସାଲପୁର ସବ୍ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍ଡିଏମ୍), ବାରଖେଡ଼ା ନଗର ପଞ୍ଚାୟତ ଅଧ୍ୟକ୍ଷ ଏବଂ ଜଣେ ଠିକାଦାରଙ୍କ ଉତ୍ପୀଡ଼ନରେ ଅତିଷ୍ଠ ହୋଇ ଜଣେ ସ୍ଥାନୀୟ ଖବରଦାତା ଓ ତାଙ୍କ ସ୍ତ୍ରୀ କ୍ୟାମେରା ସମ୍ମୁଖରେ ବିଷ ପିଇଛନ୍ତି। ସୋସିଆଲ ମିଡିଆରେ ଉକ୍ତ ଭିଡିଓ ପୋଷ୍ଟ କରି ଖବରଦାତା ଇସ୍ରାର ଅଭିଯୋଗ କରିଛନ୍ତି, ଏସ୍ଡିଏମ୍ ନାଗେନ୍ଦ୍ର ପାଣ୍ଡେ, ନଗର ପଞ୍ଚାୟତ ଅଧ୍ୟକ୍ଷ ଶ୍ୟାମବିହାରୀ ଭୋଜଓ୍ୱାଲ ଏବଂ ଠିକାଦାର ମୋଇନ ହୁସେନ୍ ହଇରାଣ କରୁଥିବାରୁ ସେମାନେ ଏଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଲେ। ସେମାନଙ୍କୁ ତୁରନ୍ତ ଜିଲା ହସ୍ପିଟାଲକୁ ନିଆଯାଇଥିଲା। ଇସ୍ରାର ବିପଦମୁକ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ଗୁରୁତର ରହିଥିବା ଜଣେ ଅଧିକାରୀ କହିଛନ୍ତି। ଅଭିଯୋଗ ଅନୁଯାୟୀ, ବରଖେଡ଼ା ନଗର ପଞ୍ଚାୟତର ଦୁର୍ନୀତି ସମ୍ପର୍କରେ ଇସ୍ରାର ଖବର ପ୍ରକାଶ କରିବାରୁ ତାହା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୃଷ୍ଟିକୁ ଆସିଥିଲା। ଏହା ପରେ ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଯାଇଥିଲା ବୋଲି ଇସ୍ରାର କହିଛନ୍ତି। ହୁସେନ୍ ଭୋଜଓ୍ୱାଲ ଓ ପାଣ୍ଡେ କ୍ରମାଗତ ଭାବେ ତାଙ୍କ ପରିବାରକୁ ଧମକଦେବା ସହ ମିଛ ମାମଲା ଲଗାଇଥିଲେ। ବିଷ ପିଇ ଆମେ ଜୀବନ ଦେବାକୁ ଯାଉଛୁ, ଯୋଗୀଜୀ ଆମକୁ ନ୍ୟାୟ ଦରକାର ବୋଲି ଇସ୍ରାର ଭିଡିଓରେ କହିଥିଲେ।

## କମଲ ହାସନଙ୍କ 'ଥୁଗ୍ ଲାଇଫ୍' କର୍ନାଟକରେ ବ୍ୟାନ୍

### କନ୍ନଡ-ତାମିଲ ବିବାଦୀୟ ମନ୍ତବ୍ୟ

ବେଙ୍ଗାଲୁରୁ,୩୦।୫

ଅଭିନେତା କମଲ ହାସନ୍ ଗତ ସପ୍ତାହରେ ଚେନ୍ନାଇରେ ଏକ କାର୍ଯ୍ୟକ୍ରମରେ ଉଦ୍ବୋଧନ ଦେବା ଅବସରରେ ତାମିଲରୁ କନ୍ନଡ ଭାଷାର ଜନ୍ମ ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ।



ଏଥିପାଇଁ କ୍ଷମା ମାଗିବାକୁ ସେ ମନା କରିଦେବା ପରେ କର୍ନାଟକରେ ଅଭିନେତାଙ୍କ ଚଳଚ୍ଚିତ୍ର 'ଥୁଗ୍ ଲାଇଫ୍' ବିରୋଧର ସମ୍ମୁଖୀନ ହୋଇଛି। କର୍ନାଟକ ଫିଲ୍ମ ଚାମ୍ବର ଅଫ୍ କମର୍ସ (କେଏଫ୍ସିସି) ଉକ୍ତ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ରୋକ୍ ଲଗାଇଛି। ଚଳଚ୍ଚିତ୍ରକୁ ବ୍ୟାନ୍ କରିବା ପାଇଁ କର୍ନାଟକ ରକ୍ଷଣ ବେଦିକେ ଏବଂ ଅନ୍ୟ କନ୍ନଡ ସଂଗଠନଗୁଡ଼ିକ ଦାବି କରିଥିଲେ। କମଲ ହାସନ ସର୍ବସାଧାରଣରେ କ୍ଷମା ନ ମାଗିବା ପର୍ଯ୍ୟନ୍ତ ଉକ୍ତ ଫିଲ୍ମକୁ ମୁକ୍ତିଲାଭ କରିବାକୁ ଦିଆଯିବ ନାହିଁ ବୋଲି କେଏଫ୍ସିସି ପକ୍ଷରୁ କୁହାଯାଇଛି। ତେବେ ସେ ଭୁଲ୍ ପ୍ରମାଣିତ ହୁଅନ୍ତି, ତେବେ କ୍ଷମା ମାଗିବେ ବୋଲି କମଲ ହାସନ କହିଛନ୍ତି।

## ଶତାବ୍ଦୀ ଶେଷ ସୁଦ୍ଧା ୭୫% ବରଫ ହରାଇପାରେ ହିନ୍ଦୁକୁଶ



ନୂଆଦିଲ୍ଲୀ,୩୦।୫(ପି.ଟି.)

ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପମାତ୍ରା ଯଦି ୨ ଡିଗ୍ରୀ ସେଲ୍ସିୟସ୍ ବୃଦ୍ଧି ପାଏ, ତେବେ ହିନ୍ଦୁକୁଶ ହିମାଳୟ ଏହାର ୭୫ ପ୍ରତିଶତ ବରଫ ହରାଇବ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ଏହି ଅଞ୍ଚଳର ଗ୍ଲେସିୟର ହିମାଳୟରୁ ବାହାରିଥିବା ନଦୀଗୁଡ଼ିକୁ ପାଣି ଯୋଗାଇଥାଏ। ଗ୍ଲେସିୟର ତରଳିଗଲେ ଉକ୍ତ ନଦୀଗୁଡ଼ିକ ଉପରେ ନିର୍ଭର କରୁଥିବା ୨୦୦ କୋଟି ଲୋକ ପ୍ରଭାବିତ ହେବେ।

ସାଇନ୍ସ ଜର୍ନାଲରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ଉତ୍ତାପ ବୃଦ୍ଧି ସ୍ତରକୁ ଯଦି ପ୍ରାକ୍ ଶିଳ୍ପାୟନ ସ୍ତରରୁ ୧.୫ ଡିଗ୍ରୀ ସେଲ୍ସିୟସ୍ ଅଧିକ ମଧ୍ୟରେ ସୀମିତ ରଖାଯାଇପାରିବ, ତେବେ ହିମାଳୟ ଏବଂ କୌକାସସ୍ ପର୍ବତମାଳାର ୪୦ରୁ ୪୫ ପ୍ରତିଶତ ଗ୍ଲେସିୟର ବରଫ ସଂରକ୍ଷିତ ରହିବ। ତେବେ ବର୍ତ୍ତମାନର ଜଳବାୟୁ ନୀତି ଯଦି ଜାରି ରହେ ଏବଂ ଶତାବ୍ଦୀ ଶେଷ ବେଳକୁ ବିଶ୍ୱ ତାପମାତ୍ରା ୨.୭ ଡିଗ୍ରୀ ସେଲ୍ସିୟସ୍ ବଢ଼ିଯାଏ, ତେବେ ସାରା ବିଶ୍ୱରେ ମାତ୍ର ୨୫ ପ୍ରତିଶତ ଗ୍ଲେସିୟର ବରଫ ତିଷ୍ଠି ରହିବ। ମାନବ ଜାତି ପାଇଁ ଗ୍ଲେସିୟର ଅଞ୍ଚଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ତରଳିଲେ ୟୁରୋପୀୟ ଆଲ୍ପସ୍ ଏବଂ ପଶ୍ଚିମ ଆମେରିକା, କାନାଡ଼ା ଓ ଆଇସ୍ଲାଣ୍ଡର ରକି ପର୍ବତମାଳା ଅଧିକ କ୍ଷତିଗ୍ରସ୍ତ ହେବ ବୋଲି ଅଧ୍ୟୟନରେ କୁହାଯାଇଛି। ୨ ଡିଗ୍ରୀ ସେଲ୍ସିୟସ୍ ଉତ୍ତାପ ବଢ଼ିଲେ, ଉକ୍ତ ପର୍ବତମାଳାରେ ଥିବା ପ୍ରାୟ ସବୁ ବରଫ ହରାଇବ। ୨୦୨୦ରେ ସେଠାରେ ଯେତିକି ବରଫ ଥିଲା ସେଥିରୁ ମାତ୍ର ୧୦ରୁ ୧୫ ପ୍ରତିଶତ ତିଷ୍ଠି ରହିପାରେ ବୋଲି କୁହାଯାଇଛି। ସ୍କାଣ୍ଡିନେଭିଆରେ ଆଦୌ ବରଫ ଗ୍ଲେସିୟର ରହିବ ନାହିଁ ବୋଲି ଆକଳନ କରାଯାଇଛି। ତେବେ ୨୦୧୫ର ପ୍ୟାରିସ୍ ଚୁକ୍ତିନାମାରେ ଧାର୍ଯ୍ୟ ହୋଇଥିବା ବର୍ଦ୍ଧିତ ତାପମାତ୍ରାକୁ ଯଦି ୧.୫ ଡିଗ୍ରୀ ସେଲ୍ସିୟସ୍ ମଧ୍ୟରେ ସୀମିତ ରଖାଯାଇପାରେ, ତେବେ ସବୁ ଅଞ୍ଚଳରେ କିଛି ପରିମାଣରେ ଗ୍ଲେସିୟର ବରଫ ସଂରକ୍ଷିତ ରହିପାରିବ ବୋଲି କୁହାଯାଇଛି।

DSPL-86
ଓଡ଼ିଶା ସରକାର
ବିଶ୍ୱ ତମାଖୁ ବର୍ଜନ ଦିବସ
୩୧ ମଇ ୨୦୨୫
ତମାଖୁ ବ୍ୟବହାର ଦ୍ୱାରା ଜନସମାଜ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ କ୍ଷେତ୍ରରେ ଅଗ୍ରଗତି ଅନେକ ମାତ୍ରାରେ ପ୍ରଭାବିତ ହେଉଅଛି । ଏଣୁ ତମାଖୁ ସେବନରୁ ନିବୃତ୍ତ ରହିବାପାଇଁ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କୁ ସତର୍କ ଓ ସଚେତନ କରିବା ଜରୁରୀ ଅଟେ ।
ଧୂମପାନ ବା ତମାଖୁ ବ୍ୟବହାରର କୁପରିଣାମ :
- ପାଟି, ମୁଖ ଗହ୍ୱର, ସ୍ୱରଯନ୍ତ୍ର, ଫୁସ୍ଫୁସ୍, ମୂତ୍ରାଶୟ ଇତ୍ୟାଦିରେ କର୍କଟ ରୋଗ ହୋଇଥାଏ ।
- ହୃଦ୍‌ଘାତ, ଯକ୍ଷ୍ମା ଓ ଫୁସ୍ଫୁସ୍ ରୋଗର କାରଣ ହୋଇଥାଏ ।
- ନପୁଂସକତା, ପ୍ରଜନନ ଶକ୍ତି ହ୍ରାସ ଓ ଅକାଳ ବାର୍ଦ୍ଧକ୍ୟ ଦେଖାଦେଇଥାଏ ।
- ଗର୍ଭାବସ୍ଥାରେ ତମାଖୁ ସେବନ କଲେ ଶିଶୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ନିଏ ଓ କମ୍ ଓଜନର ହୋଇଥାଏ ।
- ଧୂମପାନ କରୁଥିବା ବ୍ୟକ୍ତି ପାଖରେ ଚଳପ୍ରଚଳ ହେଉଥିବା ବ୍ୟକ୍ତିମାନେ ଯେଉଁମାନେ କି ଧୂମପାନ କରନ୍ତି ନାହିଁ, ସେମାନଙ୍କର ମଧ୍ୟ ପରୋକ୍ଷ ଧୂମପାନ ଦ୍ୱାରା ହୃଦ୍‌ଘାତ ଓ ଫୁସ୍ଫୁସ୍ କର୍କଟରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ଥାଏ ।
- ପରୋକ୍ଷ ଧୂମପାନ ଯୋଗୁଁ ପିଲାମାନଙ୍କର ଆଜ୍ମା, ଶ୍ୱାସନଳୀଜନିତ ତୀବ୍ର ଅସୁସ୍ଥତା ଏବଂ ଅନ୍ୟାନ୍ୟ ରୋଗ ମଧ୍ୟ ଦେଖାଯାଇଥାଏ ।
ତମାଖୁ ଆମ ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ

OIPR-10003/13/0193/2526
ତମାଖୁ ଓ ତମାଖୁ ଉତ୍ପାଦ ବିକ୍ରିବୃଦ୍ଧି ଅପକୌଶଳର ପର୍ଦ୍ଦାଫାଶ କରିବା, ଜନ ଆବେଦନର ଶୁଣାଣି କରିବା
ଆସନ୍ତୁ, ଏକ ତମାଖୁ ମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତେ ସାମିଲ୍ ହୋଇ ସୁସ୍ଥ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ।
ତମାଖୁ ବର୍ଜନ, ସୁସ୍ଥ ଜୀବନ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/




# ଆଜି ହାଲୁକା ବର୍ଷା, ୭ ଯାଏ ଶୁଖିଲା ପାଗ

ଭୁବନେଶ୍ୱର,୩୦।୫ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ କ୍ରମେ ଦୁର୍ବଳ ହୋଇ ଶୁକ୍ରବାର ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ତେବେ ଓଡ଼ିଶାର କିଛି ଜିଲାରେ ବର୍ଷା ହୋଇଥିଲେ ମଧ୍ୟ ଅଧିକାଂଶ ଜିଲାରେ ପାଗ ଶୁଖିଲା ରହିବା ସହ ଗୁଲୁଗୁଲି ଅନୁଭୂତ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ,



ଶନିବାର ରାଜ୍ୟର ବିଭିନ୍ନ ଜିଲାର କିଛି କିଛି ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବିଶେଷକରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଆଦି ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସହ ବଜ୍ରପାତ ସମ୍ଭାବନା ରହିଛି। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଜୁନ୍ ୨ରୁ ୭ ପର୍ଯ୍ୟନ୍ତ ରାଜ୍ୟରେ ଭାରି ବର୍ଷାର ସମ୍ଭାବନା ନାହିଁ। ରାଜ୍ୟର ଗୋଟିଏ ଦୁଇଟି ଜିଲାକୁ ବାଦ୍‌ଦେଲେ ବାକି ଜିଲାଗୁଡ଼ିକରେ ପାଗ ପ୍ରାୟତଃ ଶୁଖିଲା ରହିପାରେ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି।




# ଝରକା ବାଟେ ଫିଙ୍ଗିଦେଲେ କୋଟିଏ

## ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ୧୫ କୋଟିର ସମ୍ପତ୍ତି ଠାବ


ବୈକୁଣ୍ଠନାଥ ଷଡ଼ଙ୍ଗୀ



ଝରକାରୁ (ବୃତ୍ତ ଚିହ୍ନିତ) ତଳେ ଥିବା ଆଜବେଷ୍ଟସ୍ ଉପରକୁ ଟଙ୍କା ବିଡ଼ା ଫିଙ୍ଗାଯାଇଛି।

ଭୁବନେଶ୍ୱର/ଅନୁଗୋଳ, ୩୦।୫ (ସତ୍ୟଜିତ ରାଉତ/ମାନସ ବିଶ୍ୱାଳ)

ଭିଜିଲାନ୍ସ ସ୍କାନରରେ ଦୁର୍ନୀତିଗ୍ରସ୍ତ ବାବୁ। ଏବେ ଫସିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ (ପ୍ଲାନ୍ ରୋଡ୍‌ସ) ବୈକୁଣ୍ଠନାଥ ଷଡ଼ଙ୍ଗୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶୁକ୍ରବାର ବୈକୁଣ୍ଠନାଥଙ୍କ ଅନୁଗୋଳ, ଭୁବନେଶ୍ୱର ଓ ପିପିଲି(ପୁରୀ)ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଏସବୁ ସ୍ଥାନ ମଧ୍ୟରେ ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର ଓ ଅନୁଗୋଳ ଜିଲା ଲୋକେଇପଶି ଗ୍ରାମସ୍ଥିତ ପୈତୃକଘର, ଶିକ୍ଷକପଡାସ୍ଥିତ ସମ୍ପର୍କୀୟଙ୍କ ଘର ଆଦି ରହିଛି। ସନ୍ଧ୍ୟା ସୁଦ୍ଧା ହୋଇଥିବା ଯାଞ୍ଚରୁ ବୈକୁଣ୍ଠ ୧୫ କୋଟିରୁ ଅଧିକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠୁଳ କରିଥିବା ସୂଚନା ମିଳିଛି। ତେବେ ଭିଜିଲାନ୍ସ ଟିମ୍‌କୁ ଦେଖି ବୈକୁଣ୍ଠ ଭୁବନେଶ୍ୱର ଡୁମୁଡୁମାସ୍ଥିତ ଫ୍ଲାଟ୍‌ର ଝରକା ବାଟେ ବିଡ଼ା ବିଡ଼ା ୫୦୦ ଟଙ୍କିଆ ନୋଟ୍ (କୋଟିଏରୁ ଊର୍ଦ୍ଧ୍ୱ) ଫିଙ୍ଗିଦେଇଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିସହ ଯନ୍ତ୍ରୀ ଦାମୀ ହାତଘଡି ସଉକ ରଖିଥିଲେ ବୋଲି ଜଣାପଡିଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ବୈକୁଣ୍ଠଙ୍କର ଅନୁଗୋଳ କରଡ଼ାଗଡ଼ିଆରେ ୩୨୦୦ ବର୍ଗଫୁଟରେ ଦୁଇ ମହଲା କୋଠା, ମାଟିଆ ସାହିରେ ୧୦୦୦ ବର୍ଗଫୁଟର ଆଉ ଏକ ଦୁଇ ମହଲା କୋଠା, ଭୁବନେଶ୍ୱର ଡୁମୁଡୁମାରେ ଥିବା ଏକ ଆପାର୍ଟମେଣ୍ଟରେ

### ■ ଘରୁ ମିଳିଲା କେଜିଏ ସୁନା, ନଗଦ ୨.୫୬ କୋଟି ଟଙ୍କା
### ■ ୭ ପ୍ଲଟ୍ , ୨ କୋଠା, ୨ ଫ୍ଲାଟ୍ ଠାବ

ଫ୍ଲାଟ୍ ଏବଂ ପିପିଲିରେ ଆଉ ଏକ ଫ୍ଲାଟ ରହିଛି। ଭୁବନେଶ୍ୱର ଓ ଅନୁଗୋଳ ଉପକଣ୍ଠରେ ୭ଟି ଉଚ୍ଚମୂଲ୍ୟ ପ୍ଲଟ୍ ଠାବ ହୋଇଛି। ପ୍ଲଟ ଓ ଫ୍ଲାଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ହିସାବ କରୁଛି। ଏଥିସହ ଘରୁ ମୋଟ ନଗଦ ୨ କୋଟି ୫୬ ଲକ୍ଷ ୨୯ ହଜାର ୨୯୯ ଟଙ୍କା ମିଳିଛି। ଏଥିରୁ କରଡ଼ାଗଡ଼ିଆ ବାସଭବନରେ ଏକ ଛୋଟ କାର୍ଟୁନରେ ଥିବା ୩୦ଲକ୍ଷ ଟଙ୍କା ସମେତ ୧ କୋଟି ୩୪ ଲକ୍ଷ ୩୪ ହଜାର ୨୯୯ ଟଙ୍କା ଏବଂ ଭୁବନେଶ୍ୱର ଡୁମୁଡୁମାସ୍ଥିତ ଫ୍ଲାଟ୍‌ରୁ ୧ କୋଟି ୨୧ ଲକ୍ଷ ୯୫ ହଜାର ରହିଛି। ସେହିପରି ୧୧୪୧.୫ ଗ୍ରାମର ସୁନା ଅଳଙ୍କାର ଓ ୧୫ଟି ଦାମୀ ହାତଘଡି ମିଳିଛି। ଯନ୍ତ୍ରୀଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୧.୫ କୋଟି ରହିଥିବାବେଳେ ୧୫.୪୪ ଲକ୍ଷ ଟଙ୍କାର ଗୋଟିଏ କାର (ମାରୁତି ସ୍ୱିଫ୍ଟ), ଗୋଟିଏ ଦୁଇଚକିଆ ଯାନ ଏବଂ ଘରୋଇ ସାମଗ୍ରୀ ଠାବ ହୋଇଛି। ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଯାଞ୍ଚରେ ଭିଜିଲାନ୍ସର ୮ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୬ ଏଏସ୍‌ଆଇ ଏବଂ ଅନ୍ୟ ସହକର୍ମଚାରୀ ସାମିଲ ଅଛନ୍ତି। ବୈକୁଣ୍ଠଙ୍କ ସମ୍ପତ୍ତି ନେଇ ଅଧିକ ପଚରାଉଚରା କରାଯିବା ସହ ଯାଞ୍ଚ ଜାରି ରହିଥିବାରୁ ସମ୍ପତ୍ତି ପରିମାଣ ଆହୁରି ବଢ଼ିବ ବୋଲି ଭିଜିଲାନ୍ସ ଆଶା ରଖିଛି।

### ଆଜି ନେଇଥାନ୍ତେ ଅବସର

ବୈକୁଣ୍ଠ ୧୯୯୧ ସେପ୍ଟେମ୍ବର ୩୦ରେ ପଞ୍ଚାୟତିରାଜ ବିଭାଗରେ ଷ୍ଟାଇପେଣ୍ଡାରି ଇଞ୍ଜିନିୟର ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ସେତେବେଳେ ତାଙ୍କ ମାସିକ ଦରମା ଥିଲା ୨ହଜାର ଟଙ୍କା। ପରେ ସେ ବିଭିନ୍ନ ପଦବୀକୁ ପଦୋନ୍ନତି ପାଇଥିଲେ। ୨୦୨୩ ଜାନୁଆରୀରେ ବୈକୁଣ୍ଠ ଅତିରିକ୍ତ ମୁଖ୍ୟଯନ୍ତ୍ରୀକୁ ପଦୋନ୍ନତି ପାଇଥିବା ବେଳେ ୨୦୨୫ ଜାନୁଆରୀରୁ ସେ ମୁଖ୍ୟଯନ୍ତ୍ରୀ ଭାବେ କାମ କରୁଥିଲେ। ମେ ୩୧ ଶନିବାର ସେ ଅବସର ଗ୍ରହଣ କରିଥାନ୍ତେ। ହେଲେ ଏହା ପୂର୍ବରୁ ବୈକୁଣ୍ଠ ଭିଜିଲାନ୍ସ ଜାଲରେ ଫସିଗଲେ।

# ଜେଲ ଗଲେ ଇଡି ଡେପୁଟି ଡାଇରେକ୍ଟର ରଘୁବଂଶୀ

## ୨୦ ଲକ୍ଷ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି

ଭୁବନେଶ୍ୱର,୩୦।୫ (ସତ୍ୟଜିତ ରାଉତ)

୨୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ଜୋନାଲ ଅଫିସର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଶୁକ୍ରବାର ଗିରଫ କରିଛି। ଗିରଫ ପରେ ରଘୁବଂଶୀଙ୍କୁ ସିବିଆଇର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଢେଙ୍କାନାଳର ଜଣେ ପଥର ଖଣି ତଥା କ୍ରଶର ବ୍ୟବସାୟୀଙ୍କ ବିରୋଧରେ ହୋଇଥିବା ଖଣି ମାମଲାର ରଫାଦଫା ପାଇଁ ପ୍ରଥମ ଦଫାରେ ୫୦ଲକ୍ଷ ଟଙ୍କା ଦେବାକୁ ଡିଲ୍ ହୋଇଥିଲା। ସେଥିରୁ ୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରରେ ସିବିଆଇର ଏକ ଟିମ୍ ରଘୁବଂଶୀଙ୍କୁ କାବୁ କରିଥିଲା। ତାଙ୍କୁ ସିବିଆଇ କାର୍ଯ୍ୟାଳୟରେ ପଚରାଉଚରା କରିବା ପରେ ଶୁକ୍ରବାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗିରଫ କରାଯାଇଥିଲା। ଏଥିସହ ଅଭିଯୋଗକାରୀଙ୍କ ଠାରୁ ଟଙ୍କା ଆଣିବାକୁ ଚାପ ପକାଇଥିବା ଭଗ୍‌ତି ନାମକ ଜଣେ ଦଲାଲ୍‌ଙ୍କୁ ମଧ୍ୟ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୮ ତାରିଖରେ ନନ୍ଦନକାନନ ରୋଡ୍‌ସ୍ଥିତ ମଣି ତ୍ରିଭୁବନ ଆପାର୍ଟମେଣ୍ଟରେ ରହୁଥିବା ରତିକାନ୍ତ ରାଉତ ସିବିଆଇ ନିକଟରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ଢେଙ୍କାନାଳରେ ତାଙ୍କ ନାମରେ ପଥର ଖଣି ତଥା କ୍ରଶର ବ୍ୟବସାୟ ରହିଛି। ୨୦୨୪ ତାଙ୍କୁ ଭୁବନେଶ୍ୱରସ୍ଥିତି ଇଡି କାର୍ଯ୍ୟାଳୟରୁ ଏକ ନୋଟିସ ଜାରି ହୋଇଥିଲା। ସେହି ଅନୁସାରେ ସେ ଇଡି କାର୍ଯ୍ୟାଳୟରେ ହାଜର ହେବା ସହ ତାଙ୍କ ବିରୋଧରେ ଏକ ମାମଲା (ନଂ. ଇସିଆଇଆର୍/ ବିବିଜେଡ୍‌ଓ/୨୦/୨୦୨୦) ରୁଜୁ ହୋଇଥିବା ଜାଣିବାକୁ ପାଇଥିଲେ। ୨୦୨୫ ଜାନୁଆରୀ ୮ରେ ତାଙ୍କ କାର୍ଯ୍ୟାଳୟ ଏବଂ ବାସଭବନରେ ଚଢ଼ାଉ ହୋଇଥିଲା। ଏହା ପରେ ମାର୍ଚ୍ଚ ମାସରେ ଆଉ ଏକ ସମନତାଙ୍କୁ ହୋଇଥିଲା। ଇଡି କାର୍ଯ୍ୟାଳୟରେ ସେ ହାଜର ହୋଇଥିଲେ। ସେହିଦିନ ଡେପୁଟି ଡାଇରେକ୍ଟର ରଘୁବଂଶୀ ତାଙ୍କୁ ଚାମ୍ବରକୁ ଡାକି ମାମଲାକୁ ରଫାଦଫା କରିବା ପାଇଁ ଭଗ୍‌ତିଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ଡେପୁଟି ଡାଇରେକ୍ଟର ରଘୁବଂଶୀ ରୋହିତଙ୍କୁ ପ୍ରଥମେ ୫କୋଟି ଟଙ୍କା ଦାବି କରିଥିଲେ। ପରେ ତାହା ୨କୋଟିରେ ଛିଣ୍ଡିଥିଲା।


ଚିନ୍ତନ ରଘୁବଂଶୀ

ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ଦେବାକୁ ସ୍ଥିର ହୋଇଥିଲା। ମଧ୍ୟସ୍ଥ ଭଗ୍‌ତିଙ୍କ ମାଧ୍ୟମରେ ଟଙ୍କା କାରବାର ହେବାର ଥିଲା। ଏନେଇ ରୋହିତ ଗତ ୨୮ ତାରିଖରେ ସିବିଆଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଏହାର ସତ୍ୟତା ଯାଞ୍ଚ କରିବା ପାଇଁ ସିବିଆଇ ସବ୍-ଇନ୍ସପେକ୍ଟର ଆୟନ୍ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଯାଞ୍ଚ ପରେ ମଧ୍ୟସ୍ଥ ଭଗ୍‌ତି ଅଭିଯୋଗକାରୀଙ୍କୁ ୨କୋଟି ଟଙ୍କାରୁ ପ୍ରଥମ ପର୍ଯ୍ୟାୟରେ ୫୦ଲକ୍ଷ ଟଙ୍କା ୨୯।୫।୨୦୨୫ ପୂର୍ବାହ୍ନ ୧୧ଟାରେ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ସେହି ଅନୁସାରେ ପୂର୍ବ ଯୋଜନା ଅନୁସାରେ ୨୦ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ରଘୁବଂଶୀ ଏବଂ ମଧ୍ୟସ୍ଥ ଭଗ୍‌ତିଙ୍କୁ ସିବିଆଇ ଟିମ୍ କାବୁ କରିଥିଲା। ଜଣେ ଡେପୁଟି ଡାଇରେକ୍ଟର ପାହ୍ୟାର ଇଡି ଅଧିକାରୀ ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ ଯିବା ଘଟଣା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି।

# ଫଲକ୍‌ନାମା ଏକ୍ସପ୍ରେସ୍‌ରେ ନିଆଁ



ବାହାନଗା,୩୦।୫ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଷ୍ଟେଶନରେ ସିକନ୍ଦରାବାଦ-ହାୱଡା ଯାଉଥିବା ଫଲକ୍‌ନାମା ଏକ୍ସପ୍ରେସ୍‌ରେ ଶୁକ୍ରବାର ଅପରାହ୍ନ ୨ଟାରେ ନିଆଁ ଲାଗିଯାଇଥିଲା। ଟ୍ରେନ ପଣପଣା ପାସେଞ୍ଜର ହଲ୍ଟ ଷ୍ଟେଶନ ଅତିକ୍ରମ କରୁଥିବା ବେଳେ ଷ୍ଟେଶନ କର୍ମଚାରୀମାନେ ଟ୍ରେନ ଚକରେ ଧୂଆଁ ବାହାରୁଥିବା ଦେଖିଥିଲେ। ଏ ସମ୍ପର୍କରେ ଷ୍ଟେଶନମାଷ୍ଟର ତୁରନ୍ତ ଖନ୍ତାପଡା ଷ୍ଟେଶନକୁ ଫୋନ କରି ଜଣାଇଥିଲେ। ଟ୍ରେନକୁ ଖନ୍ତାପଡା ଷ୍ଟେଶନରେ ଅଟକାଯାଇଥିଲା। ପରେ ଟ୍ରେନ ଚକ ପାଖରେ ଥିବା ବ୍ରେକ ରବରଟି ଗରମ ହୋଇ ଧୂଆଁ ବାହାରୁଥିବା ଜଣାପଡିଥିଲା। ଟ୍ରେନ ଚକକୁ ପାଣି ସ୍ପ୍ରେ କରି ଲିଭାଇବା ପରେ କିଛି ସମୟ ରହି ଟ୍ରେନ ହାୱଡା ଅଭିମୁଖେ ଯାଇଥିଲା।

# କଟକରୁ ୨ କୋଭିଡ୍ ଆକ୍ରାନ୍ତ ଚିହ୍ନଟ

କଟକ,୩୦।୫ (ଶିଲ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ପୁଣି କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ଭୁବନେଶ୍ୱର ପରେ ଏବେ କଟକରୁ ୨ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କଟକ ସହରରୁ ଗୁରୁବାର ଝୋଲାସାହି ଅଞ୍ଚଳର ୪୪ ବର୍ଷୀୟ ପୁରୁଷ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଶୁକ୍ରବାର ନୂଆରାଉସାପାଟଣା ଅଞ୍ଚଳରୁ ଆଉ ଜଣେ ୭୧ବର୍ଷୀୟ ବୃଦ୍ଧା ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି। ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ଜଣାପଡ଼ିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ ଆକ୍ରାନ୍ତଙ୍କ ତଥ୍ୟ ହାସଲକରି ଯାଞ୍ଚ କରୁଥିବା ସୂଚନା ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, କଟକରେ କୋଭିଡ୍‌କୁ ଦୃଷ୍ଟିରେ ରଖି ସମସ୍ତ ସଚେତନତା ଅବଲମ୍ବନ କରିବାକୁ କୁହାଯାଇଛି।

# ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

କାମାକ୍ଷାନଗର,୩୦।୫ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପାର ପ୍ରଥମ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ ଶୁକ୍ରବାର ପରଲୋକ ଗମନ କରିଛନ୍ତି। ଦୀର୍ଘଦିନ ହେବ ଅସୁସ୍ଥ କାରଣରୁ ସେ ଚିକିତ୍ସିତ ହେଉଥିଲେ। ଗୁରୁବାର ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ସକାଳେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ଗଁଦିଆ ବ୍ଲକ ମାଧପୁରରେ ଜନ୍ମିତ ପ୍ରସନ୍ନ କୁମାର ପଟ୍ଟନାୟକ ତିନି ଥର କାମାକ୍ଷାନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପ୍ରଥମ ବିଧାୟକ ଭାବେ ଭାରତୀୟ ଜନତା


ପ୍ରସନ୍ନ କୁମାର ପଟ୍ଟନାୟକ

ପାର୍ଟିରୁ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଥିଲେ। ୧୯୭୭ରୁ ୧୯୮୦ ଜନତା ପାର୍ଟି, ୧୯୮୫ରୁ ୧୯୯୦ ଭାଜପା ଓ ୧୯୯୦ରୁ ୧୯୯୫ ଜନତା ଦଳରୁ ବିଧାୟକ ହୋଇଥିଲେ। କାମାକ୍ଷାନଗର ମହିଳା ମହାବିଦ୍ୟାଳୟ, ବିରାଶାଳ ଆଞ୍ଚଳିକ ମହାବିଦ୍ୟାଳୟ, ଭୁବନ ମହିଳା ମହାବିଦ୍ୟାଳୟ ଆଦି ୧୫ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ତାଙ୍କ ଚେଷ୍ଟାରେ ହୋଇଥିଲା। ତାଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି।

# ନିଜ ଆଡୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆର୍‌ସି

## ବଲାଙ୍ଗୀରରେ ଖବରଦାତାଙ୍କୁ ମାଡ଼ ଘଟଣା

ଭୁବନେଶ୍ୱର,୩୦।୫ (ଅନୁରାଧା ମହାରଣା)

ବଲାଙ୍ଗୀର ଜିଲାର କୁଲାଥିପାଲି ଗାଁରେ ଏକ ନିର୍ମାଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ଅଭିଯୋଗର ରିପୋର୍ଟ ସଂଗ୍ରହ କରୁଥିବାବେଳେ ଗତ ୨୫ ତାରିଖରେ ଜଣେ ଟିଭି ଖବରଦାତାଙ୍କୁ ହାତଗୋଡ଼ ବାନ୍ଧି ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ୨ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ପ୍ରଦାନ ପାଇଁ ଓଡିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କମିଶନ ଉଲ୍ଲେଖ କରିଛନ୍ତି ଯେ, ମେ' ୨୬ରେ ପ୍ରସାରିତ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କର୍ତ୍ତବ୍ୟରତ ଟିଭି ଖବରଦାତାଙ୍କୁ ହଠାତ୍ ଆକ୍ରମଣ କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କ ହାତଗୋଡ ବାନ୍ଧି ନିର୍ଯାତନା ଦେଇଥିଲେ। ଗାଁ ବୁଲାଇବା ପରେ ଏକ ଖୁଣ୍ଟରେ ବାନ୍ଧି ନିର୍ମମ ଭାବେ ମାଡ଼ ମାରିଥିଲେ। ଅପରାଧୀମାନେ ପୀଡିତଙ୍କ ମୋବାଇଲ ଫୋନ୍ ଏବଂ ଭିଡିଓ କ୍ୟାମେରା ମଧ୍ୟ ଭାଙ୍ଗି ଦେଇଥିଲେ। ତାଙ୍କୁ ଘଟଣା କିମ୍ବା ଚାଲିଥିବା ନିର୍ମାଣ କାର୍ଯ୍ୟ ବିଷୟରେ କାହାକୁ କିଛି ନ ଜଣାଇବାକୁ ଧମକ ଦେଇଥିଲେ।



**ଆଜିର ମନ୍ତବ୍ୟ**

୧୯୭୧ ଯୁଦ୍ଧରେ ଭାରତୀୟ ନୌସେନା ସାମିଲ ହେବାରୁ ପାକିସ୍ତାନ ୨ ଭାଗ ହୋଇଥିଲା। ଅପରେଶନ ସିନ୍ଦୂରରେ ନୌସେନା ଯୋଗଦେଇଥିଲେ, ପାକିସ୍ତାନ ୪ ଭାଗ ହୋଇଯାଇଥାନ୍ତା। **–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ସଚେତନତା ସାଇକେଲ ଶୋଭାଯାତ୍ରା, ସ୍ଥାନ: ଲୟୋଲା ସ୍କୁଲ ପାର୍କିଂ, ସମୟ: ସକାଳ ୬ଟା ୩୦।
- ପୁଣ୍ୟଶ୍ଳୋକ ଲୋକମାତା ଅହଲ୍ୟା ବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଲିଟ୍ ଫାଉଣ୍ଡେଶନ ପକ୍ଷରୁ 'ବୈଶାଖର ସାତସୁର' ସାଂସ୍କୃତିକ ସନ୍ଧ୍ୟା ଓ ପୁରସ୍କାର ବିତରଣ ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ଫିଲ୍ମ ଜର୍ଣ୍ଣାଲିଷ୍ଟସ୍ ଫୋରମ ପକ୍ଷରୁ ୨୨ତମ ସ୍ମୃତିଚ୍ଛାୟା କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୧୫।
- ଇଶା ଫାଉଣ୍ଡେଶନର ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ବିପରୀତ ନୀଳଶୈଳ ଭିଲ୍ଲା, (ରାଧିକା ଟାୱାର ନିକଟ), ଟଙ୍କପାଣି ରୋଡ, ସମୟ: ସନ୍ଧ୍ୟା ୬ଟା।
- 'ଉଦ୍ୟାନ ପଣ୍ଡିତ ଗୋପୀନାଥ' ପୁସ୍ତକ ଉନ୍ମୋଚନ ଏବଂ ଉଦ୍ୟାନବିତ୍ ଡ. ଗୋପୀନାଥ ପରିଡ଼ାଙ୍କ ୯୫ତମ ଜନ୍ମଦିନ ଉପଲକ୍ଷେ ସମ୍ବର୍ଦ୍ଧନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର ନୂତନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ 'ପ୍ରଜ୍ଞା ପ୍ରତିଭା ପୁରସ୍କାର–୨୦୨୫', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ପ୍ରଭୁ ରାମେଶ୍ୱର ମହାଦେବଙ୍କ ବିବାହ ନିମନ୍ତେ ନଗର ପରିକ୍ରମା, ସ୍ଥାନ: ନୂଆପାଟଣା, ତିଗିରିଆ, ସମୟ : ଅପରାହ୍ନ ୨ଟା।
- ଶ୍ରୀଧର ସ୍ୱାମୀଙ୍କ ଅମୃତ ମହୋତ୍ସବ, ସ୍ଥାନ: ଭଜଗୋବିନ୍ଦ ପୀଠ, ବେଣ୍ଟକାର, ସମୟ: ଅପରାହ୍ନ ୫ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ବିକାଶ ବର୍ଗ–୧ ଓ ସଂଘ ଶିକ୍ଷାବର୍ଗର ସମାରୋପ ଉତ୍ସବ, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଗତିରାଉତପାଟଣା, କେଶବଧାମ, ସମୟ: ଅପରାହ୍ନ ୫ଟା ୩୦।
- ବାବୁଲାଲ ଦୋଶୀଙ୍କ ୧୦୭ତମ ଜୟନ୍ତୀ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳକଣ୍ଠ ନାଥ ଦେବଙ୍କ ମନ୍ଦିରରେ ଶିବ ବିବାହ, ସ୍ଥାନ: ୪୨ ମୌଜା ଅନ୍ତର୍ଗତ ବରାଳ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀ ନୀଳକଣ୍ଠେଶର ଦେବଙ୍କ ବିବାହ ଉତ୍ସବ, ସ୍ଥାନ: ସାଆନ୍ତା ସାହି, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ଶିବ ବିବାହ ଉତ୍ସବ, ସ୍ଥାନ: ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସିଦ୍ଧବେଲେଶ୍ୱର ଦେବଙ୍କ ଶିବ ବିବାହ, ସ୍ଥାନ: ସେନାପତି ବଗିଚା, ପୁରୀ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ବ୍ରଜନାଥ ଶତପଥୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ଗୁରୁଜଙ୍ଗ, ସମୟ: ସକାଳ ୮ଟା।
- .ପାନୀୟଜଳ ଯୋଗାଣ ବିଭାଗ ଷ୍ଟାଣ୍ଡିଙ୍ଗ କମିଟି ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ବାବା ସୁବୁଦ୍ଧେଶ୍ୱର ମହାଦେବଙ୍କ ନୀତିକାନ୍ତି ପୂଜା, କାମିନା ବିବାହ, ମହାନୀଳ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଲୁସିଆ, ଭୋଗରାଇ, ସମୟ: ସକାଳ ୬ରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ।
- ସୂଚନା ଅଧିକାର ସଂଘ, ବାଲିଆପାଳ ଶାଖା ପକ୍ଷରୁ ଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ବାଲିଆପାଳ, ସମୟ: ସକାଳ ୮ଟା।
- କବି ଡ. ବ୍ରଜନାଥ ରଥଙ୍କ ଏକାଦଶ ପୁଣ୍ୟତିଥି, ସ୍ଥାନ: ଶାନ୍ତିକାନନ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବାବା ଅମରେଶ୍ୱର ମନ୍ଦିରରେ ଶିବ ବିବାହ, ସ୍ଥାନ:ଅନହରପୁର, ଧାମନଗର, ସମୟ: ସକାଳ ୮ ଟା।
- ଭଦ୍ରକ ବୁଦ୍ଧିଜୀବି ପରିଷଦ ଉଦଘାଟନ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା।
- ବାବା ଜଗତେଶ୍ୱରଙ୍କ ବିବାହ ଉତ୍ସବ, ସ୍ଥାନ : ବାଲିପାଟଣା, ଆନନ୍ଦପୁର, ସମୟ : ରାତି ୯ ଟା।
- ଶିବ ବିବାହ , ସ୍ଥାନ:ବାବା ଆଖଣ୍ଡଳମଣିଙ୍କ ପୀଠ, ଆରଡ଼ି,ସମୟ: ରାତି ୧୨ଟା।

## କେନ୍ଦୁଝର

- ପାଟଣା ପଞ୍ଚାୟତ ସମିତି ଅଷ୍ଟମ ଅଧିବେଶନ ସ୍ଥାନ: ପାଟଣା ବ୍ଲକ୍‌ସଭା ଗୃହ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର,ସ୍ଥାନ:ଷ୍ଟାଡିୟମ ପଡିଆ ବାରିପଦା,ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ନୋ ବିଶ୍ୱ ଟୋବାକୋ ଦିବସରେ ରାଲି,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାରିପଦା,ସମୟ ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଶିବ ବିବାହ ଉତ୍ସବ, ସ୍ଥାନ:ପୋଲିସ ଲାଇନ ମନ୍ଦିର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ବିଶ୍ୱ ତମାଖୁ ବର୍ଜନ ସଚେତନତା ରାଲି,ସ୍ଥାନ: ଏମ୍‌କେସିଜି ଖେଳପଡିଆରୁ ଆରମ୍ଭ, ସମୟ: ସକାଳ ୭ଟା।
- କ୍ରାନ୍ତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ,ସ୍ଥାନ: ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟ,ସମୟ: ସକାଳ ୮ଟା।
- ହରପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: କମାପଲ୍ଲୀ ବୈଦ୍ୟନାଥେଶ୍ୱର ମନ୍ଦିର,ସମୟ: ସନ୍ଧ୍ୟା ୭ଟା ୩୦।

## ଗଞ୍ଜାମ

- ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଶୁଭାରମ୍ଭ, ସ୍ଥାନ:ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ, ସମୟ: ସକାଳ ୭ଟା।
- ତ୍ରିବିଦ୍ଧେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା, ସ୍ଥାନ: ଆସିକା ବଜାର ସାହି, ସମୟ: ସନ୍ଧ୍ୟା ୭ଟା।
- ବାଲୁଙ୍କେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା, ସ୍ଥାନ: ଆସିକା ତାଲୁକା ଛକ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ରତ୍ନମୁଦ ଉତ୍ସବ, ସ୍ଥାନ: କ. ନୂଆଗାଁ ବ୍ଲକ କୁଡୁତୁଲୀ ମା ପାଟଖଣ୍ଡା ମନ୍ଦିର, ସମୟ: ସକାଳ ୭ଟା।
- ରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: କ. ନୂଆଗାଁ ମାନସ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଶୀତଳଷଷ୍ଠୀ ଉତ୍ସବ, ସ୍ଥାନ: ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠ, ନାରଦିଆ ପଞ୍ଚାୟତ, ଏରସମା ବ୍ଲକ, ସମୟ: ଅପରାହ୍ନ ୫ଟା।
- ଦେବ ଦମ୍ପତି ଶିବ ପାର୍ବତୀଙ୍କ ବିବାହ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଶାରଳା ମନ୍ଦିର ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ତ୍ତେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ଅମରେଶ୍ୱର ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ହର ପାର୍ବତୀଙ୍କ ଦ୍ୱିତୀୟ ବାର୍ଷିକ ପୂଜା ଉତ୍ସବ, ସ୍ଥାନ : ଯାଜପୁର ରୋଡ଼ ଚୋରଦା ମହାଦେବ ସାହି, ସମୟ : ସକାଳ ୬ଟା।
- ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମର ତୃତୀୟ ଦିବସ, ସ୍ଥାନ : ରଗଡି ଉପକାରାଗାର ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶୀତଳଷଷ୍ଠୀ ଯାତ୍ରା ରେ ଶିବ ବିବାହ ଓ ମୋ ଗାଁ ମହୋତ୍ସବ ଉଦ୍‌ଘାଟିତ, ସ୍ଥାନ:ନୟାଗଡ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସକାଳ ୬ଟା।
- ଜଗନ୍ନାଥଙ୍କ ଦାରୁସ୍ଥଳରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ପଞ୍ଚାୟତ ବଳରାମପ୍ରସାଦ, ସମୟ:ପୂର୍ବାହ୍ନ ୧୦ଟା।
- ଶୀତଳଷଷ୍ଠୀ ଯାତ୍ରାର ଶିବ ବିବାହ ଉତ୍ସବ, ସ୍ଥାନ:କଣ୍ଟିଲୋ ପାଟଣା ଦୁର୍ଗା ମଣ୍ଡପ, ସମୟ:ମଧ୍ୟାହ୍ନ ୧ଟା।

## ରାୟଗଡ଼ା

- ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଗୁଡାରି ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ଉମା ରାମଲିଙ୍ଗେଶ୍ୱର ମନ୍ଦିର, ଗୁଣପୁର, ସମୟ: ସନ୍ଧ୍ୟା ୭ଟା।
- ଶିବ ପାର୍ବତୀ ବିବାହ ଉତ୍ସବ, ସ୍ଥାନ: ମୀନାଝୋଲା, ଚନ୍ଦ୍ରପୁର, ସମୟ: ରାତି ୮ଟା।

## ନବରଙ୍ଗପୁର

- ଶିବ ପାର୍ବତୀ ବିବାହ, ସ୍ଥାନ: ଉମରକୋଟ ଗୁଲିପାଟଣା ଶିବ ମନ୍ଦିର, ସମୟ: ରାତି ୯ଟା ୩୦।

## କୋରାପୁଟ

- ଗ୍ରୀନ ଷ୍ଟମ୍ପ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ଫାଇନାଲ, ସ୍ଥାନ: ମାନବାର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ପରିଷଦର ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ:ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶିବ ବିବାହ, ସ୍ଥାନ: ପଞ୍ଚାନନ ମନ୍ଦିର, ଜୟପୁର, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ମୁଖ୍ୟମନ୍ତ୍ରୀ କପ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଶୀତଳଷଷ୍ଠୀ ଅବସରରେ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଗଣ୍ଠାଳ ଫିଟା ନିତି, ସ୍ଥାନ: ଚାରଭାଟି, ସମୟ: ସକାଳ ୮ଟା।

## ବଲାଙ୍ଗୀର

- ବଲାଙ୍ଗୀର ତେଲେନପାଲିରେ ବିକଶିତ କୃଷି ଅଭିଯାନ ଚାଷୀ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତେଲେନପାଲି, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୯ଟା।
- ବିକଶିତ କୃଷି ଅଭିଯାନ ଚାଷୀ ସଚେତନତା, ସ୍ଥାନ: ସରାଇବାହାଲ, ଖପ୍ରାଖୋଲ, ସମୟ:ଅପରାହ୍ନ ୩ଟା।
- ହରିଶଙ୍କରଠାରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ, ସ୍ଥାନ: ହରିଶଙ୍କର, ଖପ୍ରାଖୋଲ ବ୍ଲକ, ସମୟ: ରାତି ୯ଟା।

## ରାଉରକେଲା

- ୧୧୩ତମ ମାଗଣା ହାଟ, ସ୍ଥାନ: ସେକ୍ଟର–୭ ମୁଣ୍ଡାରୀ ବସ୍ତି, ସମୟ: ଅପରାହ୍ନ ୩ଟା ୩୦।
- ମାସିକ ସାହିତ୍ୟ ଆଲୋଚନା ସଭା, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା।
- ଅନ୍ୱେଷାର ୧୧୩ ତମ ସାମୂହିକ ଜନ୍ମ ଦିବସ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଶିବ, ପାର୍ବତୀଙ୍କ ବିବାହ ପାଇଁ ମାଙ୍ଗଳିକ ଶ୍ରାଦ୍ଧ,ସ୍ଥାନ:ସଂକ୍ରିପାଣି, ଗାଇସିଲେଟ,ସମୟ: ସନ୍ଧ୍ୟା ୫ଟା।
- ଶୀତଳଷଷ୍ଠୀରେ ବିବାହ ବୈଠକୀ ଯାତ୍ରା, ସ୍ଥାନ:ବରପାଲି,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଆର୍‌ଏସ୍‌ଏସ୍‌ର ୧୫ ଦିନିଆ ସଂଘ ଶିକ୍ଷାବର୍ଗ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ବାଲୁଙ୍କେଶ୍ୱର ମହାଦେବଙ୍କ ବରାନୁଗମନ ଶୀତଳ ଷଷ୍ଠୀ ଯାତ୍ରା, ସ୍ଥାନ: ଭବାନୀପାଟଣା ପୁରୁଣାପଡା, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଶ୍ରୀ ଶ୍ରୀ ମାତଙ୍ଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା, ସ୍ଥାନ: ମାତଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଶିବପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ, ସ୍ଥାନ: ସୋନପୁର ଘୋଡାଘାଟପଡା ସ୍ଥିତ କନ୍ୟା ମାତାପିତାଙ୍କ ବାସଗୃହ , ସମୟ: ସକାଳ ୭ଟା।

## ନୂଆପଡ଼ା

- ନୂତନ ସାପ୍ତାହିକ ହାଟ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ ଚାରିଛକ ପଡିଆ, ସମୟ: ସକାଳ ୭ଟା।
- ବାଲୁଙ୍କେଶ୍ୱର ମନ୍ଦିର ନୂଆପଡାରୁ ବରାନୁଗମନ, ସ୍ଥାନ: ଯୋଗେଶ୍ୱର ମନ୍ଦିର ପତୋରା, ସମୟ: ସକାଳ ୮ଟା।
- ବରାନୁଗମନକୁ ସ୍ୱାଗତ ସମାରୋହ, ସ୍ଥାନ: ସାରାବଙ୍ଗ, ପତୋରା, ସମୟ: ପୂର୍ବାହ୍ନ ୧୧ଟା ଓ ମଧ୍ୟାହ୍ନ ୧୨ଟା।
- ଶୀତଳ ଷଷ୍ଠୀ ବା ଶିବ ପାର୍ବତୀ ବିବାହ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପତୋରା ଯୋଗେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଠଗଠମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଉଣୀ ଘରେ ଭାଇ,**
**ଶ୍ୱଶୁର ଘରେ ଜୋଇଁ,**
**ପର ଅଇଁଠା ଖାଇ ।**

ବିବାହିତା ଭଉଣୀ ଘରେ ଭାଇ ଓ ଶ୍ୱଶୁର ଘରେ ରହୁଥିବା ଜୋଇଁଙ୍କୁ କେବେ ଉପଯୁକ୍ତ ସମ୍ମାନ ମିଳି ନ ଥାଏ। ଆମ ସମାଜରେ ଏପରି ବ୍ୟକ୍ତିଙ୍କୁ ଅନ୍ୟମାନେ ଅତ୍ୟନ୍ତ ନ୍ୟୂନ ଦୃଷ୍ଟିରେ ଦେଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭାତ ହାଣ୍ଡିରୁ ଗୋଟାଏ ଚିପିଲେ ସହି।**

ସାଧାରଣତଃ ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲେ ହାଣ୍ଡିକ ଭାତ ହୋଇଛି କି ନାହିଁ ତାହା ଜଣାପଡ଼ିଯାଇଥାଏ। ଏଥିପାଇଁ ସବୁ ଭାତକୁ ଚିପି ଦେଖିବାର କୌଣସି ଆବଶ୍ୟକତା ନ ଥାଏ। ଅଂଶବିଶେଷରେ ପରୀକ୍ଷା ଦ୍ୱାରା ସମୁଦାୟ ସତ୍ୟାସତ୍ୟ ନିରୂପଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ହଲିଉଡ୍‌ର ଷ୍ଟଣ୍ଟ ଡାଇରେକ୍ଟରଙ୍କ ସହାୟତା ନେଲେ ଯଶ



**ମୁମ୍ବାଇ:** ଅନ୍ୟତମ ଲୋକପ୍ରିୟ କନ୍ନଡ ଅଭିନେତା ଯଶ ଏବେ ବିଗ୍ ବଜେଟ ପୌରାଣିକ ଫିଲ୍ମ 'ରାମାୟଣ'ରେ ଅଭିନୟ କରୁଛନ୍ତି। ଏଥିରେ ଦର୍ଶକ ତାଙ୍କୁ ରାବଣ ଚରିତ୍ରରେ ଦେଖିବାକୁ ପାଇବେ। ଆଉ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଶତ ପ୍ରତିଶତ ନ୍ୟାୟ ଦେବାକୁ ସେ ଦିନରାତି ଏକାଠି କରିଦେଇଛନ୍ତି। ରାମାୟଣର ଶୁଟିଂ ଚାଲୁ ରହିଥିବାବେଳେ ନିଜ ଅଭିନୟକୁ ସମ୍ପୂର୍ଣ୍ଣ ରୂପ ଦେବାକୁ ଯଶ ହଲିଉଡର ଷ୍ଟଣ୍ଟ ଡାଇରେକ୍ଟର ଗେ' ନୋରିସଙ୍କ ସହାୟତା ନେଉଛନ୍ତି। ବର୍ତ୍ତମାନ ନୋରିସ୍ କେବଳ ଯଶଙ୍କୁ ସହାୟତା କରିବା ପାଇଁ ଭାରତ ଆସିଛନ୍ତି। ଏ ବିଷୟରେ ଯଶ କହନ୍ତି, 'ମୋ ଭୂମିକାକୁ କିପରି ଠିକ୍ ଭାବରେ ତୁଲାଇପାରିବି ସେ ନେଇ ନିଜକୁ ପ୍ରସ୍ତୁତ କରୁଛି। ଷ୍ଟଣ୍ଟ ଶଟ୍ ପାଇଁ ମୁଁ ନୋରିସଙ୍କ ସହ କଥା ହୋଇଥିଲି। ସେ ମୋ କଥା ରକ୍ଷା କରି ଆସିଛନ୍ତି। ଏବେ ରାମାୟଣ ଆକ୍ସନ ଦୃଶ୍ୟର ଶୁଟିଂ ୬୦–୭୦ଦିନ ପର୍ଯ୍ୟନ୍ତ ଚାଲିବ। 'ରାମାୟଣ' ଫିଲ୍ମର ପ୍ରଯୋଜନା ନମିତ ମାଲହୋତ୍ରା କରୁଥିବାବେଳେ ନିର୍ଦ୍ଦେଶନା ଦେଉଛନ୍ତି ନିତେଶ ତିୱାରୀ। ଫିଲ୍ମରେ ରାମ ଭୂମିକାରେ ରଣବୀର କପୁର ଅଭିନୟ କରୁଥିବାବେଳେ ସୀତା ଚରିତ୍ରରେ ସାଇ ପଲ୍ଲବୀଙ୍କୁ ଦେଖିବାକୁ ମିଳିବ।

## ଏନ୍‌ଇଇଟି–ପିଜି ଗୋଟିଏ ଶିଫ୍ଟରେ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩୦।୫(ପି.ଟି.)**

ଜୁନ୍ ୧୫ରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ପୋଷ୍ଟ ଗ୍ରାଜୁଏଟ୍ ଡାକ୍ତରୀ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି–ପିଜି) ଗୋଟିଏ ଶିଫ୍ଟରେ କରିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨ଟି ଶିଫ୍ଟରେ ପରୀକ୍ଷା ସ୍ୱେଚ୍ଛାଚାରିତା ସୃଷ୍ଟି କରୁଥିବା ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଏନ୍‌ଇଇଟି–ପିଜି ୨୦୨୫ ଗୋଟିଏ ଶିଫ୍ଟରେ କରିବା ନିମନ୍ତେ ବ୍ୟବସ୍ଥା କରାଇବାକୁ ଖଣ୍ଡପୀଠ ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ସହ ସୁରକ୍ଷିତ ସେଣ୍ଟର ସୁନିଶ୍ଚିତ କରିବାକୁ କହିଛନ୍ତି।

ଖଣ୍ଡପୀଠ ଆହୁରି କହିଛନ୍ତି, ୨ଟି ପ୍ରଶ୍ନପତ୍ର ମଧ୍ୟରେ ଅସୁବିଧା କିମ୍ବା ସହଜର ସମାନ ସ୍ତର କଦାପି ରହିପାରିବ ନାହିଁ। ଚଳିତ ବର୍ଷର ଏନ୍‌ଇଇଟି–ପିଜି ପରୀକ୍ଷା ଦୁଇଟି ଶିଫ୍ଟରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଇନଜୀବୀ ସୁକ୍ରିତି ଭଟ୍ଟନାଗର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସାରା ଦେଶରେ ହେବାକୁ ଥିବା ଏହି ପରୀକ୍ଷା ପାଇଁ ୨,୪୨,୬୭୮ ଜଣ ଆବେଦନ କରିଛନ୍ତି। ଗୋଟିଏ ଶିଫ୍ଟରେ ପରୀକ୍ଷା କରାଇବା ପାଇଁ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ସାରା ଦେଶରୁ ଯଥେଷ୍ଟ ସେଣ୍ଟର ପାଉ ନାହାନ୍ତି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ପରୀକ୍ଷା ଜୁନ୍ ୧୫ରେ ହେବାକୁ ଥିବାରୁ ଗୋଟିଏ ଶିଫ୍ଟରେ କରାଇବା ପାଇଁ ଅଧିକ ପରୀକ୍ଷା କେନ୍ଦ୍ର ଚିହ୍ନଟ କରିବାକୁ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ଜାମିନେଶନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ପାଖରେ ଏବେ ବି ୨ ସପ୍ତାହ ସମୟ ରହିଥିବା ଖଣ୍ଡପୀଠ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ତିସ୍ତା ନଦୀକୁ ...

ତିସ୍ତା ନଦୀକୁ ଖସି ପଡିଥିଲା। ଇତିଶ୍ରୀଙ୍କ ସହିତ ତାଙ୍କ ବଡପୁଅ ସାହିଲ, ସାନପୁଅ ସାଇରାଜ, ସାନ ଭାଇ ଅଜିତ ଓ ଭାଉଜ ସୁନିତା, ଭାଇ ଅଜିତଙ୍କ ପୁଅ ଅଂଶୁମାନ ଥିଲେ। ତାଙ୍କ ଆଗ ଗାଡ଼ିରେ ବଡଭାଇ ଶିଶିର ନାୟକ, ତାଙ୍କ ଝିଅ ଜାନି ଓ ଟୁନିଙ୍କ ସମେତ ବଡ ଭଉଣୀ ମଞ୍ଜୁଲତା ଦେଓ ଓ ସାନ ଭଉଣୀ ଝରଣା ମହାପାତ୍ର ଯାଉଥିଲେ। କିଛି ବାଟ ଯିବା ପରେ ଆଗ ଗାଡ଼ିରେ ଥିବା ପରିବାର ଲୋକେ ପଛ ଗାଡିକୁ ଆଉ ଦେଖିବାକୁ ପାଇ ନ ଥିଲେ। ଏହାପରେ ସେମାନେ ଗାଡ଼ି ଅଟକାଇ ପଛକୁ ଫେରିଥିଲେ। ହେଲେ ଇତିଶ୍ରୀ ଓ ଅନ୍ୟମାନେ ଥିବା ଗାଡ଼ିକୁ ସେମାନେ ଆଉ ପାଇ ନ ଥିଲେ । ସେଠାରେ ସେମାନେ ବହୁତ ଖୋଜାଖୋଜି କରିବା ପରେ ଉଦ୍ଧାରକାରୀ ଆର୍ମି କ୍ୟାମ୍ପକୁ ଯାଇଥିଲେ। ତୁରନ୍ତ ଆର୍ମି ଟିମ୍, ଅଗ୍ନିଶମ କର୍ମଚାରୀ, ସ୍ଥାନୀୟ ପୋଲିସ ଓ ଅଞ୍ଚଳବାସୀ ଖୋଜାଖୋଜି କରିବା ପରେ ସାଇରାଜ ଓ ଅଂଶୁମାନଙ୍କୁ ତିସ୍ତାନଦୀ ପାର୍ଶ୍ୱରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଶୁକ୍ରବାର ବାଦଲଫଟା ବର୍ଷା ସେଠାରେ ଲାଗି ରହିଥିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖାଯାଇଛି। ଶନିବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ସିକ୍କିମ ଭାଜପା ପ୍ରଭାରୀ ସମ୍ବିତ୍ ପାତ୍ର ସେଠାକାର ସରକାରଙ୍କ ସହ ଯୋଗାଯୋଗ କରି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି।

### ସିକ୍କିମ ଦୁର୍ଘଟଣା ବିଷୟରେ ତମାଙ୍ଗଙ୍କଠାରୁ ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର): ସିକ୍କିମଠାରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ସିକ୍କିମ ତିସ୍ତା ନଦୀରେ ଏକ ଟୁରିଷ୍ଟ ଗାଡ଼ି ଖସିପଡ଼ିବା ଯୋଗୁ କେତେଜଣଙ୍କ ମୃତ୍ୟୁହେବା ସହ ଆହୁରି ଅନେକେ ଏବେ ନିଖୋଜ ଅଛନ୍ତି। ସେହିପରି ଆଉ କେତେଜଣ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ଏହାସହ ଏହି ଦୁର୍ଘଟଣାରେ କେତେଜଣ ଓଡ଼ିଆ ଯାତ୍ରୀ ଥିବା ଖବର ସାମ୍ନାକୁ ଆସିଛି। ସେଥିରେ ଓଡ଼ିଶାର ଭାଜପା ନେତ୍ରୀ ଇତିଶ୍ରୀ ଜେନା ଓ ତାଙ୍କ ପରିବାର ଥିବା ଜାଣିବାକୁ ମିଳିଛି। ତେବେ ଇତିଶ୍ରୀ ଓ ତାଙ୍କ ପରିବାରର ୧୧ ଜଣ ବୁଲିବାକୁ ଯାଇଥିବା ବେଳେ ସମସ୍ତେ ସୁରକ୍ଷିତ ଥିବା କୋରେଇ ବିଧାୟକ ଆକାଶ ଦାସ ନାୟକ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗଙ୍କ ସହ କଥା ହୋଇଛନ୍ତି। ତମାଙ୍ଗଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ସିକ୍କିମଠାରେ ଘଟିଥିବା ଦୁର୍ଘଟଣାର ବର୍ତ୍ତମାନ ସ୍ଥିତି କିପରି ରହିଛି। ଏଥିରେ ଓଡ଼ିଶାର କେତେଜଣ ଯାତ୍ରୀ ରହିଥିବା ଖବର ମିଳିଛି। ସେମାନଙ୍କ ସୁରକ୍ଷା ଏବଂ ସେମାନେ କିପରି ସୁରକ୍ଷିତ ଭାବେ ଫେରିବେ ତା'ର ବ୍ୟବସ୍ଥା କରିବା ନେଇ ତମାଙ୍ଗଙ୍କୁ କହିଛନ୍ତି। ଏହାସହ ଓଡ଼ିଆ ଲୋକଙ୍କ ସ୍ଥିତି କିପରି ଅଛି ଜାଣିବା ଲାଗି ପରିବହନ ବିଭାଗର ଅତିରିକ୍ତ କମିଶନର ଦୀପ୍ତିରଞ୍ଜନ ପାତ୍ର ଏବଂ ଭୁବନେଶ୍ୱର ଆର୍‌ଟିଓ ୧ର ଆଞ୍ଚଳିକ ଅଧିକାରୀ ବିକାଶ ଚୌଧୁରୀ ସିକ୍କିମ ଗସ୍ତ କରିଛନ୍ତି। ଏଥିସହ ଗାଙ୍ଗଟକ୍‌ରେ ଚିକିତ୍ସାଧୀନ ୨ ଆହତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଯେତେ ସୁବିଧା ଥିଲେ ମଧ୍ୟ କାମ ହାସଲରେ ବାଧା କାରଣରୁ ମାନସିକ ଅବସ୍ଥା ଭଲ ରହିବ ନାହିଁ। ବହୁତ ଦିନରୁ ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ ବିଫଳତାରୁ ଚିନ୍ତିତ ରହିବେ। ପଡ଼ୋଶୀଙ୍କ ସହାୟତାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂର ହେବ। ବିବାଦୀୟ ବିଷୟକୁ ନେଇ ପଡ଼ୋଶୀ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବେ। ଯେତେ ଅନୁନୟ ତଥା ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** ସ୍ୱାସ୍ଥ୍ୟସମସ୍ୟା କ୍ରମଶଃ ସୁଧୁରିଯିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ଅନ୍ୟମାନଙ୍କ ପ୍ରଶଂସା ଭାଜନ ହେବେ। ସହକର୍ମୀଙ୍କ ସାହାଯ୍ୟ ବିନା କାମଟିକୁ ହାସଲ କରିବା କଷ୍ଟକର ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସିପାରନ୍ତି।

**କର୍କଟ** ଶତ୍ରୁତା କାରଣରୁ ଆଦୌ ପଡୁନଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। କର୍ମକ୍ଷେତ୍ର କିମ୍ବା ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ମାଲିମକଦ୍ଦମାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

**ସିଂହ** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ କିନ୍ତୁ ଋଣ ପରିଶୋଧର ଚିନ୍ତା କରିପାରନ୍ତି। ପରିସ୍ଥିତି ବଶତଃ ଇଚ୍ଛା ନ ଥାଇ ମଧ୍ୟ ବହୁତ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ।

**କନ୍ୟା** ଆଜି ଯାହା ଆଶା କରିବେ ତାହା ନିଷ୍ଫଳ ହେବନାହିଁ। ପାଖରେ ଥିବା ଲୋକଟି ବହୁତ ଉପକାରରେ ଆସିବାର ସମ୍ଭାବନା ରହିଛି। ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ କିନ୍ତୁ ଆଶାନୁରୂପ ହୋଇ ନ ପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଉଦାରତା ମୁଖ୍ୟ ଭୂମିକା ଗ୍ରହଣ କରିବ।

**ତୁଳା** ବନ୍ଧୁଙ୍କ ସହ ଯାତ୍ରା କାଳରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବା ସହ ବନ୍ଧୁଙ୍କ ଜରିଆରେ ଦ୍ରବ୍ୟଲାଭରୁ ଖୁସି ହେବେ। ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ସଫଳତା, ପ୍ରଶାସନିକ ସ୍ତରରେ ଆଲୋଚନା ଫଳପ୍ରଦ ହେବ।

**ବିଛା** ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବାରୁ ଖୁସି ଅନୁଭବ କରିବେ। ବହୁତ ଦିନର ଆଶା ପୂରଣ ହେବା ସହ ନୂତନ କାମରେ ବନ୍ଧୁ ସହଯୋଗର ହାତ ବଢ଼ାଇବେ। ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ଦ୍ୱିଗୁଣ ହୋଇପାରେ। ପାରିବାରିକ ମତାନ୍ତରରୁ କଳହ ଲାଗି ରହିବ।

**ଧନୁ** ଆକସ୍ମିକ ଭାବରେ କୌଣସି ବିବାଦୀୟ ପରିସ୍ଥିତିରେ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆଜିର ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ଅବଶ୍ୟ ହେବ।

**ମକର** ଆଜି କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେମିତି କିଛି ଅସୁବିଧା ହେବ ନାହିଁ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ । କାହାପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପୁରାତନ ରୋଗ, ଦୀର୍ଘକାଳୀନ ଋଣ ଓ ପରୋକ୍ଷ ଶତ୍ରୁତାହେତୁକ ଚିନ୍ତାରେ ସମୟ କାଟିପାରନ୍ତି।

**କୁମ୍ଭ** ସତର୍କତା ଅଭାବରୁ ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସାଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବ୍ୟବସାୟ ଓ ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ।

**ମୀନ** କର୍ମକ୍ଷେତ୍ରରେ ଏବଂ ପରିବାର ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ଦିଗରୁ ଉପକୃତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇ ଯାଇପାରନ୍ତି। ବିଭିନ୍ନ ଦିଗରୁ ଲାଭବାନ ହେବେ, କିନ୍ତୁ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ।

ଆଜି ମେ ୩୧ ତାରିଖ, ବିଶ୍ୱ ତମାଖୁ ନିରୋଧୀ ଦିବସ, ଅଦ୍ୟ ଶିବ ବିବାହ ଉତ୍ସବ, ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ, ଶନିବାର। ରାଶିନକ୍ଷତ୍ର–ପୁଷ୍ୟା/କର୍କଟ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୧୨।୧୦ ମଧ୍ୟେ, ଘ. ୦୩।୦୧ ଗତେ ଘ.୦୩।୪୦ ମଧ୍ୟେ ଶୁଦ୍ଧ ଶୁଭ ବେଳା, ସକାଳ ଘ.୦୮।୨୭ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।

# ମହିଳା ସଶକ୍ତୀକରଣ ଓ ଦୃଢ଼ ନେତୃତ୍ୱର ପ୍ରତୀକ



**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପୁରୁଷପ୍ରାଧାନ୍ୟ ସମାଜରେ ଯେଉଁ କେତେଜଣ ବୀରାଙ୍ଗନା ସାମାଜିକ ଶୃଙ୍ଖଳକୁ ଛିନ୍ନ କରି ନିଜର ଧୀଶକ୍ତି ଓ ସାମର୍ଥ୍ୟ ବଳରେ ଭାରତର ରାଜନୈତିକ ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ସେମାନଙ୍କ ମଧ୍ୟରୁ ଅହଲ୍ୟାବାଈ ହୋଲ୍‌କର ଅନ୍ୟତମ। ଘଟଣାବହୁଳ ଅଷ୍ଟାଦଶ ଶତାବ୍ଦୀରେ ଇନ୍ଦୋରର ହୋଲ୍‌କର ରାଜବଂଶର ରାଣୀ ଭାବେ ତାଙ୍କର ଶକ୍ତିଶାଳୀ ନେତୃତ୍ୱ ସମାଜରେ ମହିଳାଙ୍କର ସାମର୍ଥ୍ୟ ଓ ପରାକାଷ୍ଠାକୁ ପ୍ରମାଣିତ କରିବା ସହ ତାଙ୍କୁ ନାରୀ ଜାତିର ଆଦର୍ଶ ରୂପେ ପ୍ରମାଣିତ କରିପାରିଛି। ଏହି ମହୀୟସୀ ମହିଳା ପିତା ମାଣକୋଜି ସିନ୍ଧେ ଓ ମାତା ସୁଶୀଳା ଦେବୀଙ୍କ ତୃତୀୟ ସନ୍ତାନ ଭାବେ ୧୭୨୫ ମେ ୩୧ରେ ଅହମ୍ମଦନଗର ଚାଣ୍ଡୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ।

ପିଲାଟି ଦିନରୁ ଅହଲ୍ୟାବାଈ ଶିବ ଭକ୍ତ ଥିଲେ। ତାଙ୍କର ଶିବ ଭକ୍ତି ଓ ବିନମ୍ରତାକୁ ଦେଖି ମାଲୱାର ସୁବେଦାର ମହ୍ଲାର ରାଓ ତାଙ୍କୁ ମାତ୍ର ୧୨ ବର୍ଷ ବୟସରେ ସୁବେଦାର ରାଜବଂଶର ବୋହୂ ଭାବେ ସ୍ୱୀକାର କରିଥିଲେ। ପତି ଖାଣ୍ଡେରାଓଙ୍କର ଅନୁମତି ନେଇ ଅହଲ୍ୟାବାଈ ରାଜ ପରିବାରର ସମସ୍ତ ପରମ୍ପରା ଓ ଯୁଦ୍ଧବିଦ୍ୟା ଗ୍ରହଣ ସହିତ ଶାସନ ଏବଂ ପ୍ରଶାସନ ସମ୍ବନ୍ଧରେ ଅବଗତ ହୋଇଥିଲେ।

୧୭୪୫ରେ ସେ ଏକ ପୁତ୍ର ସନ୍ତାନ(ମାଲେ ରାଓ) ଓ ୧୭୪୮ରେ ଏକ କନ୍ୟା ସନ୍ତାନ(ମୁକ୍ତା)ଙ୍କ ଜନନୀ ହୋଇଥିଲେ। ୧୭୫୪ରେ ସ୍ୱାମୀ ଖାଣ୍ଡେରାଓ ରାଜସ୍ଥାନର କୁମ୍ଭେରି ଯୁଦ୍ଧରେ ମୃତ୍ୟୁ, ତାପରେ ଶ୍ୱଶୁର ମହ୍ଲାର ରାଓଙ୍କ ଦେହାନ୍ତ ଏବଂ ୨୨ ବର୍ଷୀୟ ପୁତ୍ର ମାଲେ ରାଓଙ୍କ ମୃତ୍ୟୁ ଅହଲ୍ୟାବାଈଙ୍କୁ ବ୍ୟତିବ୍ୟସ୍ତ କରି ଦେଇଥିଲା। ହେଲେ ଦୃଢ଼ମନା ମହାରାଣୀ ସମସ୍ତ କଷ୍ଟକୁ ନିଜ ଭିତରେ ଚାପି ରଖି ନିରନ୍ତର ଭାବେ ୨୮ ବର୍ଷ ସଫଳତାର ସହ ରାଜ୍ୟ ଶାସନ କରିଥିଲେ। ଜଣେ ସାଧାରଣ ସନ୍ଥଙ୍କ ପରି ଜୀବନ ଯାପନ କରି ପ୍ରତ୍ୟେକ ଦିନ ଶିବ ଅର୍ଚ୍ଚନା ସହ ଗୋଶାଳା ଦର୍ଶନ ଓ ଜନ କଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ।



**ରାଣୀ ଅହଲ୍ୟାବାଈ ହୋଲ୍‌କର**

ସାମାଜିକ ଭିତ୍ତିଭୂମିର ଉନ୍ନୟନ ସୁପ୍ରଶାସନର ଏକ ବୈଶିଷ୍ଟ୍ୟ ତଥା ଅର୍ଥନୈତିକ ଅଗ୍ରସରର ସହାୟକ ବୋଲି ବିବେଚନା କରି ରାଣୀ ଅହଲ୍ୟାବାଈ ନିଜ ରାଜତ୍ୱ ସମୟରେ ଅନେକ ସଡ଼କ, ସାର୍ବଜନୀନ ସଦନ ଓ ଧର୍ମଶାଳା ନିର୍ମାଣ କରିଥିଲେ। ରାଜ୍ୟର ଅପହଞ୍ଚ ଇଲାକାଗୁଡ଼ିକୁ ସଡ଼କ ଜରିଆରେ ସଂଯୋଗ କରି ପ୍ରଜାଙ୍କର ଗମନାଗମନର ସୁବିଧା ସମେତ ଆନ୍ତଃରାଜ୍ୟ ବାଣିଜ୍ୟକୁ ସୁଦୃଢ଼ କରିବାରେ ସେ ସକ୍ଷମ ହୋଇ ପାରିଥିଲେ।

ସମାଜର ଅବହେଳିତ ବର୍ଗର ବିକାଶ ଅହଲ୍ୟାବାଈଙ୍କ ପ୍ରଶାସନର ଅନ୍ୟ ଏକ ପ୍ରମୁଖ ଉପାଦାନ ଥିଲା। ବିଭିନ୍ନ ଯୋଜନା ମାଧ୍ୟମରେ ସେ ସେମାନଙ୍କୁ ଆର୍ଥିକ ସହାୟତା, ଆଶ୍ରୟ ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏ କ୍ଷେତ୍ରରେ ତାଙ୍କ ରାଜ୍ୟରେ ବାସକରୁଥିବା ଭିଲ୍ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସେ ନେଇଥିବା ପଦକ୍ଷେପଗୁଡ଼ିକ ପରବର୍ତ୍ତୀ ସମୟରେ ପ୍ରଶାସନ ନିମନ୍ତେ ଉଦାହରଣ ପାଲଟି ଯାଇଥିଲା। ରାଜକୋଷରୁ ଶହୀଦ ପରିବାରକୁ ଋଣ, ଦରିଦ୍ରମାନଙ୍କୁ କୃଷି ଓ ବାଣିଜ୍ୟ ପାଇଁ ଶସ୍ତା ଋଣ, ବନ ସଂରକ୍ଷଣ, ବୃକ୍ଷରୋପଣ ଓ ଦୈବୀ ଦୁର୍ବିପାକ ସମୟରେ କ୍ଷତିପୂରଣ ପ୍ରଦାନ କରି ସେ ଜଣେ ପ୍ରଜାବତ୍ସଳ ଶାସକ ହୋଇପାରିଥିଲେ। ପାରମ୍ପରିକ ହସ୍ତ ଶିଳ୍ପକୁ ପୁନରୁଦ୍ଧାର କରିବା ପାଇଁ ସେ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରିଥିଲେ।

ସାମାଜିକ ସଶକ୍ତୀକରଣରେ ଶିକ୍ଷାର ଭୂମିକା ଅନିବାର୍ଯ୍ୟ ଭାବି ସେ ନିଜ ରାଜ୍ୟର କୋଣ ଅନୁକୋଣରେ ଅନେକ ବିଦ୍ୟାଳୟ ଓ ଶିକ୍ଷାୟତନ ପ୍ରତିଷ୍ଠା କରିଥିଲେ। ଗୁରୁକୁଳ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ସହ ସମାଜର ବିକାଶରେ ନାରୀ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଏ କ୍ଷେତ୍ରରେ ପ୍ରଚଳିତ ସାମାଜିକ ପ୍ରତିବନ୍ଧକ ସତ୍ତ୍ୱେ ସେ ସେମାନଙ୍କୁ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରିଥିଲେ। କୌଣସି ଝିଅର ଶିକ୍ଷା ତା'କୁ ଦାରିଦ୍ର୍ୟରୁ ମୁକ୍ତି କରାଇବାର ଟିକେଟ ପ୍ରଦାନ କରାଇଥାଏ ବୋଲି ତାଙ୍କ ଜେଜେ ମା'ଙ୍କର ଦୃଢ଼ୋକ୍ତି ତାଙ୍କୁ ବହୁଭାବେ ପ୍ରଭାବିତ କରିଥିଲା। ତାଙ୍କ ରାଜତ୍ୱକାଳରେ, ମହିଳାମାନେ ପ୍ରଶାସନରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଅଧିକାର କରିବା ସଙ୍ଗେ ସଙ୍ଗେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରୁଥିଲେ। ନେତୃତ୍ୱ ନେବାରେ ମହିଳାମାନଙ୍କ ଶକ୍ତି ଓ ସାମର୍ଥ୍ୟରେ ବିଶ୍ୱାସ କରୁଥିବା ଲୋକଙ୍କ ପାଇଁ ତାଙ୍କ ପ୍ରଶାସନ ଏକ ଆଶାର ପ୍ରତୀକ ହୋଇଥିଲା।

ରାଣୀ ଅହଲ୍ୟାବାଈଙ୍କ ନେତୃତ୍ୱର ଏକ ପ୍ରମୁଖ ଦିଗ ଥିଲା ସାମାଜିକ ନ୍ୟାୟ ଏବଂ ଧାର୍ମିକ ସଂସ୍କାର ପ୍ରତି ତାଙ୍କର ପ୍ରତିବଦ୍ଧତା। ଜାତି, ଧର୍ମ, ବର୍ଣ୍ଣନିର୍ବିଶେଷରେ ସମସ୍ତ ପ୍ରଜା ରାଣୀଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ସାମାଜିକ ଭିତ୍ତିଭୂମିକୁ ଉପଯୋଗ କରିପାରୁଥିଲେ। ହିନ୍ଦୁ ଧର୍ମର ଐତିହ୍ୟ ଓ ହିନ୍ଦୁ ଧର୍ମାବଲମ୍ବୀଙ୍କ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ସେ ଶହେରୁ ଊର୍ଦ୍ଧ୍ୱ ମନ୍ଦିରକୁ ପୁନଃ ନିର୍ମାଣ କରିଥିଲେ। ପ୍ରସିଦ୍ଧ ସୋମନାଥ ମନ୍ଦିର ସହିତ ଅନେକ ଧାର୍ମିକସ୍ଥଳୀ ଯଥା କାଶୀ ବିଶ୍ୱନାଥ, ଅଯୋଧ୍ୟା, ବୃନ୍ଦାବନ ଆଦିର ପୁନରୁଦ୍ଧାର ପାଇଁ ସେ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ପୁରୀଠାରେ ଗୋଟିଏ ମନ୍ଦିର, ଆଶ୍ରମ ଓ ଉଦ୍ୟାନ ନିର୍ମାଣ କରି ସେ ଓଡ଼ିଶା ସହ ତାଙ୍କର ସୁସମ୍ପର୍କକୁ ପ୍ରମାଣିତ କରିଥିଲେ। ତାଙ୍କ ସମୟରେ ପ୍ରଚଳିତ ମୁଦ୍ରାରେ ଶିବଲିଙ୍ଗ ଓ ବେଲପତ୍ର ଅଙ୍କିତ ହେବା ସହ ନନ୍ଦୀ ଚିତ୍ର ଶୋଭା ପାଉଥିଲା। ସମସ୍ତ ପତ୍ରାଳାପରେ ସେ ନିଜର ସ୍ୱାକ୍ଷର ନିମିତ୍ତ ଉଦ୍ଦିଷ୍ଟ ସ୍ଥାନରେ ଶ୍ରୀ ଶଙ୍କର ଲେଖୁଥିଲେ। ଏହା ତାଙ୍କ ଶିବ ଭକ୍ତି ଓ ଉପାସନାର ପରିଚୟ ପ୍ରଦାନ କରେ।

ରାଣୀ ଅହଲ୍ୟାବାଈ ହୋଲ୍‌କରଙ୍କ ନେତୃତ୍ୱଶୈଳୀ ଥିଲା ଜ୍ଞାନ, ସାହସ ଏବଂ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧତା। ସାମାଜିକ ସ୍ଥିତି କିମ୍ବା ଲିଙ୍ଗ ନିର୍ବିଶେଷରେ ନ୍ୟାୟପୂର୍ଣ୍ଣ ଶାସନ କରିବା, ନ୍ୟାୟକୁ ବଜାୟ ରଖିବା ଏବଂ ନାଗରିକଙ୍କର କଲ୍ୟାଣକୁ ପ୍ରାଥମିକତା ଦେବାରେ ତାଙ୍କର ଦକ୍ଷତା ତାଙ୍କୁ ମହିଳା ସଶକ୍ତୀକରଣର ପ୍ରକୃତ ପ୍ରତୀକ ଭାବେ ଅଭିହିତ କରେ। ସେ ତତ୍କାଳୀନ ସତୀଦାହ ପ୍ରଥାକୁ ନାପସନ୍ଦ କରିବା ସଙ୍ଗେ ସଙ୍ଗେ ଯୌତୁକ ପ୍ରଥାକୁ ଅପରାଧ ବୋଲି ଘୋଷଣା କରିଥିଲେ। ସମଗ୍ର ଦେଶରେ ଆନ୍ତଃରାଜ୍ୟ ବିବାହକୁ ସମର୍ଥନ ଜଣାଇ ସେ ବିଧବାମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତି ହାସଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜନକଲ୍ୟାଣ ସହିତ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ସେ ଦୃଢ଼ ପ୍ରୟାସୀ ଥିଲେ। ଭାରତ ଇତିହାସରେ ନିଜର ରାଜନୀତି ଓ ରଣନୀତି ଉତ୍ତମ ଭାବେ ପରିପ୍ରକାଶ ଏବଂ ପ୍ରତିପାଦନ କରି ସେ ପ୍ରକୃତରେ ରାଷ୍ଟ୍ରମାତାର ପଦବୀ ଧାରଣ କରିଛନ୍ତି।

ଅଧୁନା ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ଏକ ନିରନ୍ତର ସଂଘର୍ଷ ହୋଇଥିବାରୁ ରାଣୀ ଅହଲ୍ୟାବାଈଙ୍କ କାହାଣୀ ଏକ ଉଜ୍ଜ୍ୱଳ ଉଦାହରଣ। ତାଙ୍କ କାହାଣୀ କେବଳ ଇତିହାସର ଏକ ଅଧ୍ୟାୟ ନୁହେଁ, ଏହା ଭବିଷ୍ୟତ ପ୍ରଶାସନ ପାଇଁ ଏକ ଆଲୋକବର୍ତ୍ତିକା।

# ବିସ୍ଫୋରକ ଲୁଟ: ଚାଲିଛି ତଦନ୍ତ




ବଣାଇଁ,୩୦।୫(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା– ଝାଡ଼ଖଣ୍ଡ ସୀମାନ୍ତ ତିରିଲପୋଷ ଗ୍ରାମ ସରଣ୍ଡା ନିକଟରେ ଥିବା ମାଓବାଦୀ କ୍ୟାମ୍ପ ଉପରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ସୁରକ୍ଷା କର୍ମୀମାନେ ଚଢ଼ାଉ କରିଥିଲେ। ଏହା ଜାଣିପାରି ଘଟଣା ସ୍ଥଳରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସେମାନେ ଲଗାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ କୋବ୍ରା ବାଟାଲିୟନର ଜଣେ ଯବାନ ସୁନୀଲ କୁମାର ଆହତ ହୋଇଛନ୍ତି। ବିସ୍ଫୋରକ ସାମଗ୍ରୀ ଉଦ୍ଧାର ନେଇ କୌଣସି ସୂଚନା ନ ଥିବା ଝାଡ଼ଖଣ୍ଡ ପୋଲିସର ପ୍ରେସ୍ ବିବୃତିରୁ ସ୍ପଷ୍ଟ ହୋଇଛି। ଏଥିସହ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ନେଇ ମଧ୍ୟ କୌଣସି ସୂଚନା ନାହିଁ। ମାଓବାଦୀ କ୍ୟାମ୍ପ ଉପରେ ଝାଡ଼ଖଣ୍ଡ ପୋଲିସ ଓ ଅର୍ଦ୍ଧ ସାମରିକ ବାହିନୀ ଚଢ଼ାଉ ବେଳେ କିଛି ବିସ୍ଫୋରକ, ମାଓବାଦୀ ପୋଷାକ ଓ ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀ ଜବତ କରିଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି।

ଅପରପକ୍ଷରେ ଗତ ୨୭ତାରିଖରେ ସ୍ପଷ୍ଟ ଦିବାଲୋକରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିରୁ ମାଓବାଦୀମାନେ ୪ଟନ୍ ବିସ୍ଫୋରକ ଲୁଟି ନେବା ଘଟଣାର ଗୁରୁତ୍ୱ ଉପଲବ୍ଧି କରି ରାଉରକେଲାରେ ପୋଲିସ ଡିଜି ଉଚ୍ଚ ସ୍ତରୀୟ ବୈଠକରେ ଏସ୍‌ଆଇଟି ଟିମ୍ ଗଠନ କରି ତଦନ୍ତ ଦାୟିତ୍ୱ ଅର୍ପଣ କରିଛନ୍ତି। ଶୁକ୍ରବାର ରାଉରକେଲା ଅତିରିକ୍ତ ଏସପି ହରେକୃଷ୍ଣ ମାଝୀଙ୍କ ନେତୃତ୍ୱରେ ଟିମ୍ ମାଓବାଦୀଙ୍କ ବିସ୍ଫୋରକ ଲୁଟ ଘଟଣା ସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ତାଙ୍କ ସହିତ ପୋଲିସ, ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଯାଇ ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଓଡ଼ିଶା– ଝାଡ଼ଖଣ୍ଡ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦୁର୍ଦ୍ଦାନ୍ତ ମାଓବାଦୀନେତା ମିଶିର ବେଶରା, ଅନମୋଲ, ମୁଛୁ କୁମାର, ଅନଳ, ଅସିମ ମଣ୍ଡଳ, ଅଜୟ ମାହାତୋ, ସାଗନ ଅଙ୍ଗରିଆ, ଅଶ୍ୱିନି, ପିଣ୍ଟୁ ଲୋହରା, ଚନ୍ଦନ ଲୋହରା, ଅମିତ ହାଁସଦା ଓରଫ ଅପଟନ, ଜୟକାନ୍ତ, ରାପା ମୁଣ୍ଡାଙ୍କ ନେତୃତ୍ୱରେ ଏକ କ୍ୟାମ୍ପ ସରଣ୍ଡା କୋଲ୍ହାନ କ୍ଷେତ୍ରରେ ରହିଥିଲା। ଏନେଇ ସୁରକ୍ଷା କର୍ମୀଙ୍କୁ ସୂଚନା ମିଳିଥିଲା। ମାର୍ଚ୍ଚ ମାସଠାରୁ କୋମ୍ବିଂ ଅପରେଶନ ଜାରି ରହିଛି। ଏହି ଚଢ଼ାଉରେ ଝାଡ଼ଖଣ୍ଡର ଚାଇଁବସା ପୋଲିସ, ଝାଡ଼ଖଣ୍ଡ ଜାଗୁଆର ଟିମ୍, କୋବ୍ରା ୨୦୩ ନମ୍ବର ବାଟାଲିୟନଙ୍କ ସମେତ ସିଆର୍‌ପିଏଫ – ୨୬, ୬୦,୧୩୪,୧୯୩,୧୯୭ ନମ୍ବର ବାଟାଲିୟନ ମିଳିତ ଚଢ଼ାଉ କରିଥିଲେ।

# ପୁରୀ ପାଇଁ ମିଳିବ ସ୍ୱତନ୍ତ୍ର ବସ୍ ପରମିଟ୍

**ରଥଯାତ୍ରା ସମନ୍ୱୟ ବୈଠକ**

- ପରିବହନ କମିଶନରଙ୍କ ଅଧ୍ୟକ୍ଷତାରେ ପୋଲିସ, ଏନ୍‌ଏଚ୍‌ଆଇ, ବସ୍ ମାଲିକ ସଂଘ ମଧ୍ୟରେ ବୈଠକ
- ଟ୍ରାଫିକ ପରିଚାଳନା ଉପରେ ପ୍ରାଧାନ୍ୟ, କୋଣାର୍କରୁ ପୁରୀକୁ ଲାଗିବ କଟକଣା
- ତାଳବଣିଆରୁ ଜିଲା ହାଇସ୍କୁଲ ନିଃଶୁଳ୍କ ନେବା ଆଣିବା ପାଇଁ ୧୦୦ ଅଟୋ ବ୍ୟବସ୍ଥା କରିବ ପ୍ରଶାସନ

କଟକ,୩୦।୫(କାର୍ତ୍ତିକ ସାହୁ)




କଟକ ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଶ୍ରଦ୍ଧାଳୁଙ୍କ ସୁଗମ ପରିବହନକୁ ଆଖି ଆଗରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। କଟକ ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୋଲିସ କର୍ତ୍ତୃପକ୍ଷ ଏବଂ ବସ୍ ମାଲିକ ସଂଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏତେ ସଂଖ୍ୟକ ଶ୍ରଦ୍ଧାଳୁ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଗ୍ରହଣ କରାଯାଇଛି।

ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ରଥଯାତ୍ରା ନିମନ୍ତେ ଅନ୍ୟରୁଟ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ। ଆଗ୍ରହୀ ବସ ମାଲିକମାନେ ଏଥିନିମନ୍ତେ କିଭଳି ସୁବିଧାରେ ଆବେଦନ କରିବେ ଓ ଅନୁମତି ପାଇବେ ସେ ଦିଗରେ ଆଲୋଚନା କରାଯାଇଥିଲା। ବିଶେଷକରି, କଟକ-ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ କରିବା ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ନିର୍ଦ୍ଧାରିତ ବସ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଦାବି କରିବାର ଅଭିଯୋଗ ଯେଭଳି ନ ଆସେ ସେ ଦିଗରେ ବସ ମାଲିକ ସଂଘ ଧ୍ୟାନ ଦେବାକୁ କହିଛନ୍ତି ପରିବହନ ଆୟୁକ୍ତ। ପୁରୀ ଯାଉଥିବା ଓ ପୁରୀରେ ଚଳାଚଳ କରୁଥିବା ସମସ୍ତ ବସ ଓ ଅଟୋରେ ଭଡ଼ା ସମ୍ପର୍କିତ ତଥ୍ୟ ପ୍ରଦର୍ଶିତ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି। ଯେଭଳି କେହି ମନଇଚ୍ଛା ଭଡ଼ା ଆଦାୟ କରି ଯାତ୍ରୀଙ୍କୁ ହଇରାଣ ନ କରନ୍ତି ସେ ଦିଗରେ ପୁରୀ ପୋଲିସ ଓ ପୁରୀ ଆରଟିଓ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି। ବସ୍ ରହଣି ସ୍ଥାନରେ ଅସ୍ଥାୟୀ ବିଶ୍ରାମାଗାର ସହ ପ୍ରଶାସନ ପକ୍ଷରୁ ମୌଳିକ ସୁବିଧା ଉପଲବ୍ଧ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ବସ୍ ଷ୍ଟପରେ ଯାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟ ପୋଲିସ ପକ୍ଷରୁ ଗୁରୁତ୍ୱ ଦିଆଯିବ। ଅସାମାଜିକମାନଙ୍କ ଉପରେ କଡ଼ା ନଜର ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟିମ୍ ଗଠନ କରି ଯାତ୍ରୀଙ୍କ ସୁବିଧାରେ ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସଷ୍ଟାଣ୍ଡରେ ମନିଟର କରାଯିବ। ଏହା ସହ ପୁରୀର ତାଳବଣିଆରେ ସିସିଟିଭି ମଧ୍ୟ ଲାଗିବ।

ବସଗୁଡ଼ିକରେ ଫାଷ୍ଟଏଡ କିଟ ଓ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ମହଜୁଦ ରହିବ ଓ ତାହା ଏସ୍‌ଟିଏ ପକ୍ଷରୁ ଯୋଗାଇ ଦିଆଯିବ। ଯାତ୍ରୀ ଓ ଯାତ୍ରୀବାହୀ ଗାଡ଼ିଗୁଡ଼ିକର ସୁବିଧା ନିମନ୍ତେ ରଥଯାତ୍ରା ସମୟରେ ପୁରୀରେ ଆରଟିଓଙ୍କ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବ। ଏହାସହ ଗାଡ଼ି ମରାମତି ନିମନ୍ତେ ବିଭିନ୍ନ କମ୍ପାନୀଙ୍କ ସହଯୋଗ, କ୍ରେନ୍ ଓ ଆମ୍ବୁଲାନ୍ସ ସୁବିଧା ମଧ୍ୟ କରାଯିବ। ଶୃଙ୍ଖଳିତ ଟ୍ରାଫିକ୍ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯିବ। ଜାତୀୟ ରାଜପଥରେ ଗହଳି ଆଶଙ୍କା ଥିବା ସ୍ଥାନଗୁଡ଼ିକରେ ସତନ୍ତ୍ର ଟିମ ଦାୟିତ୍ୱରେ ରହିବେ। କୋଣାର୍କ-ପୁରୀ ରୁଟ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ କଟକଣା ଲାଗୁହେବ। ସମସ୍ତ ବିଭାଗ, ଗାଡ଼ି ମାଲିକ ଓ କର୍ମଚାରୀଙ୍କ ସହଯୋଗରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ ଆୟୁକ୍ତ। ତାଳବଣିଆରୁ ଜିଲା ହାଇସ୍କୁଲ ନିଃଶୁଳ୍କ ନେବା ଆଣିବା ପାଇଁ ପ୍ରଶାସନ ୧୦୦ ଅଟୋ ବ୍ୟବସ୍ଥା କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପୁରୀ ଏସ୍‌ପି, କଟକ ଡିସିପି, ଟ୍ରାଫିକ ଡିସିପି, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, ବସ୍ ମାଲିକ ସଂଘ ପ୍ରତିନିଧି ଏବଂ ପରିବହନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ଜଣେ ମୃତ, ୩ ଗୁରୁତର

ଚିକିଟି,୩୦।୫(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତ ବାତରଡ଼ାପଲ୍ଲୀ ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ବଜ୍ରପାତରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚାନ୍ଦପୁର ପଞ୍ଚାୟତ ହରିପୁର ପଲ୍ଲୀ ଗ୍ରାମର ଶିବ ପାଇକ (୫୫)। ବାତରୋଡାପଲ୍ଲୀ ଗ୍ରାମର ଗଣପତି ନାଏକ, ବେଲପଞ୍ଛୀର ବିଜୟ ଗୌଡ଼ ଏବଂ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖଇରପଙ୍କ ଗ୍ରାମର ଦିଲ୍ଲୀ କନ୍ୟାରୀ (୪୭) ଗୁରୁତର ଆହତ ହୋଇଛନ୍ତି। ଏହି ୪ ଜଣ ଛେଳି ଜଗୁଆଳି ମିଶି ଖାଉଥିବା ବେଳେ ହଠାତ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ଶିବଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିଲେ। ଆଖପାଖ ଗ୍ରାମର ଲୋକ ପହଞ୍ଚି ସେମାନଙ୍କୁ ଗୋବର ଗଦାରେ ପୋତି ପାରମ୍ପରିକ ଚିକିତ୍ସା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଅବସ୍ଥା ସଂକଟାପନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ନୂଆପଡା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଚଳାଇଛନ୍ତି।

## ଜୁଲାଇ ୯ରେ ସାଧାରଣ ଧର୍ମଘଟ ପାଇଁ ସିଆଇଟିୟୁର ଆହ୍ୱାନ

ଭୁବନେଶ୍ୱର,୩୦।୫(ସୁଚିସ୍ମିତା ସାହୁ)

ସିଆଇଟିୟୁର ୫୫ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଖାରବେଳ ନଗରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସଂଗଠନର ରାଜ୍ୟ ସଭାପତି କମ୍ରେଡ ଜନାର୍ଦ୍ଦନ ପତି ସଂଗଠନର ଲାଲ ପତାକା ଉତ୍ତୋଳନ କରି ଶ୍ରମିକ ନେତାଙ୍କୁ ଦେଶରେ ଶ୍ରମିକ ଆନ୍ଦୋଳନର ମହତ୍ୱ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ ବିଷ୍ଣୁ ମହାନ୍ତି ଶ୍ରମିକ ବିରୋଧୀ ୪ ଶ୍ରମକୋଡ୍ ବାତିଲ ସହିତ ଦେଶବାସୀଙ୍କ ୧୭ ଦଫା ଦାବି ନେଇ ଜୁଲାଇ ୯ରେ ଦେଶରେ ସାଧାରଣ ଧର୍ମଘଟ ନେଇ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ନେତା ଉଲ୍ଲାସ ସ୍ୱାଇଁ, ସତ୍ୟାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଏବଂ ଏକାଦଶୀ ବେହେରା ପ୍ରମୁଖ ଯୋଗଦେଇଥଲେ। ସିଟୁର ରାଜ୍ୟ ସମ୍ପାଦକ ଏବଂ ଭୁବନେଶ୍ୱର ନେତା ପ୍ରଦୀପ୍ତ ନାୟକ ଉପସ୍ଥିତ ରାଜ୍ୟ ନେତୃତ୍ୱ ଏବଂ ବିଭିନ୍ନ ୟୁନିୟନର ନେତୃତ୍ୱଙ୍କୁ ଧନ୍ୟବାଦ ଦେଇଥିଲେ।

# ଓଏନ୍‌ଡିସି-ଇଣ୍ଡସ୍ ଟ୍ରି ଫାଉଣ୍ଡେଶନ ମଧ୍ୟରେ ୨ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର)

ଲୋକ ସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ଆୟୋଜିତ ଲକ୍ଷପତି ଦିଦି ସମ୍ମିଳନୀ ୨୦୨୫ର ଦ୍ୱିତୀୟ ଦିନରେ ହିମାଚଳ ପ୍ରଦେଶ, ତେଲଙ୍ଗାନା ଏବଂ ଓଡ଼ିଶାର ରାଜ୍ୟ ଗ୍ରାମୀଣ ଜୀବିକା ମିଶନର ପ୍ରତିନିଧିମାନେ ମହିଳା ସଶକ୍ତୀକରଣ ଦିଗରେ ଶ୍ରେଷ୍ଠ ଅଭ୍ୟାସ ସମ୍ବନ୍ଧରେ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ଡିଜିଟାଲ ବଜାର ପ୍ରବେଶ ଓ ସ୍ଥାୟୀ ଜୀବିକା ସମ୍ପ୍ରସାରଣ ଲକ୍ଷ୍ୟରେ ଓପନ ନେଟ୍‌ୱର୍କ ଫର୍ ଡିଜିଟାଲ କମର୍ସ (ଓଏନ୍‌ଡିସି) ଏବଂ ଇଣ୍ଡସ୍ ଟ୍ରି ଫାଉଣ୍ଡେଶନ ମଧ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀଙ୍କ ଦ୍ୱାରା ବିଭିନ୍ନ ଅଂଶଗ୍ରହଣକାରୀ ରାଜ୍ୟର ପ୍ରତିନିଧିମାନଙ୍କୁ ବିଶେଷ ସ୍ମାରକପତ୍ର ପ୍ରଦାନ ସହ ଏହି ଐତିହାସିକ ସମ୍ମିଳନୀର ଅଧିବେଶନ ସମାପ୍ତ ହୋଇଛି। ଏହାପରେ ଅଂଶଗ୍ରହଣକାରୀ ପ୍ରତିନିଧିମାନେ ମିଶନ ଶକ୍ତି ବଜାର ପରିଦର୍ଶନକରି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ଅନନ୍ୟ ହସ୍ତଶିଳ୍ପର ପ୍ରଦର୍ଶନ ଦେଖିଛନ୍ତି। ସମ୍ମିଳନୀର ଦ୍ୱିତୀୟ ଦିବସରେ ସମଗ୍ର ଦେଶରୁ ଆସିଥିବା ଲକ୍ଷପତି ଦିଦି ଓ ବରିଷ୍ଠ ଅଧିକାରୀମାନେ ପୁରୀ ଜିଲା ପ୍ରଶାସନର ବିଶେଷ ବ୍ୟବସ୍ଥାରେ ଜଗନ୍ନାଥ ଧାମକୁ ଯାତ୍ରା କରିଛନ୍ତି। ଏହି ସାଂସ୍କୃତିକ ଓ ଶିକ୍ଷଣୀୟ ଯାତ୍ରାରେ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଦର୍ଶନ, ରଘୁରାଜପୁରଠାରେ ପାରମ୍ପରିକ ଶିଳ୍ପକଳାର ପରିଦର୍ଶନ ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟରେ ସ୍ଥାନ ପାଇଥିବା କୋଣାର୍କର ସୂର୍ଯ୍ୟମନ୍ଦିର ଏବଂ ସଂଗ୍ରହାଳୟ ସେମାନେ ପରିଦର୍ଶନ କରିଛନ୍ତି।




CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Honest, Responsible Sweeper for Guest House-cum-Office. Part time: 9 A.M. to 1 P.M. Salary as per experience. Must speak Hindi, Odia. Immediate joining in Bhubaneswar.
Send Bio-data to 9438128790

WANTED
ACCOUNTANT & MARKETING EXECUTIVE for Furniture & Timber, Construction Organisation, Experience on above field preferable.
Salary starts now 10000/- to 15000/-.
Call: 7064170280, 9777251369

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in
M: 9840335849

ଆବଶ୍ୟକ
ଡ୍ରାଇଭର ଓ ରୋଷେୟା ଆବଶ୍ୟକ।
ମଞ୍ଚେଶ୍ୱର, ଭୁବନେଶ୍ୱର
ଯୋଗାଯୋଗ
8249176583
9110572630

See Career Appointment on every Wednesday & Saturday

WANTED FOR A PHARMACEUTICAL UNIT OF ODISHA
- QUALITY CONTROL CHEMIST: The candidate must have minimum 3 years experience as QC Chemist. Should be able to handle HPLC Systems. Must have knowledge to prepare documents for Regulatory authorities.
- LABORATORY ASSISTANT: B.Sc./B.Pharma Graduates with devotion and determination to work honestly.
- PHARMACIST: D.Pharm Graduates with devotions and determination to work honestly.
- Please apply with confidence to email: odishacareerconsul@gmail.com within 15 days of intimating expected salary.

Display Line
WALK-IN INTERVIEW
A Bhubaneswar based leading Advertising Agency dealing in Print, Electronic & Outdoor Media requires
» Accounting Asst. (M/F) «
Qualification: Commerce Graduate with Knowledge in Tally.
Interested candidates may walk-in Interview at the following address with detail resumes & copies of testimonials on
29th & 31st May 2025 between 10.00 A.M. to 06.00 P.M.
Venue | Plot No.: A/173, Saheed Nagar, (Near Sparsh Hospital), Bhubaneswar-751007, Ph.: 0674-4041513

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁପୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# ସ୍ୱର ବଦଳୁଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପହଲଗାମ୍ ଆକ୍ରମଣକୁ ନେଇ ପାକିସ୍ତାନ ଉପରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ଭାରତର ବୈଦେଶିକ ନୀତିର ବାର୍ତ୍ତା ସ୍ୱଷ୍ଟ ଓ ପ୍ରଭାବଶାଳୀ ହୋଇନାହିଁ। ବିଶେଷକରି ଭାରତ ବିରୋଧରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ସମ୍ପର୍କରେ ବିଶ୍ୱକୁ ଅବଗତ କରିବାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଦୃଢ଼ ସ୍ୱର ଅପ୍ରତ୍ୟାଶିତ ଭାବେ ନୀରବୀ ଯାଇଛି। ଏହା ଏକ ରଣନୀତିକ ସଂଯମତା ନା ନିଷ୍ପ୍ରଭ କୂଟନୈତିକ ସ୍ୱରର ଘଟଣା ତାହା ହିଁ ଆଲୋଚନାର ବିଷୟ ହୋଇଛି। ସରକାର ଏହି ସମୟରେ ଖବରର ଶୀର୍ଷକରୁ ବଞ୍ଚିତ ହେବାକୁ ଚାହିଁ ନାହାନ୍ତି । ଫଳରେ ସରକାର ଭାବମୂର୍ତ୍ତି ରକ୍ଷା କରିବା ପାଇଁ ଖବର ସୃଷ୍ଟି କରିବାରେ ପୂରା ବଳ ଲଗାଇ ଦେଇଛନ୍ତି । ସାଂସଦ ଓ ଅବସରପ୍ରାପ୍ତ ଅଧିକାରୀଙ୍କୁ ନେଇ ୭ଟି ଟିମ୍ ଗଠନ କରାଯାଇଛି। ସରକାରଙ୍କ ପଦକ୍ଷେପ ସପକ୍ଷରେ ବୁଝାଇବା ପାଇଁ ଟିମ୍‌ଗୁଡ଼ିକୁ ବାହାର ଦେଶଗୁଡ଼ିକର ରାଜଧାନୀକୁ ପଠାଯାଇଛି। ଗୋଟିଏ ଟିମ୍‌ରେ ଅଛନ୍ତି, ରାଜ୍ୟ ସଭା ସଦସ୍ୟ ଭୁବନେଶ୍ୱର କଳିତ ଏବଂ ମିଲିନ୍ଦ ଦେଓରାଙ୍କ ସହିତ ଲୋକ ସଭା ସଦସ୍ୟ ଶଶାଙ୍କ ମଣି ତ୍ରିପାଠୀ ଏବଂ ଗନ୍ତି ହରିଶ ମାଧୁର । ଏହି ଟିମ୍‌ର ନେତୃତ୍ୱ ନେଉଛନ୍ତି ବୈଦେଶିକ ନୀତି ବିଶେଷଜ୍ଞ ଶଶି ଥରୁର । ଏସ୍ ଜୟଶଙ୍କରଙ୍କ ନୀରବତାକୁ ଅନୁଧ୍ୟାନ କରି ଥରୁର ସ୍ଥିତିକୁ ନିୟନ୍ତ୍ରଣ କରୁଛନ୍ତି ଏବଂ ଭାରତ ବୁଝାମଣାରୁ ପଛକୁ ହଟିନାହିଁ ବରଂ ତାହାର ସ୍ୱରକୁ ପରିବର୍ତ୍ତନ କରିଛି ବୋଲି ବାର୍ତ୍ତା ଦେଉଛନ୍ତି। ଏ କଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ, ଆମେରିକାର ଗମ୍ଭୀର ରାଜନୈତିକ କ୍ଷମତା ପରିସରରେ କାମ କରିବାର ଅଭିଜ୍ଞତା ଥିବା ପୂର୍ବତନ ରାଷ୍ଟ୍ରଦୂତ ତରଣଜିତ ସିଂ ସାନ୍ଧୁ ମଧ୍ୟ ଟିମ୍‌ରେ ଅଛନ୍ତି। ଗୋଟିଏ କଥା ସ୍ୱଷ୍ଟ ଯେ, ସରକାର ଘଟଣାକୁ ନିୟନ୍ତ୍ରଣ କରିବାରେ ଗମ୍ଭୀର ଅଛନ୍ତି, ଏପରି କି ଥରୁରଙ୍କ ଭଳି କଂଗ୍ରେସ ସାଂସଦଙ୍କୁ ପଠାଇ ଭଲଭାବେ ପ୍ରଦର୍ଶନ କରିବାକୁ ଚାହୁଁଛି।

### ପ୍ୟାଟେଣ୍ଟ କାର୍ଯ୍ୟାଳୟରେ ଅସନ୍ତୋଷ

ନିକଟରେ ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ୍ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ଏବେ ପ୍ୟାଟେଣ୍ଟ କାର୍ଯ୍ୟାଳୟର କେତେ ଜଣ ଅଧିକାରୀଙ୍କ ଅଦଳବଦଳ ପାଇଁ ନେଇଥିବା ପଦକ୍ଷେପକୁ କେନ୍ଦ୍ର କରି ଅସନ୍ତୋଷର ସ୍ୱର ଉଠିଛି। କିନ୍ତୁ ଏହା ବଡ଼ ସଙ୍କଟ ନୁହେଁ, ବରଂ ତାଙ୍କ କାର୍ଯ୍ୟାଳୟର ମାମୁଲି ଝଗଡ଼ା । ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ,ଏହା କୌଣସି ନାଟକୀୟ ବଦଳିର କାହାଣୀ ନୁହେଁ, ଏହା ସମ୍ଭବତଃ ଏକ ପ୍ରଶାସନିକ ବଦଳି। ଯେତେବେଳେ ସଂସାଧନ ଓ ଉତ୍ତରଦାୟିତ୍ୱକୁ ସନ୍ତୁଳିତ କରିବାକୁ ଚେଷ୍ଟା କରାଯାଏ ସେତେବେଳେ ଏଭଳି ବଦଳି କରାଯାଇଥାଏ । ଏହା ନିଶ୍ଚିତ ଯେ, ପରିବର୍ତ୍ତନକୁ ନେଇ ଉଠୁଥିବା କଥା ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହାକୁ ବଢ଼େଇ ଚଢ଼େଇ କୁହାଯାଉଛି, ଯାହା ଅନାବଶ୍ୟକ। ଏହା ବଦଳି ନୁହେଁ, ବରଂ ଏକ ଯୋଜନାବଦ୍ଧ ଆବଣ୍ଟନ। ଏହି ଅଧ୍ୟାୟ ହେଉଛି ନିୟମିତ ଅମଲାତନ୍ତ୍ରିକ ମନ୍ଥନରେ ଏକ ଛୋଟ ଝଗଡ଼ା, ଯୁଦ୍ଧ ଭୂମିର ଲଢ଼େଇ ନୁହେଁ। ଏହିସବୁ କ୍ଷୁଦ୍ର ପ୍ରଶାସନିକ ପଦକ୍ଷେପ ସରକାରଙ୍କ କାର୍ଯ୍ୟର ମାନବୀୟ ପ୍ରବୃତ୍ତି ତଥା ବ୍ୟକ୍ତିଗତ ପସନ୍ଦ ଏବଂ ସଂସ୍ଥାଗତ ଆବଶ୍ୟକତା ମଧ୍ୟରେ ରହିଥିବା ନିରାଶା ଓ ବାକ୍‌ଯୁଦ୍ଧକୁ କିଭଳି ପ୍ରକାଶ କରିପାରେ ତାହା ହିଁ କୌତୂହଳର ବିଷୟ। ପ୍ୟାଣ୍ଟେଟ କାର୍ଯ୍ୟାଳୟ ତା' କାର୍ଯ୍ୟ ଜାରି ରଖିଛି ଓ ନୂତନତ୍ୱ ଉପରେ ଜୋର ଦେଇଆସୁଛି। ପ୍ୟାଟେଣ୍ଟ ଆଇନ ପୁନର୍ଗଠନ କିମ୍ବା ଅନୁମୋଦନ ଶୀଘ୍ର କରିବାରେ ପ୍ରକୃତ ଯୁଦ୍ଧ ହେବା କଥା । କିନ୍ତୁ ସେଥିରେ ବଡ଼ ସମସ୍ୟା ରହିଛି। ଏଣୁ ଏବକାର ଅଦଳବଦଳକୁ ଏକ ଗମ୍ଭୀର ସମସ୍ୟା ବୋଲି କହିବା ଦରକାର ନାହିଁ। ଏହା ହେଉଛି କାର୍ଯ୍ୟାଳୟର ଏକ ନିୟମିତ ଧାରା।

### ପୋଲିସରେ ଝଗଡ଼ା

ହିମାଚଳ ପ୍ରଦେଶର ଶୀର୍ଷ ପୋଲିସ ଅଧିକାରୀଙ୍କ ସ୍ତରରେ ଯାହା ଘଟୁଛି ସେଥିରେ ଆଇନ ପ୍ରବର୍ତ୍ତନ କମ୍ ଓ ରାଜନୈତିକ ନାଟକବାଜି ଅଧିକ ଥିବା ଭଳି ମନେହେଉଛି। ରାଜ୍ୟ ପୋଲିସ ଏକ ସାର୍ବଜନୀନ ବିବାଦରେ ଫସିଯାଇଛି ଏବଂ ଏସବୁ ଏକ ସନ୍ଦେହଜନକ ମୃତ୍ୟୁରୁ ଆରମ୍ଭ ହୋଇଛି। ମାର୍ଚ୍ଚରେ ଏଚ୍‌ପିପିସିଏଲ୍‌ର ବରିଷ୍ଠ ଅଧିକାରୀ ବିମଳ ନେଗୀଙ୍କ ମୃତଦେହ ଗୋବିନ୍ଦ ସାଗର ହ୍ରଦରୁ ମିଳିଥିଲା। ଏହି ଘଟଣା ଉପରେ ଶିମଲା ଏସ୍‌ପି ସଞ୍ଜୀବ ଗାନ୍ଧୀ ତଦନ୍ତ କରୁଥିଲେ ଏବଂ ଏଥିରେ କୌଣସି ପ୍ରଗତି ନ ହେବାରୁ ହିମାଚଳ ଉଚ୍ଚ ନ୍ୟାୟାଳୟ ସମାଲୋଚନା କରିବା ସହ ସିବିଆଇକୁ ହସ୍ତାନ୍ତର କରିବାର ସଙ୍କେତ ଦେଇଥିଲେ। କିନ୍ତୁ ଏସ୍‌ପି ଗାନ୍ଧୀ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅତୁଲ ବର୍ମା ତଦନ୍ତରେ ବାଧା ସୃଷ୍ଟି କରୁଥିବାର ଅଭିଯୋଗ ଆଣି କୋର୍ଟକୁ କୌଣସି ସ୍ୱଷ୍ଟ ଉତ୍ତର ଦେଇ ନ ଥିଲେ। ଡିଜିପି ତତ୍‌କ୍ଷଣାତ୍ ଗାନ୍ଧୀଙ୍କୁ ନିଲମ୍ବନ ପାଇଁ ସୁପାରିସ କରିଥିଲେ। ଗଣମାଧ୍ୟମରେ ଗାନ୍ଧୀଙ୍କ ଭିଡିଓ ପ୍ରମାଣ ଶୀର୍ଷ ବାବୁମାନଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିଥିଲା। ତେବେ ରାଜ୍ୟ ପୋଲିସର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଏହା କେବଳ ଏକ ଝଗଡ଼ା ନୁହେଁ, ବରଂ ସଂସ୍ଥାଗତ ବିଶ୍ୱାସର ଅଧୋଗତି। ବରିଷ୍ଠ ଅଧିକାରୀମାନଙ୍କ ଅଭିଯୋଗ ଓ ପ୍ରତି ଅଭିଯୋଗ ଆସୁଥିବାବେଳେ ବ୍ୟବସ୍ଥାର ତ୍ରୁଟି ତଥା ନିଷ୍କ୍ରିୟତା ବାହାରକୁ ଆସୁଛି। ଏକ ସମ୍ବେଦନଶୀଳ ମୃତ୍ୟୁ ସହ ଜଡ଼ିତ ଏଭଳି ନିଷ୍କ୍ରିୟତା ନ୍ୟାୟ ଉପରେ ଲୋକଙ୍କ ବିଶ୍ୱାସ ହ୍ରାସ କରୁଛି। ମୁଖ୍ୟମନ୍ତ୍ରୀ ସୁଖୁ ସିବିଆଇ ତଦନ୍ତକୁ ସ୍ୱାଗତ କରି ଚତୁରତାର ସହ ରାଜନୀତିକୁ ଦୂରେଇ ରଖିଛନ୍ତି। କିନ୍ତୁ କ୍ଷତି ହୋଇଛି। ଏହି ମାମଲାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଠାରୁ ଅଧିକ କିଛି ଦରକାର।

Email: dilipcherian@gmail.com

# ମୁଁ ଜଣେ ଫେମିନିଷ୍ଟ



ସୁସ୍ମିତା ବେହେରା

ଜଣେ ମଣିଷ ଓ ନାରୀ ଭାବେ ନିଜକୁ ଫେମିନିଷ୍ଟ ଏଇଥିପାଇଁ କହିବି ଯେ, ମୋତେ ମିଶେଇ ଅନ୍ୟ ଯେ କୌଣସି ନାରୀ, ସାଧାରଣ ଓ ଖୁସିର ଜୀବନଟିଏ ବଞ୍ଚିବାକୁ ହେଲେ ପୁରୁଷ ପରି ସମାନ ଅଧିକାର ଆବଶ୍ୟକ କରନ୍ତି। ପରିବାର ଓ ସମାଜଠାରୁ ସମାନ ସୁବିଧା ସୁଯୋଗର ଅପେକ୍ଷା ବି ରଖନ୍ତି। ପ୍ରଥମେ ଆମେ ଉଭୟ ପୁରୁଷ ଓ ମହିଳାଙ୍କୁ ମଣିଷ ଭାବରେ ସମାନ ଦୃଷ୍ଟିରେ ଦେଖିବା ଜରୁରୀ। ଆମର ଦେଖିବାର ଦୃଷ୍ଟିଭଙ୍ଗୀ ବଦଳି ଗଲେ ଆମ ସମସ୍ତଙ୍କର ଆଚାର, ବିଚାର, ବ୍ୟବହାର ଓ କାର୍ଯ୍ୟକଳାପ ଆପେ ଆପେ ବଦଳି ଯାଆନ୍ତା। ଫେମିନିଷ୍ଟ କେହି ବି ହୋଇପାରିବେ । ଜଣେ ସମ୍ବେଦନଶୀଳ ପୁରୁଷ ବି, ଯିଏ ନାରୀମାନଙ୍କ ସାମାଜିକ, ଅର୍ଥନୈତିକ, ଆଇନଗତ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାକୁ ଚାହିଁବେ।

ଆଜିକୁ ତିନି ଦଶନ୍ଧି ଆଗରୁ ନାରୀ ଶିକ୍ଷା ଆହୁରି ପଛରେ ଥିଲା। ମୋ ବାପା ଜଣେ ଆଦର୍ଶ ଶିକ୍ଷକ। ପୁଅ ନ ହେବାର ଦୁଃଖକୁ ନିଜ ଛାତିରେ ଲୁଚାଇ ଛଅ ଝିଅଙ୍କୁ ଯଥା ସାଧ୍ୟ ଉଚ୍ଚଶିକ୍ଷା ପ୍ରଦାନ କରିଛନ୍ତି। ସେ ସମୟରେ ଆମ ପରିବାରର ଶୁଭେଚ୍ଛୁ ବୋଲି ଘୋଷଣା କରୁଥିବା କେହି କେହି ମୋ ବାପାଙ୍କୁ ଆମ ଝିଅମାନଙ୍କୁ ଅଧିକା ପାଠ ନ ପଢ଼ାଇ, ମାଟ୍ରିକ ପର୍ଯ୍ୟନ୍ତ ଯେନତେନ ପ୍ରକାରେ ପଢ଼େଇ ବାହାଘର କରି ଦେବାକୁ ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ, ଯାହାକୁ ମୋ ବାପା କେବେ ଗୁରୁତ୍ୱ ଦେଇ ନ ଥିଲେ। ଫଳ ସ୍ୱରୂପ ପରବର୍ତ୍ତୀ କାଳରେ ପାରିବାରିକ ବିପର୍ଯ୍ୟୟ ସମୟରେ ସ୍ଥିର ରହି ପରିସ୍ଥିତିକୁ ସାମ୍ନା କରିବାର ଦୃଢ଼ତା ଓ ସାହସ ମୋ ଭିତରେ ମୁଁ ଜୁଟାଇ ପାରିଥିଲି।

ମୁଁ ଏଇଠି ସବୁ ମାତାପିତାଙ୍କୁ ଫେମିନିଷ୍ଟ ହେବାକୁ ଆହ୍ୱାନ କରୁଛି। ଝିଅମାନଙ୍କୁ କିଶୋରାବସ୍ଥାରୁ ଏକ ସୀମିତ, ସଙ୍କୁଚିତ ବାତାବରଣରେ ନ ବଢ଼ାଇ ପୁଅକୁ ଯେଉଁ ପରିବେଶ ଦେଉଛନ୍ତି ସେଇ ବାତାବରଣ ଦିଅନ୍ତୁ। ତା'ର ପୂର୍ଣ୍ଣାଙ୍ଗ ବିକାଶ ଶାରୀରିକ, ମାନସିକ, ବୌଦ୍ଧିକ ସବୁ ଦିଗରୁ ଦୃଢ଼ ହୋଇପାରିବ। ମୁଖ୍ୟତଃ, ମାନସିକ ଭାବେ ଦୃଢ଼ ମହିଳା ଯେକୌଣସି ପରିସ୍ଥିତିକୁ ସହଜରେ ମୁକାବିଲା କରିପାରିବେ। କେବଳ ମହିଳାମାନଙ୍କ ଉପରେ ଅତ୍ୟାଚାର ନୁହେଁ, ବିବାହିତା ମହିଳା ନିଜର ପୁରୁଷ ସାଥୀଙ୍କୁ ଅସୁବିଧା ସମୟରେ ଅଧିକ କ୍ରିୟାଶୀଳ ହୋଇ ନୈତିକ, ମନସ୍ତାତ୍ତ୍ୱିକ ଓ ଭାବନାତ୍ମକ ସହଯୋଗ ଦେଇପାରିବ।



ସମ୍ପୂର୍ଣ୍ଣ ବିଶ୍ୱକୁ ଆମେ ଚାରୋଟି ଭାଗରେ ଦେଖିପାରିବା। ପଶ୍ଚିମ ବିଶ୍ୱ ବା ମୁକ୍ତ ବିଶ୍ୱ। ଆମେରିକା ଓ ଅନ୍ୟ ବିକଶିତ ଦେଶସବୁ ଏହି ବିଶ୍ୱର ଅନ୍ତର୍ଗତ। ଦ୍ୱିତୀୟ ବିଶ୍ୱ ହେଲା ପୂର୍ବ ବିଶ୍ୱ–ୟୁରୋପ ଓ ଅନ୍ୟାନ୍ୟ ଉଦାରବାଦୀ ଦେଶ ସମୂହ। ତୃତୀୟ ବିଶ୍ୱ ଏସିଆ, ଆଫ୍ରିକା ଓ ୟୁରୋପର ଦୁଇ, ତିନୋଟି ଛୋଟ ଛୋଟ ଅନୁନ୍ନତ ଦେଶ। ଏହି ତୃତୀୟ ବିଶ୍ୱବର୍ଗରେ ରହିଛି ଭାରତବର୍ଷ । ଏମାନଙ୍କର ପ୍ରମୁଖ ବିଶେଷତ୍ୱ ହେଲା ଦୁର୍ବଳ ଅର୍ଥନୀତି, ସାମାଜିକ ବୈଷମ୍ୟ, ଅପରାଧ ପ୍ରବଣତା, ଦୁର୍ବଳ ନ୍ୟାୟ ବ୍ୟବସ୍ଥା, ଉପଯୁକ୍ତ ମାନବ ସମ୍ବଳର ଅଭାବ ଇତ୍ୟାଦି ଏପରି ଆହୁରି ଅନେକ ସମସ୍ୟା। ଏହି ବିକାଶଶୀଳ ଦେଶରେ ଶିଶୁମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣର ଅଶୀ ପ୍ରତିଶତ କେବଳ ଶିଶୁ କନ୍ୟା ଉପରେ ହୋଇଥାଏ। ନାରୀବାଦର ମୂଳ ଉଦ୍ଦେଶ୍ୟ ଭିତରୁ ଶିଶୁକନ୍ୟା ଓ ମହିଳା ମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣ ଓ ଅତ୍ୟାଚାରକୁ ପ୍ରତିରୋଧ କରିବା ଏବଂ ବନ୍ଦ କରିବା । ସମାନ କାମ ପାଇଁ ମଜୁରି ପ୍ରଦାନ କ୍ଷେତ୍ରରେ ଥିବା ଅସମାନତାକୁ କମ୍ କରି ବା ହଟାଇ ମହିଳାଙ୍କୁ ତାଙ୍କ ଶ୍ରମର ଉଚିତ ମୂଲ୍ୟ ପ୍ରଦାନ କରିବା ନାରୀବାଦର ଅନ୍ୟ ଏକ ପ୍ରମୁଖ ଲକ୍ଷ୍ୟ।

ମହିଳା ଓ ପୁରୁଷଙ୍କ ଭିତରେ ତୁଳନା ଛଡ଼ା ଆମେ ଯଦି ଦୁଇଜଣ ପୁରୁଷଙ୍କୁ ପରସ୍ପରଙ୍କ ସହିତ ତୁଳନା କରିବା, ସେମାନଙ୍କର କ୍ଷମତା ଓ କାର୍ଯ୍ୟ ଦକ୍ଷତା ନିଶ୍ଚୟ ଭିନ୍ନ ହେବ କିନ୍ତୁ ସମାଜ ଉଭୟଙ୍କୁ ସମାନ ମର୍ଯ୍ୟାଦା ଦେଇଥାଏ (କେବଳ ପୁରୁଷ ଗୋଟିଏ ଜାତି ବୋଲି)। ପୁରୁଷ ପରି ନାରୀ ବି ଜଣେ ମଣିଷ (କେବଳ ଶାରୀରିକ ଗଠନ ପୁରୁଷଠୁ ଭିନ୍ନ)। ତେଣୁ ସମାନ ଦୃଷ୍ଟିଭଙ୍ଗୀରେ ତାକୁ ଦେଖିବା ପାଇଁ ଆହ୍ୱାନ କରେ ନାରୀବାଦ ଭଳି ଏକ ଆଦର୍ଶ ଓ ଶକ୍ତିଶାଳୀ ଚିନ୍ତାଧାରା। ପୁରୁଷ ପ୍ରଧାନ ବିଭାଗରେ ମୁଁ କାମ କରେ, ଯେଉଁ ବିଭାଗରେ କ୍ୱଚିତ ମହିଳା କର୍ମଚାରୀ ଦାୟିତ୍ୱ ନେବାକୁ ସହଜତାର ସହିତ ଗ୍ରହଣ କରନ୍ତି। ତଥାପି କେବଳ ମହିଳା ବୋଲି ମୋର ସାମର୍ଥ୍ୟକୁ ନେଇ ପ୍ରଶ୍ନ କରିଛନ୍ତି କିଛି ପୁରୁଷ ; ଯାହାର ମୁଁ କଡ଼ା ଜବାବ ରଖି ଆସିଛି ଆବଶ୍ୟକତା ଅନୁସାରେ ଓ ପରିସ୍ଥିତିକୁ ଦେଖି। ପୁରୁଷ ପରି ସବୁ ବର୍ଗର ମହିଳାଙ୍କୁ ସାଧୀନତା ମିଳୁ, ନିଜ ଇଚ୍ଛା ମୁତାବକ ବୃତ୍ତି ବା ରୁଚିକୁ ଚୟନ କରିବାକୁ । ଇଏ ବି ନାରୀବାଦର ଏକ ଡାକ।

ଆମେ ସମସ୍ତେ ଅନୁଭବିଛେ,ବର୍ତ୍ତମାନର ବଜାରଦର ସହିତ ତାଳଦେଇ ଏକ ସ୍ୱଚ୍ଛନ୍ଦ ଜୀବନ ଜିଇବାକୁ ହେଲେ ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ ରୋଜଗାରକ୍ଷମ ହେବାକୁ ହେବ। କାର୍ଯ୍ୟସ୍ଥଳୀରେ ଉଭୟଙ୍କୁ ସମାନ ସମୟ, ଶାରୀରିକ ଶ୍ରମ, ମାନସିକ କ୍ଷମତା ଓ ଚାପ ନେବାକୁ ପଡ଼ିଥାଏ। ତେଣୁ ଉଭୟଙ୍କୁ ଘର କାମ ଓ ବାହାର କାମ ଭାଗବଣ୍ଟା କରି କରିବା ଉଚିତ, ତା' ନ ହେଲେ ପରିବାରରେ ଦ୍ୱନ୍ଦ୍ୱ ହେବା ଖୁବ୍ ସ୍ୱାଭାବିକ। ମୋ ଅଭିଜ୍ଞତାରୁ କହୁଛି ମହିଳା ଜଣେ କର୍ମଜୀବୀ ହୋଇଥିଲେ ହେଁ ନିଜର ଦରମା ଗଣ୍ଡାକ ଉପରେ ତା'ର ଅଧିକାର ନ ଥାଏ, ସେ କିପରି ଖର୍ଚ୍ଚ କରିବ ବୋଲି। ଏମିତି କି ନିଜ ପାଇଁ ଖର୍ଚ୍ଚ କଲେ ତା'ର ହିସାବ ଦେବାକୁ ପଡ଼େ। ସ୍ୱାମୀଙ୍କ ଟଙ୍କା ତ ନ କହିବା ଭଲ। ମହିଳା ଜଣେ ଚାକିରି କରିବାର ଅନୁମତି ପାଇଲେ ମଧ୍ୟ ଫେରିବା ଟିକିଏ ଡେରି ହେଲେ ଅନେକ ପ୍ରଶ୍ନବାଚୀ। ନାରୀବାଦର ଏକ ସରଳ ଅର୍ଥ ହେଲା ପୁରୁଷ ଯେଉଁ ଲିଖିତ ଅଲିଖିତ ଅଧିକାର ଗୁଡ଼ିକ ପରିବାରରୁ, ସମାଜରୁ ପାଇ ଆସିଛି ନାରୀଟିଏକୁ ସେଇସବୁ ଅଧିକାର ସମାନ ଭାବରେ ମିଳୁ, ସେ ମଧ୍ୟ ଜଣେ ମଣିଷ, ଯେମିତି ପୁରୁଷ।

ଦେଶ କହିଲେ କେବଳ ସହରାଞ୍ଚଳ ନୁହେଁ। ସତୁରି ପ୍ରତିଶତ ଗ୍ରାମାଞ୍ଚଳ ଅଛି, ଯେଉଁଠି ଆଜି ମଧ୍ୟ ପୁରୁଷ ତୁଳନାରେ ନାରୀ ଶିକ୍ଷା, ସ୍ୱାସ୍ଥ୍ୟକୁ ସେତେଟା ଗୁରୁତ୍ୱ ଦିଆଯାଏ ନାହିଁ। ସେଥିପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସେଇ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ଚେଷ୍ଟା କରୁଛନ୍ତି।

ନାରୀବାଦର ଅର୍ଥ ନୁହେଁ ପୁରୁଷକୁ ହୀନ ଦୃଷ୍ଟିରେ ଦେଖିବା, ତାକୁ ସମାଲୋଚନା କରିବା ବା ତା' ଉପରେ ଆଧିପତ୍ୟ ଦେଖାଇବା। ପୁରୁଷର ଗୁରୁତ୍ୱ ତା' ଜାଗାରେ ବଳବତ୍ତର ଥାଉ। କେବଳ ନାରୀକୁ ଉପଯୁକ୍ତ ସମ୍ମାନ ମିଳୁ, ଯେଉଁଥିରେ ସେ ପ୍ରକୃତ ହକ୍‌ଦାର। ଯେଉଁଠି କିଛି ବ୍ୟବଧାନ ଅଛି ତାକୁ ମିଳିମିଶି ପୂରଣ କରିବା ଆସନ୍ତୁ। ଏକ ଶକ୍ତିଶାଳୀ ଓ ଉନ୍ନତ ସମାଜ ଗଠନରେ ଭାଗୀଦାର ହୁଅନ୍ତୁ। ଶକ୍ତିଶାଳୀ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତାକୁ ଆମେ କେହି ଅସ୍ୱୀକାର କରିପାରିବା ନାହିଁ। କିନ୍ତୁ ସେମାନେ ଦୁର୍ବଳ, ଶୋଷିତ, ନିର୍ଯାତିତ, ଅବହେଳିତ ହୋଇ ରହିଲେ କିପରି ନିଜ ଦାୟିତ୍ୱ ଠିକ୍ ଭାବେ ବହନ କରିପାରିବେ? ଯିଏ ନିଜ ଅସ୍ତିତ୍ୱକୁ ନେଇ ସନ୍ଦିହାନ ଥିବ, ତା' ପାଇଁ ଶତ୍ରୁ କିଏ ମିତ୍ର କିଏ? ଆପଣାର କିଏ, ପର କିଏ? ସମାଜର ପଚାଶ ପ୍ରତିଶତ ଲୋକ ଯଦି ବିଭିନ୍ନ କାରଣରୁ ଆଗକୁ ବଢ଼ି ନ ପାରିବେ ତେବେ ବିଶ୍ୱର ଅନ୍ୟ ଭାଗ ତୁଳନାରେ ଆମ ଦେଶ ଗୋଟିଏ ପାଦରେ ଆଗକୁ ଜୋରରେ ବଢ଼ିପାରିବ ତ?

ମୋ:୭୮୯୪୧୦୪୪୯୪

# ପ୍ଲାଷ୍ଟିକ ପ୍ରଦୂଷଣ ବଳୟରେ ବିଶ୍ୱ



ନିକୁଞ୍ଜ ବିହାରୀ ସାହୁ

ଆମର ଚଳିତ ସଭ୍ୟତାର ପ୍ରଗତି ଓ ବିକାଶ ପଛରେ ଯେ ପ୍ଲାଷ୍ଟିକର ପ୍ରମୁଖ ଭୂମିକା ରହିଛି ଏଥିରେ ଦ୍ୱିମତ ନାହିଁ।ପ୍ଲାଷ୍ଟିକର ଅନେକ ଉପକାରୀ ଧର୍ମ ସତ୍ତ୍ୱେ ଏହାର ଏକ ବଡ଼ ପ୍ରତିକୂଳ ପ୍ରଭାବ ହେଉଛି ଏହା ଜୈବ ବିଘଟନଶୀଳ ନୁହେଁ; ଅର୍ଥାତ ପରିବେଶରେ ଏହାର ଜୀବନକାଳ ଅତିଶୟ ଦୀର୍ଘ ହୋଇଥିବାରୁ ଏହା ବିଘଟିତ ହୋଇ ମାଟିରେ ମିଶିପାରେ ନାହିଁ।ସୁତରାଂ ପ୍ଲାଷ୍ଟିକ ଆବର୍ଜନାକୁ ସୁଚାରୁ ପରିଚାଳନା କରି ନିରାପଦ ଉପାୟରେ ପ୍ରକୃତିରେ ବିସର୍ଜନ କରିବା ବୈଜ୍ଞାନିକମାନଙ୍କ ପାଇଁ ଆହ୍ୱାନ ପାଲଟି ଯାଇଛି।ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ସଂଶ୍ଳେଷିତ ପ୍ଲାଷ୍ଟିକ ୧୯୦୭ ମସିହାରେ ବେଲଜିୟମର ଲିଓ ବେକେଲାଣ୍ଡ ନାମକ ବୈଜ୍ଞାନିକ ପ୍ରସ୍ତୁତ କରି ପ୍ୟାଟେଣ୍ଟ ହାସଲ କରିଥିଲେ।

ବିଗତ ୧୯୫୦ ଦଶକରୁ ୨୦୧୮ ମସିହା ମଧ୍ୟରେ ବିଶ୍ୱରେ ସମୁଦାୟ ୬୩୦ କୋଟି ଟନ୍ ପ୍ଲାଷ୍ଟିକ ପ୍ରସ୍ତୁତ ହୋଇସାରିଛି। ୨୦୧୯ ମସିହା ସୁଦ୍ଧା ବିଶ୍ୱରେ ପ୍ରତି ବର୍ଷ ୩୬.୫ କୋଟି ଟନ୍ ପ୍ଲାଷ୍ଟିକ ଉତ୍ପାଦିତ ହେଉଛି।ଏଥିମଧ୍ୟରୁ ସର୍ବାଧିକ ୫୧% ଭାଗ ଉତ୍ପାଦିତ ହେଉଛି ଏସିଆ ମହାଦେଶରେ।ଚାଇନା ହେଉଛି ବିଶ୍ୱର ସର୍ବାଧିକ ପ୍ଲାଷ୍ଟିକ ଉତ୍ପାଦନକାରୀ ରାଷ୍ଟ୍ର।ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକରେ ସମୁଦାୟ ଉତ୍ପାଦନର ପ୍ରାୟ ୫୦% ଭାଗ ପ୍ଲାଷ୍ଟିକ ପ୍ୟାକେଜିଙ୍ଗ କ୍ଷେତ୍ରରେ ବ୍ୟବହୃତ ହୁଏ।ଦିନକୁଦିନ ପ୍ଲାଷ୍ଟିକର ଉତ୍ପାଦନ ବୃଦ୍ଧି ପାଉଥିବାରୁ ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ସୁଦ୍ଧା ବିଶ୍ୱରେ ସମୁଦାୟ ପ୍ଲାଷ୍ଟିକ ଉତ୍ପାଦନର ପରିମାଣ ପ୍ରତି ବର୍ଷ ୧୧୦ କୋଟି ଟନ୍ ଅଙ୍କକୁ ଅତିକ୍ରମ କରିଯିବ ବୋଲି ଆଶଙ୍କା ପ୍ରକାଶ କରାଯାଏ।

ବିଶ୍ୱରେ ସମୁଦାୟ ପ୍ଲାଷ୍ଟିକ ଉତ୍ପାଦନର ମାତ୍ର ୯% ଭାଗ ପୁନଃଚକ୍ରୀକରଣ ହେଉଥିଲାବେଳେ କେବଳ ୧୨% ଭାଗକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରିଦିଆଯାଏ।ଏ କ୍ଷେତ୍ରରେ ଆଉ ଏକ ସମସ୍ୟା ହେଲା, ଏବକାର ବ୍ୟସ୍ତବହୁଳ ଜୀବନଶୈଳୀରେ ମାତ୍ର ଥରୁଟିଏ ପାଇଁ ବ୍ୟବହାରଶୀଳ ପ୍ଲାଷ୍ଟିକର ବହୁଳ ପ୍ରସାର।

ପୃଥିବୀର ସ୍ଥଳଭାଗରେ ପ୍ଲାଷ୍ଟିକ ପ୍ରଦୂଷଣର ପଦଚିହ୍ନ ସୁସ୍ପଷ୍ଟ।ପ୍ଲାଷ୍ଟିକ ଆବର୍ଜନାକୁ ଖାଦ୍ୟ ବୋଲି ମନେକରି କିଛି ଜୀବଜନ୍ତୁ ଭକ୍ଷଣ କରିଥାନ୍ତି।ଏହା ସେମାନଙ୍କ ଅନ୍ତନଳୀରେ ପ୍ରବେଶ କରି ଖାଦ୍ୟପଥକୁ ବନ୍ଦ କରିଦିଏ। ଏହା ମଧ୍ୟ ସମୟକ୍ରମେ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ରକ୍ତ ସଞ୍ଚାଳନ ପ୍ରକ୍ରିୟା ଜରିଆରେ ପ୍ରାଣୀର ଜୀବକୋଷରେ ପ୍ରବେଶ କରେ। ଏହାଦ୍ୱାରା କର୍କଟ ରୋଗ ସୃଷ୍ଟି ହେବା ସାଙ୍ଗକୁ ହର୍ମୋନ କ୍ଷରଣରେ ଅନିୟମିତତା ଉତ୍ପନ୍ନ ହୁଏ, ଯାହା ସମୟକ୍ରମେ ପ୍ରାଣୀର ପ୍ରଜନନ କ୍ଷମତା, ଅଭିବୃଦ୍ଧି ହାର ଓ ମାନସିକ ଅବଧାରଣା ପ୍ରକ୍ରିୟାକୁ ଗୁରୁତର ପ୍ରଭାବିତ କରେ।ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ସ୍ଥଳଭାଗରେ ବର୍ଷକୁ ପ୍ରାୟ ୧ ଲକ୍ଷ ଜୀବଙ୍କର ମୃତ୍ୟୁ ଘଟୁଛି ବୋଲି ଜଣାଯାଏ। ପ୍ଲାଷ୍ଟିକଜାତ ପଦାର୍ଥ ମଧ୍ୟ ମାଟିରେ ପୋତି ହୋଇ ପଡ଼ିବା ଯୋଗୁ ମୃତ୍ତିକାର ଗୁଣବତ୍ତା କମିଯିବା ସାଙ୍ଗକୁ ମାଟିର ଜଳଧାରଣ କ୍ଷମତାର ହ୍ରାସ ଘଟି ଭୂତଳ ଜଳ ଉତ୍ସର ଅବକ୍ଷୟ ଘଟୁଛି ।

ପୃଥିବୀର ସମୁଦ୍ର ଓ ମହାସମୁଦ୍ର ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ। ଏକ ହିସାବରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ରରେ ଆବର୍ଜନା ରୂପେ ମିଶିଥାଏ ।ଅର୍ଥାତ ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି, ଯାହା ଏକ ଟ୍ରକ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ।୨୦୧୩ ମସିହା ସୁଦ୍ଧା ପୃଥିବୀର ସମୁଦ୍ରରେ ପ୍ରାୟ ୮୬୦ ଲକ୍ଷ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶିଛି।ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି।ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ, ଡଲ୍‌ଫିନ, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଞ୍ଚାରିତ ହୁଏ।ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇ ପରିଶେଷରେ ସେମାନଙ୍କ ମୃତ୍ୟୁ ଘଟେ।ଏକ ହିସାବରୁ ଜଣାଯାଏ ଯେ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି।



ଜଳ ଓ ସ୍ଥଳ ପ୍ରଦୂଷଣ ବ୍ୟତୀତ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଜଳବାୟୁ ପରିବର୍ତ୍ତନର ଧାରା ତ୍ୱରାନ୍ୱିତ ହେଉଛି। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଗୃହ ଗ୍ୟାସ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ହୁଏ।ପୁଣି ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ଅନେକ ସବୁଜଗୃହ ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୋଇଥାଏ।୨୦୧୯ରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଗୃହ ଗ୍ୟାସ ଉତ୍ସର୍ଜିତ ହୋଇଛି।ଆଗାମୀ ୨୦୫୦ ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଗୃହ ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ କରାଯାଏ। ଏହି ବିପୁଳ ସବୁଜଗୃହ ଗ୍ୟାସ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ତ୍ୱରାନ୍ୱିତ କରିବ ଏଥିରେ ସନ୍ଦେହ ନାହିଁ।

ତେବେ ଆମେ ଏବେଠୁ ପ୍ଲାଷ୍ଟିକ ପ୍ରଦୂଷଣର ପ୍ରତିକାର ଚିନ୍ତା କରିବା ଉଚିତ। ଆଗାମୀ ଦିନରେ ବ୍ୟବହାର ହ୍ରାସ, ପୁନଃଚକ୍ରୀକରଣ ଓ ପୁନଃବ୍ୟବହାର ଆମର ମୂଳ ମନ୍ତ୍ର ହେବା ଉଚିତ। ଏହାଦ୍ୱାରା ବିଶ୍ୱକୁ ପ୍ଲାଷ୍ଟିକର ବିଷାକ୍ତ ବଳୟରୁ ରକ୍ଷାକରି ଏକ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ କରିହେବ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବାକୁ ପଡିବ।ପ୍ଲାଷ୍ଟିକ ଓ ପଲିଥିନ ବ୍ୟାଗ ପରିବର୍ତ୍ତେ କନା ବ୍ୟାଗ ବ୍ୟବହାର କରିବାକୁ ହେବ। ବୈଜ୍ଞାନିକଙ୍କୁ ଅଣବିଘଟନଶୀଳ ପ୍ଲାଷ୍ଟିକ ପରିବର୍ତ୍ତେ ଜୈବବିଘଟନଶୀଳ ତଥା ମାଟିରେ ସହଜରେ ମିଶି ପାରୁଥିବା ନୂତନ ପ୍ଲାଷ୍ଟିକ ବିକଶିତ କରିବାକୁ ହେବ।ଅଦରକାରୀ ପ୍ଲାଷ୍ଟିକ ସାମଗ୍ରୀକୁ ଫିଙ୍ଗି ନ ଦେଇ ସେଥିରୁ ପୁନଃଚକ୍ରୀକରଣ ପଦ୍ଧତିରେ ନୂତନ ପ୍ଲାଷ୍ଟିକ ସାମଗ୍ରୀ ପ୍ରସ୍ତୁତ କରିବାକୁ ପଡ଼ିବ।ଆହୁରି ମଧ୍ୟ ଥରୁଟିଏ ପାଇଁ ବ୍ୟବହାରଶୀଳ ପ୍ଲାଷ୍ଟିକ ପଦାର୍ଥକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ହେବ।

**ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମୋ: ୮୦୧୮୭୦୮୮୫୮**

## ଏଇ ଭାରତରେ

କେରଳର ଥାଟେକ୍କଡ ପକ୍ଷୀ ଅଭୟାରଣ୍ୟ ନିକଟରେ ବହିଯାଉଛି ପେରିୟାର ନଦୀ। ୨୦୦୯ରେ ଏହି ନଦୀରେ ଏକ ଡଙ୍ଗାବୁଡ଼ିଯିବା ଯୋଗୁ ୧୫ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା ଏବଂ ଘଟଣା ଜଣେ ସ୍ଥାନୀୟ ଫର୍ନିଚର ଦୋକାନୀ ସାଜି ଭାଲାସେରୀଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ଛୋଟ ପିଲାଙ୍କୁ ମାଗଣାରେ ପହଁରା ଶିଖାଇବା ଆରମ୍ଭ କରିଦେଇଥିଲେ। ସେ ପ୍ରଥମେ ପେରିୟାର ନଦୀରେ ତାଙ୍କର ଏବଂ ତାଙ୍କ ସାଙ୍ଗଙ୍କ ପିଲାଙ୍କୁ ପହଁରା ଶିଖାଇବା ଆରମ୍ଭ କରିଥିଲେ । ପରେ ଆଖପାଖରେ ଥିବା ପିଲାଙ୍କୁ ଏଥିରେ ସାମିଲ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ନଦୀ ନିକଟରେ ପହଁରା ଶିଖିବା ଲାଗି ପିଲା ଓ ବୟସ୍କମାନେ ଭିଡ଼ ଜମାଇଥିଲେ। ତାଙ୍କର ଛୋଟ ପଦକ୍ଷେପଟି ଏବେ ବଡ଼ ଆକାର ଧାରଣ କରିଛି। ସାଜି 'ଭାଲେସେରିଲି ରିଭର୍ ସୁଇମିଂ କ୍ଲବ୍'ଗଠନ କରି ଏବେ ସୁଦ୍ଧା ୧୦,୦୦୦ ଲୋକଙ୍କୁ ପହଁରା ଶିଖାଇସାରିଲେଣି ; ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ୨୦୦୦ ପିଲା। ୧୦ ଜଣ ଦିବ୍ୟାଙ୍ଗ ପିଲା ମଧ୍ୟ ପହଁରା ଶିଖି ନଦୀପାର ହେବାକୁ ସକ୍ଷମ ହୋଇପାରିଛନ୍ତି। ମାତ୍ର ୧୬ ଦିନ ମଧ୍ୟରେ ଜଣେ ବ୍ୟକ୍ତି ପହଁରା ଶିଖି ପାଣି ପ୍ରତି ଭୟ ଦୂର କରିବାରେ ସକ୍ଷମ ହେଉଛନ୍ତି ବୋଲି କହନ୍ତି ୬୦ ବର୍ଷୀୟ ସାଜି। ପ୍ରତିଦିନ ସକାଳ ହେଲେ ପେରିୟାର ନଦୀକୂଳରେ ଲୋକଙ୍କ ଭିଡ଼ ଜମୁଛି ଏବଂ ଏହାକୁ ଦେଖି ସାଜିଙ୍କୁ ସହଯୋଗ କରିବାକୁ ଅନେକ ସ୍ୱେଚ୍ଛାସେବୀମାନେ କ୍ଲବରେ ଯୋଗଦେଇଛନ୍ତି। ପ୍ରତିବର୍ଷ କ୍ଲବ ମାଧ୍ୟମରେ ସାଜି ୧ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପହଁରା ଶଖାଉଛନ୍ତି। ବିଶେଷକରି ନଭେମ୍ବରରୁ ମେ ମଧ୍ୟରେ ଏହି ପ୍ରଶିକ୍ଷଣ ଚାଲୁଛି। ଏହାସହ ସେ ମଧ୍ୟ ଏହା ଉପରେ କେରଳର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି।

## ଚିରନ୍ତନୀ

ତଥାପି ନମଇଁ ତୋରେ
ହେ ନିର୍ଜୀବ କର୍କଶ ପାଷାଣ
ଘନୀଭୂତ ଏଥି ଯେଣୁ
କେତେ ପୁଣ୍ୟ ଶିଳ୍ପୀର ପରାଣ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 5 | 3 |
| | | | 7 | | | | | |
| | | | | 3 | 2 | 8 | | 4 |
| | 7 | | | | 9 | | 8 | 2 |
| 3 | | | | 7 | | | 1 | |
| | | 6 | | | 4 | 7 | 9 | |
| 8 | | | | | | | | |
| | 3 | | | 4 | | | | |
| | | | 1 | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 2 | 1 | 6 | 8 | 7 | 3 |
| 6 | 3 | 2 | 8 | 4 | 7 | 9 | 5 | 1 |
| 8 | 7 | 1 | 5 | 3 | 9 | 6 | 2 | 4 |
| 3 | 9 | 5 | 4 | 8 | 1 | 7 | 6 | 2 |
| 1 | 8 | 6 | 7 | 2 | 3 | 5 | 4 | 9 |
| 7 | 2 | 4 | 6 | 9 | 5 | 1 | 3 | 8 |
| 5 | 4 | 3 | 9 | 7 | 8 | 2 | 1 | 6 |
| 2 | 6 | 8 | 1 | 5 | 4 | 3 | 9 | 7 |
| 9 | 1 | 7 | 3 | 6 | 2 | 4 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜିଟାଲ ଇଣ୍ଡିଆର ସ୍ୱପ୍ନ ଅଧୁରା

ମହାଶୟ,

ଓଡ଼ିଶାର ମାଲକାନଗିରି ଜିଲାର କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ ଅଞ୍ଚଳରେ ବିଦ୍ୟୁତ ନ ରହିଲେ ଜିଓ ମୋବାଇଲ ନେଟ୍‌ୱର୍କ ଅଚଳ ହୋଇପଡୁଛି। ଶିକ୍ଷା ଓ ଅନ୍‌ଲାଇନ ସେବା ଉପରେ ପ୍ରଭାବ ପକାଉଛି। ଆଜିର ଡିଜିଟାଲ ଯୁଗରେ, ଯେଉଁଠାରେ ଇଣ୍ଟରନେଟ ଅପରିହାର୍ଯ୍ୟ ହୋଇଛି, ସେଠାରେ ଏହି ଆଦିବାସୀ ଅଧ୍ୟୁଷିତ ଜିଲାରେ ଡିଜିଟାଲ ଇଣ୍ଡିଆ ସ୍ୱପ୍ନ ଅଧୁରା ରହିଯାଇଛି। ବର୍ତ୍ତମାନ ଅନ୍‌ଲାଇନ ଆଡ୍‌ମିଶନ ପ୍ରକ୍ରିୟା ଚାଲୁଥିବା ବେଳେ, ନେଟ୍‌ୱର୍କ ଅଭାବ ଯୋଗୁଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ଫର୍ମ ପୂରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଛାତ୍ରୀଛାତ୍ରଙ୍କ ମନୋବଳ ହ୍ରାସ କରୁଛି ଏବଂ ସମୟ ନଷ୍ଟ କରୁଛି। ଅନେକ ଛାତ୍ରୀଛାତ୍ର ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ଶିକ୍ଷା ଗ୍ରହଣ କରୁଥିବା ବେଳେ, ବିଦ୍ୟୁତ କଟିବା ସେମାନଙ୍କ ଶିକ୍ଷାକୁ ବ୍ୟାହତ କରୁଛି। ଏହା ବ୍ୟତୀତ ସ୍ଥାନୀୟ ବାସିନ୍ଦା ଅନ୍‌ଲାଇନ ବ୍ୟାଙ୍କିଙ୍ଗ, ଡିଜିଟାଲ ପେମେଣ୍ଟ, ସରକାରୀ ସେବା ପୋର୍ଟାଲ ଓ ଅନ୍ୟାନ୍ୟ ଅନ୍‌ଲାଇନ ସୁବିଧା ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀ ଏହି ସମସ୍ୟାର ତୁରନ୍ତ ସମାଧାନ ଦାବି କରୁଛନ୍ତି। ସେମାନେ ମୋବାଇଲ ଟାୱାର ସଂଖ୍ୟା ବୃଦ୍ଧି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ଅନ୍‌ଲାଇନ ସେବା ପାଇଁ ସ୍ଥାନୀୟ ସହାୟତା କେନ୍ଦ୍ର ସ୍ଥାପନ କରିବାକୁ ଅନୁରୋଧ କରୁଛନ୍ତି। ଏହା ସହିତ, ସୌର ଶକ୍ତି ଆଧାରିତ ମୋବାଇଲ ଟାୱାର ଓ ବ୍ୟାକଅପ ପାୱାର ସିଷ୍ଟମ ସ୍ଥାପନ କରାଯାଇ ବିଦ୍ୟୁତ ସମସ୍ୟାକୁ ଦୂର କରାଯାଉ। ସ୍ଥାନୀୟ ପ୍ରଶାସନ ଓ ଟେଲିକମ କମ୍ପାନୀଗୁଡ଼ିକ ମିଳିତ ଭାବେ ଏକ ଟାସ୍କ ଫୋର୍ସ ଗଠନ କରି ଏହି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା ଉଚିତ।

**-ସୁରଜ କୁମାର ବେହେରା, ଏମ୍‌ଭି ୭୯, ମାଲକାନଗିରି**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩ ଜଣଙ୍କ ବୟାନ ରେକର୍ଡ କଲା କ୍ରାଇମବ୍ରାଞ୍ଚ ଟିମ୍

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା



କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

ଝାରସୁଗୁଡ଼ା/ବ୍ରଜରାଜନଗର,୩୦।୫
(ଆଶିଷ ରଞ୍ଜନ ଦାଶ/ବିଜୟ ବଡ଼ାକ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ଘଟଣାକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ହତ୍ୟା ଘଟଣାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ପାଇଁ ଶୁକ୍ରବାର କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗାନ୍ଧୀଛକ ଫାଣ୍ଡିରେ ପହଞ୍ଚିଥିଲା। ସେଠାରେ ରାଜପୁର ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଗଣେଶ ରାମବାଗ, ବିଜେଡି କର୍ମୀ ପ୍ରବୀଣ ଦେଓ ଓ ସ୍ୱାସ୍ଥ୍ୟକର୍ମୀ ମନୋଜ ବରିହାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଜେରା କରିଥିଲା। କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ଟିମ୍‌ର ସଦସ୍ୟମାନେ ଉପରୋକ୍ତ ୩ ଜଣଙ୍କୁ ଅଧଘଣ୍ଟା ଲେଖାଏଁ ପଚରାଉଚରା କରିବା ସହ ୧୬୧ ଧାରାରେ ସେମାନଙ୍କ ବୟାନ ରେକର୍ଡ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୩ ଜାନୁଆରୀ ୨୯ରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ଗାନ୍ଧୀଛକରେ ନବ ଦାସଙ୍କୁ ତତ୍କାଳୀନ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ଗୋପାଳଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହତ୍ୟାକାଣ୍ଡ ଦିନ ଓ ପୂର୍ବଦିନ ଗୋପାଳଙ୍କୁ ଗଣେଶ ଓ ପ୍ରବୀଣ ଫୋନ୍ କରିଥିଲେ। ୨୦୨୩ ଜାନୁଆରୀ ୨୮ରେ ଗଣେଶ ଓ ପ୍ରବୀଣଙ୍କ ଗୋଷ୍ଠୀ ମଧ୍ୟରେ ରାଜନୈତିକ କାରଣକୁ ନେଇ ବଚସା ଓ ଗଣ୍ଡଗୋଳ ହୋଇଥିଲା। ଏନେଇ ସେମାନେ ଗୋପାଳଙ୍କୁ ଫୋନରେ ଜଣାଇଥିଲେ। ଶୁକ୍ରବାର ତଦନ୍ତବେଳେ ସେମାନେ ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ନିକଟରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ପୂର୍ବରୁ ମନୋଜଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରକୁ ନେଇ ୧୬୧ ଧାରାରେ ବୟାନ ରେକର୍ଡ କରିଥିଲାବେଳେ ଶୁକ୍ରବାର ମଧ୍ୟ ପଚରାଉଚରା କରିଥିଲା। ହତ୍ୟାକାଣ୍ଡ ପୂର୍ବରୁ ଗୋପାଳଙ୍କୁ ମନୋଜ କହିଥିଲେ, ନବ ଦାସ ତୁମ ଉପରେ ଅସନ୍ତୁଷ୍ଟ ଅଛନ୍ତି। ତୁମ ଉପରକୁ ବିପଦ ଆସିପାରେ। ଜେରାବେଳେ ଗୋପାଳ ଏନେଇ କ୍ରାଇମବ୍ରାଞ୍ଚ ନିକଟରେ ବୟାନ ଦେଇଥିଲେ। ତେବେ ନବ ଦାସ କାହିଁକି ଗୋପାଳଙ୍କ ଉପରେ ଅସନ୍ତୁଷ୍ଟ ଥିଲେ ସେ ସମ୍ପର୍କରେ ଜାଣିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ମନୋଜଙ୍କୁ ତଦନ୍ତ ପରିସରଭୁକ୍ତ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ହତ୍ୟାକାଣ୍ଡ ପୂର୍ବରୁ ଗୋପାଳ କାହା କାହା ସହ ଫୋନ୍‌ରେ କଥା ହେଉଥିଲେ ସେମାନଙ୍କୁ ଜେରା କରିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ପ୍ରସ୍ତୁତ ହେଉଛି। ତଦନ୍ତ ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ମଲ୍ଲିକ କହିଛନ୍ତି, ଗୋପାଳ ଦାସଙ୍କ କଲ୍ ରେକର୍ଡ ଯାଞ୍ଚ ଚାଲିଛି। ଏହି ଘଟଣାରେ ଯାହାର ସମ୍ପୃକ୍ତି ଥିବା ସନ୍ଦେହ କରାଯିବ ତାଙ୍କୁ ଡାକି ପଚରାଉଚରା କରାଯିବ। ସୂଚନାଯୋଗ୍ୟ, ନବ ଦାସ ହତ୍ୟା ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ଗତ ମାର୍ଚ୍ଚ ୧୮ରୁ ୨୨ ତାରିଖ ମଧ୍ୟରେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନା, ଏୟାରପୋର୍ଟ ଓ ନବ ଦାସଙ୍କ ସରକାରୀ ବାସଭବନରେ ପହଞ୍ଚି ତଦନ୍ତ କରିଥିଲା। ଏହି ଘଟଣାର ମୁଖ୍ୟ ସାକ୍ଷୀ ସରୋଜ ସା, ଜୀବନ ନାୟକଙ୍କ ସମେତ ମେଡିକାଲ କର୍ମଚାରୀ ଓ ୧୫ରୁ ଉର୍ଦ୍ଧ୍ୱ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି।

# ଏମ୍ସ ଭୁବନେଶ୍ୱରରେ ୮.୭ କେଜିର କିଡ୍‌ନୀ ମାସ୍‌ର ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୩୦।୫
(ଅନୁରାଧା ମହାରଣା)

ଏମ୍ସ ଭୁବନେଶ୍ୱରରେ ଅଟୋଜୋମାଲ ଡୋମିନାଣ୍ଟ ପଲିସିଷ୍ଟିକ୍ କିଡ୍‌ନୀ ରୋଗ (ଏଡିପିକେଡି)ରେ ପୀଡ଼ିତ ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କଠାରୁ ଅସ୍ତ୍ରୋପଚାର ମାଧ୍ୟମରେ ୮.୭ କେ.ଜି. କିଡ୍‌ନୀ ମାସ୍ ବାହାର କରାଯାଇଛି। ତେବେ କିଡ୍‌ନୀ ରୋଗରେ ପୀଡ଼ିତ ନୟାଗଡ଼ ଜିଲ୍ଲାର ବିଶାଳ ଗୁରୁତର ଯନ୍ତ୍ରଣା ଭୋଗୁଥିଲେ। ଅସ୍ତ୍ରୋପଚାର ପରେ ସେ ସୁସ୍ଥ ଥିବା ସୂଚନା ମିଳିଛି। ୫ ଘଣ୍ଟା ଧରି ଏହି ହାଇରିସ୍କ ଅସ୍ତ୍ରୋପଚାର ୟୁରୋଲୋଜିର ଆସୋସିଏଟ୍ ପ୍ରଫେସର ଡା. ମନୋଜ କୁମାର ଦାଶଙ୍କ ନେତୃତ୍ୱରେ କରାଯାଇଥିଲା। ଆସୋସିଏଟ୍ ପ୍ରଫେସର ଡା. ସମିତ ତ୍ରିପାଠୀ ଓ ଯୁବ ରେସିଡେଣ୍ଟ ଡାକ୍ତର ଡା. ସହର୍ଷ, ଡା. ମିଥିଲେଶ,



ଡା. ହୁଜେଫା, ଡା. ସାବିକ ଏବଂ ଡା. ସଚିନ ଏହି ଜଟିଳ ଅସ୍ତ୍ରୋପଚାରରେ ସାମିଲ ଥିଲେ। ଏଥିରେ ଡା. ପୂଜା ବିହାନୀଙ୍କ ନେତୃତ୍ୱରେ ଆନାସ୍ଥେସିଆ ଟିମ୍ ଏବଂ ରେସିଡେଣ୍ଟ ଡାକ୍ତର, ନର୍ସିଂ ଅଧିକାରୀ ଶ୍ରେୟା ଓ ପରିଣିତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅବସରରେ ଡା. ଦାସ କହିଛନ୍ତି, ଏହା କେବଳ ଏକ ଚିକିତ୍ସା ସଫଳତା ନୁହେଁ, ବରଂ ବିଶ୍ୱାସ ଓ ଟିମ୍‌ୱାର୍କର ଏକ କାହାଣୀ ଥିଲା।

# ମତଦାନ କେନ୍ଦ୍ରରେ ମତଦାତାଙ୍କ ସଂଖ୍ୟା ୧୨୦୦କୁ ହ୍ରାସ

## ନିର୍ବାଚନ ଆୟୋଗଙ୍କ ୧୦୦ ଦିନର ରିପୋର୍ଟ କାର୍ଡ

ଭୁବନେଶ୍ୱର,୩୦।୫
(ରବିନାରାୟଣ ଜେନା)

ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ପକ୍ଷରୁ ଗତ ୧୦୦ଦିନ ମଧ୍ୟରେ ଗ୍ରହଣ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ନେଇ ଏକ ତଥ୍ୟ ଜାରି ହୋଇଛି। ସେଥିରେ ଆୟୋଗଙ୍କ ଦ୍ୱାରା ବିକଶିତ ନୂତନ ସମନ୍ୱିତ 'ଇସିଆଇ ନେଟ୍ ଡ୍ୟାସ୍‌ବୋର୍ଡ' ଚଳିତ ବିଧାନସଭା ଉପନିର୍ବାଚନ ଏବଂ ଆଗାମୀ ବିହାର ବିଧାନସଭା ନିର୍ବାଚନ ସମୟରେ କାର୍ଯ୍ୟକ୍ଷମ ହେବାକୁ ଥିବା କୁହାଯାଇଛି। ଏହାସହିତ ପ୍ରତି ମତଦାନ କେନ୍ଦ୍ରରେ ସର୍ବାଧିକ ମତଦାତାଙ୍କ ସଂଖ୍ୟା ୧,୫୦୦ରୁ ୧,୨୦୦କୁ ହ୍ରାସ କରାଯିବା ଭଳି ଉଲ୍ଲେଖନୀୟ ପଦକ୍ଷେପ ସମ୍ପର୍କରେ ଦର୍ଶାଯାଇଛି। ସେହିପରି ଇସିଆଇ ନେଟ୍‌ର ଲକ୍ଷ୍ୟ ହେଉଛି, ଅଂଶୀଦାରମାନଙ୍କୁ, ବର୍ତ୍ତମାନ ଥିବା ୪୦ରୁ ଅଧିକ ଆପ୍ ଏବଂ ୱେବ୍‌ସାଇଟ୍ ବଦଳରେ ସମସ୍ତ ସେବା ଏକକ ସ୍ଥାନରେ ଯୋଗାଇବା। ଜୁନ୍ ୧୯ରେ ଚାରୋଟି ରାଜ୍ୟର ପାଞ୍ଚଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରତିଦ୍ୱନ୍ଦ୍ୱୀ ଦଳଗୁଡ଼ିକ ଦ୍ୱାରା ଭୋଟର ତାଲିକାରେ ଅସଙ୍ଗତିଠାରୁ ଆରମ୍ଭ କରି ଭୋଟର ପରିଚୟପତ୍ର ନମ୍ବରର ନକଲ ପର୍ଯ୍ୟନ୍ତ ଅସଂଖ୍ୟ ପ୍ରସଙ୍ଗ ଉପରେ ଅଭିଯୋଗ ମଧ୍ୟରେ ନିର୍ବାଚନ ପରିଚାଳନାକୁ କିପରି ସରଳ ଭାବେ ସମାଧାନ କରିହେବ ସେଥିପାଇଁ ଆୟୋଗ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ, ଫେବୃଆରୀ ୧୯ରେ ଭାରତର ମୁଖ୍ୟ ନିର୍ବାଚନ କମିଶନର ଭାବେ ଜ୍ଞାନେଶ କୁମାର ଦାୟିତ୍ୱ ଗ୍ରହଣ କରିବା ପରେ ମୃତ୍ୟୁ ପଞ୍ଜୀକରଣ ତଥ୍ୟର ସିଧାସଳଖ ସମନ୍ୱୟ ଅନ୍ତର୍ଭୁକ୍ତ ଭଳି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି, ଯଦ୍ୱାରା ମୃତ ଭୋଟରଙ୍କ ନାମ ତାଲିକାରେ ଯାଞ୍ଚ କରି ଦକ୍ଷତାର ସହ ବାତିଲ କରାଯାଇପାରିବ ଏବଂ ତୃଣମୂଳସ୍ତରୀୟ ମତଦାନ ଅଧିକାରୀମାନଙ୍କୁ ତାଲିମ ଦିଆଯାଇପାରୁଛି, ଫଳରେ ତାହା ମତଦାନ ପରିଚାଳନାକୁ ସୁବ୍ୟବସ୍ଥିତ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ ହେବ। ଏହାବ୍ୟତୀତ ଦେଶବ୍ୟାପୀ ୪,୭୧୯ ବୈଠକ କରିବା ଭଳି ବହୁତ କିଛି ତଥ୍ୟ ରିପୋର୍ଟ କାର୍ଡରେ ରହିଛି।

# ସିଡିଏ ଅଫିସ୍‌ର ୧୫ କର୍ମଚାରୀଙ୍କ ଦିନକର ଦରମା ବନ୍ଦ

## ବିଳମ୍ବରେ ଅଫିସ୍ ଆସିବା ମହଙ୍ଗା ପଡ଼ିଲା

କଟକ,୩୦।୫(କାର୍ତ୍ତିକ ସାହୁ)

ବିଳମ୍ବରେ ଅଫିସ ଆସିବା ମହଙ୍ଗା ପଡ଼ିଲା। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଅରୁଣୋଦୟ ନଗରସ୍ଥିତ କାର୍ଯ୍ୟାଳୟର ୧୫ଜଣ କର୍ମଚାରୀଙ୍କ ଗୋଟିଏ ଦିନର ଦରମା ବନ୍ଦ କରାଯାଇଛି। ସିଡିଏ ସଚିବ ଶ୍ୱେତ କୁମାର ଦାଶ ଶୁକ୍ରବାର ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ ଅଭ୍ୟାସଗତ ଭାବେ ବିଳମ୍ବରେ ଆସିବା ଯୋଗୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ଅଫିସ୍‌କୁ ଆସି ଅପେକ୍ଷା କରୁଥିବା ବେଳେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ଦେଖା ମିଳୁନାହିଁ। ଏଭଳି ଅଭିଯୋଗମାନ ବିଭିନ୍ନ ସମୟରେ ହୋଇଆସୁଛି। ତେବେ ଏଭଳି କର୍ମଚାରୀଙ୍କୁ ଶୃଙ୍ଖଳିତ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତଦନୁସାରେ, ସିଡିଏ ସଚିବ ଦାଶ ତାଙ୍କ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନକୁ ଶୁକ୍ରବାର ଅଚାନକ ପରିଦର୍ଶନ କରିଥିଲେ। ସିଡିଏ କାର୍ଯ୍ୟାଳୟରେ ୯ଟି ସେକ୍ସନ ଥିବା ବେଳେ ପ୍ରାୟ ୫ଟି ସେକ୍ସନରେ ୧୫ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟରେ ପହଞ୍ଚି ନ ଥିବା ଦେଖିଥିଲେ। ସେମାନେ ଅଫିସ୍ ବିଳମ୍ବରେ ପହଞ୍ଚିଥିଲେ। ଫଳରେ ସେମାନଙ୍କୁ ଚେତେଇ ଦେବା ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦିନକର ଦରମା ବନ୍ଦ କରାଯାଇଥିବା ସଚିବ ଦାଶ କହିଛନ୍ତି। ଏହାଦ୍ୱାରା ଅନ୍ୟ କର୍ମଚାରୀମାନେ ବି ସଚେତନ ହେବେ ଓ ସରକାରୀ ନିୟମ, ଶୃଙ୍ଖଳା ଭଙ୍ଗ କରିବାକୁ ଚେଷ୍ଟା କରିବେ ନାହିଁ ବୋଲି ସେ କହିଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଇଇ/କି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.: ୧; ଟେଣ୍ଡର ବିଜ୍ଞପ୍ତି ନଂ.: ୧୧୫-ଇଏଲ୍‌ସି-ଜି-କେଜିପି-୨୫-୨୬-୦୬ଆର୍୧; କାର୍ଯ୍ୟର ବର୍ଣ୍ଣନା: କେଜିପି ମଣ୍ଡଳ- ପିଏଚ୍-II ଭାବେ ଖଡ଼ଗପୁର ମଣ୍ଡଳର ବିଭିନ୍ନ ସ୍ଥାନରେ ୦୧ କିଲୋୱାଟ୍‌ରୁ ୫୦ କିଲୋୱାଟ୍ ପର୍ଯ୍ୟନ୍ତ ଅନ୍ ଗ୍ରୀଡ୍ ସୋଲାର ପାୱାର ପ୍ଲାଣ୍ଟର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ। ଟେଣ୍ଡର ମୂଲ୍ୟ: ₹୧୩,୧୧,୭୫,୪୯୨.୬୬; ବିଡ୍ ଅମାନତ/ଇଏମ୍‌ଡି: ₹୮,୦୫,୯୦୦.୦୦; ଖୋଲାଯିବା ତାରିଖ: ୧୯।୦୬।୨୦୨୫; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ। ସମାପ୍ତି ଅବଧି: କ୍ର.ସଂ. (i) ପାଇଁ ୬ ମାସ, ସ୍ୱୀକୃତି ପତ୍ର ଜାରି ହେବା ତାରିଖଠାରୁ। ଦାଖଲର ତାରିଖ: ତା୧୯।୦୬।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-222)

# ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ୧୫ ଦିନିଆ ସଂଘ ଶିକ୍ଷା ବର୍ଗ

ଭବାନୀପାଟଣା,୩୦।୫
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗତ ୧୬ ତାରିଖଠାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଓଡ଼ିଶା ପଶ୍ଚିମପ୍ରାନ୍ତ ପକ୍ଷରୁ ୧୫ଦିନିଆ ସଂଘ ଶିକ୍ଷା ବର୍ଗ ଅନୁଷ୍ଠିତ ହେଉଛି। ଶୁକ୍ରବାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଧ୍ୟାହ୍ନ ୧୨ଟା ୪୫ରେ ସ୍ଥାନୀୟ ସରକାରୀ ଇଞ୍ଜିନିୟରିଂ କଲେଜ ପଡିଆରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟରରୁ ଓହ୍ଲାଇଥିଲେ। ଏହି ସମୟରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦାରଙ୍କ ସମେତ ବହୁ ନେତା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେଠାରୁ ସଡକ ପଥରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଯାଇ ସଂଘ କାର୍ଯ୍ୟକର୍ତ୍ତାଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୭ ଜିଲ୍ଲାର ୨୭୦ ସ୍ୱୟଂସେବକ ଅଂଶଗ୍ରହଣ କରିଛନ୍ତି। ଏଥିରେ ସଂଘର ଅନୁଶାସନ, ବ୍ୟବସ୍ଥା ଓ ସଂସ୍କାର ଉପରେ ଆଲୋଚନା ହେଉଥିବା ଜଣାପଡ଼ିଛି। ଶନିବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।



ମୁଖ୍ୟମନ୍ତ୍ରୀଙ୍କୁ ଧର୍ମଗଡ଼ ବିଧାୟକ ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

# ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଖୁବ୍‌ଶୀଘ୍ର କ୍ଷତିପୂରଣ: ପୂଜାରୀ

ଭୁବନେଶ୍ୱର,୩୦।୫
(ସୁନିତ୍ ମିଶ୍ର)

ମେ' ୨୭ରୁ ୩୦ ତାରିଖ ମଧ୍ୟରେ ହୋଇଥିବା ଲଘୁଚାପଜନିତ ଅଦିନିଆ ବର୍ଷାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଫସଲ ଓ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି। ଖୁବଶୀଘ୍ର ଏହାର କ୍ଷୟକ୍ଷତି ସ୍ଥିତି ଆକଳନ କରି କ୍ଷତିପୂରଣ ଦେବା ନେଇ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟଠାରେ ଭର୍ଚ୍ଚୁଆଲ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମିଳିତ ଭାବେ କ୍ଷୟକ୍ଷତିର ସର୍ଭେ କରାଯାଉଛି। ସରକାର ଅଣମୌସୁମୀ ସମୟରେ ଅନିୟମିତ ବର୍ଷାକୁ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଥିବାବେଳେ ପ୍ରତ୍ୟେକ ଚାଷୀ ଓ ବର୍ଷା ପବନରେ ଘର ଦ୍ୱାର କ୍ଷତିଗ୍ରସ୍ତ ବ୍ୟକ୍ତିବିଶେଷଙ୍କୁ ନିଶ୍ଚିତ ଭାବେ କ୍ଷତିପୂରଣ ଦିଆଯିବ। କେହି ଜଣେ ହେଲେ ଯେମିତି କ୍ଷତିପୂରଣ ପାଇବାରୁ ବଞ୍ଚିତ ନ ହେବେ ସେଥିପ୍ରତି ସରକାର ସଜାଗ ଅଛନ୍ତି। ଜିଲ୍ଲାପାଳମାନେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବା ପରେ ସରକାର ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ପୂଜାରୀ ମତବ୍ୟକ୍ତ କରିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢ଼ୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଯୋଗଦେଇ କ୍ଷୟକ୍ଷତି ଓ କ୍ଷତିପୂରଣ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ପାଣିପାଗ କେନ୍ଦ୍ର ଆଞ୍ଚଳିକ ଶାଖା ନିର୍ଦ୍ଦେଶିକା ମନୋରମା ମହାନ୍ତି ଲଘୁଚାପ ସ୍ଥିତି ଓ ଆଗାମୀ ଦିନରେ ରାଜ୍ୟର ପାଣିପାଗ ସମ୍ପର୍କରେ ସୂଚନା ଦେଇଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ, ମେ ୨୭ ତାରିଖରୁ ୩୦ ତାରିଖ ମଧ୍ୟରେ ରାଜ୍ୟରେ ହାରାହାରି ୪୧.୯ ମି.ମି. ବର୍ଷା ହୋଇଥିବା ବେଳେ ୮ ଟି ଜିଲ୍ଲା କେନ୍ଦ୍ରାପଡ଼ା, କଳାହାଣ୍ଡି, ଜଗତସିଂହପୁର, କନ୍ଧମାଳ, ନବରଙ୍ଗପୁର, ଭଦ୍ରକ, ସୁବର୍ଣ୍ଣପୁର ଓ ରାୟଗଡ଼ାରେ ୫୦ ମି.ମି.ରୁ ଅଧିକ ବର୍ଷା ହୋଇଛି। ସେହିପରି ଅନ୍ୟ ୨୨ଟି ଜିଲ୍ଲାରେ ୧୦ରୁ ୫୦ ମି.ମି. ମଧ୍ୟରେ ବର୍ଷା ରେକର୍ଡ ହୋଇଛି।

**ସହକାରୀ ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ ଅଦାଲତ**

ମକଦ୍ଦମା ନଂ. ଓ.ଏ.–୧୯/୨୦୨୪
(ଦେବୋତ୍ତର ଆଇନର ୪୧ ଧାରା)

ଶ୍ରୀ ଭାଗିରଥି ଦାସ ... ଦରଖାସ୍ତକାରୀ
ବନାମ
ହିନ୍ଦୁ ସର୍ବସାଧାରଣ ଏବଂ ଅନ୍ୟମାନେ ...ପ୍ରତିବାଦୀଗଣ

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ଯେ, ଶ୍ରୀ ଭାଗିରଥି ଦାସ, ବୟସ: ୭୦ବର୍ଷ, ପିତା: ମୃତ ଆର୍ତ୍ତତ୍ରାଣ ଦାସ, ଗ୍ରାମ: ନାନପୁର, ପୋଷ୍ଟ: ତେଇଶିପୁର, ଥାନା: ପିପିଲି, ଜିଲ୍ଲା: ପୁରୀ ଦରଖାସ୍ତକାରୀ ହୋଇ ଶ୍ରୀ ରଘୁନାଥ ଦେବ, ବିଜେ ନିଜ ଗୃହ, ଗ୍ରାମ: ନାନପୁର, ପୋଷ୍ଟ: ତେଇଶିପୁର, ଥାନା: ପିପିଲି, ଜିଲ୍ଲା: ପୁରୀ ଠାକୁର ନିଜର ବ୍ୟକ୍ତିଗତ/ଘରୋଇ ଠାକୁର ଏବଂ ମୌଜା: ନାନପୁର, ଖାତା ନଂ. ୧୧୬, ଚକ ନଂ. ୪୮ ଏବଂ ୫୭, ପ୍ଲଟ ନଂ. ୧୧୩, ୧୬୭, ୧୧୭ ଏବଂ ୧୧୬, ସମୁଦାୟ ଏକର ୨.୭୨୦ଡିସିମିଲ ତଫସିଲଭୁକ୍ତ ସମ୍ପତ୍ତି ନିଜର ବ୍ୟକ୍ତିଗତ ସମ୍ପତ୍ତି ଦାବି କରି ଉପରୋକ୍ତ ମକଦ୍ଦମା ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଦାୟର କରିଅଛନ୍ତି।
ଏଥିରେ ପ୍ରତିବାଦୀଭାବେ ହିନ୍ଦୁ ସର୍ବସାଧାରଣ ୧ନଂ. ପ୍ରତିବାଦୀ: ହିନ୍ଦୁ ସର୍ବସାଧାରଣଙ୍କ ତରଫରୁ ଶ୍ରୀ ପ୍ରଫୁଲ୍ଲ କୁମାର ରଥ, ବୟସ ୭୫ ବର୍ଷ, ପିତା: ମୃତ କାଶୀନାଥ ରଥ, ଗ୍ରାମ/ପୋଷ୍ଟ: ତେଇଶିପୁର, ଥାନା: ପିପିଲି, ଜିଲ୍ଲା: ପୁରୀ, ୨ନଂ. ପ୍ରତିବାଦୀ: ଶ୍ରୀ ଲକ୍ଷ୍ମୀଧର ଦାସ, ବୟସ: ୬୨, ପିତା: ମୃତ ଆର୍ତ୍ତତ୍ରାଣ ଦାସ, ଗ୍ରାମ: ନାନପୁର, ପୋଷ୍ଟ: ତେଇଶିପୁର, ଥାନା: ପିପିଲି, ଜିଲ୍ଲା: ପୁରୀ, ୩ନଂ. ପ୍ରତିବାଦୀ: ଗଙ୍ଗା ଦାସ, ବୟସ: ୭୫ ବର୍ଷ, ସ୍ୱାମୀ: ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଗ୍ରାମ: ଯସୁଆପୁର, ପୋଷ୍ଟ: ସାତଶଙ୍ଖ, ଥାନା: ପିପିଲି, ଜିଲ୍ଲା: ପୁରୀ, ୪ନଂ. ପ୍ରତିବାଦୀ ଏବଂ ରେଣୁକା ଦାସ, ବୟସ: ୪୬, ସ୍ୱାମୀ: ଶରତଚନ୍ଦ୍ର ମହାପାତ୍ର, ଗ୍ରାମ: ଶ୍ରୀକଣ୍ଠପୁର, ପୋଷ୍ଟ: ନୂଆଶାସନ, ଥାନା: ପିପିଲି, ଜିଲ୍ଲା: ପୁରୀ ୫ନଂ ପ୍ରତିବାଦୀ ଭାବେ ପକ୍ଷଭୁକ୍ତ କରାଯାଇଅଛି।
ଏଥିରେ କାହାର କିଛି ଆପତ୍ତି ଅଭିଯୋଗ ଥିଲେ, ଆସନ୍ତା ତା୩୦।୦୬।୨୫ରିଖ ଦିବା ୧୦.୩୦ମିନିଟ୍ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ଆପତ୍ତି ଅଭିଯୋଗ କରିପାରିବେ। ଅନ୍ୟଥା କାହାର ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଏଥକୁ ଅଦାଲତର ସହି ମୋହର ସହ ଦିଆଗଲା।

ସ୍ୱା./– ସହକାରୀ ଦେବୋତ୍ତର କମିଶନର
ଭୁବନେଶ୍ୱର, ଓଡ଼ିଶା।

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-27: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲାସ୍ତରୀୟ ଯୁଗ୍ମ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୩୦।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ସମ୍ବଲପୁର ଜିଲ୍ଲାରେ ତା୦୨।୦୬।୨୦୨୫ରିଖ (ସୋମବାର) ଦିନ ଶୀତଳ ଷଷ୍ଠୀ ଉପଲକ୍ଷେ ସ୍ଥାନୀୟ ଛୁଟି ଘୋଷଣା କରାଯାଇଥିବାରୁ ଯୁଗ୍ମ ଅଭିଯୋଗ ଶୁଣାଣି ତା୦୨।୦୬।୨୦୨୫ରିଖ (ସୋମବାର) ପରିବର୍ତ୍ତେ ତା୦୩।୦୬।୨୦୨୫ରିଖ (ମଙ୍ଗଳବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଯୁଗ୍ମ ଶୁଣାଣି କାର୍ଯ୍ୟକ୍ରମ ତା୦୨।୦୬।୨୦୨୫ରିଖ (ସୋମବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ–ତଥା–ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0133/2526

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India
Great Place To Work. Certified

**ସୂଚନା**

ଦୟା କରି ଧ୍ୟାନ ଦିଅନ୍ତୁ: କର୍ମଚାରୀ ପରିବାର ଲାଭ ଯୋଜନା (ଇଏଫବିଏସ)ରେ ପଞ୍ଜିକୃତ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପୂର୍ବତନ କର୍ମଚାରୀ/ଦିବଙ୍ଗତ ପୂର୍ବ କର୍ମଚାରୀଙ୍କ ସ୍ୱୀକୃତ ପ୍ରତିନିଧି

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପୂର୍ବତନ କର୍ମଚାରୀ କିମ୍ବା ଦିବଙ୍ଗତ କର୍ମଚାରୀଙ୍କ ସ୍ୱୀକୃତ ପ୍ରତିନିଧି, ଯେଉଁମାନେ କର୍ମଚାରୀ ପରିବାର ଲାଭ ଯୋଜନାରେ ପଞ୍ଜିକୃତ ଏବଂ ଯାହାଙ୍କର ଅବସରକାଳୀନ ତାରିଖ ଅତିକ୍ରମ ହୋଇସାରିଛି, କିନ୍ତୁ ଏପର୍ଯ୍ୟନ୍ତ ଇଏଫବିଏସ ଯୋଜନା ଅଧୀନରେ ଜମା ହୋଇଥିବା ସେମାନଙ୍କର ଭବିଷ୍ୟନିଧି ପାଣ୍ଠି (ପିଏଫ) ଏବଂ ଗ୍ରାଚ୍ୟୁଇଟି ରାଶି ଦାବି କରିନାହାଁନ୍ତି, ସେମାନଙ୍କୁ ସେମାନଙ୍କର ବିବରଣୀ ଯାଞ୍ଚ କରିବାକୁ ଅନୁରୋଧ କରାଯାଉଛି।

ଏହିପରି ବ୍ୟକ୍ତିମାନଙ୍କର ଏକ ତାଲିକା ସମ୍ପର୍କ ପୋର୍ଟାଲ https://sampark.sailrsp.co.inରେ ଉପଲବ୍ଧ। ଯଦି ଆପଣଙ୍କ ନାମ ତାଲିକାରେ ରହିଛି, ତେବେ ଆପଣଙ୍କୁ ଅଧିକ ସହାୟତା ପାଇଁ ଆରଏସପିର ଇଆର ଆଣ୍ଡ ସି ବିଭାଗ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।

ଯୋଗାଯୋଗ ନମ୍ବର: ୦୬୬୧-୨୪୪୮ ୫୦୬ (କାର୍ଯ୍ୟାଳୟ ସମୟ ନିର୍ଘଣ୍ଟ ମଧ୍ୟରେ)
ପୂର୍ବରୁ ଆବେଦନ କରିସାରିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ସୂଚନା ପ୍ରଯୁଜ୍ୟ ନୁହେଁ।

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

# ପେନ୍‌ସନ ନିୟମରେ ସଂଶୋଧନ
# ବଢ଼ିଲା ଗ୍ରାଚୁଇଟି ପରିମାଣ

ଭୁବନେଶ୍ୱର,୩୦।୫
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଚାକିରିଆଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଡ଼ିଶା ସିଭିଲ ସର୍ଭିସ(ପେନ୍‌ସନ) ନିୟମ–୧୯୯୨ରେ କେତେକ ସଂଶୋଧନ ଅଣାଯାଇଛି। ଦିବ୍ୟାଙ୍ଗ ଓ ସ୍ୱାମୀ ପରିତ୍ୟକ୍ତା ଏବଂ ଝିଅମାନଙ୍କ ଭବିଷ୍ୟତକୁ ନିଶ୍ଚିତ କରାଯାଇଛି। ଏହାସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ଟିଦିଗରେ ନିୟମରେ ସଂଶୋଧନ କରାଯିବା ସହିତ ସରକାରୀ ଚାକିରିଆଙ୍କ ପରିବାରକୁ ଏକପ୍ରକାର ସୁରକ୍ଷା ବଳୟ ଭିତରକୁ ନିଆଯାଇଛି।

ଗୁରୁବାର ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ, ଏଣିକି ଓଡ଼ିଶା ସରକାରଙ୍କ ଚାକିରିଆମାନେ ଯଦି ଇସ୍ତଫା ଦିଅନ୍ତି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କ ଇସ୍ତଫା ପତ୍ରକୁ ୯୦ଦିନ ମଧ୍ୟରେ ଫେରାଇ ନେବାକୁ ଚାହିଁବେ ତେବେ ସରକାର ତାକୁ ଗ୍ରହଣ କରିବେ। ମାତ୍ର ପୂର୍ବରୁ ସରକାରୀ ଚାକିରିଆ ଯଦି ଚାକିରିରୁ ଇସ୍ତଫା ଦେଉଥିଲେ ତାଙ୍କ ପାଇଁ ଏସଂକ୍ରାନ୍ତରେ କୌଣସି ସ୍ୱତନ୍ତ୍ର ମାର୍ଗଦର୍ଶିକା ନ ଥିଲା। ମାତ୍ର ଭାରତ ସରକାରଙ୍କ ଚାକିରିଆଙ୍କ କ୍ଷେତ୍ରରେ ଇସ୍ତଫା ଓ ସ୍ୱେଚ୍ଛାକୃତ ଅବସରର ପୁନର୍ବାର ସୁଯୋଗ ରହିଥିଲା।

ସେହିପରି ଯେଉଁ କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ଥିବ, ମାତ୍ର ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ନ ଥିବେ ସେ କ୍ଷେତ୍ରରେ ସଂପୃକ୍ତ ଚାକିରିଆଙ୍କୁ ପେନ୍‌ସନ ମିଳିପାରିବ। ମାତ୍ର ପୂର୍ବରୁ ଉକ୍ତ ମାମଲାର ନିର୍ଯ୍ୟାସ କିମ୍ବା ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ପେନ୍‌ସନ ମିଳୁ ନ ଥିଲା।

ସଂଶୋଧନ ଅନୁଯାୟୀ, ପୂର୍ବରୁ ସରକାରୀ ଚାକିରିଆମାନେ ଅବସର ବେଳେ ଅତି ବେଶିରେ ୧୫ଲକ୍ଷ ଟଙ୍କା ଗ୍ରାଚୁଇଟି ବାବଦକୁ ପାଉଥିବାବେଳେ ଏବେ ଏହି ପରିମାଣ ୨୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ବିଚାରପତିଙ୍କ କ୍ଷେତ୍ରରେ ଏହା ୨୦ଲକ୍ଷରୁ ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଦିବ୍ୟାଙ୍ଗମାନେ ଜୀବନସାରା ଫ୍ୟାମିଲି ପେନ୍‌ସନ ପାଇବେ। ଏହାବାଦ୍ ବିଧବା ଓ ସ୍ୱାମୀ ପରିତ୍ୟକ୍ତାମାନେ ଫ୍ୟାମିଲି ପେନ୍‌ସନ ପାଇବାକୁ ରହିଥିବାବେଳେ ଦିବ୍ୟାଙ୍ଗ ଝିଅ ବାହାଘର ପରେ ଏଣିକି ପେନ୍‌ସନ ପାଇପାରିବ। ଏହାବାଦ୍ ପେନ୍‌ସନ ନିୟମରେ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଅଣାଯାଇଛି ବୋଲି ଅର୍ଥ ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି।

Govt. of India | भारत सरकार
Ministry of Skill Development and Entrepreneurship | कौशल विकास और उद्यमशीलता मंत्रालय
Directorate General of Training | प्रशिक्षण महानिदेशालय
**National Skill Training Institute, Bhubaneswar** | **राष्ट्रीय कौशल प्रशिक्षण संस्थान, भुवनेश्वर**
NSIC Building, 5th Floor, IDCO Plot No.06, Mancheswar | एन.एस.आई.सी. बिल्डिंग, 5 वीं मंजिल, आई.डी.सी.ओ. प्लॉट नंबर-06.
Industrial Estate, Bhubaneswar, Odisha - 751010 | मांचेस्वर इंडस्ट्रियल एस्टेट, भुवनेश्वर, ओडिशा - 751010
Skill India

**CTS ADMISSION NOTICE 2025-26**

National Skill Training Institute, Bhubaneswar, is an institute under the Directorate General of Training (DGT), Ministry of Skill Development & Entrepreneurship, Government of India. It offers NCVET-approved, NSQF-aligned ITI courses under the Craftsmen Training Scheme (CTS) for candidates who have passed Class X, starting from September 2025.

| Sl. No | Trade | NSQF Level | Entry Qualification | Duration | No. of Seats |
|---|---|---|---|---|---|
| 1 | Solar Technician (Electrical) | Level-3 | Passed 10th class examination with Science and Mathematics. | 01 Year | 20 |
| 2 | Drone Technician | | | 06 Months | 24 |
| 3 | Artificial Intelligence Programming Assistant (AIPI) | | | 01 Year | 24 |

**Admission Procedure :**
- Age : Minimum 14 years as on first day of academic session. No upper age limit.
- Admission shall be made on the basis of marks obtained in 10th class examination.
- Registration fees Rs. 50/- for Gen/OBC candidates. No Registration fee for SC/ST candidates
- Admission fee Rs.100/- for Gen/OBC candidates & Rs. 25/- for SC/ST/EWS candidates.
- Tuition fee @ Rs. 150/- per month for GL and OBC, Rs. 50/- per month for SC, ST, EWS, PH candidates. No tuition fees for girl candidates as per DGT guidelines.
- Central reservation policy will be followed in the admission process.
- Well-equipped A/C Lab & Classrooms, IT Lab, library & Wi-Fi with experienced faculties are available.
- Eligible candidates can scan the QR code given, fill the Google form and submit online. For offline can download the application forms from the website: https://nstibhubaneswar.dgt.gov.in or can be collected from the institute. Filled in applications with copies or required documents should be submitted at the institute or may be sent through speed post. Selected candidates will be called for admission.
  Google form Link: https://forms.gle/w6xcy3Mp3S1rc1wm9
- Copy of documents to be attached along with application form:
  1. Mark sheets/ Certificate
  2. Aadhaar card.
  3. Caste/ Community certificate from appropriate authorities for SC/ST/OBC candidates.
  4. Two passport size recent colour photos.
- For other details see the prospectus available on the website https://nstibhubaneswar.dgt.gov.in
  For any assistance contact: 0674-2580444/8594819990 (Training section)

**LAST DATE FOR SUBMISSION OF APPLICATION: 30-06-2025**

Sd./- PRINCIPAL, NSTI, BHUBANESWAR

**OFFICE OF THE EXECUTIVE ENGINEER, ROAD CONSTRUCTION DEPARTMENT, ROAD DIVISION, GUMLA**
**e-Procurement Notice**
_e-Tender Reference No. RCD/GUMLA/ 325
Date:- 29.05.2025

| | | |
|---|---|---|
| 1. | Name of the work | Improvement of Riding Quality Work of Nathpur- Marda- Tukutoli Bagma Road (0.00 to 20.750 Km) under Road Division, Gumla for The year 2025-26 |
| 2. | Estimated Cost (Rs.) | Rs.- 13,19,70,758.00(Rs. Thirteen Crore Nineteen lacs Seventy Thousand Seven Hundred Fifty Eight) Only. |
| 3. | Time of Completion | 6 Months |
| 4. | Last date/Time for receipt of bids | 24/06/2025 Up to 12:00 Noon |
| 5. | Date of Publication of Tender on website | 03/06/2025 From 10:30 A.M. |
| 6. | Opening Date of Tender | 26/06/2025 12.30 PM |
| 7. | Name & address of office Inviting tender | Executive Engineer, Road Construction Department, Road Division, Gumla. |
| 8. | Contact no. of e-Procurement officer | 06524-222097 |
| 9. | Helpline number of e-Procurement cell | 0651-2401010 |

1. Tender amount can be increased or decreased.
2. Details can be seen on website https://jharkhandtenders.gov.in
3. Cost of bidding document & bid security shall be payable online in adherence to memo No -120 Dt- 03.10.2023 of IT & e-governance Department, Govt. of Jharkhand.

sd/-
Executive Engineer,
RCD, Road Division, Gumla

PR 353893 Road(25-26)D

## ସଂକ୍ଷେପରେ

### ବଟି ମାଗି ଜଣେ ଗିରଫ

**ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି):** ଦାଦାବଟି ମାଗିବା ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ଅଳଗୁମ ଗ୍ରାମର ସତ୍ୟବ୍ରତ ପ୍ରଧାନ (୧୯)। ପୋଲିସ ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଅଫୁଟା ବୋମା, ବାଇକ, ମୋବାଇଲ ଫୋନ ଏବଂ ନଗଦ ୬୦୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ସତ୍ୟବ୍ରତ ଜଗନ୍ନାଥ ସଡ଼କ ଶିରୁଳି ମହାବୀର ରାସ୍ତା କନେଶ୍ୱର ଛକଠାରେ ବନ୍ଧୁକ ଦେଖାଇ ଲୋକଙ୍କ ନିକଟରୁ ବଟି ଆଦାୟ କରୁଥିଲେ। ଖବର ପାଇ ପୋଲିସ ସେଠାରେ ଚଢାଉ କରି ସତ୍ୟବ୍ରତଙ୍କୁ ଗିରଫ କରିଥିଲା।

### ପଛରୁ ପିଟିଲା ହାଇୱା, ହେଲ୍‌ପର ଗୁରୁତର

**ନିମାପଡ଼ା,୩୦।୫(ରଞ୍ଜନ ପଟ୍ଟନାୟକ):** ନିମାପଡ଼ା-ପିପିଲ ମୁଖ୍ୟରାସ୍ତାର ତଳଅଣ୍ଡିଆ ଛକ ନିକଟରେ ରାସ୍ତାରେ ଠିଆ ହୋଇଥିବା ହାଇୱାକୁ ପଛପଟୁ ଅନ୍ୟ ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣା ଘଟାଇଥିବା ହାଇୱା ହେଲ୍‌ପର ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପ୍ରତିଦିନ ବିଳମ୍ବିତ ରାତିରେ ଚୋରା ବାଲି ନେଇ ପରିବହନ କରୁଥିବାରୁ ଏଭଳି ଘଟଣା ଘଟୁଛି। ପ୍ରଶାସନର ଅପାରଗତାକୁ ନେଇ ବେଆଇନ ଭାବେ ବାଲିମାଫିଆମାନେ ଟ୍ରାକ୍ଟର ଏବଂ ହାଇୱା ସାହାଯ୍ୟରେ ଚୋରା ବାଲିଚାଲାଣ କରୁଛନ୍ତି। ଚୋରା ବାଲି ପରିବହନ ଯୋଗୁ ଏମାନେ ଦ୍ରୁତଗତିରେ ଗୋଚାଲାଣ କରୁଛନ୍ତି। ଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟିଚାଲିଛି। ଗୁରୁବାର ବିଳମ୍ବିତ ରାତିରେ ଦ୍ରୁତଗତିରେ ଆସି ପଛପଟୁ ଅନ୍ୟ ଏକ ହାଇୱାକୁ ଧକ୍କା ଦେଇଥିଲା। ଏ ଘଟଣା ସମ୍ପର୍କରେ ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଛି।

### ଇସ୍ରୋ ବୁଲି ଫେରିଲେ ଓଡ଼ିଶା ଛାତ୍ରୀଛାତ୍ର

**ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା) :** ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଥିବା ପଠାଣୀ ସାମନ୍ତ ପ୍ଲାନେଟାରିୟମ ଓ ଟାଟା ଷ୍ଟିଲ ସହଯୋଗିତାରେ ଅନୁଷ୍ଠିତ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ) ୨୦୨୪ର ବିଜେତାମାନେ ବେଙ୍ଗାଲୁରୁସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣ କରି ଫେରିଛନ୍ତି। ୫ ଦିନିଆ ଯାତ୍ରାରେ ସେମାନେ ଇସ୍ରୋ ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱର୍କ (ଆଇଆଏସଟିଆରଏସି) ଓ ୟୁଆର୍ ରାଓ ଉପଗ୍ରହ କେନ୍ଦ୍ର (ୟୁଆରଏସ୍‌ସି) ପରିଦର୍ଶନ କରିଥିଲେ। ଉପଗ୍ରହ, ଟେଲିମେଟ୍ରି ଓ ମିଶନ ଯୋଜନାର ଦୁନିଆ ବିଷୟରେ ଅନେକ ଜ୍ଞାନ ଆହରଣ କରିବା ସହ ଇସ୍ରୋର ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କ ସହ ସିଧାସଳଖ ଆଲୋଚନା କରିବାର ସୁଯୋଗ ପାଇଥିଲେ। ଏଥିସହ ସେମାନେ ଆଇଏସ୍‌ଟିଆର୍‌ଏସିର ଉପ ନିର୍ଦ୍ଦେଶକ ଏମ୍. ଆର୍. ରାଘବେନ୍ଦ୍ର ଓ ଏଚ୍‌ଆର୍‌ଏଲ୍‌ଡିର ଡିଭିଜନ ହେଡ୍, ବୈଜ୍ଞାନିକ ବି. ଶଙ୍କର ମଦାସାମୀଙ୍କ ସହ ଭାରତୀୟ ମହାକାଶ ମିଶନ ଓ ଅତ୍ୟାଧୁନିକ ଗବେଷଣା ସମ୍ପର୍କରେ କଥା ହୋଇଥିଲେ।

# ଆଳୁଚାଷ, ତାଲିମ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କର: ହରିଚନ୍ଦନ

**ବାଣପୁର ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ**

ବାଣପୁର,୩୦।୫(ଦିଲୀପ କୁମାର ସ୍ୱାଇଁ)

ବାଣପୁର ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କୃଷି ବିଭାଗ, ଜଳଯୋଗାଣ ଓ ପରିମଳ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ମତ୍ସ୍ୟ ଚାଷ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ଆଳୁ ଉତ୍ପାଦନରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ବାଣପୁର ଅଞ୍ଚଳରେ ଚାଷୀଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିନିମନ୍ତେ ଆସନ୍ତା ୧୫ଦିନ ମଧ୍ୟରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ପାଇଁ ଉଦ୍ୟାନ କୃଷି ଅଧିକାରୀଙ୍କୁ ମନ୍ତ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚାଷୀଙ୍କ ଉତ୍ପାଦିତ ଖାଦ୍ୟଶସ୍ୟର ରପ୍ତାନୀ ବୃଦ୍ଧି କରିବା, ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସହିତ ଅଭାବି ବିକ୍ରିକୁ ରୋକିବାର ଲକ୍ଷ୍ୟ ନେଇ ବାଣପୁର ଅଞ୍ଚଳରେ ଏକ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ନିଷ୍ପତି ହୋଇଛି। ବାଣପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ ସୌନ୍ଦର୍ଯ୍ୟ ଓ ସୁଗନ୍ଧ ବିତରଣ କରୁଥିବା ଗେଣ୍ଡୁଫୁଲ, ମଲ୍ଲୀ ଫୁଲ ଚାଷ ପାଇଁ ଉପଯୁକ୍ତ ତାଲିମ ପ୍ରଦାନ ସହ ଉନ୍ନତ ପ୍ରଣାଳୀରେ ଚାଷ ପାଇଁ ପ୍ରତ୍ୟେକ ଚାଷୀଙ୍କୁ ପରାମର୍ଶ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଖୋର୍ଦ୍ଧା ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ବିଡିଓ ଶୀତଲ ଅଗ୍ରୱାଲ, ତହସିଲଦାର ଟି.ପଦ୍ମନାଭ ଦୋରାଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲାପରିଷଦ ସଭ୍ୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ସାଧାରଣ ଅଧିବେଶନରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୩୦।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତାଲୁକା ଆଇନ ସେବା କମିଟି ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଦୂଷଣ ପରିବେଶ ସୁରକ୍ଷା ଉଲ୍ଲଂଘନ ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ ବାଜପୁର ହାଇସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଦେୱାନୀ ବିଚାରପତି ବରିଷ୍ଠ ରାଜେଶ ରୋଶନ ନନ୍ଦ, ଏସ୍‌ଡିଜେଏମ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ଜେଏମ୍‌ଏଫ୍‌ସି ମିସ ଦେବସ୍ମିତା, ଆଇନଜୀବୀ କୃଷ୍ଣ ଦଳବେହେରା, ଶିବ ପ୍ରସାଦ ତ୍ରିପାଠୀ, ଶିକ୍ଷକ ଲଲାଟ କିଶୋର ପ୍ରଧାନ, ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଚାରପତି ନନ୍ଦ ତାଲୁକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ କହିଥିଲେ। ଏସ୍‌ଡିଜେଏମ୍ ପୃଷ୍ଟି ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ସହାୟତା ନେଇପାରିବେ ତାହା ଉପରେ କହିଥିଲେ। ପ୍ୟାନେଲ ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସମ୍ପାଦକ ବସନ୍ତ କୁମାର ଶତପଥୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିମାନେ କବିତା ଗ୍ରନ୍ଥ ଉନ୍ମୋଚନ କରୁଛନ୍ତି।

## ଅଧ୍ୟାପିକା କବିତା ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୩୦।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟା କବିତା ସ୍ୱାଇଁଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗୀୟ ମୁଖ୍ୟ ଗୀତା ରାଣୀ ପାଢ଼ୀ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ରାୟସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କବିତାଙ୍କ ଅଧ୍ୟାପନା ଜୀବନୀ, ଛାତ୍ରୀଙ୍କ ପ୍ରତି ବତ୍ସଳତା ସମ୍ପର୍କରେ ଆଲୋକପାତ ସହ କବିତା ଗ୍ରନ୍ଥ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରମାକାନ୍ତ ପ୍ରଧାନ, ଅଧ୍ୟାପିକା ସୁଶ୍ରୀ କଳ୍ପନା ରଣା, ଅଧ୍ୟାପିକା ସାନ୍ତ୍ୱନା ବେହେରା, ମନ୍ଦାକିନୀ ତ୍ରିପାଠୀ, ଅଧ୍ୟାପକ କଲ୍ୟାଣ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ.ପ୍ରବୀଣ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ଇତିହାସ ବିଭାଗର ଛାତ୍ରୀ, ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ଅଧ୍ୟାପିକା କଳ୍ପନା ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ନାରାୟଣଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ବେଗୁନିଆ,୩୦।୫(ସନ୍ଧ୍ୟାରାଣୀ ମିଶ୍ର)

**ସହାୟତା ପାଇଁ ପରିବାରର ନିବେଦନ**



ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଳକ ଗ୍ରାମର ନାରାୟଣ ବରାଳ(୨୭)। ଦୁର୍ଘଟଣାରେ ଆହତ ହୋଇ କୋମାରେ ରହି ଏକ ମାସ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ପ୍ରତିଦିନ ଚିକିତ୍ସା ପାଇଁ ୭ରୁ ୮ ହଜାର ଟଙ୍କା ଯୋଗାଇବା ସମ୍ଭବପର ହେଉ ନ ଥିବା ତାଙ୍କ ବାପା ପ୍ରଭାକର କହିଛନ୍ତି।

ନାରାୟଣଙ୍କ ଦୁର୍ଘଟଣା ଘଟିବା ପରେ ପରିବାରଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଏବଂ ସେଠାରେ ଆଇସିୟୁ ନ ମିଳିବାରୁ ଏକ ଘରୋଇ ହସ୍ପିଟାଲରେ ସେ ଏବେ ଚିକିତ୍ସିତ ହେଉଛନ୍ତି। ବିଏସକେୱାଇ କାର୍ଡ ମାଧ୍ୟମରେ ୧୯ଦିନ ଚିକିତ୍ସା କରିବା ପରେ ପୁନର୍ବାର ଆଉ ଗୋଟିଏ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇ ପ୍ରତ୍ୟହ ଟଙ୍କା ପୈଠ କରି ଚିକିତ୍ସା ଚାଲୁରହିଛି। ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ପଡୁଥିବାରୁ ପରିବାରଲୋକ ଧାର କରି ତାଙ୍କର ଚିକିତ୍ସା କରୁଛନ୍ତି। ଅର୍ଥ ଅଭାବ ଯୋଗୁ କିପରି ଚିକିତ୍ସା କରିବେ ସେହି ଚିନ୍ତାରେ ଏବେ ପରିବାରଲୋକେ ଭାଙ୍ଗି ପଡିଛନ୍ତି। ପ୍ରଶାସନ କିମ୍ବା କେହି ବଦାନ୍ୟ ବ୍ୟକ୍ତି ନାରାୟଣଙ୍କ ଚିକିତ୍ସା ପାଇଁ ସହଯୋଗ କରିବା ଲାଗି ପରିବାରଲୋକ ନିବେଦନ କରିଛନ୍ତି।

# ପ୍ରଥମ ଦିନରେ ୪୫୦୦ ଚାଷୀଙ୍କୁ ନୂତନ ଜ୍ଞାନକୌଶଳ ତାଲିମ

ଭୁବନେଶ୍ୱର, ୩୦।୫ (ସୌମ୍ୟରଞ୍ଜନ ରାଉତ)

**ଆଇଆଇଡବ୍ଲ୍ୟୁଏମ୍ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ**

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଆଇସିଏଆର୍, ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଏବଂ ରାଜ୍ୟ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ବିକଶିତ କୃଷି ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି। ଆଇସିଏଆର୍ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇଆଇଡବ୍ଲ୍ୟୁଏମ୍) ବାଲେଶ୍ୱର, ନୟାଗଡ ଓ ଗଞ୍ଜାମ ଜିଲାରେ ବିକଶିତ କୃଷି ସଂକଳ୍ପ ଅଭିଯାନର ନେତୃତ୍ୱ ନେଉଛି। ପ୍ରତି ଜିଲାକୁ ତିନୋଟି ଲେଖାଏ ଭାଗରେ ବିଭକ୍ତ କରି ପ୍ରତି ଟିମ୍‌ରେ ଆଇସିଏଆର ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ରାଜ୍ୟ କୃଷି ବିଭାଗର ଅଧିକାରୀମାନେ ସାମିଲ ଅଛନ୍ତି। ଏହି ବିଶେଷଜ୍ଞ ଟିମ ଚାଷୀମାନଙ୍କୁ କୃଷି ପରାମର୍ଶ ଦେବା ସହିତ ମତ୍ସ୍ୟ ଓ ପଶୁପାଳନ ସମ୍ବନ୍ଧିତ ନୂତନ ଜ୍ଞାନ କୌଶଳର ଲିଫଲେଟ ବାଣ୍ଟୁଛନ୍ତି। ପ୍ରଥମ ଦିନରେ ବାଲେଶ୍ୱର, ଗଞ୍ଜାମ ଏବଂ ନୟାଗଡ ଜିଲାର ବିଭିନ୍ନ ବ୍ଲକରେ ମୋଟ ୪୫୦୦ ଚାଷୀଙ୍କୁ କୃଷି ସମ୍ବନ୍ଧିତ ନୂତନ ଜ୍ଞାନ କୌଶଳ ବିଷୟରେ ତାଲିମ ଦିଆଯିବା ସହ ସେମାନଙ୍କ କୃଷି, ପଶୁପାଳନ ଏବଂ ମାଛ ଚାଷ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ପ୍ରଦାନ କରାଯାଇଛି। ଏହି ଅବସରରେ ଆଇଆଇଡବ୍ଲ୍ୟୁଏମ୍‌ର ନିର୍ଦ୍ଦେଶକ ଡ. ଅର୍ଜମାଦତ୍ତ ଷଡଙ୍ଗୀ ବର୍ଷା ଜଳ ସଂଗ୍ରହ ଓ କୃଷି କ୍ଷେତ୍ରରେ କମ୍ ଜଳ ଆବଶ୍ୟକ ହେଉଥିବା ନୂତନ ଜ୍ଞାନ କୌଶଳ ଆପଣେଇବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରଧାନ ବୈଜ୍ଞାନିକ ଓ ମିଡିଆ ପ୍ରଭାରୀ ଡ. ପ୍ରମୋଦ କୁମାର ପଣ୍ଡା କହିଛନ୍ତି, ଏହି ଅଭିଯାନ ଆଗାମୀ ଦିନରେ ଓଡିଶାର କୃଷି ଆୟ ବୃଦ୍ଧିରେ ନିଶ୍ଚୟ ସହାୟକ ହେବ। ତେଣୁ ସବୁ ଚାଷୀ ଭାଇଭଉଣୀଙ୍କୁ ଏହି ଅଭିଯାନରେ ଭାଗ ନେବା ପାଇଁ ସେ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜୁନ ୧୨ ପର୍ଯ୍ୟନ୍ତ ଚାଲିବ।

# ଲୋକନାଥ ଦେବଙ୍କ ପୀଠରେ ଶିବପାର୍ବତୀ ବିବାହ



ବେଗୁନିଆ,୩୦।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋଡ଼ା ଗ୍ରାମସ୍ଥିତ ଲୋକନାଥ ଦେବଙ୍କ ପୀଠରେ ଦେବଦମ୍ପତିଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ପୁରୋଧା ଗଦାଧର ପ୍ରହରାଜଙ୍କ ତତ୍ତ୍ୱାବଧାନରେ ଶିବଙ୍କ ପିତାଭାବେ କୈଳାସ ପ୍ରହରାଜ ଏବଂ ପାର୍ବତୀଙ୍କ ପିତା ମନମୋହନ ମହାପାତ୍ର ଉପବେସନ କରିବା ସହ ହୋମ ଓ ଯଜ୍ଞ କାର୍ଯ୍ୟ ସମାପନ କରାଯାଇଥିଲା। ଶନିବାର ମନ୍ଦିର ପରିସରରୁ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା ସହ ବନ୍ଦାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟନିର୍ବାହୀ ଶିକ୍ଷାବିତ୍ ଦାଶରଥି ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଉପସ୍ଥିତ ଥିଲେ।

# ପଞ୍ଚମହାଦେବଙ୍କ ପକ୍ଷରୁ କନ୍ୟାଚୋରି ନୀତି ସମ୍ପନ୍ନ

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)



ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଚତୁର୍ଥୀ ଅବସରରେ ଶୁକ୍ରବାର ପୁରୀର ପଞ୍ଚମହାଦେବ ପୀଠ ସହ ସହରସ୍ଥ ବିଭିନ୍ନ ଶୈବପୀଠରେ କନ୍ୟାଚୋରି ନୀତି ସମ୍ପନ୍ନ ହୋଇଛି। ପଞ୍ଚମହାଦେବ ପରମ୍ପରା ମୁତାବକ ପାର୍ବତୀଙ୍କୁ ଚୋରି କରିଛନ୍ତି। ଶନିବାର ରୀତିନୀତି ଅନୁଯାୟୀ ମା' ପାର୍ବତୀଙ୍କୁ ମହାଦେବ ବିବାହ କରିବେ। ଅନ୍ୟପକ୍ଷରେ ସୋମବାର ପବିତ୍ର ଶୀତଳଷଷ୍ଠୀ ପାଳନ ହେବ। କନ୍ୟାଚୋରି ଏବଂ ଶିବ ବିବାହ ଲାଗି ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପ୍ରଭୁ ଶ୍ରୀଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ ଏବଂ ନୀଳକଣ୍ଠେଶ୍ୱରଙ୍କୁ ବିବେଚନା କରାଯାଇଥାଏ। ପରମ୍ପରା ଅନୁଯାୟୀ, ପଞ୍ଚମହାଦେବ ଶ୍ୱଶୁରଘରକୁ ଯାଇ ପାର୍ବତୀଙ୍କୁ ଚୋରିକରି ସାଙ୍ଗରେ ନେଇ ବିବାହ କରିଥାନ୍ତି। ବିବାହ ପରେ ସାହି ପରିକ୍ରମା କରି ପନ୍ତି ଖାଇଥାନ୍ତି। ଏଭଳି ପରମ୍ପରା କେବଳ ଶ୍ରୀକ୍ଷେତ୍ରରେ ହିଁ ଦେଖିବାକୁ ମିଳିଥାଏ। କନ୍ୟାଚୋରି ନୀତି ପରେ ପ୍ରତ୍ୟେକ ଠାକୁର ସ୍ୱମନ୍ଦିରକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କ ମାଘସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ସନ୍ଧ୍ୟାଧୂପ ଏବଂ ବଡ଼ସିଂହାର ନୀତି ସମ୍ପନ୍ନ ହୋଇ ପହୁଡ଼ ନୀତି ହୋଇଥିଲା।

# ମୌସୁମୀ ପାଇଁ ପୂର୍ବତଟ ରେଳପଥର ପ୍ରସ୍ତୁତି



ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା)

ମୌସୁମୀରେ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକରେ ସୁରକ୍ଷିତ ଟ୍ରେନ୍ ପରିଚାଳନା ପାଇଁ ପୂର୍ବତଟ ରେଳପଥ ଆଗୁଆ ନିରାପତ୍ତା ପଦକ୍ଷେପ ଗ୍ରହଣ କରିଛି। ଜଳ ନିଷ୍କାଶନ ପରିଚାଳନା, ପାଟ୍ରୋଲିଂ, ସିଗ୍‌ନାଲିଂ ଯାଞ୍ଚ ଓ ପାଣିପାଗ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ରେଳପଥ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସହିତ ଏବଂ ଡ୍ୟାମ ଜଳ ଛାଡ଼ିବା ସମ୍ପର୍କରେ ଅପଡେଟ ପାଇଁ ଜିଲା କର୍ତ୍ତୃପକ୍ଷଙ୍କ ସହିତ ନିରନ୍ତର ସମନ୍ୱୟରେ ରହିଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମୌସୁମୀ ପ୍ରସ୍ତୁତି ଏବଂ ସତର୍କତାର ସମୀକ୍ଷା କରିଛନ୍ତି। ଯେକୌଣସି ବର୍ଷାଜନିତ ଘଟଣା ଘଟିଲେ ଶୀଘ୍ର କାର୍ଯ୍ୟ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୌସୁମୀ ଆରମ୍ଭ ହେବା ପୂର୍ବରୁ ବର୍ଷା ଜଳର ମୁକ୍ତ ପ୍ରବାହ ସୁନିଶ୍ଚିତ କରିବା ପାଇଁ କ୍ୟାଚ୍ ୱାଟର ଡ୍ରେନ ଏବଂ ପାର୍ଶ୍ୱ ଡ୍ରେନ୍‌ଗୁଡ଼ିକୁ ପଙ୍କ, ଗଛଲତା ଏବଂ ଅନ୍ୟାନ୍ୟ ବାଧାରୁ ମୁକ୍ତ କରାଯାଇଛି। ସେତୁର ଜଳପଥଗୁଡ଼ିକ ଗଛଲତା ଏବଂ ଅନ୍ୟାନ୍ୟ ବାଧାରୁ ମୁକ୍ତ କରାଯାଇଛି। ରେଳ ପ୍ରଭାବିତ ଟ୍ୟାଙ୍କ ଏବଂ କାର୍ଯ୍ୟଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନସ୍ତରରେ ରାଜ୍ୟ ଜଳସେଚନ ବିଭାଗ ଅଧିକାରୀଙ୍କ ସହିତ ସମନ୍ୱୟ ବୈଠକ କରାଯାଉଛି। ନଦୀ ଜଳ ନିଷ୍କାସନ କାର୍ଯ୍ୟ ଏବଂ ଆବଶ୍ୟକ ସ୍ଥଳେ ମରାମତି କରାଯାଇଛି। କେନାଲ କ୍ଷେତ୍ରରେ ପୂର୍ଣ୍ଣ ଯୋଗାଣ ସ୍ତର ଏବଂ ସେତୁ କ୍ଷେତ୍ରରେ ବିପଦସ୍ତର ପାଟ୍ରୋଲମ୍ୟାନ, ଷ୍ଟେଶନାରୀ ୱାଚମ୍ୟାନ ଓ ଲୋକୋ ପାଇଲଟମାନଙ୍କୁ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବା ପାଇଁ ଆବଟମେଣ୍ଟ ସଂଲଗ୍ନ ପ୍ରତ୍ୟେକ ଘାଟରେ ଉଜ୍ଜ୍ୱଳ ଲାଲ ପଟି ସହିତ ରଙ୍ଗ କରାଯାଇଛି। ଦୁର୍ବଳ ପାହାଡିଆ ଅଞ୍ଚଳରେ ବିପଦ ଏଡ଼ାଇବା ପାଇଁ କୋଟ୍ଟାଭାଲସା-କିରାଣ୍ଡୁଲ ଲାଇନ ଏବଂ କୋରାପୁଟ-ରାୟଗଡା ଲାଇନ ଭଳି ଗୁରୁତ୍ୱପୂର୍ଣ୍ଣ ରେଳ ମାର୍ଗରେ ଭୂସ୍ଖଳନ ଓ ଖସୁଥିବା ପଥର ଅଟକାଇବା ପାଇଁ ଢାଲ ସହିତ ସୁରକ୍ଷାମୂଳକ ଜାଲ ସ୍ଥାପନ, ନିୟମିତ ଭୂତାତ୍ତ୍ୱିକ ଯାଞ୍ଚ ଏବଂ ଢାଲ ଅସ୍ଥିରତାର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ପାଇଁ ଉନ୍ନତ ମନିଟରିଂ ସିଷ୍ଟମ ନିୟୋଜନ ଆଦି କାର୍ଯ୍ୟ କରାଯାଉଛି।

# ନାରୀବାଦୀ ସାହିତ୍ୟ ଏକ ପୃଥକ୍ ସତ୍ତା ନୁହେଁ: ପ୍ରତିଭା ରାୟ

**ରାଷ୍ଟ୍ରପତି ଭବନରେ ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ**

ଭୁବନେଶ୍ୱର, ୩୦।୫ (ସୌମ୍ୟରଞ୍ଜନ ରାଉତ)




ସାହିତ୍ୟ ସମ୍ମିଳନୀ ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥିମାନେ।

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଚାଲିଥିବା ସାହିତ୍ୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ତିନିଟି ଅଧିବେଶନରେ ଆୟୋଜିତ 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ' ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଓଡ଼ିଆ ଲେଖିକା ପ୍ରତିଭା ରାୟ ଯୋଗଦେଇ କହିଲେ, ନାରୀମାନଙ୍କ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ୱର, ବିଶ୍ୱଦୃଷ୍ଟି ଏବଂ ଜୀବନ ପ୍ରତି ଭିନ୍ନ ଦୃଷ୍ଟିକୋଣ ରହିଛି। ନାରୀବାଦୀ ସାହିତ୍ୟ ଏକ ପୃଥକ ସତ୍ତା ନୁହେଁ, ବରଂ ସୃଜନଶୀଳତାର ଏକ ବିବିଧ ପରିପ୍ରକାଶ। ସେ ଓଡ଼ିଆ କବି ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ସମ୍ପର୍କରେ ଉଲ୍ଲେଖ କରିବା ପୂର୍ବକ ଭାରତରେ ନାରୀବାଦୀ ସାହିତ୍ୟର ମୂଳଦୁଆ ସ୍ଥାପନର ଶ୍ରେୟ ତାଙ୍କୁ ଦେଇଥିଲେ। ହିନ୍ଦୀ ଲେଖିକା ଅନାମିକା କହିଥିଲେ, ଭାରତୀୟ ନାରୀବାଦୀ ସାହିତ୍ୟ ସମ୍ପର୍କକୁ ପୁନଃପରିଭାଷିତ କରୁଛି। ତାମିଲ ଲେଖିକା ତାମିଲଚି ଥଙ୍ଗପାଣ୍ଡିଆନ ତାମିଲ ଏବଂ ଦ୍ରାବିଡ଼ଙ୍କ ଉପରେ ଆଲୋକପାତ କରିଥିଲେ। ଇଂଲିଶ ଲେଖିକା ଅନୁଜା ଚନ୍ଦ୍ରମୌଳି କହିଲେ, ନାରୀବାଦୀ ସାହିତ୍ୟ ଶତାବ୍ଦୀର ନୀରବତା ଏବଂ ବନ୍ଧନକୁ ଭାଙ୍ଗି ସାଂସ୍କୃତିକ ଦୃଶ୍ୟପଟକୁ ଗଭୀର ଭାବରେ ପ୍ରଭାବିତ କରିଛି। ହିନ୍ଦୀ ଲେଖିକା ମହୁଆ ମାଝୀ କହିଲେ, ମହିଳା ପ୍ରସଙ୍ଗ ଉପରେ ଆଲୋଚନା ପୁରୁଷ ବିରୋଧୀ ନୁହେଁ, ବରଂ ପୁରୁଷବାଦୀ ମୂଲ୍ୟବୋଧକୁ ତାହା ଆହ୍ୱାନ କରେ। ଇଂଲିଶ ଲେଖିକା ପ୍ରୀତି ସେନାୟ କହିଲେ, ଲେଖା ମାଧ୍ୟମରେ ନାରୀମାନେ ପୁନର୍ବାର ଶକ୍ତି ହାସଲ କରନ୍ତି। ପ୍ରତ୍ୟେକ ଶବ୍ଦ ଏବଂ ସ୍ୱର ସହିତ ବୃଦ୍ଧି ପାଉଥିବା ଏକ ନୀରବ ବିପ୍ଳବକୁ ଜନ୍ମ ଦିଅନ୍ତି, ସ୍ଥିତାବସ୍ଥାକୁ ଆହ୍ୱାନ କରନ୍ତି ଏବଂ ପରିବର୍ତ୍ତନକୁ ପ୍ରେରଣା ଦିଅନ୍ତି। ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ନାରୀ ସାହିତ୍ୟର ସମୃଦ୍ଧି ଦିଗରେ ଏକାଡେମୀର କାର୍ଯ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ। ନାରୀ ସାହିତ୍ୟର ପ୍ରୋତ୍ସାହନ ଓ ସ୍ୱରକୁ ସୁଦୃଢ଼ କରିବା ପାଇଁ ଏକାଡେମୀର ପ୍ରତିବଦ୍ଧତା ସମ୍ପର୍କରେ ସେ କହିଥିଲେ। ପରେ ଦେବୀ ଅହଲ୍ୟାବାଈ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ଅବସରରେ ହିମାଂଶୁ ବାଜପେୟୀ ଓ ପ୍ରଜ୍ଞା ଶର୍ମା ଅହଲ୍ୟାବାଈ ଗାଥା ଉପସ୍ଥାପନ କରିଥିଲେ।

# ଡେଙ୍ଗୁ ନିୟନ୍ତ୍ରଣ, ଜଳବନ୍ଦୀ ସମସ୍ୟା ସମାଧାନକୁ ଗୁରୁତ୍ୱ

**ବିଏମ୍‌ସିର ୩୧ତମ ସାଧାରଣ ପରିଷଦ ବୈଠକ**

- ପ୍ରତି ୱାର୍ଡରେ ବହୁମୁଖୀ ୱାର୍ଡ ଅଫିସ୍
- ବିଏମ୍‌ସି ଅଧୀନକୁ ଆସିବ ବିଡିଏ ପାର୍କ
- ୩ ଓଡିଏ କୋର୍ଟ ପାଇଁ ଯୋଜନା

ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା)


ବୈଠକରେ ଉପସ୍ଥିତ କର୍ପୋରେଟର ଓ ବିଏମ୍‌ସି ଅଧିକାରୀମାନେ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩୧ତମ ସାଧାରଣ ପରିଷଦ ବୈଠକ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ଆସିଯାଇଥିବାରୁ ବିଏମ୍‌ସି ଅଞ୍ଚଳରେ ଡେଙ୍ଗୁ ମୁକାବିଲା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ। ଡେଙ୍ଗୁ ଆକ୍ରାନ୍ତ ବ୍ୟକ୍ତିଙ୍କ ଘର ଓ ଆଖପାଖ ଅଞ୍ଚଳରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଯେଉଁମାନଙ୍କୁ ଜ୍ୱର ହେଉଛି ସେମାନେ ଡାକ୍ତରଙ୍କ ପରାମର୍ଶକ୍ରମେ ରକ୍ତ ନମୁନା ତୁରନ୍ତ ପରୀକ୍ଷା କରାଇବା ପାଇଁ କୁହାଯାଇଛି। କ୍ୟାପିଟାଲ ହସ୍ପିଟାଲ, ପଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆଇଆର୍‌ସି ଭିଲେଜ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆର୍‌ଏମ୍‌ଆର୍‌ସି ଏବଂ ଏମସ୍‌ରେ ଡେଙ୍ଗୁ ରକ୍ତ ନମୁନା ପରୀକ୍ଷା କରାଯାଉଥିବା ସୂଚନା ଦିଆଯାଇଛି। ଜୁନ ପ୍ରଥମ ସପ୍ତାହରୁ ପ୍ରତି ୱାର୍ଡରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ଏଣିକି ରାସ୍ତା ପାର୍ଶ୍ୱ ଏବଂ ବିଭିନ୍ନ ହୋଟେଲରେ ଖାଦ୍ୟ ଯାଞ୍ଚ ପ୍ରକ୍ରିୟାକୁ ମଧ୍ୟ କଡାକଡି କରାଯିବ। ବର୍ତ୍ତମାନ ସୁଦ୍ଧା ୮୦%ରୁ ଅଧିକ ଡ୍ରେନ୍ କାମ ଶେଷ ହୋଇଯାଇଥିବାବେଳେ ପଙ୍କୋଦ୍ଧାର ଏବଂ ମୁକୁଳା ଡ୍ରେନଗୁଡିକ ଉପରେ ସ୍ଲାବ ପକାଇବା ନେଇ ଆଲୋଚନା କରାଯାଇଛି। ଇସ୍କନ ମନ୍ଦିରଠାରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ୧.୬ କି.ମି. ଡ୍ରେନେଜ ଚ୍ୟାନେଲ ଓ ବମିଖାଲଠାରେ ବକ୍ସ ଡ୍ରେନ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଅନ୍ୟପଟେ ପ୍ରତ୍ୟେକ ୱାର୍ଡରେ ବହୁମୁଖୀ ୱାର୍ଡ ଅଫିସ ନିର୍ମାଣ କରାଯିବ। ତଳେ ୱାର୍ଡ ଅଫିସ ଏବଂ ଉପରେ କମ୍ୟୁନିଟି ହଲ, ଡେ କେୟାର ସେଣ୍ଟର ଆଦି ରହିବ। ଏକ ନମ୍ବର ହାଟରୁ ବାହାରୁଥିବା ବର୍ଜ୍ୟରୁ ବୟୋ ଗ୍ୟାସ ପ୍ରସ୍ତୁତ କରିବା ପାଇଁ ଦୈନିକ ୩ ମେଟ୍ରିକ ଟନ ବର୍ଜ୍ୟ ପ୍ରକ୍ରିୟାକରଣ କ୍ଷମତା ବିଶିଷ୍ଟ ମେଶିନ ବସିବ। ଅଏଲ ଇଣ୍ଡିଆ କରିଥିବା ଚୁକ୍ତି ଅନୁଯାୟୀ ୨୦୦ ମେଟ୍ରିକ ଟନ ବର୍ଜ୍ୟ ପ୍ରକ୍ରିୟାକରଣ କରି ସେଥିରୁ ବାୟୋ ଗ୍ୟାସ ଉତ୍ପାଦନ କରିବା ପାଇଁ ଟେଣ୍ଡର ଡକାଯାଇଛି ଓ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଚଳିତ ବର୍ଷ ଆଉ ୨୦ଟି ସ୍ଥାନରେ ମିଆୱାକି ପଦ୍ଧତିରେ ଜଙ୍ଗଲ ସହ ନୂଆ ଜଙ୍ଗଲ ସୃଷ୍ଟି କରାଯିବ। ପାର୍କ ନ ଥିବା ୱାର୍ଡରେ ପାର୍କ ନିର୍ମାଣ ହେବ। ବିଡିଏ ଅଧୀନରେ ଥିବା ବଡ଼ ପାର୍କଗୁଡ଼ିକୁ ବିଏମ୍‌ସିକୁ ଆଣିବା ପାଇଁ ଯୋଜନା କରାଯାଉଛି। ବିଏମ୍‌ସିରେ ଗୋଟିଏ ଓଡିଏ କୋର୍ଟ (Odisha Development Authorities Act ୧୯୮୨) ରହିଥିବାବେଳେ ଆଉ ୩ଟି ପ୍ରତିଷ୍ଠା ପାଇଁ ବିଏମ୍‌ସି ପକ୍ଷରୁ ଯୋଜନା କରାଯାଇଛି। ବିନା ଅନୁମତିରେ ବା ପ୍ଲାନ ଅନୁମୋଦନ ବିନା ନିର୍ମାଣ କରୁଛନ୍ତି କିମ୍ବା ଜବର ଦଖଲ କରିଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୋର୍‌ୱେଲ ଖନନ ପାଇଁ ବିଏମ୍‌ସିଠାରୁ ଅନୁମତି ନେବାକୁ ପଡିବ, ନଚେତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାସ୍ତା କିମ୍ବା ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ଏନଓସି ଦେବା ପୂର୍ବରୁ କାର୍ଯ୍ୟକୁ ଭଲଭାବେ ଯାଞ୍ଚ କରିବାକୁ କୁହାଯାଇଛି। ୱାଟ୍‌କୋ କିମ୍ବା ବିଦ୍ୟୁତ୍ ବିଭାଗ ରାସ୍ତା ଖୋଳିବା ପୂର୍ବରୁ ବିଏମ୍‌ସିର ଅନୁମତି ନେବାସହ କାମ ସାରିବା ପରେ ସେହି ରାସ୍ତାର ମରାମତି କରିବେ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଞ୍ଜିନିୟର ବିକାଶ କୁମାର ବେହେରା, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସଂଯୋଜନା କରିଥିଲେ।

## ସୂଚନା ଅଧିକାରୀଙ୍କୁ ୧୦ ହଜାର ଜରିମାନା

ଭୁବନେଶ୍ୱର,୩୦।୫(ରବିନାରାୟଣ ଜେନା)

ରାଜ୍ୟରୁ ଦୁର୍ନୀତି ହଟାଇବା ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି। ହେଲେ କେତେକ କ୍ଷେତ୍ରରେ ଅଧିକାରୀମାନେ ଦୁର୍ନୀତିରେ ଲିପ୍ତ ରହୁଥିବାରୁ ସୂଚନା ଅଧିକାର ଆଇନ ବାଟବଣା ହେଉଛି। ତଥ୍ୟ ଲୋଡ଼ିଲେ ମିଳୁନାହିଁ, ପରୋକ୍ଷରେ ଦୁର୍ନୀତିକୁ ଘୋଡ଼ାଇବା ପାଇଁ ସୂଚନା ଅଧିକାରୀମାନେ ସହାୟତା କରୁଛନ୍ତି। ଏହିଭଳି ଏକ ଅଭିଯୋଗ ଆଧାରରେ ଶୁକ୍ରବାର ସୂଚନା ଆୟୁକ୍ତ ସୁଶାନ୍ତ ମହାନ୍ତି ଯାଜପୁର ଜିଲା ଦଶରଥପୁର ବ୍ଲକ ନନ୍ଦିପୁର ଗ୍ରାମପଞ୍ଚାୟତର ପୂର୍ବତନ ସୂଚନା ଅଧିକାରୀଙ୍କୁ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ୩୦ ଦିନ ଭିତରେ ଜରିମାନା ନ ଦେଲେ ତାଙ୍କ ଦରମାରୁ ଅର୍ଥ କାଟିବାକୁ ଦଶରଥପୁର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିବରଣୀ ଅନୁଯାୟୀ, ଯାଜପୁର ଜିଲା ଦିୱାନପାଟଣା ନିବାସୀ ଅରୁଣ କୁମାର ପତି ୨୦୨୦ ଅକ୍ଟୋବର ୨୯ରେ କେତେକ ତଥ୍ୟ ପାଇବା ପାଇଁ ବିଡିଓଙ୍କ ନିକଟରେ ଆବେଦନ କରିଥିଲେ। ତତ୍କାଳୀନ ସୂଚନା ଅଧିକାରୀଙ୍କୁ ଏହା ପ୍ରେରଣ କରାଯାଇଥିଲା। ମାତ୍ର ସମ୍ପୃକ୍ତ ଅଧିକାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ତଥ୍ୟ ଦେଇ ନ ଥିଲେ। ଏହାକୁ ନେଇ ସୂଚନା ଆୟୋଗରେ ଅରୁଣ ଅଭିଯୋଗ କରିଥିଲେ। ଉକ୍ତ ମାମଲା ଆଧାରରେ ସୂଚନା ଆୟୋଗଙ୍କ ପକ୍ଷରୁ ନନ୍ଦିପୁର ଗ୍ରାମପଞ୍ଚାୟତର ତତ୍କାଳୀନ ସୂଚନା ଅଧିକାରୀ ରଞ୍ଜନ କୁମାର ବେହେରାଙ୍କୁ ନୋଟିସ ଜାରି ହୋଇଥିଲା। ପରେ ସେ ଆୟୋଗଙ୍କ ନିକଟରେ ହାଜର ହୋଇ ତାଙ୍କ ପକ୍ଷ ରଖିଥିଲେ। ତେବେ କୋଭିଡ୍‌ର ବ୍ୟସ୍ତତା ଏବଂ ପରେ ଅଗ୍ନିକାଣ୍ଡ ଯୋଗୁ ତଥ୍ୟ ପ୍ରଦାନ କରି ପାରି ନ ଥିବା ସେ ଦର୍ଶାଇଥିଲେ। ସୂଚନା ଆୟୁକ୍ତ ସୁଶାନ୍ତ ମହାନ୍ତି ଏହାକୁ ଗ୍ରହଣ କରି ନ ଥିଲେ। କର୍ତ୍ତବ୍ୟରେ ଅବହେଳା ଏବଂ ସୂଚନା ଆଇନର ଅସମ୍ମାନ କରିଥିବାରୁ ରଞ୍ଜନ କୁମାର ବେହେରାଙ୍କୁ ୧୦ହଜାର ଟଙ୍କା ଜରିମାନା କରିଛନ୍ତି।

## ମୌସୁମୀ ପାଇଁ ପୂର୍ବତଟ ରେଳପଥର ପ୍ରସ୍ତୁତି



ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା)

ମୌସୁମୀରେ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକରେ ସୁରକ୍ଷିତ ଟ୍ରେନ୍ ପରିଚାଳନା ପାଇଁ ପୂର୍ବତଟ ରେଳପଥ ଆଗୁଆ ନିରାପତ୍ତା ପଦକ୍ଷେପ ଗ୍ରହଣ କରିଛି। ଜଳ ନିଷ୍କାଶନ ପରିଚାଳନା, ପାଟ୍ରୋଲିଂ, ସିଗ୍‌ନାଲିଂ ଯାଞ୍ଚ ଓ ପାଣିପାଗ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ରେଳପଥ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସହିତ ଏବଂ ଡ୍ୟାମ ଜଳ ଛାଡ଼ିବା ସମ୍ପର୍କରେ ଅପଡେଟ ପାଇଁ ଜିଲା କର୍ତ୍ତୃପକ୍ଷଙ୍କ ସହିତ ନିରନ୍ତର ସମନ୍ୱୟରେ ରହିଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମୌସୁମୀ ପ୍ରସ୍ତୁତି ଏବଂ ସତର୍କତାର ସମୀକ୍ଷା କରିଛନ୍ତି। ଯେକୌଣସି ବର୍ଷାଜନିତ ଘଟଣା ଘଟିଲେ ଶୀଘ୍ର କାର୍ଯ୍ୟ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୌସୁମୀ ଆରମ୍ଭ ହେବା ପୂର୍ବରୁ ବର୍ଷା ଜଳର ମୁକ୍ତ ପ୍ରବାହ ସୁନିଶ୍ଚିତ କରିବା ପାଇଁ କ୍ୟାଚ୍ ୱାଟର ଡ୍ରେନ ଏବଂ ପାର୍ଶ୍ୱ ଡ୍ରେନ୍‌ଗୁଡ଼ିକୁ ପଙ୍କ, ଗଛଲତା ଏବଂ ଅନ୍ୟାନ୍ୟ ବାଧାରୁ ମୁକ୍ତ କରାଯାଇଛି। ସେତୁର ଜଳପଥଗୁଡ଼ିକ ଗଛଲତା ଏବଂ ଅନ୍ୟାନ୍ୟ ବାଧାରୁ ମୁକ୍ତ କରାଯାଇଛି। ରେଳ ପ୍ରଭାବିତ ଟ୍ୟାଙ୍କ ଏବଂ କାର୍ଯ୍ୟଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନସ୍ତରରେ ରାଜ୍ୟ ଜଳସେଚନ ବିଭାଗ ଅଧିକାରୀଙ୍କ ସହିତ ସମନ୍ୱୟ ବୈଠକ କରାଯାଉଛି। ନଦୀ ଜଳ ନିଷ୍କାସନ କାର୍ଯ୍ୟ ଏବଂ ଆବଶ୍ୟକ ସ୍ଥଳେ ମରାମତି କରାଯାଇଛି। କେନାଲ କ୍ଷେତ୍ରରେ ପୂର୍ଣ୍ଣ ଯୋଗାଣ ସ୍ତର ଏବଂ ସେତୁ କ୍ଷେତ୍ରରେ ବିପଦସ୍ତର ପାଟ୍ରୋଲମ୍ୟାନ, ଷ୍ଟେଶନାରୀ ୱାଚମ୍ୟାନ ଓ ଲୋକୋ ପାଇଲଟମାନଙ୍କୁ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବା ପାଇଁ ଆବଟମେଣ୍ଟ ସଂଲଗ୍ନ ପ୍ରତ୍ୟେକ ଘାଟରେ ଉଜ୍ଜ୍ୱଳ ଲାଲ ପଟି ସହିତ ରଙ୍ଗ କରାଯାଇଛି। ଦୁର୍ବଳ ପାହାଡିଆ ଅଞ୍ଚଳରେ ବିପଦ ଏଡ଼ାଇବା ପାଇଁ କୋଟ୍ଟାଭାଲସା–କିରାଣ୍ଡୁଲ ଲାଇନ ଏବଂ କୋରାପୁଟ–ରାୟଗଡା ଲାଇନ ଭଳି ଗୁରୁତ୍ୱପୂର୍ଣ୍ଣ ରେଳ ମାର୍ଗରେ ଭୂସ୍ଖଳନ ଓ ଖସୁଥିବା ପଥର ଅଟକାଇବା ପାଇଁ ଢାଲ ସହିତ ସୁରକ୍ଷାମୂଳକ ଜାଲ ସ୍ଥାପନ, ନିୟମିତ ଭୂତାତ୍ତ୍ୱିକ ଯାଞ୍ଚ ଏବଂ ଢାଲ ଅସ୍ଥିରତାର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ପାଇଁ ଉନ୍ନତ ମନିଟରିଂ ସିଷ୍ଟମ ନିୟୋଜନ ଆଦି କାର୍ଯ୍ୟ କରାଯାଉଛି।

## ସାଲିଆସାହି ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଉ

**ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନ ଘେରାଉ ଚେତାବନୀ**

ଭୁବନେଶ୍ୱର,୩୦।୫(ସୁଚିସ୍ମିତା ସାହୁ)

ଓଡ଼ିଶା ବସ୍ତି ସଂଘର୍ଷ ସମିତି ଦୀର୍ଘ ୨୦ ବର୍ଷ ଧରି ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ଦିଆଯାଉ ବୋଲି ବାରମ୍ବାର ଦାବି କରିଆସୁଛି। ଏହି ଆନ୍ଦୋଳନ ଦ୍ୱାରା ପୂର୍ବ ସରକାର ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେଇଥିବା ବେଳେ କିଛି ବସ୍ତିବାସିନ୍ଦାଙ୍କୁ କୁକୁଡ଼ା ଭାଡ଼ି ପ୍ରଦାନ କରିଥିଲେ। ଏହି ସଂଘର୍ଷ ସମିତି ବାରମ୍ବାର କୁକୁଡ଼ା ଭାଡ଼ିକୁ ବିରୋଧ କରି ବସ୍ତିରେ ରହୁଥିବା ପାଖାପାଖି ୫୦ ହଜାରରୁ ଅଧିକ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉ ବୋଲି ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।
ଓଡ଼ିଶା ବସ୍ତି ସଂଘର୍ଷ ସମିତିର ସଭାପତି ପ୍ରତାପ କୁମାର ସାହୁଙ୍କ କହିବା ଅନୁସାରେ, ପୂର୍ବ କଂଗ୍ରେସ ସରକାର ସମୟରେ ଭରତପୁର, ଶିଖରଚଣ୍ଡୀ, ନିଳାଦ୍ରୀ ବିହାରରେ ହଜାର ହଜାର ବସ୍ତିବାସିନ୍ଦାଙ୍କୁ ୬୦୦ ବର୍ଗଫୁଟ ଓ ୩୭୫ ବର୍ଗଫୁଟ ଜାଗା ଦେଇଥିଲେ। ହେଲେ ବିଜେଡ଼ି ସରକାର ସମୟରେ ତାହାକୁ ଚଞ୍ଚକତା କରି କୁକୁଡ଼ା ଭାଡ଼ି ପ୍ରଦାନ କରାଯାଇଥିଲା। ନୂଆ ସରକାର ସେହି କାର୍ଯ୍ୟକୁ ଚାଲୁ ରଖିଥିବାରୁ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସାଲିଆ ସାହିକୁ ଭାଙ୍ଗି ରାସ୍ତା ତିଆରି କରିବା ପାଇଁ ଜୋର ଜବରଦସ୍ତ ବସ୍ତି ଭାଙ୍ଗିବା ଏକ ଆଇନ ବିରୋଧୀ କାର୍ଯ୍ୟ। ଯଦି ସରକାର ସାଲିଆ ସାହିର ବସ୍ତିବାସିନ୍ଦାଙ୍କୁ ଜାଗା ନ ଦେଇ ଜୋର ଜବରଦସ୍ତ କୁକୁଡ଼ା ଭାଡ଼ି ଦିଅନ୍ତି, ତା'ହେଲେ ବାଧ୍ୟ ହୋଇ ଓଡ଼ିଶା ବସ୍ତି ସଂଘର୍ଷ ସମିତି ଦୁର୍ବାର ଆନ୍ଦୋଳନ କରିବ। ଏଥିସହ ମୁଖ୍ୟମନ୍ତ୍ରୀ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି।


ପୁରୀ: ରଥଖଳାରେ ଚାଲିଛି ରଥ ନିର୍ମାଣ। ନାହାକା କାଠର ଚଉପଟ କାର୍ଯ୍ୟ କରାଯାଉଛି।

## ଡା. ରୂପଭାନୁ ମିଶ୍ର ହେଲେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ

ପୁରୀ, ୩୦।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ରୂପଭାନୁ ମିଶ୍ରଙ୍କର ଶୁକ୍ରବାର ବଦଳି ହୋଇଛି। ଡା. ମିଶ୍ରଙ୍କୁ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଡା. ମିଶ୍ର ଗତବର୍ଷ ଜୁଲାଇରେ ପୁରୀ ସିଡିଏମ୍‌ଓ ଭାବେ ଯୋଗଦେଇଥିଲେ। ତାଙ୍କର ବଦଳି ନେଇ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ବଟି ମାଗି ଜଣେ ଗିରଫ

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)

ଦାଦାବଟି ମାଗିବା ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ଅଲଗୁମ ଗ୍ରାମର ସତ୍ୟବ୍ରତ ପ୍ରଧାନ (୧୯)। ପୋଲିସ ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଅଫୁଟା ବୋମା, ବାଇକ, ମୋବାଇଲ ଫୋନ ଏବଂ ନଗଦ ୬୦୦ ଟଙ୍କା ଜବତ କରିଛି। ଏନେଇ ଚନ୍ଦନପୁର ଥାନାରେ ଏକ କେସ୍ (ନଂ. ୧୧୦/୨୫) ରୁଜୁ ହୋଇଛି।

## ରଥଯାତ୍ରା ସେବାକାର୍ଯ୍ୟରେ ସାମିଲ ହେବେ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ

ଭୁବନେଶ୍ୱର,୩୦।୫(ସୁଚିସ୍ମିତା ସାହୁ)

ପୁରୀରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଜୁନ ୨୭ରେ ଆରମ୍ଭ ହେବ। ଏଥିରେ ଦେଶ ବିଦେଶରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିବ। ତେବେ ଭିଡ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଭଲ୍ୟୁଣ୍ଟିୟର ଏବଂ କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗ ଦେବେ। ତେବେ ଚଳିତବର୍ଷ ରଥଯାତ୍ରା ଉପଲକ୍ଷେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୁନ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଏନ୍‌ଏସ୍‌ଏସ୍ ଶିବିର ଆୟୋଜନ କରାଯିବ। ଏହି ଶିବିରରେ ଯୋଗଦେବା ପାଇଁ ୧୯ଟି ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଏବଂ ଭଲ୍ୟୁଣ୍ଟିୟରମାନେ ଯୋଗଦେବାକୁ ଉଚ୍ଚ ଶିକ୍ଷା ବିଭାଗପକ୍ଷରୁ ଚିଠି କରାଯାଇଛି। ସ୍ୱେଚ୍ଛାସେବୀମାନେ ଭିଡ ନିୟନ୍ତ୍ରଣ କରିବା, ଜଳ ବଣ୍ଟନ, ପ୍ରାଥମିକ ଚିକିତ୍ସା ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ନିୟୋଜିତ ହେବେ। ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୁନ୍ ୧୩ ସୁଦ୍ଧା ସ୍ୱେଚ୍ଛାସେବୀଙ୍କ ନାମ ସୁପାରିଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱେଚ୍ଛାସେବୀ ଚୟନ କରିବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ମାର୍ଗଦର୍ଶିକା କରାଯାଇଛି। ଯେଉଁ ସ୍ୱେଚ୍ଛାସେବୀମାନେ ଗତବର୍ଷ ୨୦୦ରୁ ଅଧିକ ଚାରା ରୋପଣ କରିଥିବେ, ଅତିକମ୍‌ରେ ଥରେ ରକ୍ତଦାନ କରିଥିବେ, ସର୍ବନିମ୍ନ ତିନୋଟି ଏନ୍‌ଏସଏସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବେ, ସେମାନେ ଏଥିପାଇଁ ଚୟନ ହେବେ। ତେବେ ପୂର୍ବବର୍ଷ ରଥ ଯାତ୍ରାରେ ଯୋଗଦେଇଥିଲେ ପୁର୍ନବାର ସୁପାରିଶ ନ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

## ନିଶ୍ଚିନ୍ତକୋଇଲିରେ ରାଜନୈତିକ ଅସ୍ଥିରତା ସୃଷ୍ଟି ଉଦ୍ୟମ ଫେଲ୍ ହେଲା: ବିଜେଡି

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର)

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ ଶୁକ୍ରବାର ଖାରଜ ହୋଇଯାଇଛି। ସମୁଦାୟ ୮୬ ଜଣ ସଦସ୍ୟଙ୍କ ମଧ୍ୟରୁ କେବଳ ୬ ଜଣ ଅନାସ୍ଥା ବୈଠକରେ ଉପସ୍ଥିତ ରହିବାରୁ ଏହି ଅନାସ୍ଥା କାଟ୍ ଖାଇବା ସହ ବିଜେଡି ସମର୍ଥିତ ବ୍ଲକ୍ ଅଧ୍ୟକ୍ଷା ନିଜ ପଦବୀ ବଜାୟ ରଖିବାରେ ସଫଳ ହୋଇଛନ୍ତି ବୋଲି ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଲେନିନ୍ କହିଛନ୍ତି, ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉଦ୍ୟମ ହୋଇଆସୁଥିଲା। ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ଚାପରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ ମେ ୧୩ରେ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଜୁଟାଇ ନ ପାରିବାରୁ କେତେଜଣ ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ଆଳ ଦେଖାଇ ଏହାକୁ ଷଡ଼ଯନ୍ତ୍ର ପୂର୍ବକ ଘୁଞ୍ଚାଇଦିଆଯାଇଥିଲା। ଶୁକ୍ରବାରକୁ ନିର୍ବାଚନ ଅଧିକାରୀ ଅନାସ୍ଥା ପ୍ରସ୍ତାବ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିଥିଲେ। କିନ୍ତୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସଭ୍ୟାସଭ୍ୟମାନେ ମଧ୍ୟ ବୈଠକରେ ଉପସ୍ଥିତ ରହିଲେ ନାହିଁ। ୮୬ ଜଣ ଭୋଟରଙ୍କ ମଧ୍ୟରୁ କେବଳ ୬ ଜଣ ଉପସ୍ଥିତ ଥିବାରୁ ଅନାସ୍ଥା ପ୍ରସ୍ତାବ ଆଲୋଚନା ହୋଇପାରିନାହିଁ। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପିଆର୍‌ଆଇ ସଦସ୍ୟମାନେ ବିଧାୟକଙ୍କ ଷଡ଼ଯନ୍ତ୍ରଙ୍କୁ ବୁଝିପାରି ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟଦାନରୁ ବିରତ ରହିଲେ ବୋଲି ଲେନିନ୍ କହିଛନ୍ତି।

## ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ମାମଲା: ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା,୩୦।୫(ପ୍ରଭାତ ପାଣିଗ୍ରାହୀ)

ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ମାମଲାର ଦୀର୍ଘ ୫ ବର୍ଷ ପରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍(ପ୍ରଥମ) ରଞ୍ଜୁଲତା ଲେଙ୍କା ଏହି ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ଦୀପ୍ତିମାନ ସାହୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ନୟାଗଡ଼ ଜିଲା ବାଣୀଗୋଛା ଥାନା ଅଧୀନ ସୁନ୍ଦରକୁମ୍ପା ଗ୍ରାମର ଦୀପ୍ତିମାନ ଏବଂ ତାଙ୍କ ସ୍ତ୍ରୀ ରୁନିତା ମଳିପଡ଼ାର ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥିଲେ। ୨୦୨୦ ଜାନୁଆରୀ ୧୯ରେ ଉଭୟ ପୁରୀ ବୁଲିବାକୁ ଯାଇଥିଲେ। ତେବେ ରୁନିତା ନିଖୋଜ ହୋଇଯାଇଥିବା ନେଇ ଦୀପ୍ତିମାନ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ରୁନିତାଙ୍କ ପରିବାରଲୋକେ ବାଣୀଗୋଛା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ଜଙ୍କିଆ ନିକଟ କାଜୁ ଜଙ୍ଗଲରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି କେତେଜଣ ଲୋକ ପୋଲିସକୁ ଖବର ଦେଇଥିଲେ। ଉକ୍ତ ସମୟରେ ତତ୍କାଳୀନ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର, ଜଙ୍କିଆ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଖବରପାଇ ରୁନିତାଙ୍କ ପରିବାରଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଜାନୁଆରୀ ୨୫ରେ ମୃତାଙ୍କ ଭାଇ ବିକାଶଙ୍କ ଅଭିଯୋଗକ୍ରମେ ଜଙ୍କିଆ ଥାନା ପୋଲିସ ଏକ ହତ୍ୟା ମାମଲା(ନଂ.୨୪/୨୦୨୦) ରୁଜୁକରି ଦୀପ୍ତିମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିଲା। ୨୦୨୦ ମେ' ୧୧ରେ ପୋଲିସ ଏହାର ଚାର୍ଜଶିଟ କୋର୍ଟକୁ ପଠାଇଥିଲା। କୋର୍ଟରେ ଏହି ମାମଲା ବିଚାରାଧୀନ ଥିବା ବେଳେ ଶୁକ୍ରବାର ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍(ପ୍ରଥମ) ୨୫ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଦୀପ୍ତିମାନଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ରଜନୀ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଓଡ଼ିଶାରୁ ସମ୍ପୂର୍ଣ୍ଣ ନିଶାଦ୍ରବ୍ୟ ବିକ୍ରି ବନ୍ଦ କରାଯାଉ

**ସମାଜର କ୍ଷତି କରୁଥିବା ରାଜସ୍ୱ ଦରକାର ନାହିଁ**

ଭୁବନେଶ୍ୱର,୩୦।୫(ସୁଚିସ୍ମିତା ସାହୁ)

ପୁରୀ ଜିଲା ପେଣ୍ଠକଟା ଥାନା ଅଧୀନ ସମଙ୍ଗରା ଗ୍ରାମରେ ନିଶା ଖାଇବାକୁ ଟଙ୍କା ନ ଦେବାରୁ ମା' ମୁଣ୍ଡକୁ ହାଣି ପୁଅ ହତ୍ୟା କରିବା ଘଟଣାକୁ ନେଇ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାକ୍ ଉଦ୍‌ବେଗ ପ୍ରକାଶ କରିଛି। ଏନେଇ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଲୋହିଆ ଏକାଡେମୀଠାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ମୀର ମହମ୍ମଦ ଅଲ୍ଲୀ କହିଲେ, ମା'କୁ ଆମେ ଚଳନ୍ତି ପ୍ରତିମା ବୋଲି ପୂଜା କରୁଥିବା ବେଳେ କେବଳ ନିଶା ପାଇଁ ମା'କୁ



ମାରିବା ଘଟଣାଟି ସମାଜ ପାଇଁ କଳଙ୍କିତ ଓ କଳୁଷିତ। ଅନେକ ବର୍ଷରୁ ସାମାଜିକ ସଙ୍ଗଠନ ଓ ବୁଦ୍ଧିଜୀବୀମାନେ ମଦ କାରବାର ଓ ପ୍ରଚାର ପ୍ରସାର ବନ୍ଦ କରିବାକୁ ଦାବି କରୁଥିଲେ ହେଁ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। କେବଳ ମଦ ଦ୍ୱାରା ସମାଜରେ ଅନେକ କୁପ୍ରଭାବ ଯଥା- ନାରୀ ନିର୍ଯାତନା, ହତ୍ୟା, ବଳାତ୍କାର, ସଡ଼କ ଦୁର୍ଘଟଣା, ହିଂସା, ପାରିବାରିକ କଳହ, ଯୁବ ଓ ଛାତ୍ର ସମାଜକୁ ପଥଭ୍ରଷ୍ଟ କରୁଛି। ସରକାର ନିଶାଦ୍ରବ୍ୟ ବନ୍ଦ ନ କଲେ ଆଗାମୀ ଦିନରେ ପରିଣାମ ଭୟଙ୍କର ହେବ। ଯେଉଁ ରାଜସ୍ୱ ଆୟ ଲୋକଙ୍କ ହିତ ପାଇଁ କାର୍ଯ୍ୟରେ ନ ଆସି ସମାଜର କ୍ଷତି କରିଥାଏ, ସେଭଳି ରାଜସ୍ୱ ଆମକୁ ଦରକାର ନାହିଁ ବୋଲି ଅଲ୍ଲୀ କହିଛନ୍ତି। ଗୁଜରାଟ, ବିହାର, ମିଜୋରାମ ଓ ନାଗାଲାଣ୍ଡ ଭଳି ଓଡ଼ିଶାରେ ମଧ୍ୟ ମଦ ବନ୍ଦ ଦେବା ଦରକାର। ତେଣୁ ସରକାରଙ୍କୁ ଅବିଳମ୍ବେ ମଦ ବନ୍ଦ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ନିଶା ନିବାରଣ ଆଇନ୍ ୧୯୫୬ ଓ କୋଟ୍‌ପା (ସିଗାରେଟ୍ ଆଣ୍ଡ ଅଦର ଟୋବାକୋ ପ୍ରଡକ୍ଟ) ଆଇନ୍‌କୁ କଡ଼ାକଡ଼ି ଲାଗୁ କରିବା ପାଇଁ ସେ କହିଛନ୍ତି। ଏହି ସମ୍ମିଳନୀରେ କ୍ଷୀରୋଦ କୁମାର ଜେନା, ଜଗନ୍ନାଥ ସାହୁ, ପିୟାଲି ପ୍ରିୟଦର୍ଶିନୀ ବେହେରା ଉପସ୍ଥିତ ଥିଲେ।

**ରବି ଧାନମଣ୍ଡି ଉଦ୍‌ଘାଟିତ**

ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ବାଙ୍କୀ ରାମଚନ୍ଦ୍ରପୁର ସେବା ସମବାୟ ସମିତିର ରବି ଧାନ ମଣ୍ଡିକୁ ସମିତିର ସଭାପତି ସମରେନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଲଳିତ ମୋହନ ମହାପାତ୍ର, ସମିତି ସଭ୍ୟ ଶ୍ରୀକାନ୍ତ ଦାସ, ପୂର୍ବତନ ସରପଞ୍ଚ ଅଦ୍ୱୈତ୍ୟ ମହାପାତ୍ର, ନିର୍ଦ୍ଦେଶକ ରଞ୍ଜିତ ଦାସ, ସୁମନ କୁମାର ଛାଟୋଇ, ଗୌତମ ପ୍ରଧାନଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୮ଜଣ ଚାଷୀଙ୍କ ଠାରୁ ୧୯୨କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। କାର୍ଯ୍ୟକ୍ରମକୁ ସମିତିର ସମ୍ପାଦକ ସୌମ୍ୟରଞ୍ଜନ ଦାସ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦଳିତ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୨ ଅଟକ

ନିଶ୍ଚିନ୍ତକୋଇଲି,୩୦।୫ (ଅଶୋକ କୁମାର ମହାପାତ୍ର)

ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଖାଡ଼େଶ୍ୱରପୁର ଗ୍ରାମରେ ଜଣେ ଦଳିତ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ମନୋଜ କୁମାର ମଲ୍ଲିକ(୩୫)। ସ୍ଥାନୀୟ ଗ୍ରାମର ୨ଭାଇ ଏହି ମରଣାନ୍ତକ ଆକ୍ରମଣ କରିଥିବାରୁ ଖାଡ଼େଶ୍ୱରପୁରରେ ଉତ୍ତେଜନା ପ୍ରକାଶ ପାଇଛି। ଖବରପାଇ ପୋଲିସ ୨ ଅଭିଯୁକ୍ତଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଉଭୟ ଭାଇଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ଜଣାପଡ଼ିଛି।

### ବାର୍‌ହା ଛୁଆ ଉଦ୍ଧାର

ବାଙ୍କୀ, ୩୦।୫ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଉପଖଣ୍ଡ ସରଣ୍ଡା ସଂରକ୍ଷିତ ଜଙ୍ଗଲ ମୁଣ୍ଡିଆ ଭିତରୁ ଏକ ବାର୍‌ହା ଛୁଆ ବାହାରି ଆସି ଅଂଶୁପା ମୁଖ୍ୟ ରାସ୍ତା କଡ଼ରେ ବୁଲୁଥିଲା। ସେହି ରାସ୍ତାରେ ଆସୁଥିବା ସାମାଜିକ କର୍ମୀ ପ୍ରକାଶ ସାହୁ ବାର୍‌ହା ଛୁଆକୁ ଦେଖି ତା'ର କୌଣସି କ୍ଷତି ନ ହେବା ପାଇଁ ରାସ୍ତାକଡ଼ରୁ ଉଦ୍ଧାର କରିଥିଲେ। ଏହାପରେ ଆଠଗଡ଼ ବନ ବିଭାଗ ଅନ୍ତର୍ଗତ ସରଣ୍ଡା ଫରେଷ୍ଟ କର୍ମଚାରୀଙ୍କୁ ହସ୍ତାନ୍ତର କରିଛନ୍ତି। ବନ କର୍ମଚାରୀମାନେ ଉକ୍ତ ବାର୍‌ହା ଛଆକୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ିଦେଇଛନ୍ତି।

### ବଢୁଛି ଭାଜପା ପ୍ରତି ସମର୍ଥନ

ବାଙ୍କୀ,୩୦।୫ (ଶୁଭେନ୍ଦୁ ମହାପାତ୍ର)

ରାଜ୍ୟରେ ବିଧାନସଭା ନିର୍ବାଚନ ପରେ ଭାଜପା ସରକାର ଗଠନ କରିଛି। ଏହାପରେ ଅନ୍ୟ ଦଳର ଅସନ୍ତୁଷ୍ଟ କର୍ମୀମାନେ ଭାଜପାରେ ଯୋଗଦେଇପାଇଁ ଦଳର ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସହ ଯୋଗସୂତ୍ରରେ ରହି ଆସୁଥିଲେ। ନିକଟରେ ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁଲଣାପୁର ପଞ୍ଚାୟତର ସରପଞ୍ଚଙ୍କ ସମେତ ୯ ଜଣ ୱାର୍ଡସଭ୍ୟାସଭ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଏହାବ୍ୟତୀତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ନାଏବ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ ଏବଂ ଆଗଧାଡ଼ିର କର୍ମୀ ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତର ଅନେକ ଅନ୍ୟ ଦଳର ଅସନ୍ତୁଷ୍ଟ କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କୁ ପଚାରିବାରେ ଆଞ୍ଚଳିକ ଦଳରେ ଦୀର୍ଘ ୨୫ ବର୍ଷ ଧରି ଶାସନରେ ନେତାଙ୍କ ଚାପରେ କର୍ମୀମାନେ ଅଣନିଃଶ୍ୱାସୀ ହୋଇ ରହିଥିଲେ। ଏବେ ଅନ୍ୟ ଦଳର ନେତୃବୃନ୍ଦ ଓ କର୍ମୀମାନେ ଭାଜପା ସରକାରର ପ୍ରଧାନମନ୍ତ୍ରୀ ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ଆଦର୍ଶ ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହେଉଛନ୍ତି। ଫଳରେ ସେମାନେ ସ୍ୱତପ୍ରବୃତ୍ତ ଭାବେ ଭାଜପାରେ ଯୋଗ ଦେଉଛନ୍ତି। ବାଙ୍କୀ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ହିତ, ଉନ୍ନତି ଲାଗି ସଦାସର୍ବଦା ଚେଷ୍ଟା ଜାରି ରହିଛି। ଆଗକୁ ଅଞ୍ଚଳରେ ଭାଜପା ଭଲ ପ୍ରଦର୍ଶନ କରିବ ବୋଲି ଆଶା ରଖିଛି।

# ଅଧ୍ୟକ୍ଷାଙ୍କ ବିରୋଧରେ କାଟ ଖାଇଲା ଅନାସ୍ଥା ପ୍ରସ୍ତାବ

## ପ୍ରତାପ ଗଡ଼ ବଞ୍ଚାଇଥିବା ଚର୍ଚ୍ଚା

ନିଶ୍ଚିନ୍ତକୋଇଲି,୩୦।୫ (ଅଶୋକ କୁମାର ମହାପାତ୍ର)



ଅନାସ୍ଥା ପ୍ରସ୍ତାବ ଉପଲକ୍ଷେ ବ୍ଲକ କାର୍ଯ୍ୟାଳୟ ଆଗରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ମାହାଙ୍ଗାରେ ବିଧାନସଭା କ୍ଷେତ୍ରରେ ନିଜ ପ୍ରଭାବ ଜାହିର କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା। ବାରମ୍ବାର ପ୍ରଶାସନିକ ଚଞ୍ଚକତା ପରେ ମଧ ନିଶ୍ଚିନ୍ତକୋଇଲି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କାଟ ଖାଇଛି। ଫଳରେ ଅଧ୍ୟକ୍ଷା ରୋଜି ସେଠୀଙ୍କ ପଦ ବଜାୟ ରହିଛି। ଏନେଇ ବିଜେଡି ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ଅପରପକ୍ଷେ ଅନାସ୍ଥା ଆଗତ କରିଥିବା ସାରଦାଙ୍କ ସପକ୍ଷବାଦୀଙ୍କ ମଧ୍ୟରେ ନୈରାଶ୍ୟଭାବ ଖେଳିଯାଇଛି। ପ୍ରତାପଙ୍କ ପଟିଆରା ଆଗରେ ସାରଦାଙ୍କ ଗୋଟି ଚାଳନା ଫେଲ ମାରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ କଳେବଳେ କୌଶଳେ ବିଜେଡି ସମର୍ଥୀତ ଅଧ୍ୟକ୍ଷା ରୋଜି ସେଠୀଙ୍କୁ ପଦବୀରୁ ହଟାଇବା ନିମନ୍ତେ ଜୋରଦ୍‌ାର ଉଦ୍ୟମ କରିଥିଲେ। ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ସାରଦାଙ୍କ ଏକାନ୍ତ ଅନୁଗତ ୩୧ଜଣ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା କଟକ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। କଟକ ଉପଜିଲାପାଳ ମେ' ୧୩ରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଦିନ ଧାର୍ଯ୍ୟ କରିଥିଲେ। ଉପଜିଲାପାଳଙ୍କ ଧାର୍ଯ୍ୟ ଦିନ ଅନୁଯାୟୀ ବ୍ଲକ ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ହୋଇଥିଲେ ମଧ ୫ଜଣ ସରପଞ୍ଚ ଓ ସମିତି ସଭ୍ୟ ଏବଂ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଦେବାଶିଷ ମହାପାତ୍ର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନୁପସ୍ଥିତ ରହିଥିଲେ। ଏନେଇ ଅନିର୍ଦ୍ଦିଷ୍ଟ କାଳ ନିମନ୍ତେ ଅନାସ୍ଥା ପ୍ରସ୍ତାବକୁ ଘୁଞ୍ଚାଇ ଦିଆଯାଇଥିଲା। ଏହାପରେ କଟକ ଉପଜିଲାପାଳ ମେ'୩୦ରେ ପୁନର୍ବାର ଅନାସ୍ଥା ପ୍ରସ୍ତାବ ନିମନ୍ତେ ଦିନ ଧାର୍ଯ୍ୟ କରିଥିଲେ। ଏହି ଅବସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ ଓ ତାଙ୍କ ସମର୍ଥିତ ୭ଜଣ ସରପଞ୍ଚ ଓ ସମିତି ସଭ୍ୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିଲେ। ଏପରିକି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସାଲେପୁର ତହସିଲଦାର ମଧ ଉପସ୍ଥିତ ଥିଲେ। ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରଦାଙ୍କ ସମର୍ଥିତ ତଥା ଅନାସ୍ଥା ଆଗତ କରିଥିବା ୩୧ଜଣ ସରପଞ୍ଚ ଓ ସମିତି ସଭ୍ୟ ଅନୁପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ପରେ ଦାୟିତ୍ୱରେ ଥିବା ସାଲେପୁର ତହସିଲଦାର କୋରମ ଅଭାବରୁ ଅନାସ୍ଥା ପ୍ରସ୍ତାବ କାଟ ଖାଇଲା ବୋଲି ସୂଚନା ଦେଇ ସଭାସ୍ଥଳ ଛାଡି ଚାଲି ଯାଇଥିଲେ। ଏସମ୍ପର୍କରେ କଟକ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ସିଂହଦେଓ କୁହନ୍ତି, ତହସିଲଦାରଙ୍କ ରିପୋର୍ଟ ହସ୍ତଗତ ହୋଇଛି। ଖୁବ୍‌ଶୀଘ୍ର ବ୍ଲକ ପ୍ରଶାସନକୁ ଅନାସ୍ଥା ଖାରଜ ନେଇ ସୂଚନା ଦିଆଯିବ।

# ନିଶ୍ଚିନ୍ତକୋଇଲିରେ ରାଜନୈତିକ ଅସ୍ଥିରତା ସୃଷ୍ଟି ଉଦ୍ୟମ ଫେଲ୍ ହେଲା: ବିଜେଡି

ଭୁବନେଶ୍ୱର, ୩୦।୫(ସୁନିତ୍ ମିଶ୍ର)

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କୋରମ ଅଭାବରୁ ଶୁକ୍ରବାର ଖାରଜ ହୋଇଯାଇଛି। ସମୁଦାୟ ୮୬ ଜଣ ସଦସ୍ୟଙ୍କ ମଧ୍ୟରୁ କେବଳ ୬ ଜଣ ଅନାସ୍ଥା ବୈଠକରେ ଉପସ୍ଥିତ ରହିବାରୁ ଏହି ଅନାସ୍ଥା କାଟ୍ ଖାଇବା ସହ ବିଜେଡି ସମର୍ଥିତ ବ୍ଲକ୍ ଅଧ୍ୟକ୍ଷା ନିଜ ପଦବୀ ବଜାୟ ରଖିବାରେ ସଫଳ ହୋଇଛନ୍ତି ବୋଲି ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଲେନିନ୍ କହିଛନ୍ତି, ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉଦ୍ୟମ ହୋଇଆସୁଥିଲା। ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ଚାପରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ ମେ ୧୩ରେ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଜୁଟାଇ ନ ପାରିବାରୁ କେତେଜଣ ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ଆଳ ଦେଖାଇ ଏହାକୁ ଷଡ଼ଯନ୍ତ୍ର ପୂର୍ବକ ଘୁଞ୍ଚାଇଦିଆଯାଇଥିଲା। ଶୁକ୍ରବାରକୁ ନିର୍ବାଚନ ଅଧିକାରୀ ଅନାସ୍ଥା ପ୍ରସ୍ତାବ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିଥିଲେ। କିନ୍ତୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସଭ୍ୟାସଭ୍ୟମାନେ ମଧ୍ୟ ବୈଠକରେ ଉପସ୍ଥିତ ରହିଲେ ନାହିଁ। ୮୬ ଜଣ ଭୋଟରଙ୍କ ମଧ୍ୟରୁ କେବଳ ୬ ଜଣ ଉପସ୍ଥିତ ଥିବାରୁ ଅନାସ୍ଥା ପ୍ରସ୍ତାବ ଆଲୋଚନା ହୋଇପାରିନାହିଁ। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପିଆର୍‌ଆଇ ସଦସ୍ୟମାନେ ବିଧାୟକଙ୍କ ଷଡ଼ଯନ୍ତ୍ରଙ୍କୁ ବୁଝିପାରି ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟଦାନରୁ ବିରତ ରହିଲେ ବୋଲି ଲେନିନ୍ କହିଛନ୍ତି।



ବାଙ୍କୀ ବ୍ଲକ ଅନ୍ତର୍ଗତ ରତାଗଡ ପଞ୍ଚାୟତରେ ମିଶନଶକ୍ତି ମହିଳାଙ୍କ ଦ୍ୱାରା ଶୁକ୍ରବାର ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳାମାନେ ବିଭିନ୍ନ ଗ୍ରାମବୁଲି ଲୋକଙ୍କୁ ସଚେତନ କରିଥିଲେ।

## ଶିକ୍ଷାବିତ୍‌ଗୋପୀମୋହନ କରଙ୍କ ପରଲୋକ

ବାଙ୍କୀ, ୩୦।୫ (ଶୁଭେନ୍ଦୁ ମହାପାତ୍ର)



ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ବେଦପୁର ଗ୍ରାମର ବାସିନ୍ଦା ତଥା ବରିଷ୍ଠ ଶିକ୍ଷାବିତ୍ ଗୋପୀମୋହନ କର (୯୯)ଙ୍କ ପରଲୋକ ଘଟିଛି। ସେ ଜଣେ ଆଦର୍ଶ ଶିକ୍ଷକ, ଛାତ୍ର ବତ୍ସଳ ଓ ମେଳାପି ବ୍ୟକ୍ତିଭାବେ ଅଞ୍ଚଳରେ ପରିଚିତ ଥିଲେ। ବହୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ତାଙ୍କ ପରଲୋକ ଖବର ପ୍ରସାରିତ ହେବାପରେ ବାଙ୍କୀରେ ଶୋକର ଛାୟା ଖେଳିଯାଇଛି। ବରିଷ୍ଠ କବି କୌଶିକ ନାୟକ, ବରିଷ୍ଠ ଖବରଦାତା ବଳଭଦ୍ର ପଣ୍ଡା, ବି. କେ. ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ଶ୍ରୀନିବାସ ବେହେରା, ବି.କେ. ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, କବି ଲଲାଟେନ୍ଦୁ ପଣ୍ଡା, ଗୀତିକାର ବେଣୁଧର କର, ଉପନଗରପାଳ ସନ୍ତୋଷ କୁମାର ରଣା, ଶଶିଭୂଷଣ ତ୍ରିପାଠୀଙ୍କ ସମେତ ବହୁ ସାହିତ୍ୟିକ, ସାମାଜିକ କର୍ମୀ, ଶିକ୍ଷାବିତ୍, ଶିକ୍ଷୟିତ୍ରୀ ଓ ଶିକ୍ଷକ ପ୍ରମୁଖ ଗୋପୀମୋହନଙ୍କ ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁତ୍ର ପବିତ୍ର ମୋହନ କର ମୁଖାଗ୍ନି ଦେଇଥିଲେ।

# ବଧୂ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

## ସିପିଆଇ ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର

ସାଲେପୁର,୩୦।୫(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅଞ୍ଚଳର ଏକ ବଧୂ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ସିପିଆଇ ପକ୍ଷରୁ ଶୁକ୍ରବାର ଏକ ଦାବିପତ୍ର ସାଲେପୁର ଏସ୍‌ଡିପିଓଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜଗତପୁର ଥାନା ଅନ୍ତର୍ଗତ ପୋଡ଼ାବର ଗ୍ରାମର କ୍ଷୀରୋଦ ନାୟକଙ୍କ ଝିଅ ସାବିତ୍ରୀ ନାୟକଙ୍କୁ ସାଲେପୁର ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ପୁଅ ଉମାକାନ୍ତ ବେହେରା ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରଘରର ଦାବି ମୁତାବକ କନ୍ୟାଘର ପକ୍ଷରୁ ଯୌତୁକ ବାବଦରେ ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ଅଧିକ ଯୌତୁକ ଦାବି କରି ଶାଶୁଘର ପକ୍ଷରୁ ସାବିତ୍ରୀଙ୍କୁ ସବୁବେଳେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଗତ ୨୨ତାରିଖରେ ସାବିତ୍ରୀଙ୍କ ଦେହ ଖରାପ ଥିବା ନେଇ ଶାଶୁଘର ପକ୍ଷରୁ ତାଙ୍କ ବାପାଙ୍କୁ ଖବର ଦିଆଯାଇଥିଲା। ମାତ୍ର ଶାଶୁଘରେ ପହଞ୍ଚିଲାବେଳକୁ ସାବିତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଏନେଇ ତାଙ୍କ ଭାଇ ସାଲେପୁର ଥାନାରେ ଅଭିଯୋଗ କରିଥିଲେ। ଭଉଣୀକୁ ଶାଶୁ ଘରଲୋକେ ହତ୍ୟା କରିଥିବାନେଇ ଅଭିଯୋଗରେ ଦର୍ଶାଇଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ.୬/୨୫) ରୁଜୁ କରିବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଇତିମଧ୍ୟରେ ଘଟଣାକୁ ୮ ଦିନ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିପାରି ନାହିଁ। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସିପିଆଇ ପକ୍ଷରୁ ଦାବି କରାଯାଇଛି।

# ତିଗିରିଆ ଅଞ୍ଚଳରେ ଖଣି, କ୍ରଶର ଯାଞ୍ଚ

ତିଗିରିଆ,୩୦।୫(ଜାଫର ଖାଁ)

ତିଗିରିଆ ଅଞ୍ଚଳରେ ଚାଲିଥିବା ଖଣି ଓ କ୍ରଶରଗୁଡ଼ିକୁ ଆଠଗଡ଼ ଉପଜିଲାପାଳ ଶୁକ୍ରବାର ଯାଞ୍ଚ କରିଛନ୍ତି। ଏହି ଅବସରରେ ସେ ରାଜସ୍ୱ ,ଖଣି, ପ୍ରଦୂଷଣ , ବନବିଭାଗ ଓ ପୋଲିସ ବିଭାଗର ଏକ ଟିମ୍ ନେଇ ବିଭିନ୍ନ ଖଣି ଅଞ୍ଚଳ ପରିଦର୍ଶନ କରିଛନ୍ତି। ତିଗିରିଆ ବ୍ଲକରେ ଚାଲିଥିବା ୧୬ କ୍ରଶର ଓ ୩୦ରୁ ଊର୍ଦ୍ଧ୍ୱ ଖଣି ମଧ୍ୟରୁ ବେଆଇନ କ୍ରଶର ଓ ଖଣିଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଜିଲାପାଳ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବେଆଇନ ଖଣିକୁ ଆଗାମୀ ଦିନରେ ସିଜ କରିବା ସହ ଉକ୍ତ ଖଣିକୁ ଯାଇଥିବା ରାସ୍ତାକୁ ଗାତ ଖୋଳି ବନ୍ଦ କରିବାକୁ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କିଛି ଦିନ ବ୍ୟବଧାନରେ ଖଣି ଓ କ୍ରଶର ଉପରେ ଏଭଳି ଅତର୍କିତ ଚଢ଼ାଉକୁ ନେଇ ସ୍ଥାନୀୟ ଅଞ୍ଚଳର ବେଆଇନ ଖଣି ମାଲିକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଅପରପକ୍ଷେ ପ୍ରଶାସନର ଏଭଳି ପଦକ୍ଷେପକୁ ଜନସାଧାରଣ ସ୍ୱାଗତ କରିଛନ୍ତି। ଯାଞ୍ଚ ସମୟରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଅକ୍ଷୟ କୁମାର ପରିଡା, ତିଗିରିଆ ଥାନା ଏସ୍‌ଆଇ ବିଶ୍ୱଜିତ ଜେନାଙ୍କ ସମେତ ଖଣି ବିଭାଗ ଅଧିକାରୀ, ପ୍ରଦୂଷଣ ବିଭାଗ ଅଧିକାରୀ, ସ୍ଥାନୀୟ ବନବିଭାଗ ଅଧିକାରୀଙ୍କ ସମେତ ଉକ୍ତ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମୌସୁମୀ ବାୟୁ ଚାଷୀଙ୍କ ପାଇଁ ଆଶୀର୍ବାଦ

ବାଙ୍କୀ,୩୦।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂଗୋଳ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଆଭାସୀ ମାଧ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୌସୁମୀ ବାୟୁର ଉତ୍ପତ୍ତି ଏବଂ ଚାଷରେ ଏହାର ପ୍ରଭାବ ଶୀର୍ଷକ ଏହି ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅରିଜିତ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଚଳିତ ବର୍ଷ ମୌସୁମୀ ବାୟୁ ୧୫ଦିନ ଆଗରୁ ଆସିଯାଇଛି ବୋଲି ପ୍ରକାଶ କରିଥିଲେ। ଧାନ, ପରିବା ଓ ଫଳ ଚାଷ ପାଇଁ ମୌସୁମୀ ବାୟୁ ଜରୁରୀ ବୋଲି ପ୍ରାଧ୍ୟାପକ ମହାପାତ୍ର ପ୍ରକାଶ କରିଥିଲେ। ଅଧ୍ୟାପକ ଅରିଜିତ୍ ମିଶ୍ର ଯୋଗଦେଇ ମୌସୁମୀ ବାୟୁ ଆଗମନରେ ଚାଷୀମାନେ ଭଲ ଫସଲ କରିଥାନ୍ତି। ଏହା ଚାଷୀମାନଙ୍କ ପାଇଁ ଆଶୀର୍ବାଦ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ ବର୍ଷା ପରିମାଣ ଅଧିକ ହେଲେ ବନ୍ୟା ବିପ୍ରାତ ଘଟିବା ସହ ଚାଷବାସ ନଷ୍ଟ ହୋଇଥାଏ ବୋଲି ଅଧ୍ୟାପକ ମିଶ୍ର ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥିଭାବେ ଅଧ୍ୟାପିକା ଇତିଶ୍ରୀ ସାହୁ ଯୋଗଦେଇ ମୌସୁମୀ ବାୟୁର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ରରେ ବବୁଲା ବିହାର, ଲକ୍ଷ୍ମୀପ୍ରିୟା ଦାସ, ଅଦ୍ୱୈତ୍ୟ ନାରାୟଣ ନାୟକ, ସତ୍ୟବାଦୀ ମଲିକ, ହାପି ମାହୁନ୍ତ, ସୋନାଲିକା ସମାଲ, ନମିତା ଦଳେଇ ପ୍ରମୁଖ ଭାଗନେଇଥିଲେ। ଶେଷରେ ଜ୍ୟୋତିପ୍ରଭା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବ-ପାର୍ବତୀଙ୍କ ବିବାହ ଉତ୍ସବ

ସାଲେପୁର,୩୦।୫ (ଅରବିନ୍ଦ ଭୂୟାଁ)

ସାଲେପୁରସ୍ଥିତ ସାହେଶ୍ୱରୀ ପୀଠରେ ଶୁକ୍ରବାର ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହେଶ୍ୱରୀ ମନ୍ଦିରରେ ଥିବା ମହାପ୍ରଭୁ ଚନ୍ଦ୍ରଶେଖରଙ୍କ ପୀଠରୁ ତାଙ୍କ ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ନିଆଯାଇଥିଲା। ଏହାପରେ ସାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ଯଥାରୀତିରେ ଅନୁଷ୍ଠିତ କରାଯାଇଥିଲା। ଏଥିରେ କନ୍ୟା ପିତା ଭାବେ ମିହିର କୁମାର ଜେନା ଓ ବର ପିତା ଭାବେ ବସନ୍ତ କୁମାର ଯୋଗଦେଇ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ମାନସ ରଞ୍ଜନ ସାହୁ, ନିମାଇ ଚରଣ ବିଶ୍ୱାଳ, ବିଜୟ କେତନ ନାୟକ, ଡା.କିଶୋର କୁମାର ଦାସ, ସନାତନ ମହାପାତ୍ର, ମାନସ ରଞ୍ଜନ ଜେନା, ସନ୍ତୋଷ କୁମାର ରଣା, ଚନ୍ଦନ ସାମଲ ପ୍ରମୁଖ ବରଯାତ୍ରୀ ଦଳରେ ସାମିଲ ହୋଇଥିଲେ।

# ରାଜରାସ୍ତାକୁ ଓହ୍ଲାଇବାକୁ ଗ୍ରାମବାସୀଙ୍କ ଚେତାବନୀ

## ଗୌଡ଼ଛେଳି ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ



ମହିଳାମାନେ ପାଣି ପାଇଁ ଗରା, ବାଲ୍‌ଟି ଧରି ଅପେକ୍ଷା କରିଛନ୍ତି।

ବାଙ୍କୀ, ୩୦।୫ ( ଶୁଭେନ୍ଦୁ ମହାପାତ୍ର )

ବାଙ୍କୀ ବ୍ଲକ ବଳଭଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଗୌଡ଼ଛେଳି ଗ୍ରାମରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ଏହି ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବିନିମୟରେ ପାଣି ଟାଙ୍କି ନିର୍ମାଣ କରାଯିବା ସହ ପାଇପ୍‌ଲାଇନ୍ ବିଛାଯାଇଛି। ଏହାସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଜନସାଧାରଣ ସମସ୍ୟା ଭୋଗୁଛନ୍ତି। ପାଣି ସମସ୍ୟା ଦୂର ପାଇଁ ଗ୍ରାମବାସୀ ସ୍ଥାନୀୟ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ପାନୀୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଅଦ୍ୟାବଧି କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ। ଏଥିଯୋଗୁ ଲୋକେ ଗରା, ବାଲ୍‌ଟି ଧରି ନଳକୂପ ଆଗରେ ଧାଡ଼ିବାନ୍ଧି ପାଣି ଆଣିବାକୁ ବାଧ ହେଉଛନ୍ତି। ଏହି ସମସ୍ୟାର ଯଥାଶୀଘ୍ର ସମାଧାନ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ପଚାରିବାରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପାଇପ୍‌ଲାଇନ୍ ବିଛାଯାଇଛି। ଭୂତଳ ଜଳସ୍ତର କମିଯାଉଥିବାରୁ ଜଳସ୍ତର କମ୍ ରହୁଛି। ଫଳରେ କୂଅ, ପୋଖରୀ ଆଦି ଶୁଖିଯାଉଛି। ଏ ବିଷୟରେ ବାଙ୍କୀ ପାନୀୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭକରି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ଜିଲା ପାନୀୟ ଜଳଯୋଗାଣ ବିଭାଗ ଅଧିକାରୀ ଅଭିମନ୍ୟୁ ଦାସଙ୍କୁ ପଚାରିବାରେ, ସେ ଏ ସମ୍ପର୍କରେ ଅବଗତ ନାହାନ୍ତି। ବାଙ୍କୀ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ଜିଲା ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ ଦାସ କହିଛନ୍ତି। ବିଭାଗ ପକ୍ଷରୁ ଯଥାଶୀଘ୍ର ପାନୀୟ ଜଳଯୋଗାଣ ସମସ୍ୟା ସମାଧାନ କରା ନ ଗଲେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# 'ଉନ୍ନୟନମୂଳକ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷକର'




ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

କଟକ,୩୦।୫ (କାର୍ତ୍ତିକ ସାହୁ)

ବଡ଼ମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ବୈଠକରେ ଅଧ୍ୟକ୍ଷତା କରି ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଶେଷ କରି ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଲୋକଙ୍କୁ ପାନୀୟ ଜଳ ଯୋଗାଣ, ପ୍ରତ୍ୟେକ ଘରକୁ ପାଇପ ସଂଯୋଗ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ବିଧାୟକ ଦଳବେହେରା ନିର୍ଦ୍ଦେଶ ଦେଇଥିଲେ। ବଡ଼ମ୍ବା ଓ ନରସିଂହପୁର ଅଞ୍ଚଳରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଓ ଅଣ ଶିକ୍ଷକ ପଦବୀ ପୂରଣ, ବନ୍ଦ ଥିବା ବିଭିନ୍ନ ବିଦ୍ୟାଳୟକୁ ପୁନଃ ଖୋଲିବା, ନୂତନ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବା, ବିଦ୍ୟୁତ୍ ଯୋଗାଣ, ଟେଲିଫୋନ ସେବା ଯୋଗାଇଦେବା ଆଦି ବିଷୟରେ ଆଲୋଚନା କରାଯାଇ ସମସ୍ୟା ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରିବା ଦିଗରେ ବିଭାଗୀୟ ଅଧିକାରୀମାନେ ତତ୍ପର ହେବାକୁ ମଧ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଜିଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର ବୈଠକ ସଂଚାଳନ କରିଥିଲେ। ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବଡ଼ମ୍ବା ଓ ନରସିଂହପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ରାମଚନ୍ଦ୍ର ମଲ୍ଲିକ ଏବଂ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୫।୨୦୨୫

| | |
|---|---|
| ୫,୬୪,୩୫୧ ଟଙ୍କା | |
| ସୁନା | ୧.୦୫୦ ଗ୍ରାମ୍ |
| ରୁପା | ୫୪ ଗ୍ରାମ୍ |

## ସଂକ୍ଷେପରେ

### ପଛରୁ ପିଟିଲା ହାଇୱା, ହେଲ୍ପର ଗୁରୁତର



ନିମାପଡ଼ା,୩୦।୫(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା-ପିପିଲ ମୁଖ୍ୟରାସ୍ତାର ତଳଅଣ୍ଡିଆ ଛକ ନିକଟରେ ରାସ୍ତାରେ ଠିଆ ହୋଇଥିବା ହାଇୱାକୁ ପଛପଟୁ ଅନ୍ୟ ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ଦୁର୍ଘଟଣା ଘଟାଇଥିବା ହାଇୱା ହେଲ୍ପର ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପ୍ରତିଦିନ ବିଳମ୍ବିତ ରାତିରେ ଚୋରା ବାଲି ନେଇ ପରିବହନ କରୁଥିବାରୁ ଏଭଳି ଘଟଣା ଘଟୁଛି। ପ୍ରଶାସନର ଅପାରଗତାକୁ ନେଇ ବେଆଇନ ଭାବେ ବାଲିମାଫିଆମାନେ ଟ୍ରାକ୍ଟର ଏବଂ ହାଇୱା ସାହାଯ୍ୟରେ ଚୋରା ବାଲିଚାଲାଣ କରୁଛନ୍ତି। ଚୋରା ବାଲି ପରିବହନ ଯୋଗୁ ଏମାନେ ଦ୍ରୁତଗତିରେ ଗୋଚାଲାଣ କରୁଛନ୍ତି। ଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟିଚାଲିଛି। ଗୁରୁବାର ବିଳମ୍ବିତ ରାତିରେ ଦ୍ରୁତଗତିରେ ଆସି ପଛପଟୁ ଅନ୍ୟ ଏକ ହାଇୱାକୁ ଧକ୍କା ଦେଇଥିଲା। ଏ ଘଟଣା ସମ୍ପର୍କରେ ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଛି।

### ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)

ମହାଶକ୍ତି ଗାୟତ୍ରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶୁକ୍ରବାର ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସାମାଜିକ କର୍ମୀ ମନୋଜ କୁମାର ରଥ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ସମାଜସେବୀ ଅଭିମନ୍ୟୁ ଜେନା, ସୌମ୍ୟା ମିଶ୍ର ଯୋଗଦେଇ ଯୋଗାସନର ଆବଶ୍ୟକତା ଉପରେ ହୋଇଥିଲେ। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

# 'ଶିଶୁ ପାଇଁ ମାତାପିତାଙ୍କ ସ୍ନେହ ଜରୁରୀ'

### ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ଉଦ୍‌ଘାଟିତ

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)




ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିମାନେ ।

ପରିବାରଭିତ୍ତିକ ଯତ୍ନର ସ୍ୱରୂପକୁ ସୁଦୃଢ଼ କରିବା ପାଇଁ ଦୁଇଦିନିଆ ଜାତୀୟ ପୋଷ୍ୟସନ୍ତାନ ଗ୍ରହଣ ସମ୍ମିଳନୀ-୨୦୨୫ ଶୁକ୍ରବାରଠାରୁ ପୁରୀରେ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟର ସହଯୋଗରେ ଏହି ଦୁଇଦିନିଆ ସମ୍ମିଳନୀ ଆୟୋଜିତ ହୋଇଛି। ସମ୍ମିଳନୀକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରି କହିଛନ୍ତି, ପ୍ରତ୍ୟେକ ଶିଶୁର ଅଭିବୃଦ୍ଧି ପାଇଁ ଏକ ପ୍ରେମପୂର୍ଣ୍ଣ, ସୁରକ୍ଷିତ ଓ ପୋଷଣକାରୀ ପାରିବାରିକ ପରିବେଶର ଆବଶ୍ୟକତା ରହିଛି। ପ୍ରତିଟି ଶିଶୁର ସୁନ୍ଦର ଭବିଷ୍ୟତ ପାଇଁ ମାତାପିତାଙ୍କ ସ୍ନେହ ଜରୁରୀ। ପୋଷ୍ୟସନ୍ତାନ ଗ୍ରହଣ ଦ୍ୱାରା ପିଲାଟିକୁ ଏକ ପରିବାର ମିଳିବା ସହ ଗ୍ରହଣକାରୀଙ୍କୁ ମଧ୍ୟ ମାତାପିତା ସୌଭାଗ୍ୟପ୍ରାପ୍ତିର ସୁଯୋଗ ମିଳିଥାଏ। ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ଉନ୍ମେଷ ସମାଜକୁ ସମୃଦ୍ଧ ଓ ଶୃଙ୍ଖଳିତ କରିପାରିବ। ଚିନ୍ତା, ଚେତନା, ଶିକ୍ଷା ଏବଂ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିବା ପାଇଁ ଏକ ମଞ୍ଚ ଆୟୋଜନ କରିଥିବାରୁ ବିଭାଗକୁ ସେ ଅଭିନନ୍ଦନ ଜଣାଇଥିଲେ। ଗତ କିଛିବର୍ଷ ମଧ୍ୟରେ ଓଡ଼ିଶା ପୋଷ୍ୟସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ସୁଗମ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ର ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା ଭାବନା ସକ୍ସେନା ଏବଂ ଆଇସିଡିଏସ୍ ଓ ସମାଜ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ମନୀଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ପୋଷ୍ୟସନ୍ତାନ ଗ୍ରହଣ ସମ୍ମିଳନୀର ଆବଶ୍ୟକତା, ବ୍ୟବହାରଗତ ପରିବର୍ତ୍ତନ ଓ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ କେନ୍ଦ୍ର ପୋଷ୍ୟସନ୍ତାନ ସମ୍ବଳ ସଂସ୍ଥା, ୟୁନିସେଫ୍ ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ କିଶୋର ନ୍ୟାୟ ଆଇନ ଅଧୀନରେ ନୀତିଗତ ସୁରକ୍ଷା, ଅନ୍ତର୍ଜାତୀୟ ଯତ୍ନ ସଂସ୍କାର ପ୍ରୟାସ ଏବଂ ପୋଷ୍ୟ ପରିବାର ପାଇଁ ମାନସିକ ସାମାଜିକ ସହାୟତା ବ୍ୟବସ୍ଥା ଉପରେ ଅନୁସନ୍ଧାନ କରାଯାଇଥିଲା। ତାମିଲନାଡୁ, କର୍ଣ୍ଣାଟକ ଓ ମହାରାଷ୍ଟ୍ରର ରାଜ୍ୟସ୍ତରୀୟ ନବସୃଜନଗୁଡ଼ିକୁ ସ୍କେଲେବଲ୍ ଅଭ୍ୟାସର ମଡେଲ୍ ଭାବେ ଅଂଶୀଦାର କରାଯାଇଥିଲା। ସମଗ୍ର ଓଡ଼ିଶାରୁ ଜିଲାପାଳ ଏବଂ ଉପଜିଲାପାଳମାନେ ପୋଷ୍ୟସନ୍ତାନ ଗ୍ରହଣକୁ ପ୍ରୋତ୍ସାହିତ କରୁଥିବା ଏବଂ ସଂସ୍ଥାଗତ ଯତ୍ନକୁ ହ୍ରାସ କରୁଥିବା ତୃଣମୂଳସ୍ତରରେ ପ୍ରୟାସ ଉପସ୍ଥାପନ କରିବା ପାଇଁ ଏକ ଶୈକ୍ଷିକ ବିନିମୟରେ ଅଂଶଗ୍ରହଣ କରିଥିଲେ। ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀମାନେ ମଧ୍ୟ ରାଜ୍ୟସାରା ପୋଷ୍ୟ ଗ୍ରହଣ ପ୍ରକ୍ରିୟାକୁ ସୁଦୃଢ଼ ଓ ତ୍ୱରାନ୍ୱିତ କରିବା ପାଇଁ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ସଂସ୍କାରକୁ ଆଗକୁ ବଢ଼ାଇବା ଏବଂ ପରିବାରଭିତ୍ତିକ ଯତ୍ନର ଏକ ମୂଳସ୍ତମ୍ଭ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନୀତିନିର୍ଦ୍ଧାରକ, ଆଇନ ବିଶେଷଜ୍ଞ, ଜିଲା ଅଧିକାରୀ ଏବଂ ବିକାଶ ଅଂଶୀଦାରମାନଙ୍କୁ ଏକତ୍ରିତ କରାଯାଇଥିଲା। ଏହି ସମ୍ମିଳନୀ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟକୁ ତ୍ୱରାନ୍ୱିତ କରିବା, ଜିଲାସ୍ତରୀୟ ପୋଷ୍ୟ ଗ୍ରହଣ ବ୍ୟବସ୍ଥାକୁ ମଜଭୁତ କରିବ ଏବଂ ପ୍ରତ୍ୟେକ ଶିଶୁର ପରିବାର ପ୍ରତି ଅଧିକାର ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଇଛି। ଶିଶୁକୈନ୍ଦ୍ରିକ ଶାସନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭାହେବା ସହିତ ଏହି ସମ୍ମିଳନୀ କୌଣସି ଶିଶୁ ଯେପରି ପ୍ରେମ, ପରିଚୟ, ପରିବାର ଏବଂ ନିଜତ୍ୱ ବିନା ବଢ଼ିବ ନାହିଁ ତାହା ନିଶ୍ଚିତ କରିବାର ସାମୂହିକ ସଂକଳ୍ପକୁ ପୁନଃସ୍ଥାପିତ କରିବ ବୋଲି ମତପ୍ରକାଶ ପାଇଛି।

## ରଥଖଳାରୁ...

### ୧୪ ନାହାକାର ୪ଟି ଲେଖାଏ ଚଉପଟ କାର୍ଯ୍ୟ ଶେଷ



ପୁରୀ, ୩୦।୫(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୩୦ତମ ଦିବସ ଶୁକ୍ରବାର ସୁଦ୍ଧା ତିନିରଥ ଅଖ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ରଥର ବିଭିନ୍ନ ଅଂଶ ନିର୍ମାଣ ସହ ପାଞ୍ଚଦଣ୍ଡା ଚଉପଟ ନିମନ୍ତେ କାଠ ସାଇତା କାର୍ଯ୍ୟ ସରିଛି। ସ୍ନାନପୂର୍ଣ୍ଣିମାରେ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିବ। ତେଣୁ ରଥ ନିର୍ମାଣକାରୀ ସେବକମାନେ କାର୍ଯ୍ୟକୁ ଗତିଶୀଳ କରିଛନ୍ତି। ତିନି ରଥର ୨୧ ଅଖ ନିର୍ମାଣ ଶେଷ ପରେ ଅନୁକୂଳ ପୂଜା ହୋଇ ପଞ୍ଚଦଣ୍ଡାର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଅପରାହ୍ଣରେ ମହାରଣା ସେବକମାନେ ଅନୁକୂଳ ପୂଜା ସହ ୪୦ ଫୁଟିଆ ଦଣ୍ଡାକାଠର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଥିସହ ତିନିରଥର ୪ଟି ଲେଖାଏ ୧୪ ନାହାକାର ଚଉପଟ କାର୍ଯ୍ୟ ମହାରଣା ସେବକମାନେ ଶେଷ କରିଛନ୍ତି। ଚାରିନାହାକା ଉଭୟ ପାର୍ଶ୍ୱର ସାଲ କାର୍ଯ୍ୟ ସରିଛି। ତିନିରଥର ଦୁଇଟି ଲେଖାଏ ଓ ଗରଗରାର ଉଭୟ ପାର୍ଶ୍ୱ ବିନ୍ଧ ପରେ ବାକିଥିବା ଅଖଗୁଡ଼ିକର ଦୁଇପାର୍ଶ୍ୱ ଗୋଲେଇ କାର୍ଯ୍ୟ ସରିଛି। ମୁଖ୍ୟ ରୂପକାର ସେବକମାନେ ରଥ ସିଂହାସନ ମୁହାଁଟିରେ ଚିତ୍ର ଅଙ୍କନ ଶେଷ କରି ରୂପ ଖୋଦେଇ ଆରମ୍ଭ କରିଛନ୍ତି। ଅନ୍ୟ ରୂପକାର ସେବକମାନେ ସାଲଗୁଜଗୁଡ଼ିକରେ ଶେଷ ସ୍ପର୍ଶ ଦେଉଛନ୍ତି। ଏହାପରେ ୮ଟି ଲେଖାଏ ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ କାର୍ଯ୍ୟ ଆରମ୍ଭ ହେବ। କରତିସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଶେଷ କରିଛନ୍ତି। ନନ୍ଦିଘୋଷ ରଥର ୪୦ ଫୁଟିଆ ଧଉରା କାଠର ଚିରଟ ଆରମ୍ଭ ହୋଇଛି। ଅନ୍ୟପଟେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଦଣ୍ଡା ପାଇଁ ଦଣ୍ଡାବିଡ଼ିଆ କଣ୍ଟା ଏବଂ ଗୟଳ କଣ୍ଟା ସହ ଗରଗରା କଣ୍ଟା ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ପାହି ମହାରଣାମାନେ ଦୋଳବେଦିଠାରେ ଅଣସର ତଥା ରଥଯାତ୍ରାରେ ସେବା ନୀତି ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣରେ ବ୍ୟସ୍ତ ରହିଛନ୍ତି।

## ପଞ୍ଚମହାଦେବଙ୍କ ପକ୍ଷରୁ କନ୍ୟାଚୋରି ନୀତି ସମ୍ପନ୍ନ

ପୁରୀ,୩୦।୫
(ଅଜିତ୍ କୁମାର ମହାନ୍ତି)



ଈଶ୍ୱର ବଲ୍ଲଭ ଜାଗାଠାରେ ଶ୍ରୀଲୋକନାଥଙ୍କ କନ୍ୟାଚୋରି ନୀତି ସମ୍ପନ୍ନ କରାଯାଉଛି ।

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଚତୁର୍ଥୀ ଅବସରରେ ଶୁକ୍ରବାର ପୁରୀର ପଞ୍ଚମହାଦେବ ପୀଠ ସହ ସହରସ୍ଥ ବିଭିନ୍ନ ଶୈବପୀଠରେ କନ୍ୟାଚୋରି ନୀତି ସମ୍ପନ୍ନ ହୋଇଛି। ପଞ୍ଚମହାଦେବ ପରମ୍ପରା ମୁତାବକ ପାର୍ବତୀଙ୍କୁ ଚୋରି କରିଛନ୍ତି। ଶନିବାର ରୀତିନୀତି ଅନୁଯାୟୀ ମା' ପାର୍ବତୀଙ୍କୁ ମହାଦେବ ବିବାହ କରିବେ। ଅନ୍ୟପକ୍ଷରେ ସୋମବାର ପବିତ୍ର ଶୀତଳଷଷ୍ଠୀ ପାଳନ ହେବ। କନ୍ୟାଚୋରି ଏବଂ ଶିବ ବିବାହ ଲାଗି ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପ୍ରଭୁ ଶ୍ରୀଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ ଏବଂ ନୀଳକଣ୍ଠେଶ୍ୱରଙ୍କୁ ବିବେଚନା କରାଯାଇଥାଏ। ପରମ୍ପରା ଅନୁଯାୟୀ, ପଞ୍ଚମହାଦେବ ଶ୍ୱଶୁରଘରକୁ ଯାଇ ପାର୍ବତୀଙ୍କୁ ଚୋରିକରି ସାଙ୍ଗରେ ନେଇ ବିବାହ କରିଥାନ୍ତି। ବିବାହ ପରେ ସାହି ପରିକ୍ରମା କରି ପନ୍ତି ଖାଇଥାନ୍ତି। ଏଭଳି ପରମ୍ପରା କେବଳ ଶ୍ରୀକ୍ଷେତ୍ରରେ ହିଁ ଦେଖିବାକୁ ମିଳିଥାଏ। କନ୍ୟାଚୋରି ନୀତି ପରେ ପ୍ରତ୍ୟେକ ଠାକୁର ସ୍ୱମନ୍ଦିରକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କ ମାଘସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ସନ୍ଧ୍ୟାଧୂପ ଏବଂ ବଡ଼ସିଂହାର ନୀତି ସମ୍ପନ୍ନ ହୋଇ ପହୁଡ଼ ନୀତି ହୋଇଥିଲା।

### ରାଧାବଲ୍ଲଭ ମହାବିଦ୍ୟାଳୟକୁ ଡିଗ୍ରୀ କଲେଜ ମାନ୍ୟତା

ଗୋପ,୩୦।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ଦଳନଇସ୍ଥିତ ରାଧାବଲ୍ଲଭ ମହାବିଦ୍ୟାଳୟକୁ ଡିଗ୍ରୀ କଲେଜ ମାନ୍ୟତା ମିଳିଛି। ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷାର ବିକାଶ ପାଇଁ ରାଧାବଲ୍ଲଭ ଡିଗ୍ରୀ ମହାବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିଠି ନମ୍ବର ୩୯୦୨, ତା ୩୦.୫. ୨୦୨୫ରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଅନୁମତି ପ୍ରଦାନ କରାଯାଇଛି। କିଛିବର୍ଷ ହେବ ଏହି ଅଞ୍ଚଳର ଛାତ୍ରୀଛାତ୍ରମାନେ ଦୂରଦୂରାନ୍ତକୁ +୩ କଳା ଶିକ୍ଷା ଲାଗି ଯାଉଥିବାବେଳେ ଚଳିତ ବର୍ଷ ଆଉ ଅନ୍ୟତ୍ର ଯିବାକୁ ପଡ଼ିବ ନାହିଁ। ଏହି ପଦକ୍ଷେପ ପାଇଁ ମହାବିଦ୍ୟାଳୟ ତରଫରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରଣଜିତ କୁମାର ପ୍ରଧାନଙ୍କୁ କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ରାଜକିଶୋର ଜେନା, ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁ, ସମସ୍ତ କର୍ମଚାରୀ ଓ ପରିଚାଳନା କମିଟିର ସଭ୍ୟମାନେ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଡିଗ୍ରୀ କଲେଜରେ ୧୨୮ ସିଟ୍ କଳା ଓ ୧୨୮ ବିଜ୍ଞାନ ସିଟ୍ ପାଇଁ ଆବେଦନ କରାଯାଇଥିବାବେଳେ କେବଳ କଳାରେ ୪୮ ସିଟ୍‌କୁ ଅନୁମୋଦନ ମିଳିଛି।

## ପୁରୀ ଜିଲା ସଫ୍ଟବଲ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା




ପୁରୀ ଜିଲା ସଫ୍ଟବଲ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି):

ପୁରୀ ଜିଲା ସଫ୍ଟବଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁକ୍ରବାର ଝାଡ଼େଶ୍ୱରୀ କ୍ଲବ୍ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଝାଡ଼େଶ୍ୱରୀ କ୍ଲବ ଏବଂ ଅନ୍ୟ କ୍ରୀଡ଼ା ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ଦାୟିତ୍ୱ ଗ୍ରହଣ କରିଥିବା ନୂତନ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପୁରୀ ଜିଲା ସଫ୍ଟବଲ ସଂଘର ସଭାପତି ଭାବେ ଅରବିନ୍ଦ ଦାସ, ସମ୍ପାଦକ ଭାବେ ରଞ୍ଜନ କୁମାର ରଥ, କୋଷାଧ୍ୟକ୍ଷ ଭାବେ ବିରଞ୍ଚି ନାରାୟଣ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଝାଡ଼େଶ୍ୱରୀ କ୍ଲବର ସମ୍ପାଦକ ପାର୍ଥ ସାରଥୀ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ନିମାଇଁ ଚରଣ ଦାସ, ଥ୍ରୋ ବଲ୍ ସଂଘ ସମ୍ପାଦକ ଦୀପ୍ତିରଞ୍ଜନ ସାମନ୍ତରାଏ, ଆର୍ଚେରୀ ସଂଘ ସମ୍ପାଦକ ମଳୟ କୁମାର ନାୟକ ଏବଂ ଉପସଭାପତି ଲକ୍ଷ୍ମୀନାରାୟଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଝାଡ଼େଶ୍ୱରୀ କ୍ଲବ ସମ୍ପାଦକ ମହାପାତ୍ର ଆଗାମୀ ଦିନରେ ସଫ୍ଟବଲ ଖେଳର ପ୍ରଚାର ଏବଂ ପ୍ରସାର ପାଇଁ ଝାଡେଶ୍ୱରୀ କ୍ଲବ୍ ତରଫରୁ ସମସ୍ତ ପ୍ରକାରର ସୁବିଧା ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ସଫ୍ଟବଲ ସଂଘର ସମ୍ପାଦକ ରଥଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଜିଲାରେ କିପରି ସଫ୍ଟବଲ ଖେଳର ଅଧିକ ପ୍ରସାର ପ୍ରଚାର ହୋଇପାରିବ ଓ ଖେଳାଳିମାନେ ଜାତୀୟ ଓ ଅର୍ନ୍ତଜାତୀୟ ପ୍ରତିଯୋଗିତାରେ ଭାଗନେବେ ସେ ନେଇ ସଂଘ ପକ୍ଷରୁ ଖେଳାଳିମାନଙ୍କୁ ସମସ୍ତ ସହଯୋଗ କରାଯିବ ବୋଲି ରଥ କହିଛନ୍ତି।

## ବାଲୁଙ୍କେଶ୍ୱର ଦେବଙ୍କ ନିର୍ବନ୍ଧ ସରିଲା, ଆଜି ବିବାହ

ପିପିଲି,୩୦।୫(ଦୁର୍ଗା ମାଧବ ମିଶ୍ର)

ପିପିଲି କୋର୍ଟଛକସ୍ଥିତ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ପବିତ୍ର ବିବାହ ଉତ୍ସବ ଓ ଶୀତଳଷଷ୍ଠୀ ଯାତ୍ରା ପାଇଁ ଶୁକ୍ରବାର ଠାକୁରଙ୍କ ନିର୍ବନ୍ଧ ଉତ୍ସବ ଶେଷ ହୋଇଛି। ପୂର୍ବାହ୍ନରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱରଙ୍କ ମନ୍ଦିରରେ ସମସ୍ତ ରୀତିନୀତି ଶେଷହେବା ପରେ ମନ୍ଦିର କମିଟିର ସଦସ୍ୟମାନେ ଏକ ଶୋଭାଯାତ୍ରାରେ କନ୍ୟାପିତା ରଘୁନାଥ କାନ୍ତ ଓ ବରପିତା ଗୌରହରି ସାହୁଙ୍କୁ ପାରମ୍ପରିକ ନିମନ୍ତ୍ରଣ କରିବା ପାଇଁ ଉଭୟଙ୍କ ବାସଭବନକୁ ଯାଇଥିଲେ। ମଧ୍ୟାହ୍ନରେ ମନ୍ଦିରରୁ ଶୋଭାଯାତ୍ରାରେ ଉଭୟ କନ୍ୟାପକ୍ଷ ଓ ବରପକ୍ଷ ଖଣ୍ଡିଆଗିରି ସ୍ଥିତ ପ୍ରଭୁ ଶ୍ରୀହୁଙ୍କେଶ୍ୱର ଦେବଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ଖଣ୍ଡିଆଗିରି ଗ୍ରାମବାସୀ, ହୁଙ୍କେଶ୍ୱର ଦେବ ଯୁବ ପରିଷଦ ଓ ପିପିଲି ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ସେମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ସେଠାରେ ପ୍ରଭୁ ବାଲୁଙ୍କେଶ୍ୱର ଦେବ ଓ ଦେବୀ ପାର୍ବତୀଙ୍କ ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟ ବର ମାତାପିତା ଓ କନ୍ୟା ମାତାପିତାଙ୍କ ଉପସ୍ଥିତିରେ ବିଧି ମୁତାବକ ସମ୍ପନ୍ନ ହୋଇଥିଲା। ସମସ୍ତ କାର୍ଯ୍ୟକୁ କମିଟିର ମୁଖ୍ୟ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସଭାପତି ପ୍ରଭାକର ପଣ୍ଡା, ଉପସଭାପତି ଆଡ୍‌ଭୋକେଟ ସୁଧୀର କୁମାର ମହାନ୍ତି, ସମ୍ପାଦକ ସମୀର କୁମାର ଦାଶ, ଆଡ୍‌ଭୋକେଟ ବିଭୁପ୍ରସାଦ ବୈରୀଗଞ୍ଜନ, ସୁଶାନ୍ତ କୁମାର ସାହୁ, ମନୋଜ କୁମାର ପ୍ରଧାନ, ସୁରେଶ ମହାରଣା, ରବୀନ୍ଦ୍ର ନାଥ ତ୍ରିପାଠୀ, ପିପିଲି ମହୋତ୍ସବ କମିଟିର ସଭାପତି ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ସମ୍ପାଦକ ଶଙ୍କର୍ଷଣ ପ୍ରଧାନ, ବ୍ରଜକିଶୋର ପ୍ରଧାନ, ଶ୍ରୀଧର ନାୟକ, ସୁନୀଲ ବରାଳ, ମନୋଜ ପ୍ରଧାନ, ଦୀପ୍ତିରଞ୍ଜନ ପ୍ରଧାନ, ଦେବାଶିଷ ନାୟକ, ଦୀପକ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ୩୧ ତାରିଖ ସନ୍ଧ୍ୟାରେ ପ୍ରଭୁ ବାଲୁଙ୍କେଶ୍ୱର ଦେବ ଓ ଦେବୀ ପାର୍ବତୀଙ୍କ ମଧ୍ୟରେ ବିବାହ ଉତ୍ସବ ଅନୁଷ୍ଠିତ ହେବ।

### ବଟି ମାଗି ଜଣେ ଗିରଫ

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)

ଦାଦାବଟି ମାଗିବା ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ଅଲଗୁମ ଗ୍ରାମର ସତ୍ୟବ୍ରତ ପ୍ରଧାନ (୧୯)। ପୋଲିସ ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଅଫୁଟା ବୋମା, ବାଇକ, ମୋବାଇଲ ଫୋନ ଏବଂ ନଗଦ ୬୦୦ ଟଙ୍କା ଜବତ କରିଛି। ଏନେଇ ଚନ୍ଦନପୁର ଥାନାରେ ଏକ କେସ୍ (ନଂ. ୧୧୦/୨୫) ରୁଜୁ ହୋଇଛି।

### ତୁଷାର ହେଲେ ଏମ୍‌ପିଙ୍କ ପ୍ରତିନିଧି

ଅସ୍ତରଙ୍ଗ,୩୦।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଅସ୍ତରଙ୍ଗ ଅଞ୍ଚଳର ତୁଷାର ରଞ୍ଜନ ବେହେରାଙ୍କୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତାଙ୍କ ପ୍ରତିନିଧି ଭାବେ ମନୋନୀତ କରିଛନ୍ତି। ଏଥିନେଇ ତୁଷାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଜଗତ୍‌ସିଂହପୁର ଏମ୍‌ପି ତରାଇଙ୍କୁ ସାଧୁବାଦ ଜଣାଇଛନ୍ତି। ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉନ୍ନତିକରଣ ସମ୍ପର୍କରେ ଆଗକୁ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଦଳୀୟ କର୍ମୀ ତୁଷାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପୁରୀ: ଶୁକ୍ରବାର ପର୍ଯ୍ୟଟକମାନେ ସମୁଦ୍ର ସ୍ନାନର ମଜା ନେଉଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀକ୍ଷେତ୍ରରେ ପହଞ୍ଚିଲା ସ୍ନାନଯାତ୍ରା, ଅଣସର ସୂତାଲୁଗା

ଖୋର୍ଦ୍ଧା,୩୦।୫(ପ୍ରଭାତ ପାଣିଗ୍ରାହୀ)



ଆସନ୍ତା ଜୁନ ୧୧ରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଏବଂ ୨୭ତାରିଖରେ ଘୋଷଯାତ୍ରା। ଏଥିଲାଗି ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଶ୍ରୀନଅର ସମ୍ମୁଖ ଅସ୍ଥାୟୀ ରଥଖଳାରେ ଚାଲିଛି ରଥ ନିର୍ମାଣ। ଏପଟେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାର ପରିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ପାଟବସ୍ତ୍ର ଓ ସୂତାଲୁଗା ପ୍ରସ୍ତୁତିରେ ଲାଗିଛନ୍ତି। ଶୁକ୍ରବାର ସୁଦ୍ଧା ପ୍ରାୟ ୮୦ପ୍ରତିଶତ କାମ ସରିଥିବା ବରିଷ୍ଠ ବୁଣାକାର ଗୋପୀନାଥ ଦାସ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଦେବସ୍ନାନ ପୂର୍ଣ୍ଣିମୀ ଓ ଅଣସର ଲାଗି ସୂତାଲୁଗା ଶ୍ରୀମନ୍ଦିରରେ ପଇଠ କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମୀ ୧୦୮ଗରାବଡୁ ଜଳ ପାଇଁ ଗାମୁଛା, ୩୦ରୁ ୩୫ପ୍ରକାର ଲୁଗା ଯଥା ନେତଫୁଟା, ବୋଇରାଣୀ, ପତନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡା, ଗଦିଫୁଟା, ଅଧର ଗାମୁଛା, ନେତଖଂଶୁଆ, ସାନଟଣା ଓ ବଡ଼ଟଣା ଖସା, ୧୨ ଓ ୧୬ଗଡ଼ା ଲୁଗା ଆଦି ବସ୍ତ୍ର ରହିଛି। ଅଣସରରୁ ସୁସ୍ଥ ହେବା ପରେ ଶ୍ରୀବିଗ୍ରହ ଗୀତଗୋବିନ୍ଦ ପାଟ ପରିଧାନ କରିବେ।

ଗୋପୀନାଥଙ୍କ ଭାଇ ଗୋବିନ୍ଦ କୁହନ୍ତି, ବାପାଙ୍କ ପରେ ଆମ ପରିବାର ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ଓ ସୂତା ଲୁଗା ବୁଣୁଛୁ। ୩୦ବର୍ଷ ହେଲା ଏହି ସେବା ଚାଲିଛି। ଏଥିରେ ଏକ ଅପୂର୍ବ ଆନନ୍ଦ ରହିଛି। ଏହି ସେବା ଭାଗ୍ୟରେ ଥିଲେ ମିଳେ। ସବୁବେଳେ ମନ ମହାପ୍ରଭୁଙ୍କ ନିକଟରେ ରହିଛି। ସେହିପରି ବୁଣାକାର ଅଶୋକ ଦାସ କୁହନ୍ତି, ଦୀର୍ଘ ବର୍ଷ ହେବ ଗୀତଗୋବିନ୍ଦ ପାଟବସ୍ତ୍ର ବୁଣୁଛି। ଗୀତଗୋବିନ୍ଦ ପାଟ ବୁଣିବା ବେଳେ ଆନନ୍ଦ ମିଳେ।

# କୋଟପା ଆଇନ ପ୍ରହସନ, ସଚେତନତା ବାଟବଣା

ଖୋର୍ଦ୍ଧା/ବେଗୁନିଆ,୩୦।୫
(ପ୍ରଭାତ ପାଣିଗ୍ରାହୀ/ହରପ୍ରସନ୍ନ ପଣ୍ଡା)

ଧୂମପାନ ହେଉ କିମ୍ବା ତମାଖୁ ସେବନର ଭୟାବହତା ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଆସୁଛନ୍ତି। ଏହା ସତ୍ତ୍ୱେ ନିଶା ସେବନକାରୀଙ୍କ ମଧ୍ୟରେ କୌଣସି ପରିବର୍ତ୍ତନ ଆସୁନାହିଁ। ତମାଖୁ ଏବଂ ଅନ୍ୟ ନିଶା ସେବନ ବର୍ଜନ, ସଚେତନତା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୩୧ତାରିଖରେ ପାଳିତ ହେଉଛି ବିଶ୍ୱ ତମାଖୁ ନିରୋଧ ଦିବସ। ସରକାର ଏ ବାବଦକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ବର୍ଷରେ ଗୋଟିଏ ଦିନ ସରକାରୀ ତଥା ବେସରକାରୀ ସ୍ତରରେ ଏହାକୁ ପାଳନ କରାଯାଉଛି। ବାକି ୩୬୪ଦିନ ଏହା ଉପରେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ତମାଖୁ ବ୍ୟବହାର ବଢ଼ିଚାଲିଛି। ସିଗାରେଟ ଆଣ୍ଡ ଅଦର ଟବାକୋ ପ୍ରଡକ୍ଟ ଆକ୍ଟ(କୋଟପା) ଜିଲାରେ ପ୍ରହସନ ପାଲଟିଛି।

୨୦୧୩ ଜାନୁଆରୀରୁ ଗୁଟ୍‌ଖା ସମେତ ଅନେକ ତମାଖୁ ସାମଗ୍ରୀର ଉତ୍ପାଦନ, ବିକ୍ରି ଏବଂ ବ୍ୟବହାର ଉପରେ ଓଡ଼ିଶାରେ

ଆଜି ବିଶ୍ୱ ତମାଖୁ ନିରୋଧ ଦିବସ



ଆଇନତଃ ନିଷିଦ୍ଧ କରାଯାଇଛି। ଗୁଟ୍‌ଖା କାରବାର ରୋକିବା ଲାଗି ଜିଲାସ୍ତରରେ ଟାସ୍କ ଫୋର୍ସ ରହିଛି। ତେବେ ଏମାନଙ୍କ ଅବହେଳା ଯୋଗୁ ତମାଖୁ ବିକ୍ରି ବଢ଼ିଚାଲିଛି। ଅନ୍ୟପଟେ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନଠାରୁ ରାସ୍ତାକଡ଼ ଫୁଟପାଥ ଦୋକାନ, ପାନ ଦୋକନ ଆଦିରେ ଗୁଟ୍‌ଖା ଖୁଲମଖୁଲା ବିକ୍ରି ଚାଲିଛି। ଶିକ୍ଷାନୁଷ୍ଠାନଠାରୁ ୧୦୦ ମିଟର ଦୂରତା ମଧ୍ୟରେ ତମାଖୁ ବିକ୍ରି କରାଯାଇପାରିବ ନାହିଁ ବୋଲି କୋଟପା ଆଇନରେ ଉଲ୍ଲେଖ ରହିଛି। ହେଲେ ଜିଲାର ଏକାଧିକ ଶିକ୍ଷାନୁଷ୍ଠାନ ନିକଟରେ ଏହା ଖୁଲମଖୁଲା ଭାବେ ବିକ୍ରି ଚାଲିଛି। ଏପରିକି କିଛି ସରକାରୀ କାର୍ଯ୍ୟାଳୟ ପରିସରରେ ମଧ୍ୟ ବ୍ରିକି ଚାଲିଥିବା ଅଭିଯୋଗ ହେଉଛି। ସର୍ବସାଧାରଣରେ ଧୂମପାନ, ନିଶା ସେବନ, ଛେପ ପକାଇବା ଆଇନତଃ ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ଏହାକୁ ମାନୁନାହାନ୍ତି। ସରକାରୀ କାର୍ଯ୍ୟାଳୟରେ କେତଜଣ କର୍ମଚାରୀ ଗୁଟୁଖା, ପାନ ସେବନ କରି କାମ କରୁଥିବା ଦେଖିବାକୁ ମିଳୁଛି। କାର୍ଯ୍ୟାଳୟକୁ ଆସୁଥିବା କେତେଜଣ ବ୍ୟକ୍ତି ମଧ୍ୟ ପାନଗୁଟ୍‌ଖା ଖାଇ ଏଣେତେଣେ ଛେପ ପକାଉଛନ୍ତି। ଏହା ଦ୍ୱାରା ପରିବେଶ ନଷ୍ଟ ହେଉଛି।

ଏନେଇ ଆଇନଜୀବୀ ମନ୍ମଥ ମିଶ୍ର କୁହନ୍ତି, ଶିକ୍ଷାନୁଷ୍ଠାନ ଶହେ ମିଟର ପରିସର ମଧ୍ୟରେ ଗୁଟ୍‌ଖା ବିକ୍ରି ଆଇନତଃ ନିଷିଦ୍ଧ। ଏଥିଲାଗି ଦଣ୍ଡବିଧାନ କଡ଼ାକଡ଼ି ହେବା ଦରକାର। ସେହିପରି ବୁଦ୍ଧିଜୀବୀ ଜ୍ଞାନ ରଞ୍ଜନ ଦାଶ କୁହନ୍ତି, ସର୍ବସାଧାରଣ ସ୍ଥାନରେ ସିଗାରେଟ ଟାଣିବା, ପାନଛେପ ପକାଇବା ଦ୍ୱାରା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ କୁହନ୍ତି, ଅଧିକାଂଶ ଯୁବପିଢ଼ି ତମାଖୁର ଭୟାବହତା ସମ୍ପର୍କରେ ଅବଗତ ଥାଇ ମଧ୍ୟ ପଥଭ୍ରଷ୍ଟ ହୋଇ ନିଶାର କବଳିତ ହେଉଛନ୍ତି। ସଚେତନତା ଅଭାବରୁ ନିଶାଜନିତ ମୃତ୍ୟୁ ହାର ବଢ଼ିବାରେ ଲାଗିଛି। ସାମାଜିକ କର୍ମୀ ଶିବ କୁମାର ମୁନି କୁହନ୍ତି, ସରକାର ଗୁଟଖା ବିକ୍ରି ଓ ପ୍ରସ୍ତୁତ ଉପରେ କଟକଣା ଲାଗୁ କରିଥିଲେ ମଧ୍ୟ ଅବାଧରେ ଏହା ବିକ୍ରି ହେଉଛି। ସରକାର ଗୁଟଖାକୁ ବ୍ୟାନ କରି ଅସାଧୁ ବ୍ୟବସାୟୀଙ୍କୁ ପରୋକ୍ଷରେ ବ୍ୟବସାୟ କରିବା ପାଇଁ ଅନୁମତି ଦେଉଛନ୍ତି। ହେଲେ କଟକଣାକୁ ଗୁରୁତ୍ୱ ଦେଉନାହାନ୍ତି। ନୂତନ ଅବକାରୀ ନୀତି ଆରମ୍ଭ କରି ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ଅବାଧ କାରବାର ଉପରେ ରୋକ ଲଗାଇବା ଆବଶ୍ୟକ। ତେବେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ କୁହନ୍ତି, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ସଚେତନ କରାଯାଉଛି। ଏଥିଲାଗି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଏଥିପ୍ରତି ସମସ୍ତେ ସଚେତନ ହେଲେ, ଏହାକୁ ରୋକାଯାଇପାରିବ।

## ସଂକ୍ଷେପରେ

### ନୂତନ ବ୍ଲକ୍ ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧଙ୍କ ଦାୟିତ୍ୱ ଗ୍ରହଣ

କୃଷ୍ଣପ୍ରସାଦ,୩୦।୫
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ୍ ଶିକ୍ଷା ଅଧିକାରୀଭାବେ ଆଲୋକ କୁମାର ବନ୍ଧ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। କାର୍ଯ୍ୟାଳୟ ପରିସରରେ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଲୋକଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ବିଆର୍‌ସିସି ସିଦ୍ଧେଶ୍ୱର କରଣ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ଏବିଇଓ ପ୍ରକାଶ କୁମାର ବେହେରା, ଉଗ୍ରେସନ ଶଙ୍ଖୁଆଳ, ସର୍ବେଶ୍ୱର ସ୍ୱାଇଁ, ବରିଷ୍ଠ ପ୍ରଧାନଶିକ୍ଷକ ନିରଞ୍ଜନ ପାହାଣ, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ସୁଧାକର ପ୍ରଧାନ, ସମ୍ପାଦକ ନିତ୍ୟାନନ୍ଦ ଦାସ, ପ୍ରମୋଦ କୁମାର ଦଳବେହେରା, ଲାଲୁ କିଶୋର ଜେନା, ଅସିତ କୁମାର ଜେନା, ଦୀନବନ୍ଧୁ ପ୍ରଧାନ, ଶ୍ରୀକାନ୍ତ କୁମାର ସ୍ୱାଇଁ, ସାତପଡ଼ା ଶିକ୍ଷା ସର୍କଲ ସମ୍ପାଦକ ବସନ୍ତ କୁମାର ଜେନା, ପୁରୀ ଜିଲା ପ୍ରାଥମିକ ଯୁଗ୍ମ ସମ୍ପାଦକ ଅଭିରାମ କେଇ, ସିଆରସିସି ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ନୂତନ ବିଇଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୩୦।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମର ଆରାଧ୍ୟା ମା'ଗହୀର ବଘେଇଙ୍କ ପୀଠରେ ପାଞ୍ଚଦିନ ଧରି ଚାଲିଥିବା ନବମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ପୂର୍ବତନ ସରପଞ୍ଚ ସୁଦର୍ଶନ ବେହେରା, ଶଶି ଭୂଷଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

### ଶିକ୍ଷାବିତ୍ ବ୍ରଜବନ୍ଧୁ ସାମନ୍ତରାୟଙ୍କ ପରଲୋକ

ବୋଲଗଡ଼,୩୦।୫(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଘୋରଡ଼ିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବ୍ରଜବନ୍ଧୁ ସାମନ୍ତରାୟଙ୍କ ଗତ ବୁଧବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା। ସେ ଅନେକ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ଥିବାବେଳେ ବ୍ୟଙ୍ଗ କବିଭାବେ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଖବରଦାତା ଗୁରୁକୃଷ୍ଣ ଦୁଃଖାନନ୍ଦ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସଦାଶିବ ମହାପାତ୍ର, ତାରା ପଟ୍ଟନାୟକ, ଶୁଭେନ୍ଦ୍ର ସାହୁ, ଜିଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସରପଞ୍ଚ ବିଜୟ ସେଠୀ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଶିକ୍ଷା, ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଶିକ୍ଷକ



ପିଲାମାନଙ୍କୁ ଶିକ୍ଷକ ପାଠପଢ଼ା ସମ୍ପର୍କରେ ପଚାରି ବୁଝୁଛନ୍ତି।

ଟାଙ୍ଗୀ,୩୦।୫(ରଘୁନାଥ ସାହୁ)

ଗ୍ରୀଷ୍ମ ଅବକାଶରେ ଛାତ୍ରୀଛାତ୍ରମାନେ ଘରେ ରହି ଅନ୍‌ଲାଇନରେ କିପରି ପାଠପଢୁଛନ୍ତି ଏବଂ ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି ଜାଣିବା ପାଇଁ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପିଲାମାନଙ୍କ ଘରକୁ ଯାଇ ମାତାପିତାଙ୍କୁ ସାକ୍ଷାତ କରିଥିଲେ। ମୋବାଇଲକୁ ଆସୁଥିବା ପାଠ ଛାତ୍ରୀଛାତ୍ରମାନେ ଯେଉଁ ଖାତାରେ ଲେଖୁଛନ୍ତି ସେ ଖାତା ଦେଖିଥିଲେ। ଅଭ୍ୟାସ ପୁସ୍ତିକା ସଂଶୋଧନ କାର୍ଯ୍ୟ କରିଥିଲେ। ପିଲାମାନଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବା ପାଇଁ ମା'ମାନଙ୍କୁ ବୁଝାଇଥିଲେ। ପିଲାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଦିଗରେ ଅଭିଭାବକମାନେ ଧ୍ୟାନ ଦେବା ଆବଶ୍ୟକ। ବିଶେଷକରି ମା'ମାନେ ଘରେ ଏକ ବିଦ୍ୟାଳୟ ପରିବେଶ ସୃଷ୍ଟି କରିବା ଦିଗରେ ଅଧିକ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ।

# ୧୩ ଟିକେଟ ଯାଞ୍ଚ ନିରୀକ୍ଷକ ସମ୍ବର୍ଦ୍ଧିତ




ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍.ବାଜୱାଙ୍କ ସହ ସମ୍ବର୍ଦ୍ଧିତ ଟିକେଟ ଯାଞ୍ଚ ନିରୀକ୍ଷକମାନେ।

ଜଟଣୀ,୩୦।୫(ରବୀନ୍ଦ୍ରନାଥ ମହାକୁଡ)

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍.ବାଜୱା ଶୁକ୍ରବାର ୧୩ଜଣ ଟିକେଟ ଯାଞ୍ଚ ନିରୀକ୍ଷକ(ଟିଟିଇ)ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ଜିତେନ୍ଦ୍ର ପଟ୍ଟନାୟକ, ନିରାକର ସାହୁ, ସୁଧାକର ବେହେରା, ଶିବ ପ୍ରସାଦ ଦାସ, ଅଜୟ କୁମାର ସାହୁ, ସୁଧୀର କୁମାର ସାହୁ, କେ.ପି ସାମନ୍ତ, ପ୍ରଶାନ୍ତ କୁମାର ବେହେରା, ସି.ଏଚ୍.ବି ରେଡ୍ଡୀ, କେ.ସି ମଲ୍ଲିକ, ଆର୍.ଆର୍ ପ୍ରସାଦ, କେ.ମହାପାତ୍ର ଏବଂ ସମଲେଶ୍ୱର ବେହେରା। ୨୦୨୪-୨୫ ଆର୍ଥିକ ବର୍ଷରେ ଟିକେଟ ଯାଞ୍ଚ ନିରୀକ୍ଷକଙ୍କ ନିଷ୍ଠାପର କାର୍ଯ୍ୟ, ବିନା ଟିକେଟ ଯାତ୍ରୀଙ୍କଠାରୁ ଜରିମାନା ବାବଦରେ ରେକର୍ଡ ପରିମାଣର ରାଜସ୍ୱ ଆଦାୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବାଣିଜ୍ୟ ଅଧିକାରୀ ଅନିଲ କୁମାର ଏସ୍, ବାଣିଜ୍ୟ ଅଧିକାରୀ ପୂଜା ସିଂ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ଟିକେଟ ଚେକିଂ ଷ୍ଟାଫ ସଂଘର ପୂର୍ବତନ ମଣ୍ଡଳ ସମ୍ପାଦକ ତଥା ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଏଲ୍. ଡି ମହାନ୍ତି, ମଣ୍ଡଳ ଟିକେଟ ଚେକିଂ ନୂତନ ଇନ୍‌ଚାର୍ଜ ଅନିଲ ମିଶ୍ର, ପୂର୍ବତନ ଇନ୍‌ଚାର୍ଜ ବବ୍ରୁବାହନ ବେହେରା, ସ୍କ୍ୱାଡ୍ ଇନଚାର୍ଜ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# କୃଷି ବିଭାଗ ପର୍ଯ୍ୟବେକ୍ଷକ ବିଜୟଙ୍କୁ ଅବସର ସମ୍ବର୍ଦ୍ଧନା

ବୋଲଗଡ଼,୩୦।୫(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କୃଷି ବିଭାଗ ପର୍ଯ୍ୟବେକ୍ଷକ ବିଜୟ କୁମାର ଦାସଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ବିଭାଗ ସମ୍ମିଳନୀ କକ୍ଷରେ କୃଷି ଅଧିକାରୀ ସନ୍ତୋଷ କୁମାର ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପର୍ଯ୍ୟବେକ୍ଷକ ଦାସଙ୍କୁ ଉତ୍ତରୀୟ, ମାନପତ୍ର ଓ ଫୁଲତୋଡ଼ା ପ୍ରଦାନ କରି କୃଷି ଅଧିକାରୀ ପରିଡା ଏବଂ ବୋଲଗଡ କୃଷକ ସାଥୀ ସଂଘ ସଭାନେତ୍ରୀ ଉର୍ମିଳା ପାଣିଗ୍ରାହୀ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ପର୍ଯ୍ୟବେକ୍ଷକ ଦାସ କୃଷି ଏବଂ କୃଷକଙ୍କ ଉନ୍ନତି ପାଇଁ ଦକ୍ଷତାର ସହ କାର୍ଯ୍ୟ କରିଥିବା ବେଳେ ତାଙ୍କ ସହକର୍ମୀ ଓ କୃଷକ ସାଥୀ ସଂଘ ସମ୍ପାଦକ ନରେଶ ବେହେରା, ଉପଦେଷ୍ଟା ଭୀମସେନ ସାହୁ, ଦଣ୍ଡଧର ନାୟକ, ବିଶ୍ୱରଞ୍ଜନ ଛୁଆଳସିଂଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ପ୍ରଶଂସା କରିଥିଲେ।

# ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ମାମଲା
## ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା,୩୦।୫(ପ୍ରଭାତ ପାଣିଗ୍ରାହୀ)

ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ମାମଲାର ଦୀର୍ଘ ୫ ବର୍ଷ ପରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍(ପ୍ରଥମ) ରଞ୍ଜୁଲତା ଲେଙ୍କା ଏହି ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ଦୀପ୍ତିମାନ ସାହୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ନୟାଗଡ଼ ଜିଲା ବାଣୀଗୋଛା ଥାନା ଅଧୀନ ସୁନ୍ଦରକୁମ୍ପା ଗ୍ରାମର ଦୀପ୍ତିମାନ ଏବଂ ତାଙ୍କ ସ୍ତ୍ରୀ ରୁନିତା ମଳିପଡ଼ାର ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥିଲେ। ୨୦୨୦ ଜାନୁଆରୀ ୧୯ରେ ଉଭୟ ପୁରୀ ବୁଲିବାକୁ ଯାଇଥିଲେ। ତେବେ ରୁନିତା ନିଖୋଜ ହୋଇଯାଇଥିବା ନେଇ ଦୀପ୍ତିମାନ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ରୁନିତାଙ୍କ ପରିବାରଲୋକେ ବାଣୀଗୋଛା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ଜଙ୍କିଆ ନିକଟ କାଜୁ ଜଙ୍ଗଲରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି କେତେଜଣ ଲୋକ ପୋଲିସକୁ ଖବର ଦେଇଥିଲେ। ଉକ୍ତ ସମୟରେ ତତ୍କାଳୀନ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ସଦର ଏସ୍‌ଡିପିଓ ସୁଶୀଳ ମିଶ୍ର, ଜଙ୍କିଆ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଖବରପାଇ ରୁନିତାଙ୍କ ପରିବାରଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଜାନୁଆରୀ ୨୫ରେ ମୃତାଙ୍କ ଭାଇ ବିକାଶଙ୍କ ଅଭିଯୋଗକ୍ରମେ ଜଙ୍କିଆ ଥାନା ପୋଲିସ ଏକ ହତ୍ୟା ମାମଲା(ନଂ.୨୪/୨୦୨୦) ରୁଜୁକରି ଦୀପ୍ତିମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିଲା। ୨୦୨୦ ମେ' ୧୧ରେ ପୋଲିସ ଏହାର ଚାର୍ଜଶିଟ କୋର୍ଟକୁ ପଠାଇଥିଲା। କୋର୍ଟରେ ଏହି ମାମଲା ବିଚାରାଧୀନ ଥିବା ବେଳେ ଶୁକ୍ରବାର ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍(ପ୍ରଥମ) ୨୫ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଦୀପ୍ତିମାନଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ରଜନୀ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ଆଜି ମା' ବୁଢ଼ୀ ବଘେଇଙ୍କ ଯାତ୍ରା

ବେଗୁନିଆ,୩୦।୫(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଞ୍ଚଳରେ ପାଳନ ହୋଇଆସୁଛି ଅନେକ ପରମ୍ପରାଭିତ୍ତିକ ପର୍ବ। ସେଥିରୁ ଦେବଦମ୍ପତିଙ୍କ ଶୀତଳ ଷଷ୍ଠୀ ଉତ୍ସବ ଅନ୍ୟତମ। ରାଉତପଡାର ଶୀତଳ ଷଷ୍ଠୀ ଯାତ୍ରା ଉତ୍ସବର ଏକ ନିଆରା ପରମ୍ପରା ରହିଛି। ଅତ୍ୟାଧୁନିକ ଯୁଗକୁ ପଛରେ ପକାଇ ହିନ୍ଦୁ ଆଉ ମୁସଲିମ ଭାଇମାନେ ମିଶି ପାଳନ କରି ଆସୁଛନ୍ତି ଶୀତଳଷଷ୍ଠୀ ଯାତ୍ରା। ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱ ହେବ କେବଳ ପରମ୍ପରାକୁ ମାନି ନେଇ ସମାଜକୁ ଦେଉଛନ୍ତି ଭାଇଚାରାର ସ୍ୱତନ୍ତ୍ର ବାର୍ତ୍ତା।

ରାଉତପଡା ଗାଁରେ ଅବସ୍ଥିତ ମା'ବୁଢ଼ୀ ବଘେଇଙ୍କ ପୀଠ ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାଳିତ ହେଲାଣି ଶୀତଳ ଷଷ୍ଠୀ ଯାତ୍ରା। ଚଳିତ ବର୍ଷ ୩ଦିନ ଧରି ଯାତ୍ରା ପାଳନ ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସ୍ଥିର ହୋଇଛି। ଏହି ଅବସରରେ ବୁଢ଼ୀ ବଘେଇଙ୍କ ପୀଠ ଚଳଚଞ୍ଚଳ ହୋଇଛି। ଶୁକ୍ରବାର ଦେବଦମ୍ପତିଙ୍କ ବିବାହ ଶେଷ ହୋଇଛି। ଶନିବାର ସନ୍ଧ୍ୟାରେ ସାହି ଶୋଭାଯାତ୍ରା ହେବ। ଆଟପ ପଟୁଆରରେ ଗ୍ରାମର ୫ଠାକୁରଙ୍କ ଚଳନ୍ତି ପ୍ରତିମାଙ୍କୁ ଦୋଳ ବିମାନରେ ବସାଇ ଶ୍ରଦ୍ଧାଳୁମାନେ ବକ୍ରେଶ୍ୱର ଦେବଙ୍କ ପୀଠରୁ ବାହାରିବେ। ବାଜା, ବାଣ, ବୁଢ଼ୀବୁଢ଼ା ନୃତ୍ୟ ସାଙ୍ଗକୁ ବାଘୁଣୀ ଏବଂ ପରୀ ନୃତ୍ୟର ମାହୋଲ ଦେଖିବାକୁ ମିଳିବ। ମା'ବୁଢ଼ୀ ବଘେଇଙ୍କ ନିମନ୍ତ୍ରଣ ପରେ ଥାନପତି ବକ୍ରେଶ୍ୱର ଦେବ, ଦକ୍ଷିଣେଶ୍ୱର ଦେବ, ଭାଗବତ ଦେବ ଅତିଥି ଠାକୁରଭାବେ ଯାତ୍ରା ପଡିଆକୁ ଆଗମନ କରିବେ। ବିଭିନ୍ନ ଅଞ୍ଚଳରୁ ଆସୁଥିବା ଶ୍ରଦ୍ଧାଳୁମାନେ ଯାତ୍ରା ପଡିଆରେ ଆନନ୍ଦ ଉଠାଇବେ। ସେଥିପାଇଁ କମିଟି ପକ୍ଷରୁ ବିଭିନ୍ନ ଅସ୍ଥାୟୀ ଷ୍ଟଲ ଖୋଲାଯାଇଛି। ରାତିରେ ଯାତ୍ରା ପାର୍ଟିର ବ୍ୟବସ୍ଥା କରାଯାଇଛି। ଗ୍ରାମର ବରିଷ୍ଠ ସାମାଜିକ କର୍ମୀ ମଧୁ ସୁଦନ ଦାସ, ନୃସିଂହ ଚରଣ ବେହେରା ଏବଂ ଖବରଦାତା ସୟଦ ଅନଓାର କୁହନ୍ତି, ଅତ୍ୟଧିକ ଦରଦାମ ବୃଦ୍ଧି ଓ ଆଧୁନିକ ଯୁଗରେ ଏହି ଗଣପର୍ବକୁ ୨ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ବଞ୍ଚାଇ ରଖିଛୁ। ହେଲେ ସାହି ଚାନ୍ଦା ଏବଂ କେତେଜଣ ଶ୍ରଦ୍ଧାଳୁଙ୍କ ଅର୍ଥଦାନର ସହଯୋଗ ରହିଛି। ଚଳିତ ବର୍ଷ ଶ୍ରଦ୍ଧାଳୁମାନଙ୍କ ଉତ୍ସାହ ଥିବାରୁ ଆଡ଼ମ୍ବରରେ ଏହି ପର୍ବ ପାଳନ କରାଯିବା ସହ ଭାଇଚାରାର ବାର୍ତ୍ତା ପ୍ରଚାର କରିବୁ।

- ରାଉତପଡ଼ାରେ ବଞ୍ଚିଛି ପରମ୍ପରା
- ହିନ୍ଦୁ, ମୁସଲିମ ମିଶି ପାଳନ କରନ୍ତି

# ଆଜବେଷ୍ଟସ୍ ଭାଙ୍ଗିପଡ଼ିବାରୁ ଶ୍ରମିକଙ୍କ ମୃତ୍ୟୁ

ଟାଙ୍ଗୀ,୩୦।୫(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ ନରମାନବୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଆଜବେଷ୍ଟସ୍ ଭାଙ୍ଗିପଡ଼ିଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପାଣ୍ଡବ ବେହେରା(୫୫)। ଗୁରୁତର ଶ୍ରମିକଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ନରମାନବୀ ଗ୍ରାମର ବୀରେନ୍ଦ୍ର ସାହୁଙ୍କ ଘରେ ଆଜବେଷ୍ଟସ ପକାଉଥିବା ବେଳେ ଆଜବେଷ୍ଟସ୍ ଭାଙ୍ଗିପଡ଼ିଯିବାରୁ ପାଣ୍ଡବ ଏବଂ ଅନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପାଣ୍ଡବଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

# ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଶହୀଦ ଦିବସ ପାଳନ

ଟାଙ୍ଗୀ,୩୦।୫(ରଘୁନାଥ ସାହୁ)

୧୯୯୯ ମେ' ୨୯ ତାରିଖରେ ସୋରଣସ୍ଥିତ ଘୋଡ଼ାଦୌଡ଼ ପେଣ୍ଠ ନିକଟରେ ନିଦ୍ରିତ ମତ୍ସ୍ୟଜୀବୀଙ୍କ ଉପରେ ପୋଲିସର ଗୁଳିମାଡ଼ ଘଟଣାରେ ୫ଜଣ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଥିଲା। ପ୍ରତିବର୍ଷ ଏହି ଦିନକୁ ଚିଲିକା ମତ୍ସ୍ୟଜୀବୀ ସଂଘ ଶହୀଦ ଦିବସଭାବେ ପାଳନ କରିଆସୁଛି। ଏହି ପରିପ୍ରେକ୍ଷୀରେ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ସକାଳେ ସୋରଣ ଗ୍ରାମରେ ନଗର କୀର୍ତ୍ତନ କରାଯିବା ପରେ ଶହୀଦ ମତ୍ସ୍ୟଜୀବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚିଲିକା ମତ୍ସ୍ୟଜୀବୀ ମହାସଂଘର ସଭାପତି ଶ୍ୟାମ ସୁନ୍ଦର ବେହେରା, ପୂର୍ବତନ ସମ୍ପାଦକ ଅନାଦି ବେହେରା, ସମ୍ପାଦକ କାଳନ୍ଦୀ ବେହେରା, ଫାଲଗୁନ ଜାଲି, ପାଣ୍ଡବ ବେହେରା, ବନମାଳି ବେହେରା, ରତନ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏବେବି ମତ୍ସ୍ୟଜୀବୀମାନେ ନିଜ ହକ୍ ପାଇଁ ଲଢ଼େଇ କରୁଛନ୍ତି। ସରକାର ତୁରନ୍ତ ମତ୍ସ୍ୟଜୀବୀଙ୍କ ଦାବି ଉପରେ ବିଚାର କରିବା ଆବଶ୍ୟକ ବୋଲି ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଦାବି କରାଯାଇଛି।



ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଚିଲିକା ମତ୍ସ୍ୟଜୀବୀ ମହାସଂଘର କର୍ମକର୍ତ୍ତା।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ସ୍ନାନଯାତ୍ରା, ଅଣସର ପାଇଁ ସୂତାଲୁଗା

ଖୋର୍ଦ୍ଧା,୩୦।୫(ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ଜୁନ ୧୧ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଏବଂ ୨୭ତାରିଖରେ ଘୋଷଯାତ୍ରା। ଏଥିଲାଗି ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଶ୍ରୀନଅର ସମ୍ମୁଖ ଅସ୍ଥାୟୀ ରଥଖଳାରେ ଚାଲିଛି ରଥ ନିର୍ମାଣ। ଏପଟେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାର ପରିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ପାଟବସ୍ତ୍ର ଓ ସୂତାଲୁଗା ପ୍ରସ୍ତୁତିରେ ଲାଗିଛନ୍ତି। ଶୁକ୍ରବାର ସୁଦ୍ଧା ପ୍ରାୟ ୮୦ପ୍ରତିଶତ କାମ ସରିଥିବା ବରିଷ୍ଠ ବୁଣାକାର ଗୋପୀନାଥ ଦାସ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଦେବସ୍ନାନ ପୂର୍ଣ୍ଣମୀ ଓ ଅଣସର ଲାଗି ସୂତାଲୁଗା ଶ୍ରୀମନ୍ଦିରରେ ପଇଠ କରାଯାଇଛି। ଦେବସ୍ନାନ ପୂର୍ଣ୍ଣମୀ ୧୦୮ଗରାବଢୁ ଜଳ ପାଇଁ ଗାମୁଛା, ୩୦ରୁ ୩୫ପ୍ରକାର ଲୁଗା ଯଥା ନେତଫୁଟା, ବୋଇରାଣୀ, ପଟନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡ଼ା, ଗଦିଫୁଟା, ଅଧର ଗାମୁଛା, ସାନଟଣା ଓ ବଡ଼ଟଣା ଖସା, ୧୨ ଓ ୧୬ଗଡ଼ା ଲୁଗା ଆଦି ବସ୍ତ୍ର ରହିଛି। ଅଣସରରୁ ସୁସ୍ଥ ହେବା ପରେ ଶ୍ରୀବିଗ୍ରହ ଗୀତଗୋବିନ୍ଦ ପାଟ ପରିଧାନ କରିବେ।

ଗୋପୀନାଥଙ୍କ ଭାଇ ଗୋବିନ୍ଦ କୁହନ୍ତି, ବାପାଙ୍କ ପରେ ଆମ ପରିବାର ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ଓ ସୂତା ଲୁଗା ବୁଣୁଛୁ। ୩୦ବର୍ଷ ହେଲା ଏହି ସେବା ଚାଲିଛି। ଏଥିରେ ଏକ ଅପୂର୍ବ ଆନନ୍ଦ ରହିଛି। ଏହି ସେବା ଭାଗ୍ୟରେ ଥିଲେ ମିଳେ। ସବୁବେଳେ ମନ ମହାପ୍ରଭୁଙ୍କ ନିକଟରେ ରହିଛି। ସେହିପରି ବୁଣାକାର ଅଶୋକ ଦାସ କୁହନ୍ତି, ଦୀର୍ଘ ବର୍ଷ ହେବ ଗୀତଗୋବିନ୍ଦ ପାଟବସ୍ତ୍ର ବୁଣୁଛି। ଗୀତଗୋବିନ୍ଦ ପାଟ ବୁଣିବା ବେଳେ ଆନନ୍ଦ ମିଳେ। ୩ରଙ୍ଗର ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ପ୍ରକାର ଖଣ୍ଡୁଆ ପାଟ, ବଡ଼ସିଂହାର ବେଶ ଲାଗି ଗୀତଗୋବିନ୍ଦ ଲେଖାଥିବା ଗୀତଗୋବିନ୍ଦ ପାଟ ପ୍ରସ୍ତୁତି ଚାଲିଛି। ମହାପ୍ରଭୁଙ୍କ ଜଣେ ଅନନ୍ୟ ସେବକ ବୁଣାକାର କାର୍ତ୍ତିକେଶ୍ୱର ପାତ୍ର। ପିଲାବେଳୁ ସେ ଦିବ୍ୟାଙ୍ଗ। ଅତି ନିଷ୍ଠାର ସହ ମହାପ୍ରଭୁଙ୍କ ପାଇଁ ପାଟବସ୍ତ୍ର ବୁଣୁଛନ୍ତି। ବଡ଼ସିଂହାର ବେଶ ଲାଗି ଗୀତଗୋବିନ୍ଦ ଶ୍ଳୋକ ଲେଖାଥିବା ପାଟବସ୍ତ୍ର ବୁଣୁଛନ୍ତି। ଦୀର୍ଘ ୨୦ବର୍ଷ ଧରି ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି କାର୍ତ୍ତିକ। ତେବେ ଗୀତଗୋବିନ୍ଦ ପାଟବସ୍ତ୍ର ବୁଣିବା ବେଳେ ମହାପ୍ରଭୁଙ୍କୁ ଅନୁଭବ କରିଥାଏ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ତାଙ୍କ ସେବାରେ ଲାଗିଛି। ତାଙ୍କ ହାତ ଲୁଗା ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିଥାଏ।



ପ୍ରକାଶ ଯେ, ଏହି ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ରାଉତପଡ଼ା ସେବା ସମବାୟ ସମିତିରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବୁଣାକାର ରହିଛନ୍ତି। ବର୍ଷସାରା ହସ୍ତତନ୍ତ ଲୁଗା, ଗାମୁଛା, ବାନ୍ଧେଣୀ ଶାଢୀ, ବିଭିନ୍ନ ପ୍ରକାର ପାଟ ଓ ସୂତା ଲୁଗା ବୁଣୁଛନ୍ତି। ମହାପ୍ରଭୁଙ୍କ ଲାଗି ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରରୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗୋପୀନାଥ କୁହନ୍ତି, ଅକ୍ଷୟ ତୃତୀୟାଠାରୁ ଚାଲିଥାଏ ମହାପ୍ରଭୁଙ୍କ ପାଟବସ୍ତ୍ର ଓ ସୂତା ଲୁଗା ବୁଣାକାମ। ରାମଚନ୍ଦ୍ର ଦାସ, ଭଗବାନ ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ଅଶୋକ ଦାସ, ନିମାଇ ଚରଣ କୁଣ୍ଡୁ, କାର୍ତ୍ତିକେଶ୍ୱର ପାତ୍ରଙ୍କ ସମେତ ୨୨ ପରିବାର ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି।

## ଖାଲି ବୟସ ସୀମା ବଢ଼ାଇଲେ ହେବନି, ଆଉଟ୍‌ସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ ହେଉ: ସ୍ମୃତିରଞ୍ଜନ

ଭୁବନେଶ୍ୱର,୩୦।୫(ସୁନିତ୍ ମିଶ୍ର): ଓଡ଼ିଶା ସରକାର ନିଯୁକ୍ତିରେ ସର୍ବୋଚ୍ଚ ବୟସ ସୀମା ୩୨ରୁ ୪୨ ବର୍ଷକୁ ବଢ଼ାଇବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଅନେକ ଲକ୍ଷ ଯୁବତୀଯୁବକଙ୍କ ଦୀର୍ଘଦିନର ନିରବଚ୍ଛିନ୍ନ ଲଢ଼େଇର ସୁଫଳ। ଏହା ସେମାନଙ୍କ ସ୍ୱପ୍ନ ସାକାର ହେବା ନେଇ ଆଶା ସଞ୍ଚାର କରିଛି। ଏ ବିଜୟ ସେହି ଯୁବତୀଯୁବକଙ୍କର ବୋଲି ରାଷ୍ଟ୍ରୀୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସ୍ମୃତିରଞ୍ଜନ ସରକାରଙ୍କ ନିକଟରେ ୨ଟି ଗୁରୁତ୍ୱପୂର୍ଣ୍ଣ ଦାବି ରଖିଛନ୍ତି। କେବଳ ବୟସସୀମା ବଢ଼ାଇଦେଲେ ହେବନାହିଁ, ବରଂ ନିଯୁକ୍ତି ପ୍ରକ୍ରିୟାକୁ ନିୟମିତ ବ୍ୟବଧାନରେ ତ୍ୱରାନ୍ୱିତ କରିବାକୁ ପଡ଼ିବ। ସରକାରୀ କାର୍ଯ୍ୟାଳୟ ବିଶେଷକରି ଶୌଚାଳୟଠାରୁ ଆରମ୍ଭ କରି ସଚିବାଳୟ ବର୍ତ୍ତମାନ ବିଭିନ୍ନ ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ଚାଲିଥିବା ନିଯୁକ୍ତି ପ୍ରଥାକୁ ବାତିଲକରି ଯୁବ ସମାଜ ପାଇଁ ସ୍ଥାୟୀ ନିଯୁକ୍ତି କେବେ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି।

# ନାରୀବାଦୀ ସାହିତ୍ୟ ଏକ ପୃଥକ୍ ସତ୍ତା ନୁହେଁ: ପ୍ରତିଭା ରାୟ



ସାହିତ୍ୟ ସମ୍ମିଳନୀରେ ଲେଖିକା ପ୍ରତିଭା ରାୟଙ୍କ ସହ ଅନ୍ୟ ଅତିଥିମାନେ।

### ରାଷ୍ଟ୍ରପତି ଭବନରେ ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୫ (ସୌମ୍ୟରଞ୍ଜନ ରାଉତ)

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଚାଲିଥିବା ସାହିତ୍ୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ତିନିଟି ଅଧିବେଶନରେ ଆୟୋଜିତ 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ' ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଓଡ଼ିଆ ଲେଖିକା ପ୍ରତିଭା ରାୟ ଯୋଗଦେଇ କହିଲେ, ନାରୀମାନଙ୍କ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ୱର, ବିଶ୍ୱଦୃଷ୍ଟି ଏବଂ ଜୀବନ ପ୍ରତି ଭିନ୍ନ ଦୃଷ୍ଟିକୋଣ ରହିଛି। ନାରୀବାଦୀ ସାହିତ୍ୟ ଏକ ପୃଥକ୍ ସତ୍ତା ନୁହେଁ, ବରଂ ସୃଜନଶୀଳତାର ଏକ ବିବିଧ ପରିପ୍ରକାଶ। ସେ ଓଡ଼ିଆ କବି ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ସମ୍ପର୍କରେ ଉଲ୍ଲେଖ କରିବା ପୂର୍ବକ ଭାରତରେ ନାରୀବାଦୀ ସାହିତ୍ୟର ମୂଳଦୁଆ ସ୍ଥାପନର ଶ୍ରେୟ ତାଙ୍କୁ ଦେଇଥିଲେ। ହିନ୍ଦୀ ଲେଖିକା ଅନାମିକା କହିଥିଲେ, ଭାରତୀୟ ନାରୀବାଦୀ ସାହିତ୍ୟ ସମ୍ପର୍କକୁ ପୁନଃପରିଭାଷିତ କରୁଛି। ତାମିଲ ଲେଖିକା ତାମିଲଚି ଥଙ୍ଗପାଣ୍ଡିଆନ ତାମିଲ ଏବଂ ଦ୍ରାବିଡ଼ଙ୍କ ଉପରେ ଆଲୋକପାତ କରିଥିଲେ। ଇଂଲିଶ ଲେଖିକା ଅନୁଜା ଚନ୍ଦ୍ରମୌଳି କହିଲେ, ନାରୀବାଦୀ ସାହିତ୍ୟ ଶତାବ୍ଦୀର ନୀରବତା ଏବଂ ବନ୍ଧନକୁ ଭାଙ୍ଗି ସାଂସ୍କୃତିକ ଦୃଶ୍ୟପଟକୁ ଗଭୀର ଭାବରେ ପ୍ରଭାବିତ କରିଛି। ହିନ୍ଦୀ ଲେଖିକା ମହୁଆ ମାଝୀ କହିଲେ, ମହିଳା ପ୍ରସଙ୍ଗ ଉପରେ ଆଲୋଚନା ପୁରୁଷ ବିରୋଧୀ ନୁହେଁ, ବରଂ ପୁରୁଷବାଦୀ ମୂଲ୍ୟବୋଧକୁ ତାହା ଆହ୍ୱାନ କରେ। ଇଂଲିଶ ଲେଖିକା ପ୍ରୀତି ସେନାୟ କହିଲେ, ଲେଖା ମାଧ୍ୟମରେ ନାରୀମାନେ ପୁନର୍ବାର ଶକ୍ତି ହାସଲ କରନ୍ତି। ପ୍ରତ୍ୟେକ ଶବ୍ଦ ଏବଂ ସ୍ୱର ସହିତ ବୃଦ୍ଧି ପାଉଥିବା ଏକ ନୀରବ ବିପ୍ଳବକୁ ଜନ୍ମ ଦିଅନ୍ତି, ସ୍ଥିତାବସ୍ଥାକୁ ଆହ୍ୱାନ କରନ୍ତି ଏବଂ ପରିବର୍ତ୍ତନକୁ ପ୍ରେରଣା ଦିଅନ୍ତି। ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ନାରୀ ସାହିତ୍ୟର ସମୃଦ୍ଧି ଦିଗରେ ଏକାଡେମୀର କାର୍ଯ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ। ନାରୀ ସାହିତ୍ୟର ପ୍ରୋତ୍ସାହନ ଓ ସ୍ୱରକୁ ସୁଦୃଢ଼ କରିବା ପାଇଁ ଏକାଡେମୀର ପ୍ରତିବଦ୍ଧତା ସମ୍ପର୍କରେ ସେ କହିଥିଲେ। ପରେ ଦେବୀ ଅହଲ୍ୟାବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ଅବସରରେ ହିମାଂଶୁ ବାଜପେୟୀ ଓ ପ୍ରଜ୍ଞା ଶର୍ମା ଅହଲ୍ୟାବାଇ ଗାଥା ଉପସ୍ଥାପନ କରିଥିଲେ।

## ଚାନ୍ଦି ଭଣ୍ଡାରର ଟ୍ୟୁଲିପ୍ କଲେକ୍ସନ୍ 'ବର୍ନ ବିୟୁଟିଫୁଲ୍' କ୍ୟାମ୍ପେନ୍ ଆରମ୍ଭ



ଭୁବନେଶ୍ୱର,୩୦।୫ (ଅନୁରାଧା ମହାରଣା)

ରୁପା ଗହଣାର ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଚାନ୍ଦି ଭଣ୍ଡାର ପକ୍ଷରୁ ନିଆରା ଶୈଳୀରେ ରଜପର୍ବ ପାଳନ କରାଯିବ। ଏଥିପାଇଁ ଷ୍ଟୋର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗ୍ରାହକଙ୍କୁ ମନପସନ୍ଦର ଚାନ୍ଦି ଗହଣା ଭେଟି ଦେବା ପାଇଁ 'ଟ୍ୟୁଲିପ୍ କଲେକ୍ସନ୍' ଉପଲବ୍ଧ କରାଯାଇଛି। ଏହାସହ ସମାଜର ପ୍ରତ୍ୟେକ ନାରୀଙ୍କ ଉଦ୍ଦେଶ୍ୟରେ 'ବର୍ନ ବିୟୁଟିଫୁଲ୍' କ୍ୟାମ୍ପେନ୍‌ର ଆରମ୍ଭ କରାଯାଇଛି।

ଟ୍ୟୁଲିପ୍ କଲେକ୍ସନରେ ରୁପା ଗହଣାରେ ୧୮ କ୍ୟାରେଟ୍ ସୁନା ଲେପଯୁକ୍ତ ଆକର୍ଷଣୀୟ ଗହଣା ପ୍ରସ୍ତୁତ କରାଯାଇଛି। ଟ୍ୟୁଲିପ୍ ଫୁଲ ରଙ୍ଗ ଅନୁସାରେ ଏହି ଗହଣା ପ୍ରସ୍ତୁତ କରାଯାଇଛି। ଗାଢ଼ ଲାଲ, ଉଜ୍ଜ୍ୱଳ ହଳଦିଆ ଏବଂ ଗାଢ଼ କମଳା ରଙ୍ଗରେ ଏନାମେଲ ୱାର୍କ ସହ ପ୍ରତ୍ୟେକ ପିସ୍‌କୁ ଜିରକନ୍ ସହିତ ଅତି ସୂକ୍ଷ୍ମ ଭାବେ ସଜ୍ଜିତ କରାଯାଇଛି। ସମସ୍ତ ବର୍ଗ ଓ ବୟସର ମହିଳାଙ୍କ ରୁଚିକୁ ଦୃଷ୍ଟିରେ ରଖି ଏହି କଲେକ୍ସନ୍ ପ୍ରସ୍ତୁତ କରାଯାଇଛି। ସେହିପରି 'ବର୍ନ ବିୟୁଟିଫୁଲ' କ୍ୟାମ୍ପେନ୍‌ରେ ସାମିଲହେବା ପାଇଁ ସାରା ରାଜ୍ୟରୁ ୪୦୦୦ରୁ ଊର୍ଦ୍ଧ୍ୱ ମହିଳା ପଞ୍ଜୀକରଣ କରିଥିବାବେଳେ ୫୦୦ ଜଣଙ୍କୁ ଶର୍ଟ ଲିଷ୍ଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭ଜଣ ମନୋନୀତ ହୋଇଛନ୍ତି।

ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ ଓ ମାଣିକ ହଂସ ଯୋଗ ଦେଇ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏନେଇ ଲିପ୍‌ସା କହିଛନ୍ତି, ରଜ ଉତ୍ସବ ଏକ ପର୍ବଠାରୁ ବହୁ ଊର୍ଦ୍ଧ୍ୱରେ। ଜଣେ ମହିଳାଙ୍କୁ ସମ୍ମାନିତ କରିବା ପାଇଁ ଏହା ଏକ ଆନ୍ଦୋଳନ ବୋଲି ସେ କହିଛନ୍ତି। ଏହି ପର୍ବ ପାଇଁ ଚାନ୍ଦି ଭଣ୍ଡାର ଟ୍ୟୁଲିପ୍ କଲେକ୍ସନ ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତି ପ୍ରଦାନ କରୁଥିବାବେଳେ ଏହି ଅଫର୍ ଜୁନ୍ ୧୬ ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଷ୍ଟୋର ପକ୍ଷରୁ ମନୋନୀତ ମଡେଲମାନ ର୍‍ୟାମ୍ପ ସହ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

## ଭାବରେ ବାନ୍ଧିଲା 'ଦୀନବନ୍ଧୁ ଏହି ଅଳି ଶ୍ରୀଛାମୁରେ'

ଭୁବନେଶ୍ୱର, ୩୦।୫ (ସୌମ୍ୟରଞ୍ଜନ ରାଉତ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ କୋମଳମତି ଶିଶୁ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଓଡ଼ିଶୀ ସନ୍ଧ୍ୟା' ଶୁକ୍ରବାର ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୀମାନେ ଗୁରୁ ଅଚ୍ୟୁତ ମହାରଣାଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ରାଗ ସଙ୍ଗୀତ 'କାହିଁକି ସଖି ବଳାଉ ମୋତେ', ଓଡ଼ିଶୀ ଛାନ୍ଦ 'ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ' ପରେ ଜଣାଣ 'ଦୀନବନ୍ଧୁ ଏହି ଅଳି ଶ୍ରୀଛାମୁରେ' ଏବଂ ଭଜନ 'ପ୍ରଭୁ କି ସୁନ୍ଦର ଦିଶ'କୁ ଅତି ଚମତ୍କାର ଭାବରେ ପରିବେଷଣ କରିଥିଲେ, ଯାହାକି ଉପସ୍ଥିତ ଦର୍ଶକଙ୍କୁ ଭାବାବେଗରେ ବାନ୍ଧି ରଖିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟାଭିନୟ ପରିବେଷଣ କରିଥିଲେ। ଅନୁଷ୍ଠାନର ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଅତିଥି ଭାବରେ ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ କାଳନ୍ଦୀ ଚରଣ ପରିଡ଼ା, ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ଗୁରୁ ଲୀନା ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଜଳନ୍ଧର ନାଏକ କାର୍ଯ୍ୟକ୍ରମ ସଂଚାଳନ କରିଥିଲାବେଳେ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଦେବଯାନୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।



ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ 'ଓଡ଼ିଶୀ ସନ୍ଧ୍ୟା'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପ୍ରତାପରୁଦ୍ରପୁରରେ ଧାନମଣ୍ଡି ଉଦ୍‌ଘାଟିତ

ବାଲିଅନ୍ତା,୩୦।୫(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ୍‌ର ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଚାଷୀଙ୍କ ରବି ଋତୁର ଧାନ କ୍ରୟ ପାଇଁ ଏକ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏଆର୍‌ସିଏସ୍ ଲଳିତ ବିଶ୍ୱାଳ, ଏରିଆ ଅଫିସର ଅମିୟ କୁମାର ଖୁଣ୍ଟିଆ, ପ୍ରକାଶ ସେଠୀ, ସ୍ଥାନୀୟ ସରପଞ୍ଚ ଶଦ୍ଧେୟା ପାତ୍ର, ସମିତିସଭ୍ୟା ଉମାରାଣୀ ମହାନ୍ତି ଓ ସମିତିର ସଭାପତି ସୁଧିର ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରବି ଋତୁର ଧାନ ବିକ୍ରି ପାଇଁ ସମିତିରେ ୭୮ଟି ଟୋକନ ଆସିଥିବା ବେଳେ ପ୍ରଥମ ଦିନରେ ୯ ଜଣ ଚାଷୀଙ୍କ ଠାରୁ ୬୩୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସମ୍ପାଦକ ବିଶ୍ୱନାଥ ପଣ୍ଡା କହିଛନ୍ତି।

## ପ୍ରଥମ ଦିନରେ ୪୫୦୦ ଚାଷୀଙ୍କୁ ନୂତନ ଜ୍ଞାନକୌଶଳ ତାଲିମ


ବିକଶିତ କୃଷି ସଂକଳ୍ପ ଅଭିଯାନ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ପାଇଁ ବାହାରିଥିବା ସ୍ୱତନ୍ତ୍ର ରଥ।

ଭୁବନେଶ୍ୱର, ୩୦।୫ (ସୌମ୍ୟରଞ୍ଜନ ରାଉତ)

### ଆଇଆଇଡବ୍ଲ୍ୟୁଏମ୍ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଆଇସିଏଆର୍, ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଏବଂ ରାଜ୍ୟ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ବିକଶିତ କୃଷି ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି। ଆଇସିଏଆର୍ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇଆଇଡବ୍ଲ୍ୟୁଏମ୍) ବାଲେଶ୍ୱର, ନୟାଗଡ ଓ ଗଞ୍ଜାମ ଜିଲାରେ ବିକଶିତ କୃଷି ସଂକଳ୍ପ ଅଭିଯାନର ନେତୃତ୍ୱ ନେଉଛି। ପ୍ରତି ଜିଲାକୁ ତିନୋଟି ଲେଖାଏ ଭାଗରେ ବିଭକ୍ତ କରି ପ୍ରତି ଟିମ୍‌ରେ ଆଇସିଏଆର ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ରାଜ୍ୟ କୃଷି ବିଭାଗର ଅଧିକାରୀମାନେ ସାମିଲ ଅଛନ୍ତି। ଏହି ବିଶେଷଜ୍ଞ ଟିମ୍ ଚାଷୀମାନଙ୍କୁ କୃଷି ପରାମର୍ଶ ଦେବା ସହିତ ମତ୍ସ୍ୟ ଓ ପଶୁପାଳନ ସମ୍ବନ୍ଧିତ ନୂତନ ଜ୍ଞାନ କୌଶଳର ଲିଫଲେଟ ବାଣ୍ଟୁଛନ୍ତି। ପ୍ରଥମ ଦିନରେ ବାଲେଶ୍ୱର, ଗଞ୍ଜାମ ଏବଂ ନୟାଗଡ ଜିଲାର ବିଭିନ୍ନ ବ୍ଲକରେ ମୋଟ ୪୫୦୦ ଚାଷୀଙ୍କୁ କୃଷି ସମ୍ବନ୍ଧିତ ନୂତନ ଜ୍ଞାନ କୌଶଳ ବିଷୟରେ ତାଲିମ ଦିଆଯିବା ସହ ସେମାନଙ୍କ କୃଷି, ପଶୁପାଳନ ଏବଂ ମାଛ ଚାଷ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ପ୍ରଦାନ କରାଯାଇଛି। ଏହି ଅବସରରେ ଆଇଆଇଡବ୍ଲ୍ୟୁଏମ୍‌ର ନିର୍ଦ୍ଦେଶକ ଡ. ଅର୍ଜମାଦତ୍ତ ଷଡଙ୍ଗୀ ବର୍ଷା ଜଳ ସଂଗ୍ରହ ଓ କୃଷି କ୍ଷେତ୍ରରେ କମ୍ ଜଳ ଆବଶ୍ୟକ ହେଉଥିବା ନୂତନ ଜ୍ଞାନ କୌଶଳ ଆପଣେଇବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରଧାନ ବୈଜ୍ଞାନିକ ଓ ମିଡିଆ ପ୍ରଭାରୀ ଡ. ପ୍ରମୋଦ କୁମାର ପଣ୍ଡା କହିଛନ୍ତି, ଏହି ଅଭିଯାନ ଆଗାମୀ ଦିନରେ ଓଡିଶାର କୃଷି ଆୟ ବୃଦ୍ଧିରେ ନିଶ୍ଚୟ ସହାୟକ ହେବ। ତେଣୁ ସବୁ ଚାଷୀ ଭାଇଭଉଣୀଙ୍କୁ ଏହି ଅଭିଯାନରେ ଭାଗ ନେବା ପାଇଁ ସେ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜୁନ ୧୨ ପର୍ଯ୍ୟନ୍ତ ଚାଲିବ।

# ୩ ଦଫା ଦାବି ନେଇ ଏକାଠି ହେଲେ ପ୍ରକାଶକ ସମୂହ

ଭୁବନେଶ୍ୱର, ୩୦।୫ (ସୌମ୍ୟରଞ୍ଜନ ରାଉତ)

### ସରକାରୀ ପୁସ୍ତକ ଚୟନ ପ୍ରକ୍ରିୟାରେ ପ୍ରକାଶନ ସଂଘ ପ୍ରତିନିଧିଙ୍କୁ ସାମିଲ କରାଯାଉ


ବୈଠକରେ ଯୋଗଦେଇଥିବା ପ୍ରକାଶକମାନେ।

ରାଜ୍ୟର ୫୦ରୁ ଅଧିକ ପୁସ୍ତକ ପ୍ରକାଶକ ଶୁକ୍ରବାର ବୁଦ୍ଧମନ୍ଦିରଠାରେ ଏକାଠି ହୋଇ ସରକାରୀସ୍ତରରେ ପୁସ୍ତକ ଚୟନ ପ୍ରକ୍ରିୟା, ବିଭିନ୍ନ ଯୋଜନାରେ ପାତରଅନ୍ତର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ନିଯୁକ୍ତି ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ୩ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକମାନଙ୍କୁ ପଠାଯାଇଛି। ସେମାନେ ସରକାରଙ୍କ ସାହିତ୍ୟ ଓ ସଂସ୍କୃତି ଅଭିମୁଖୀ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଓଡ଼ିଆ ଅସ୍ମିତା ରକ୍ଷା ପାଇଁ ପ୍ରକାଶକମାନେ ସର୍ବଦା ସରକାରଙ୍କ ସହ ରହିଛନ୍ତି କହିଛନ୍ତି। ନିକଟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମହାବିଦ୍ୟାଳୟ ପାଠାଗାର ନିମନ୍ତେ ପୁସ୍ତକ ତାଲିକାରେ ନିର୍ଦ୍ଦିଷ୍ଟ ୪/୫ ଜଣ ପ୍ରକାଶକଙ୍କ ପୁସ୍ତକକୁ ଅଗ୍ରାଧିକାର ଦିଆଯାଇଥିବାବେଳେ ଶତାଧିକ ପ୍ରକାଶକଙ୍କୁ ଅଣଦେଖା କରାଯାଇଛି। ଏହି ଚୟନ କମିଟିରେ ଥିବା ଅରବିନ୍ଦ ରାୟ ନାମକ ବ୍ୟକ୍ତି ଜାଣିଶୁଣି ଏଭଳି କରିଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ଏହି ତାଲିକାକୁ ତୁରନ୍ତ ବାତିଲ କରାଯାଇ ସରକାରୀ ନିୟମ ଆଧାରରେ ସାନି ତାଲିକା ପ୍ରକାଶ କରିବାକୁ ପ୍ରକାଶକମାନେ ଦାବି କରିଛନ୍ତି। ଏଥିସହ ମହାବିଦ୍ୟାଳୟ ପାଠାଗାର ପୁସ୍ତକ ତାଲିକା ବାତିଲ କରାଯାଉ, ଅରବିନ୍ଦ ରାୟଙ୍କୁ ଚୟନ କମିଟି ଓ ସାରସ୍ୱତ ପଦବୀରେ ରଖା ନ ଯାଉ ଏବଂ ଚୟନ ପ୍ରକ୍ରିୟାରେ ପ୍ରକାଶନ ସଂଘ ପ୍ରତିନିଧିଙ୍କୁ ସାମିଲ କରାଯାଉ ବୋଲି ଦାବି କରାଯାଇଛି। ବୈଠକରେ ଜୟକୃଷ୍ଣ ମହାପାତ୍ର, ଭିକାରୀ ଧଳ, ବନ୍ଦନା ମିଶ୍ର, ଶୁଭେନ୍ଦୁ କୁମାର ପାତ୍ର, କରୁଣାକର ପୃଷ୍ଟି, ସସ୍ମିତା ଦାଶ, କ୍ଷୀରୋଦ ଚନ୍ଦ୍ର ପତି, ସରୋଜ ବଳ, ବନୋଜ ତ୍ରିପାଠୀ, ଅଭୟ ଦାସ, ସୁଧୀର ମଉଡ଼ମଣି, ଶୁଭ୍ରାଂଶୁ ପଣ୍ଡା, ରାଧାକୃଷ୍ଣ ଘଡ଼ାଇ, ବିରଞ୍ଚି ନାରାୟଣ ଦାଶ, ପବିତ୍ର ବ୍ରହ୍ମପୁତ୍ର ନାୟକ, ଅରବିନ୍ଦ ସାହୁ, ତୁଷାର ବରଣ ସାହୁ, ରଜତରଶ୍ମି ସ୍ୱାଇଁ ପ୍ରମୁଖ ୫୦ରୁ ଅଧିକ ପ୍ରକାଶକ ଉପସ୍ଥିତ ଥିଲେ। ପୁସ୍ତକ ଚୟନରେ ୨୦ବର୍ଷ ଧରି ଚାଲିଥିବା ଏକଚାଟିଆ କାରବାର ବନ୍ଦ କରା ନ ଗଲେ ପ୍ରକାଶକମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ମତ ଦେଇଥିଲେ।

## ଫଟୋରେ ଖବର


ଭୁବନେଶ୍ୱର ୟୁନିଟ୍-୩ଠାରେ ଶୁକ୍ରବାର ଓଡିଶା ବିଭାଗୀୟ ସ୍ୱଳ୍ପବେତନଭୋଗୀ ସରକାରୀ କର୍ମଚାରୀ ସଂଘର ଦ୍ୱିବାର୍ଷିକ ରାଜ୍ୟ ସମ୍ମିଳନୀରେ ବିଧାୟକ ବାବୁ ସିଂଙ୍କ ସହ ଅନ୍ୟ ଅତିଥିମାନେ।


ଭୁବନେଶ୍ୱର ସୂଚନା ଭବନରେ ଶୁକ୍ରବାର ଆୟୋଜିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମହିଳା ମାଟ୍ରୋନ ମହାସଂଘର ଷଷ୍ଠ ବାର୍ଷିକୀ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

## ବଦଳିଲେ ସିଡିଏମ୍ଓ

ପୁରୀ, (ଅଜିତ୍ କୁମାର ମହାନ୍ତି)- ପାଖାପାଖି ଏକବର୍ଷ ଧରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ରଙ୍କର ଶୁକ୍ରବାର ବଦଳି ହୋଇଛି। ଡା. ମିଶ୍ରଙ୍କୁ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତେବେ ଡା. ମିଶ୍ରଙ୍କ ସ୍ଥାନରେ କାହାକୁ ପୁରୀ ସିଡିଏମ୍ଓ ଭାବେ ନିଯୁକ୍ତି ମିଳିନାହିଁ। ଡା. ମିଶ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତବର୍ଷ ଜୁଲାଇରେ ସିଡିଏମ୍ଓ ଭାବେ ଯୋଗଦେଇଥିଲେ। ବଦଳି ନେଇ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବାୟୁ ପ୍ରଦୂଷଣ, ଜଙ୍ଗଲ କ୍ଷୟ ବିଗାଡୁଛି ପରିବେଶ

## ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)

ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ମେ ୩୦ରୁ ଜୁନ ୫ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ୟୁଥ୍ ହଷ୍ଟେଲରେ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସହକାରୀ ବନ ସଂରକ୍ଷକ ଦୟାନିଧି ତ୍ରିପାଠୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ସାମ୍ପ୍ରତିକ ସମୟରେ ବିଶ୍ୱର ବିପର୍ଯ୍ୟସ୍ତ ପରିବେଶ ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ମଣିଷ ନିଜ ସ୍ୱାର୍ଥ ସାଧନ ନିମନ୍ତେ ପରିବେଶକୁ ଧ୍ୱଂସ କରିବାରେ ଲାଗିଛି, ଯାହା ମଣିଷକୁ ବିପଦମୁହଁକୁ ଟାଣିନେଉଛି। ପ୍ରତିବର୍ଷ ଭାରତରେ ଦୁଇଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ବାୟୁ ପ୍ରଦୂଷଣ ଯୋଗୁ ବିଭିନ୍ନ ପ୍ରକାର ସଂକ୍ରମିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ତେଣୁ ପରିବେଶ ପ୍ରଦୂଷଣ ରୋକାଯିବାର ଆବଶ୍ୟକତା ରହିଛି ବୋଲି ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ ତଥା ଅନ୍ନଦା ସାମାଜିକ ଅନୁଷ୍ଠାନର ନିର୍ଦ୍ଦେଶିକା ରୁଚିମିତ୍ରା ଜଗଦ୍ଦେବ ମହାପାତ୍ର ଯୋଗଦେଇ କହିଲେ, ବିଶେଷକରି ଓଡ଼ିଶାର ଝାରସୁଗୁଡ଼ା, ତାଳଚେର, ଅନୁଗୋଳ ଓ କେନ୍ଦୁଝର ଇତ୍ୟାଦି ଶିଳ୍ପାଞ୍ଚଳ ଜିଲାରେ କୋଇଲାଗୁଣ୍ଡ, ଧୂଆଁ ଓ ଧୂଳି ଯୋଗୁ ଲୋକେ ରୋଗଗ୍ରସ୍ତ ହେଉଛନ୍ତି। ଗଛର ମୂଳ ଭିତ୍ତିଭୂମି ଜଳସଂଗ୍ରହ କରି ପତ୍ରରେ ରଖେ, ଯାହାକି ପରିବେଶକୁ ବାୟୁ ଓ ଶୀତଳତା ପ୍ରଦାନ କରିଥାଏ। ଓଡ଼ିଶାରେ ବହୁ ଜଙ୍ଗଲ କ୍ଷୟ ଯୋଗୁ ଦିନକୁ ଦିନ ପରିବେଶ ବିଗିଡ଼ିବାରେ ଲାଗିଛି। ଗତ କିଛିବର୍ଷ ଧରି ଉତ୍ତାପ ବୃଦ୍ଧି ପାଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ତେଣୁ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଉତ୍ସବରେ ଅଧ୍ୟକ୍ଷତା କରି ପରିବେଶ ସୁରକ୍ଷା ପାଇଁ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ରତିକାନ୍ତ ପ୍ରତିହାରୀ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିଭା ତ୍ରିପାଠୀ, ଅଧିବକ୍ତା ରଚିତା ରାଉତରାୟ, ପୁରୀ ବାର୍ ଆସୋସିଏଶନ୍ ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରଦୀପ କୁମାର ପଟ୍ଟନାୟକ ଏବଂ କାର୍ଯ୍ୟକ୍ରମ ସଂଯୋଜକ ଲଲାଟେନ୍ଦୁ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ପଣ୍ଡିତ ସଦାଶିବ ମିଶ୍ର, ଆଶାଲତା ପ୍ରଧାନ, ପ୍ରାଧ୍ୟାପକ କାର୍ତ୍ତିକ କୁମାର ଦାସ, ଅଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ନାରାୟଣ ନନ୍ଦ, ସନ୍ତୋଷ କୁମାର ମହାନ୍ତି, ବିପିନ ଦଳାଇ, ପ୍ରଭାତ ଚନ୍ଦ୍ର ରଥ, ଇଂ. କେଶବ ଚନ୍ଦ୍ର ପାତ୍ର, ଗୋଲକ ଚନ୍ଦ୍ର ଜେନା ଯୋଗଦେଇ ମତ ରଖିଥିଲେ। ଏହି ଅବସରରେ ସମସ୍ତଙ୍କୁ ତୁଳସୀ ଚାରା ଓ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ସୁବୋଧ କୁମାର ସୁବୁଦ୍ଧି, ଚନ୍ଦ୍ରମଣି ଦାଶ, ନୃସିଂହ ମହାନ୍ତି ଓ ତପନ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଶାଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# କରମଙ୍ଗା ଇଡିସି କମିଟିର ନୂତନ ସଭାପତି ଭାବେ ବିପିନ ନାୟକ ନିର୍ବାଚିତ


କରମଙ୍ଗା ଇଡିସି କମିଟିର ନୂତନ ସଭାପତି ବିପିନ ନାୟକ ଏବଂ ଅନ୍ୟମାନେ ।

କୋଣାର୍କ,୩୦।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବନାଞ୍ଚଳ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ କରମଙ୍ଗା ଇଡିସି କମିଟିର ନୂତନ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ଅଧ୍ୟକ୍ଷତାରେ କରମଙ୍ଗା ଇଡିସି ନିର୍ବାଚନରେ କମିଟିର ସମସ୍ତ ୨୩୩ ଜଣ ସଭ୍ୟାସଭ୍ୟ ଅନୁଷ୍ଠିତ ସଭାପତି ନିର୍ବାଚନରେ ଅଂଶଗ୍ରହଣ କରି ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ। ଇଡିସି କମିଟିରେ ନୂତନ ସଭାପତି ନିର୍ବାଚନରେ ବିପିନ ନାୟକ ୧୩୬ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଗିରଥି ସ୍ୱାଇଁଙ୍କୁ ୯୬ ଖଣ୍ଡ ଭୋଟ ମିଳିଥିବା ବେଳେ ୧ଖଣ୍ଡ ଭୋଟ ନାକଚ ହୋଇଯାଇଥିବା ନିର୍ବାଚନ ଅଧିକାରୀ ତଥା କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରକାଶ କରିଛନ୍ତି। ଏହି ନିର୍ବାଚନରେ ବିପିନ ନାୟକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଗିରଥି ସ୍ୱାଇଁଙ୍କ ଠାରୁ ୪୦ ଖଣ୍ଡ ଅଧିକ ଭୋଟ ପାଇ କରମଙ୍ଗା ଇଡିସି କମିଟିର ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ହେବା ପରେ କରମଙ୍ଗା ଇଡିସି କମିଟିର ସଭ୍ୟାସଭ୍ୟ ତଥା ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ସଂକ୍ଷେପରେ

### ଆଇନ ସଚେତନତା ଶିବିର

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଜିଲା ଆଇନସେବା ପ୍ରାଧିକରଣର ବିକଳ୍ପ ବିବାଦ ସମାଧାନ ସମ୍ମିଳନୀ କକ୍ଷରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ। ଆଇନସେବା ପ୍ରାଧିକରଣ ଅଧିନିୟମ-୧୯୮୭ରେ ଥିବା ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ନମ୍ବର ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ବୁଝାଇ ଦିଆଯାଇଥିଲା। ଆଇନ ସେବା କ'ଣ ଏବଂ ପାଇବା ପାଇଁ କେଉଁମାନେ ଯୋଗ୍ୟ ସେ ନେଇ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାୟୀ ଲୋକଅଦାଲତ (ଜନ ଉପଯୋଗୀ ସେବା) ସଦସ୍ୟ ପ୍ରମୋଦ କୁମାର ରାୟ, ମୁଖ୍ୟ ଆଇନ ପ୍ରତିରକ୍ଷା ଓକିଲ ସୁଧୀର କୁମାର ଘୋଷ ଯୋଗଦେଇ ଜନଉପଯୋଗୀ ସେବା ସମ୍ପର୍କିତ ଆଇନ ସମ୍ବନ୍ଧରେ ଆଲୋକପାତ କରିବା ସହ କିପରି ଜନସାଧାରଣ ସରକାରୀ ଆଇନସେବା ପାଇପାରିବେ ସେ ବିଷୟରେ ବୁଝାଇଥିଲେ। ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ପାରା ଲିଗାଲ ସ୍ୱେଚ୍ଛାସେବୀ (ଅଧିକାର ମିତ୍ର) ଏବଂ ଓକିଲମାନେ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

ଚାରିଛକ,୩୦।୫(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ବ୍ଲକ ଅଧୀନ ଚାରିଛକ ନିକଟସ୍ଥ ବ୍ରହ୍ମକୁଣ୍ଡି ଗ୍ରାମର ଶ୍ରୀଶ୍ରୀ ବ୍ରହ୍ମେଶ୍ୱର ମହାଦେବ ଓ ବ୍ରହ୍ମ ମହାବୀର ପୀଠରେ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ପବିତ୍ର ମାଧବ ନିକଟସ୍ଥ ପ୍ରାଚୀନଦୀରୁ ମହିଳା ଓ ପୁରୁଷମାନେ କଳସରେ ପାଣି ଉଠାଇ ବ୍ରହ୍ମେଶ୍ୱର ମନ୍ଦିରରେ ସ୍ଥାପନ କରିଥିଲେ। ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ।

# ବ୍ଲକସ୍ତରୀୟ ମେଧା ସମ୍ମାନ ପାଇଲେ କୃତୀ ବିଦ୍ୟାର୍ଥୀ


ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ ।

## ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

ପିପିଲି,୩୦।୫(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲିସ୍ଥିତ ଜବାହର ବିଦ୍ୟାପୀଠରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସଭାପତି ରାମଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ଉପସଭାପତି ସଚ୍ଚିଦାନନ୍ଦ ନାୟକ ଯୋଗଦେଇ ପ୍ରତିଭା ସମ୍ବର୍ଦ୍ଧନା ଉପରେ ଗୁରୁତ୍ୱ ଦେଇଥିବା ବେଳେ ଉତ୍ତମ ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କ ରାଷ୍ଟ୍ର ଏବଂ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ଅର୍ଜୁନ ଘଡ଼େଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ରଘୁନାଥ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକରୁ ମାଟ୍ରିକ୍ ପରୀକ୍ଷାରେ ଏ-୧ ପାଇଥିବା ୨୨ ଜଣ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଏବଂ ପ୍ରଧାନ ଶିକ୍ଷକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମାକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ କୁମାର କଣ୍ଟ, ସତ୍ୟାନନ୍ଦ ଦାଶ, ପ୍ରସନ୍ନ କୁମାର ଦାସ, ଲକ୍ଷ୍ମୀଧର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ୧୪ ମାମଲାର ପୁନଃ ଶୁଣାଣି ହେବ, ୭ ବନ୍ଦ ହେଲା



କ୍ୟାମ୍ପ୍ କୋର୍ଟରେ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୁଭ୍ରା ଶର୍ମା ଏବଂ ଅନ୍ୟ ସଦସ୍ୟମାନେ ।

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୁଭ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୁରୀ ସଦ୍‌ଭାବନା ସଭାଗୃହରେ ରାଜ୍ୟ ମହିଳା ଆୟୋଗର ଏକ କ୍ୟାମ୍ପ୍ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଗର ୫୩ଟି ମାମଲାର ଶୁଣାଣି ହୋଇଥିଲା। ତନ୍ମଧ୍ୟରୁ ୩୬ଟି ମାମଲାର ଶୁଣାଣି କରାଯାଇଥିବାବେଳେ ୧୧ଟି ମାମଲାର ଆପୋସ ସମାଧାନ ହୋଇଛି। ସେହିପରି ୩ଟି ମାମଲାରେ ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଗୋଟିଏ ମାମଲାରେ ସୁରକ୍ଷା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ୧୪ଟି ମାମଲାର ପୁନଃ ଶୁଣାଣି ନିମନ୍ତେ ତାରିଖ ଧାର୍ଯ୍ୟ କରାଯାଇଛି। ବିଚାରାଳୟରେ ବିଚାରାଧୀନ ଥିବାରୁ ୭ଟି ମାମଲାକୁ ବନ୍ଦ କରିଦିଆଯାଇଛି। ରାଜ୍ୟ ମହିଳା ଆୟୋଗର ରେଜିଷ୍ଟ୍ରାର ସୁଶୀଲ ରାୟ ଏହି କ୍ୟାମ୍ପକୋର୍ଟକୁ ପରିଚାଳନା କରିଥିବାବେଳେ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ବନ୍ଦନା ମହାନ୍ତି, ସସ୍ମିତା ଦାସ, ଅରବିନ୍ଦ ପଟ୍ଟନାୟକ, ଦେବାଶିଷ ମହାନ୍ତି, ଦିବାକର ବିଶ୍ୱାଳ, ତ୍ରିଲୋଚନ ନାୟକ, ଚିତ୍ତରଞ୍ଜନ ସାହୁ ସହଯୋଗ କରିଥିଲେ।

# 'ଠିକାଦାରଙ୍କ ମାଧ୍ୟମରେ ଜେଟିପି ନିଯୁକ୍ତି ବନ୍ଦ ହେଉ'

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)

ଶ୍ରମ ଠିକାଦାରଙ୍କ ମାଧ୍ୟମରେ ଶ୍ରୀମନ୍ଦିରରେ ଜେଟିପି ସ୍କ୍ୱାଡ୍ ନିଯୁକ୍ତି ବନ୍ଦ ହେଉ ବୋଲି ଆଇନଜୀବୀ ଦିଲୀପ କୁମାର ବରାଳ ଦାବି କରିଛନ୍ତି। ଏ ନେଇ ସେ ମୁଖ୍ୟ ଶାସନ ସଚିବଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୦୨୪ ଅଗଷ୍ଟ ୮ରେ ଅନୁଷ୍ଠିତ ହୋଇଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଖାଲିଥିବା ପଦବୀଗୁଡିକ ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ନିଯୁକ୍ତି ସଂସ୍ଥା ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ମନ୍ଦିର (କର୍ମଚାରୀ ସେବା ସର୍ତ୍ତ) ନିୟମାବଳୀ-୨୦୨୦ରେ ଆବଶ୍ୟକ ସଂଶୋଧନ ନିମନ୍ତେ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ପ୍ରଶାସକଙ୍କୁ ଅଧିକୃତ କରିଥିଲେ। କିନ୍ତୁ ମୁଖ୍ୟ ପ୍ରଶାସକ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରି ମନଇଚ୍ଛା ନିଷ୍ପତ୍ତି ନେଉଛନ୍ତି। ୭୫ ଜଣ ଜେଟିପି ସ୍କ୍ୱାଡ୍ ନିଯୁକ୍ତି ଦେବା ପାଇଁ ଏକ ଶ୍ରମ ଠିକାଦାର ସଂସ୍ଥାକୁ ୨୭.୨.୨୫ରେ ମୁଖ୍ୟ ପ୍ରଶାସକ ଚିଠି ଲେଖିଛନ୍ତି। ଏଭଳି ବେଆଇନ ନିଯୁକ୍ତି ଦ୍ୱାରା ମୁଖ୍ୟ ପ୍ରଶାସକ ଠିକାଦାର ସଂସ୍ଥାଠାରୁ ବିପୁଳ ଅର୍ଥ ହାତେଇବା ଯୋଜନାରେ ରହିଛନ୍ତି। ତେଣୁ ଏଭଳି ବେଆଇନ ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରା ନ ଗଲେ ଦୁର୍ନୀତି ହେବ ଓ ଗରିବ ପିଲାମାନେ ନିଯୁକ୍ତି ପାଇବାରୁ ବଞ୍ଚିତ ହେବେ। ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଖାଲିଥିବା ଜେଟିପି ପଦବୀ ପୂରଣ ପାଇଁ ପଦକ୍ଷେପ ନେଉ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ନିଯୁକ୍ତି ସଂସ୍ଥା ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ କରାଯାଉ, ଯାହାଫଳରେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ ବୋଲି ବରାଳ ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

# ଲାଇଫ୍‌ଗାର୍ଡ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ଶିବିରରେ ଉପସ୍ଥିତ ପ୍ରଶିକ୍ଷାର୍ଥୀମାନେ ।

ଅସ୍ତରଙ୍ଗ,୩୦।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ପୀରଜାହାନିଆ ନିକଟସ୍ଥ କଲ୍ୟାଣୀ ମଣ୍ଡପରେ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟୁରିଜମ ଆଣ୍ଡ ଟ୍ରାଭେଲ୍ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍) ପକ୍ଷରୁ ଲାଇଫ୍‌ଗାର୍ଡଙ୍କ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅତିଥି ଭାବେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ଆଇଆଇଟିଟିଏମ ପ୍ରଫେସର ସ୍ୱଜନ ଶ୍ରୀୟନ, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ସ୍ଥାନୀୟ ଅଞ୍ଚଳ ଖବରଦାତା ମାନସ ରଞ୍ଜନ ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରଟି ଚଳିତ ମାସ ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଶିବିରରେ ସ୍ଥାନୀୟ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଲାଇଫ୍‌ଗାର୍ଡ ଅଂଶଗ୍ରହଣ କରିଥିଲେ। ପୀରଜାହାନିଆ ବେଳାଭୂମି ସମେତ ବିଭିନ୍ନ ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା, ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜେ ସଚେତନ ରହି ଅନ୍ୟକୁ ସାହାଯ୍ୟ କରିବା, ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ଗଣେଶ ବାରିକି ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିର ୫ଦିନ ଧରି ଚାଲିଥିଲା। ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବାବୁ ବେହେରା ଧନ୍ୟବାଦ ଦେଇଥିଲେ।

# ସବିତା ସ୍ମୃତି ସାହିତ୍ୟ ସଂସଦର କବିତା ଆସର



ଜାନକୀ ବଲ୍ଲଭ ଦାଶଙ୍କ ରଚିତ ଗଳ୍ପ ସଂକଳନ 'ଧୂସର ଗୋଧୂଳି' ଉନ୍ମୋଚନ କରାଯାଉଛି।

ପୁରୀ,୩୦।୫(ଅଜିତ୍ କୁମାର ମହାନ୍ତି)

ସବିତା ସ୍ମୃତି ସାହିତ୍ୟ ସଂସଦର କବିତା ଆସର ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାନକୀ ବଲ୍ଲଭ ଦାଶଙ୍କ ରଚିତ ଗଳ୍ପ ସଂକଳନ 'ଧୂସର ଗୋଧୂଳି' ଉନ୍ମୋଚନ କରାଯାଇଛି। ଉତ୍ସବରେ ଶକୁନ୍ତଳା ମିଶ୍ର, ଅଭିନବ ପଟ୍ଟନାୟକ, 'ନୀଳଚକ୍ର ବାନା'ର ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ, ଦିବ୍ୟଦର୍ଶନର ସମ୍ପାଦିକା ପ୍ରବାସିନୀ ମିଶ୍ର, ପ୍ରତିଭା ଦାସ, ଶିକ୍ଷାବିତ୍ ମହେନ୍ଦ୍ର ଦାଶ, କଳ୍ପନା ମିଶ୍ର, ମହେଶ୍ୱର ଜେନା, ଯୋଗେଶ୍ୱର ନାୟକ, ସତ୍ୟଭାମା ନାୟକ, ସୌମେନ୍ଦ୍ର ଦାସ, କିଶୋର ଦାସ ପ୍ରମୁଖ ଯୋଗଦେଇ ଉନ୍ମୋଚିତ ସଂକଳନ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ନିଜ ନିଜ କବିତା ପାଠ କରିଥିଲେ। ଶେଷରେ ଲକ୍ଷ୍ମୀପ୍ରିୟା ଚିହ୍ନରା ସଂଗୀତ ପରିବେଷଣ କରିଥିଲେ।

# ସରକାରୀ ଧାନମଣ୍ଡି ଖୋଲିବା ବିଳମ୍ବ

## ଆନ୍ଧ୍ର ବେପାରୀ ଓ ଦଲାଲ ମାଲାମାଲ

କଣାସ,୩୦।୫(ବିଭୂତି ଭୂଷଣ ତ୍ରିପାଠୀ)

ଚାଷୀମାନଙ୍କ ପ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଚିତ ମୂଲ୍ୟରେ ଧାନ କିଣିବା ପାଇଁ ପ୍ରତି ବ୍ଲକରେ ଥିବା ବିଭିନ୍ନ ସମବାୟ ସମିତି ଜରିଆରେ ସରକାରୀ ଧାନମଣ୍ଡି ଖୋଲୁଥିବାବେଳେ ଚଳିତ ବର୍ଷ କଣାସ ବ୍ଲକର କୌଣସି ସମବାୟ ସମିତିରେ ମଣ୍ଡି ଖୋଲି ନାହିଁ। ଫଳରେ ଆନ୍ଧ୍ରର ଧାନ ବେପାରୀମାନେ କଣାସ ଅଞ୍ଚଳ ଦଲାଲଙ୍କୁ ଧରି ଶାଗ ମାଛ ଦରରେ ଧାନ ସଂଗ୍ରହ କରି ନେଉଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ ସମବାୟ ସମିତି, ଗ୍ରାମ ମହାଜନଙ୍କ ଠାରୁ ଚଢ଼ାଦରରେ ସୁଧ ଆଣି ରବି ଧାନ ଚାଷ କରିଥିଲେ। ଧାନ ଅମଳ ହେବା ପରେ ଧାନ ବିକ୍ରୟ କରି ଟଙ୍କା ସୁଝିବେ। ଏଥିପାଇଁ ଚାଷୀମାନେ ନଅ ଛଅ ଦରରେ ଧାନ ବିକ୍ରି କରୁଥିବା ଚାଷୀମାନେ କହିଛନ୍ତି। ଲଘୁଚାପଜନିତ ବର୍ଷା ଆସୁଥିବାରୁ ରାସ୍ତାକଡ଼ରେ ଚାଷୀମାନେ ଧାନବସ୍ତା ରଖି ଆନ୍ଧ୍ର ଟ୍ରକକୁ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। ଗୁରୁବାର ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ କଣାସଠାରେ କଣାସ ପଞ୍ଚାୟତର ଚାଷୀ ଶ୍ରୀକାନ୍ତ ପଟ୍ଟଯୋଶୀ ଏବଂ ୧୦/୧୫ ଜଣ ଚାଷୀ ଏକତ୍ରିତ ହୋଇ ତୁରନ୍ତ ସରକାରୀ ଧାନମଣ୍ଡି ଖୋଲିବା ପାଇଁ ଦାବି କରିଥିଲେ।


ମଣ୍ଡିରେ ପଡିରହିଥିବା ଧାନ ।

# ସରୁନି ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ

- ଶିକ୍ଷାଦାନ ନେଇ ଅନିଶ୍ଚିତତା
- ଗୋପ କଲେଜ ପରିସର ଏବେ ଗୁହାଳ
- ୨ ସପ୍ତାହ ପରେ ଖୋଲିବ କଲେଜ

ଗୋପ,୩୦।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ମହାବିଦ୍ୟାଳୟ ପ୍ରତିଷ୍ଠାକୁ ଏବେ ୪୭ ବର୍ଷ ପୂରିଥିବା ବେଳେ ଅବହେଳିତ ଅବସ୍ଥାରେ ଏହି ମହାବିଦ୍ୟାଳୟ ରହିଛି। ଶିକ୍ଷାଦାନଠାରୁ ଆରମ୍ଭ କରି ସବୁକ୍ଷେତ୍ରରେ ଏହି କଲେଜ ପଛରେ ରହିଥିବା ସମୟରେ ଏବେ ଅଢ଼େଇ କୋଟି ଟଙ୍କା ବ୍ୟୟରେ କଲେଜ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଆଉ ୨ ସପ୍ତାହ ପରେ କଲେଜ ଖୋଲାହେବାକୁ ଥିବା ବେଳେ କଲେଜ ପରିସର ଅଳିଆ ଆବର୍ଜନାରେ ପଡ଼ିରହିଛି। ଏପରି ଅଭିଯୋଗକୁ ନେଇ ବାରମ୍ବାର ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡା ବ୍ଲକ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ଲେଖିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ପ୍ରକାଶଯୋଗ୍ୟ, ଗୋପ ମହାବିଦ୍ୟାଳୟ ଏକ ପୁରାତନ କଲେଜ ହୋଇଥିଲେ ମଧ୍ୟ ଏବେ ଅବହେଳିତ ଭାବେ ରହିଛି। ଚଳିତବର୍ଷ ଏହି ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ


କଲେଜ ନିକଟରେ ଅଧାପନ୍ତରିଆ ଅବସ୍ଥାରେ ଥିବା ଶ୍ରେଣୀଗୃହ କୋଠା ।

ହୋଇ ନ ଥିବାବେଳେ ବାର୍ଷିକ ପତ୍ରିକା ବଣ୍ଟନରେ ପାତରଅନ୍ତର ହୋଇଥିବା ଭଳି ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରଙ୍କ ଠାରୁ ବାର୍ଷିକ ପତ୍ରିକା ଲାଗି ଟଙ୍କା ନିଆଯାଇଥିବା ବେଳେ ଅଧିକାଂଶ ଛାତ୍ରୀଛାତ୍ରଙ୍କୁ ପତ୍ରିକା ମିଳିପାରି ନାହିଁ। ଅପରପକ୍ଷରେ ମହାବିଦ୍ୟାଳୟକୁ ଠିକ ଭାବେ ଶିକ୍ଷାଦାନ କରାଯାଉ ନ ଥିବା ସମୟରେ ଅଧ୍ୟାପିକା/ଅଧ୍ୟାପକ କଲେଜକୁ ଠିକ ସମୟରେ ଆସୁନାହାନ୍ତି। ଏପରିକି ବିଜ୍ଞାନ ବିଭାଗ ଠାରୁ ଆରମ୍ଭ କରି ଅନ୍ୟ ବିଭାଗର ଅଧ୍ୟାପିକା/ଅଧ୍ୟାପକ ବାୟୋମେଟ୍ରିକରେ ଟିପ ଚିହ୍ନ ଦେଇ ପଳାଇ ଯାଉଥିବା ଜଣାପଡ଼ିଛି। ଗତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବ୍ଲକ ପକ୍ଷରୁ କଲେଜ ଗୃହ ନିର୍ମାଣ ଲାଗି ଅଢ଼େଇ କୋଟି ଟଙ୍କା ଆସିଥିବା ବେଳେ ଠିକାଦାରଙ୍କ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଗ୍ରୀଷ୍ମ ଅବକାଶ ଛୁଟି ଯୋଗୁ କଲେଜ ପରିସର ଅଳିଆ ଆବର୍ଜନା ହୋଇ ରହିଛି। ଗତ ମାସ ୧୭ରେ କଲେଜ ଖୋଲୁଥିବାରୁ କିପରି ଶିକ୍ଷାଦାନ କରାଯିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଲେଜ କର୍ତ୍ତୃପକ୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗକୁ କଲେଜ ଚିଠି ନମ୍ବର-୪୯୧, ୧୪୧, ୬୯୧ ଓ ବ୍ଲକ ବିଡିଓଙ୍କୁ ଚିଠି ନମ୍ବର ୨୭୩, ୪୯୦, ୧୪୦ରେ ବାରମ୍ବାର ଗୃହ ନିର୍ମାଣ ଦାୟିତ୍ୱ ଦେବାଲାଗି ଅନୁରୋଧ କରାଯାଇଥିଲେ ମଧ୍ୟ ଅଧିକାରୀମାନେ ଶୁଣ ନ ଥିବା କଲେଜ କର୍ତ୍ତୃପକ୍ଷ କହିଛନ୍ତି। ଗୃହ ନିର୍ମାଣ କାର୍ଯ୍ୟ ନେଇଥିବା ଠିକାଦାରମାନେ ଅତ୍ୟନ୍ତ ନିମ୍ନମାନର ଗୃହ ନିର୍ମାଣ କାର୍ଯ୍ୟ କରିଥିବା ବେଳେ ଅଧପନ୍ତରିଆ ଭାବେ ପକାଇ ରଖିଥିବା କଲେଜ ଅଧ୍ୟକ୍ଷା କହିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡା କହିଛନ୍ତି, ବାରମ୍ବାର ଚିଠି ଲେଖିଲା ପରେ ବି ଉତ୍ତର ମିଳୁ ନ ଥିବା କହିଛନ୍ତି।

## ସଂକ୍ଷେପରେ

### ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ

**ପଞ୍ଚାୟତରେ ପହଞ୍ଚିଲା ଇସ୍ତଫାପତ୍ର**

କଟକ ସଦର,୩୦।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମପଞ୍ଚାୟତ ୧୦ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ଇସ୍ତଫା ପତ୍ର ଶୁକ୍ରବାର ସ୍ପିଡ୍ ପୋଷ୍ଟରେ ସରପଞ୍ଚଙ୍କ ନିକଟରେ ପହଞ୍ଚିଛି। ଏହି ଇସ୍ତଫା ପତ୍ର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଟକ ସଦର ବିଡିଓଙ୍କ ପାଖକୁ ପଠାଇ ଦିଆଯିବ ବୋଲି ସରପଞ୍ଚ ତ୍ରିଲୋଚନ ପାତ୍ର ସୂଚନା ଦେଇଛନ୍ତି। ଇସ୍ତଫା ପତ୍ରରେ ସରପଞ୍ଚଙ୍କ ମନୋମୁଖୀ କାର୍ଯ୍ୟ ପ୍ରତିବାଦରେ ଏଭଳି ପଦକ୍ଷେପ ନିଆଗଲା ବୋଲି ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉଲ୍ଲେଖ କରିଛନ୍ତି। କେତେଜଣ ୱାର୍ଡ ସଭ୍ୟାସଭ୍ୟ ଜାନୁଆରୀ ୨୬, ଅଗଷ୍ଟ ୧୫ ଓ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ହେଉଥିବା ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ଓ ଗ୍ରାମ ସଭାରେ ଭାଗ ନେବା ପାଇଁ ମଧ୍ୟ ଆସନ୍ତି ନାହିଁ ବୋଲି ସରପଞ୍ଚ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଇସ୍ତଫା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନ ନିଆଯିବା ପର୍ଯ୍ୟନ୍ତ ଏହିଭଳି ଆକ୍ଷେପ ଓ ପ୍ରତ୍ୟାକ୍ଷେପ ଲାଗି ରହିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଇସ୍ତଫା ପତ୍ରଗୁଡ଼ିକ ଡାକରେ ଆସିଥିବାରୁ ନିୟମ ଅନୁଯାଇ ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ଡକାଯାଇ ସେମାନଙ୍କ ମତାମତ ନିଆଯିବ ସହ ସଠିକତା ଯାଞ୍ଚ କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

### 'ଓଡ଼ିଶା ପୋଲିସର ସୁନାମ ବଢ଼ାଇଥିଲେ କୁଳମଣି ଦେ'

କଟକ,୩୦।୫(କାର୍ତ୍ତିକ ସାହୁ)

ପୂର୍ବତନ ଆଇପିଏସ୍ ଅଧିକାରୀ କୁଳମଣି ଦେଓଙ୍କ ବିୟୋଗରେ ରାଜ୍ୟ ଆଇପିଏସ୍ ସଂଘର ସଦସମାନେ ଶୋକପ୍ରକାଶ କରିଛନ୍ତି। କମିଶନରେଟ ପୋଲିସ ସମ୍ମିଳନୀ କକ୍ଷଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ସ୍ୱର୍ଗତ ଦେଓଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଦେଓ ନିଜର ଚାକିରି କାର୍ଯ୍ୟକାଳ ସମୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟନିର୍ବାହ କରି ଓଡ଼ିଶା ପୋଲିସର ସୁନାମ ବଢ଼ାଇଥିଲେ। ଡିଜିପି (କାରାଗାର ଏବଂ ସଂସ୍କାର ସେବା) ସୁଶାନ୍ତ କୁମାର ନାଥ, ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଏସସିଆରବି) ଡ. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର (ଭୁବନେଶ୍ୱର-କଟକ) ଡ. ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଲଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଗଣ ଉପସ୍ଥିତ ଥିଲେ। ଆଇପିଏସ୍ ସଂଘର ସମ୍ପାଦକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ସ୍ୱର୍ଗତ ଦେଓଙ୍କ ଚାକିରି ଜୀବନ ସମ୍ପର୍କରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ତଥା ଆଇଜିପି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ନିଶାସକ୍ତ ଅବସ୍ଥାରେ ଧରା ପଡ଼ିଲେ ଆମ୍ବୁଲାନ୍ସ ଡ୍ରାଇଭର

କଟକ,୩୦।୫(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ନିଶାସକ୍ତ ଅବସ୍ଥାରେ ଧରା ପଡ଼ିଲେ ଆମ୍ବୁଲାନ୍ସ ଚାଳକ। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ କଟକ ଗତିରାଉତ ପାଟଣା କେଶବଧାମ ଏକ ସ୍କୁଲ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଆମ୍ବୁଲାନ୍ସ ଡ୍ୟୁଟି ପାଇଁ ଏସ୍‌ସିବିର ଜଣେ ଡ୍ରାଇଭରଙ୍କୁ ଆଲର୍ଟ କରାଯାଇଥିଲା। ହେଲେ ଅପରାହ୍ଣରେ ସମ୍ପୃକ୍ତ ଡ୍ରାଇଭର ମେଡିକାଲରେ ନିଶାଶକ୍ତ ଅବସ୍ଥାରେ ଥିବା ମେଡିକାଲ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ ଆମ୍ବୁଲାନ୍ସ ଡ୍ରାଇଭର ବଦଳାଇ ଅନ୍ୟ ଜଣକୁ ଡ୍ୟୁଟିରେ ପଠାଇ ଥିବାବେଳେ ନିଶାଶକ୍ତ ଡ୍ରାଇଭରଙ୍କୁ ତାଗିଦ୍ କରିବା ସହ ପୁର୍ନବାର ଏଭଳି ଅଭିଯୋଗ ହେଲେ ଦାୟିତ୍ୱରେ ଥିବା ସଂସ୍ଥାକୁ ଅବଗତ କରାଯିବ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# 'ଜୁନ୍ ମଧ୍ୟ ସୁଦ୍ଧା ନାଳନର୍ଦ୍ଦମା ସଫେଇ ସମ୍ପୂର୍ଣ୍ଣ କର'



କଟକ ସହରରେ ଜଳ ନିଷ୍କାସନ ନିମନ୍ତେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ,୩୦।୫(କାର୍ତ୍ତିକ ସାହୁ)

**କଟକ ସହରରେ ଜଳ ନିଷ୍କାସନ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା**

କଟକରେ ବର୍ଷାଦିନେ ଉପୁଜୁଥିବା କୃତ୍ରିମ ଜଳବନ୍ଦୀ ସମସ୍ୟା ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତତ୍ପରତା ପ୍ରକାଶ କରିଛନ୍ତି। ଚଳିତ ବର୍ଷାଋତୁରେ ଏଭଳି ସମସ୍ୟା ସମାଧାନ ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରମ ସମୀକ୍ଷା କରିଛନ୍ତି। ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଆୟୁକ୍ତଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅପରାହ୍ଣରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସିଏମ୍‌ସି କମିଶନର ଉପସ୍ଥିତ ରହି ତଥ୍ୟ ପ୍ରଦାନ କରିଛନ୍ତି। ଚଳିତ ବର୍ଷା ଦିନକୁ ଦୃଷ୍ଟିରେ ରଖି ସହରର ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟ ସହ ବକ୍ସ ଡ୍ରେନର ସଫେଇ କାର୍ଯ୍ୟ ଜୁନ ମାସ ମଧ୍ୟ ଭାଗ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସହରର ତଳିଆ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ସିଏମ୍‌ସି ପକ୍ଷରୁ ତ୍ୱରିତ ଜଳ ନିଷ୍କାସନ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା ମାଧ୍ୟମରେ ସମସ୍ତ ତଥ୍ୟ ଓ ସୂଚନା ସହ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଅବଗତ କରାଇଛନ୍ତି। ସହରର ପ୍ରମୁଖ ନର୍ଦ୍ଦମାଗୁଡ଼ିକରେ ବର୍ଷାଦିନେ ଜଳ ନିଷ୍କାସନ ନିମନ୍ତେ ଅସ୍ଥାୟୀ ଭାବେ ୩୧୦ଟି ମଟର ପମ୍ପ ଲଗାଯିବା ବ୍ୟବସ୍ଥା କରାଯାଇଛି। ତଳିଆ ଅଞ୍ଚଳରେ ଜଳମଗ୍ନ ଅବସ୍ଥା ପ୍ରତିହତ କରିବା ନିମନ୍ତେ ସ୍ଥାୟୀ ମଟର ପମ୍ପ ମଧ୍ୟ କାର୍ଯ୍ୟ କରୁଛି। ଜଳମଗ୍ନ ହେଉଥିବା ୧୧୯ଟି ତଳିଆ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ତ୍ୱରାନିତ କରାଯିବା ନେଇ ମଧ୍ୟ କମିଶନର ସୂଚିତ କରିଥିଲେ। କଟକ ସହରରେ ମୁଖ୍ୟତଃ ୪୦୩ କି.ମି ପର୍ଯ୍ୟନ୍ତ ପ୍ରାକୃତିକ ନାଳ ରହିଛି। ତନ୍ମଧ୍ୟରୁ ୯୨% ସଫା ହୋଇଥିବା ବେଳେ ସହର ମଧ୍ୟରେ ଥିବା ଭୂ-ତଳ ନାଳ ଅନେକ ଛୋଟ ବଡ଼ ଡ୍ରେନ ରହିଛି। ପ୍ରାୟତଃ ଆବର୍ଜନା ଭରି ରହିଥିବା ଏହି ନର୍ଦ୍ଦମାଗୁଡ଼ିକରେ ସହରର ବର୍ଜ୍ୟବସ୍ତୁଠାରୁ ଆରମ୍ଭ କରି ବିଭିନ୍ନ ପ୍ରଦୂଷଣଯୁକ୍ତ ସାମଗ୍ରୀ ମଧ୍ୟ ରହିଛି। ଏଗୁଡ଼ିକର ସଫେଇ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯିବା, ୩ କି.ମି. ବକ୍ସ ଡ୍ରେନ ତଥା ଖୋଲା ଡ୍ରେନଗୁଡ଼ିକୁ ସୁପର ସକର ମେଶିନ ଜରିଆରେ ସଫା କରାଯିବା ଏବଂ ପରିମଳ ବ୍ୟବସ୍ଥାର ସ୍ଥାୟୀ ପ୍ରତିକାର ଉପରେ ବୈଠକରେ ଆଲୋଚନା କରାଯାଇଥିଲା।



କଟକ ବାଙ୍କ ବଜାରସ୍ଥିତ ଜନତା ରଙ୍ଗମଞ୍ଚରେ ଶୁକ୍ରବାର ପ୍ରଦର୍ଶିତ ନାଟକ 'ଚଇତୁ'ର ଏକ ଦୃଶ୍ୟ।(ଫଟୋ: ରାଜକିଶୋର ମହାନ୍ତି)

## ଆଜିର ଯୁବପିଢ଼ି ଅହଲ୍ୟାଙ୍କ ଜୀବନଶୈଳୀକୁ ଅନୁସରଣ କରନ୍ତୁ

କଟକ,୩୦।୫(ଶିଳ୍ପା ପ୍ରିୟଦର୍ଶିନୀ)

**ରାଣୀ ଅହଲ୍ୟାବାଈଙ୍କ ଜୟନ୍ତୀ ପାଳିତ**

କଟକ ଟାଉନ ହଲଠାରେ ପୁଣ୍ୟଶ୍ଳୋକ ରାଣୀ ଅହଲ୍ୟାବାଈ ହୋଲକର୍‌ଙ୍କ ଜୟନ୍ତୀ ପାଳନ ଅବସରରେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱ ଓ ଭାଜପା ନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସର୍ବେଶ୍ୱର ବେହେରା ଯୋଗଦେଇ କହିଛନ୍ତି, ଏକ ପ୍ରକାରର ସୁବ୍ୟବସ୍ଥିତ ଢଙ୍ଗରେ ସେମିତି ଶାସନ କରୁଥିଲେ। ଆଜିର ଯୁବପିଢ଼ି ଅହଲ୍ୟାଙ୍କ ଜୀବନଶୈଳୀକୁ ଅନୁସରଣ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକା ପ୍ରଜ୍ଞା ପାରମିତା ଦ୍ୱିବେଦୀ, ସାମାଜିକ କର୍ମୀ ପ୍ରତିମା ମହାପାତ୍ର, ପ୍ରବୀଣା ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମଧୁସ୍ମିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅମ୍ବିକା ଦାସ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ଭାଜପା ମହିଳା ମୋର୍ଚ୍ଚା ମାମିନା ମହାନ୍ତି, ହରପ୍ରିୟା ଧଳ, ଶର୍ମିଳା ସେନ, ସବିତା ବେହେରା, ନିର୍ମଳା ଆଚାର୍ଯ୍ୟ, ସର୍ଣ୍ଣଲତା ସେଠି, ମାନସୀ ଦାସ, ନମିତା ମିଶ୍ର, ମିଳନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ରାଣୀ ଅହଲ୍ୟାବାଈଙ୍କ ଜୟନ୍ତୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ତମାଖୁ ବର୍ଜନ, ନିଶା ନିବାରଣ ସମ୍ପର୍କିତ ସଚେତନତା ସଭା

ଚୌଦ୍ୱାର,୩୦।୫(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ତମାଖୁ ବର୍ଜନ ଓ ନିଶା ନିବାରଣ ସମ୍ପର୍କିତ ଏକ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ତଥା କଟକ ଉପ ଜିଲାପାଳଙ୍କ ମାର୍ଗଦର୍ଶନରେ କଲେଜର ଗୋପବନ୍ଧୁ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସିଏମ୍‌ସିର ସ୍ୱାସ୍ଥ୍ୟ ଅଧିକାରୀ ଡଃ. ସତ୍ୟବ୍ରତ ମହାପାତ୍ର, ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ, ପଧାପକ ପ୍ରଭାକର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ତମାଖୁ ଓ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ବ୍ୟବହାର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ଓ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରୁଥିବା ପ୍ରକାଶ କରିବା ସହିତ ସମସ୍ତେ ତମାଖୁ ଓ ନିଶା ବର୍ଜନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ଅଧ୍ୟାପକ ସୁମନ୍ତ ସାହୁ, ପ୍ରାଧ୍ୟାପିକା କ୍ଷୀରାବ୍ଧି ଚୌଧୁରୀ, ହରପ୍ରିୟା ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ ପ୍ରାଧ୍ୟାପିକା ସସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ବହୁ ଛାତ୍ରୀଛାତ୍ର, ଏନ୍‌ଏସ୍‌ଏସ୍, ରୋଭର୍ସ, ରେଡ୍‌କ୍ରସ୍ ଆଦିର କ୍ୟାଡେଟମାନେ ଅଂଶଗ୍ରହଣ କରିଥିଲେ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଚୌଦ୍ୱାର,୩୦।୫(ଆଶୁତୋଷ ଦାସ)

ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ଅପରାହ୍ଣରେ ଚୌଦ୍ୱାର ପୌରପାଳିକା ପରିଦର୍ଶନ କରିଛନ୍ତି। ଅପରାହ୍ଣରେ ହଠାତ୍ ମନ୍ତ୍ରୀ ପହଞ୍ଚି ପୌରପାଳିକାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସହିତ ରାସ୍ତାଘାଟ, ଆଲୋକିକରଣ, ଡ୍ରେନ ଆଦି ବ୍ୟବସ୍ଥା ସମ୍ପର୍କରେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ, ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଆସିବା ଖବର ପାଇ ସ୍ଥାନୀୟ ଓଟିଏମ କଲୋନୀର ଜନପ୍ରତିନିଧିମାନେ ପହଞ୍ଚି ଓଟିଏମ କଲୋନୀରେ ବସବାସ କରୁଥିବା ଲୋକମାନଙ୍କ ମୌଳିକ ସମସ୍ୟା ଉପରେ ପୌରପାଳିକା ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦେବାକୁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଲୋକମାନଙ୍କ ମୌଳିକ ସମସ୍ୟାକୁ ଅଣଦେଖା ନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବାକୁ ମନ୍ତ୍ରୀ ମହାପାତ୍ର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦେଇଥିଲେ।




ଚୌଦ୍ୱାର ପୌରପାଳିକାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରୁଛନ୍ତି।

## କମ୍ପାନୀର ମନମୁଖି କାର୍ଯ୍ୟ ନେଇ ଶ୍ରମିକଙ୍କ ବିକ୍ଷୋଭ

ଚୌଦ୍ୱାର,୩୦।୫(ଆଶୁତୋଷ ଦାସ)

ଚୌଦ୍ୱାର ନିକଟ କଜଳକଣାଠାରେ ପ୍ରତିଷ୍ଠିତ ଏକ କମ୍ପାନୀରେ ବିଭିନ୍ନ ସମସ୍ୟା ନେଇ ଶ୍ରମିକ ଅଶାନ୍ତି ଦେଖାଦେଇଛି। ଶୁକ୍ରବାର କର୍ମଚାରୀମାନେ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଶ୍ରମିକଙ୍କ କହିବାନୁଯାୟୀ କମ୍ପାନୀ କେନ୍ଦ୍ରିୟ ଶ୍ରମିକ ଆଇନ ପ୍ରଣୟନ କରୁ ନାହିଁ। ବିନା ନୋଟିସରେ କର୍ମଚାରୀଙ୍କୁ ଛଟେଇ କରିବା ସହିତ କର୍ମଚାରୀମାନଙ୍କ ଇଏସଆଇ, ଇପିଏଫ୍ ଆଦି ଜମା କରିବାରେ ସମ୍ପୃକ୍ତ ଭେଣ୍ଡର ଟାଳଟୁଳ ନୀତି ଅବଲମ୍ବନ କରୁଛି। ଘଟଣାସ୍ଥଳରେ ଉତ୍ତେଜନା ଦେଖାଯିବା ଆଶଙ୍କା କରି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚୌଦ୍ୱାର ଥାନା ପକ୍ଷରୁ ପୋଲିସ ମୃତୟନ କରାଯାଇଥିଲା। ଆନ୍ଦୋଳନକାରୀମାନେ ଦୀର୍ଘ ସମୟ ଧରି ଧାରଣାରେ ବସି ରହିଥିଲେ ସୁଦ୍ଧା ସନ୍ଧ୍ୟା ପର୍ଯ୍ୟନ୍ତ କମ୍ପାନୀର କୌଣସି ପ୍ରତିନିଧି କିମ୍ବା ଭେଣ୍ଡରଙ୍କ କୌଣସି ପ୍ରତିନିଧି ଧାରଣାସ୍ଥଳରେ ପହଞ୍ଚି ନ ଥିବା ଶ୍ରମିକ ସଙ୍ଗଠନର ସାଧାରଣ ସମ୍ପାଦକ ରତିକାନ୍ତ ବେଉରା ଅଭିଯୋଗ କରିବା ସହିତ ଶନିବାର ମଧ୍ୟ ବିକ୍ଷୋଭ କ୍ଷ ଧାରଣା ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କ କୌଣସି ମତାମତ ମିଳିପାରିନାହିଁ।

## କାର୍ଯ୍ୟାନୁଷ୍ଠାନ ଦାବିକଲା ମୋ କଟକ ସୁରକ୍ଷା ମଞ୍ଚ

କଟକ,୩୦।୫(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବିରେ ଆମ୍ବୁଲାନ୍ସ ହେଡ୍ ଡ୍ରାଇଭର ମାନସିକ ନିର୍ଯାତନା ଦେବା ଘଟଣା**

ଏସ୍‌ସିବି ମେଡିକାଲ ଆମ୍ବୁଲାନ୍ସ ହେଡ୍ ଡ୍ରାଇଭର ଅନ୍ୟାନ୍ୟ ଆମ୍ବୁଲାନ୍ସ ଡ୍ରାଇଭର, ହେଲପରଙ୍କୁ ମାନସିକ, ଶାରିରୀକ ନିର୍ଯାତନା ଦେବା ଘଟଣା ପ୍ରକାଶ ପାଇବା ପରେ ଘଟଣାର ତଦନ୍ତ ଦାବି କରିଛି ମୋ କଟକ ସୁରକ୍ଷା ମଞ୍ଚ। ସ୍ଥାନୀୟ କର୍ପୋରେଟର ତଥା ମଞ୍ଚର ସହ ସମ୍ପାଦକ ଜେ. କାମେଶ୍ୱର ରାଓଙ୍କ ନେତୃତ୍ୱରେ ମୋ କଟକ ସୁରକ୍ଷା ମଞ୍ଚର ସଦସ୍ୟମାନେ ଶୁକ୍ରବାର ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ହେଡ୍ ଡ୍ରାଇଭର ଜଣକ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ଅନ୍ୟ ଡ୍ରାଇଭରମାନଙ୍କୁ ନିୟୋଜିତ କରିବା ଓ ବେଆଇନ କାର୍ଯ୍ୟ କରିବା ସହ ନିଜ ସେବା କରାଉଛନ୍ତି। ଏପରି କି ସେବା ନ କଲେ ଡ୍ୟୁଟି ମିଳିବ ନାହିଁ ବୋଲି ସିଧାସଳଖ ଧମକାଉଛନ୍ତି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ହେଡ୍ ଡ୍ରାଇଭରଙ୍କୁ ବହିଷ୍କାର କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଞ୍ଚର ଦାବି କରାଯାଇଥିବା ନେଇ ଜେ. କାମେଶ୍ୱର ରାଓ କହିଛନ୍ତି। ଅନ୍ୟପଟେ ଦାବିପତ୍ର ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଶତପଥୀ ଗ୍ରହଣ କରିବା ସହ ଅଭିଯୋଗ ଆଧାରରେ ସମ୍ପୃକ୍ତ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କହିଛନ୍ତି।




ଡ୍ରାଇଭରଙ୍କୁ ମାନସିକ ନିର୍ଯାତନା ଦେବା ଘଟଣାର ତଦନ୍ତ ଦାବି କରି ବିକ୍ଷୋଭ କରୁଛନ୍ତି ମୋ କଟକ ସୁରକ୍ଷା ମଞ୍ଚ କର୍ମକର୍ତ୍ତାମାନେ।

# ଡ୍ରାଇଭରଙ୍କୁ ଆମ୍ବୁଲାନ୍ସ ଚଲାଇବାକୁ ବାରଣ



ଏସ୍‌ସିବି ମେଡିକାଲର ଆମ୍ବୁଲାନ୍ସ ଚାଳକମାନଙ୍କ ପାଇଁ ଉର୍ଦ୍ଧ୍ୱସ୍ଥ ଗୃହରେ ରଖାଯାଇଥିବା ଏସି, ୱାଶିଂମେସିନ ଓ ଅନ୍ୟାନ୍ୟ ସାମଗ୍ରୀ।

କଟକ,୩୦।୫(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**

**ଘର ଭାବେ ବ୍ୟବହାର କରୁଛନ୍ତି ଆମ୍ବୁଲାନ୍ସ ଡ୍ରାଇଭର**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଆମ୍ବୁଲାନ୍ସ ହେଡ୍ ଡ୍ରାଇଭରଙ୍କ ମନମାନୀ। ମେଡିକାଲ କାମରେ ବ୍ୟବହାର ହେବାକୁ ଥିବା ଗୃହକୁ ଘର ଭାବେ ବ୍ୟବହାର କରୁଛନ୍ତି। ଏହାସହ ମେଡିକାଲରର ରକ୍ତଭଣ୍ଡାର ଠାରେ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିବା ଗାଡିକୁ ପାର୍କ କରି ରଖିଛନ୍ତି। ଫଳରେ ରକ୍ତଭଣ୍ଡାରର ଗାଡିଗୁଡିକ ଏଣେତେଣେ ପଡି ରହିଛି। ଘଟଣା ବିଷୟରେ ମେଡିକାଲ ଅଧୀକ୍ଷକଙ୍କୁ ଅଭିଯୋଗ କରିବା ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲର ଆମ୍ବୁଲାନ୍ସ ଓ ମହାପ୍ରଣାୟ ଗାଡି ଚାଳକମାନଙ୍କ ପାଇଁ ମେଡିକାଲ ଅର୍ଥପେଡିକ ବିଭାଗ ନିକଟରେ ଏକ ଗୃହର ବ୍ୟବସ୍ଥା କରାଯାଇଥିଲା। ଏଠାରେ ଡ୍ରାଇଭରମାନେ କାର୍ଯ୍ୟରେ ଯୋଗଦେବା ସମୟ ଓ କାର୍ଯ୍ୟ ଶେଷ ସମୟ ପଞ୍ଜୀକରଣ କରିବା ନିମନ୍ତେ ବ୍ୟବହାର କରିବେ। ହେଲେ ସେଠାରେ ଦୀର୍ଘବର୍ଷ ହେବ ଘର କରି ରହି ଆସୁଛନ୍ତି ଆମ୍ବୁଲାନ୍ସ ହେଡ୍ ଡ୍ରାଇଭର। ଉକ୍ତ ଗୃହରେ ୱାଶିଂ ମେଶିନ, ଏସି, ଆଲମିରା, ଖଟ, ସାଇକେଲ ଇତ୍ୟାଦି ରଖି ସେଠାରେ ରହୁଥିଲେ। ଏହି ଘଟଣା ସମ୍ପର୍କରେ ଶୁକ୍ରବାର ମେଡିକାଲ ଅଧୀକ୍ଷକଙ୍କୁ ମୋ କଟକ ସୁରକ୍ଷା ମଞ୍ଚ ସଦସ୍ୟଙ୍କ ପକ୍ଷରୁ ଅଭିଯୋଗ ପରେ ମେଡିକାଲ କର୍ତ୍ତୃପକ୍ଷ ତତ୍ପରତା ଦେଖାଇଛନ୍ତି। ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ ମେଡିକାଲ ହସ୍ପିଟାଲ ମ୍ୟାନେଜରଙ୍କୁ ଉକ୍ତ ଗୃହର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେବା ସହ ଘଟଣା ନେଇ ସ୍ଥାନୀୟ ମେଡିକାଲ ଫାଣ୍ଡିକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀଙ୍କ ଉପସ୍ଥିତରେ ଗୃହର ଯାଞ୍ଚ କରାଯାଇଥିଲା। ତେବେ ସରକାରୀ ହସ୍ପିଟାଲକୁ ପୈତୃକ ସମ୍ପତ୍ତି ଭାବେ ବ୍ୟବହାର କରିବା ଘଟଣା ସାମ୍ନାକୁ ଆସିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ କର୍ପୋରେଟର ତଥା ମଞ୍ଚର ସହସମ୍ପାଦକ ଜେ. କାମେଶ୍ୱର ରାଓ କହିଛନ୍ତି, ଏସ୍‌ସିବିରେ ଏଭଳି ଘଟଣା ନିନ୍ଦନୀୟ। ଦୀର୍ଘ ବର୍ଷ ହେବ ଏଭଳି ଅବ୍ୟବସ୍ଥା ହୋଇ ଆସୁଛି, ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଅଧୀକ୍ଷକଙ୍କୁ ଏଦିଗରେ ଅବଗତ କରାଯାଇଛି ଏବଂ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଆଶା କରୁଛୁ। ଏହି ଘଟଣାରେ ଯଦିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ ତେବେ ଆଗାମୀ ଦିନରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବୁ ବୋଲି ରାଓ କହିଛନ୍ତି। ଘଟଣା ସମ୍ପର୍କରେ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ଶତପଥୀଙ୍କୁ ପଚାରିବାରୁ କହିଛନ୍ତି, ଘଟଣା ବିଷୟରେ ଅଭିଯୋଗ ପାଇବା ପରେ ତୁରନ୍ତ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ଗୃହରେ ଥିବା ସମସ୍ତ ଜିନିଷକୁ ଥିବା ଜାଣିବାକୁ ପାଇଛୁ। ତୁରନ୍ତ ଏହାକୁ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସମ୍ପୃକ୍ତ ଡ୍ରାଇଭରଙ୍କୁ ଆମ୍ବୁଲାନ୍ସ କାର୍ଯ୍ୟ କରିବାକୁ ବାରଣ କରାଯାଇଛି।




ଶ୍ରୀଲିଙ୍ଗରାଜ ଓ ମା' ପାର୍ବତୀଙ୍କ ବିବାହ ଉତ୍ସବ ଅବସରରେ ଶ୍ରୀଲିଙ୍ଗରାଜ ମନ୍ଦିରରୁ ଶ୍ୱଶୁରାଳୟ କେଦାରଗୌରୀ ଅଭିମୁଖେ ଯାଉଥିବା ଶୋଭାଯାତ୍ରା। (ଫଟୋ-ମନୋରଞ୍ଜନ ମିଶ୍ର)

# ଶ୍ରୀଲିଙ୍ଗରାଜଙ୍କ ସହ ମା'ପାର୍ବତୀଙ୍କ ବିବାହ



ପ୍ରଭୁ ଲିଙ୍ଗରାଜ, ମା' ପାର୍ବତୀ ଓ ଅନନ୍ତ ବାସୁଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ବିମାନ ଓ ପାଲିଙ୍କିରେ କେଦାରଗୌରୀ ମନ୍ଦିରକୁ ନିଆଯାଉଛି।

ପୁରୁଣା ଭୁବନେଶ୍ୱର, ୩୦।୫(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ମା' ପାର୍ବତୀ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ପାରମ୍ପରିକ ନୀତିଅନୁସାରେ ଶୁକ୍ରବାର ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରେ ଆଧ୍ୟାତ୍ମିକ ପରିବେଶରେ ବିଳମ୍ବିତ ରାତିରେ ସମାପନ ହୋଇଛି। ଦୈନିକ ନୀତି ସନ୍ଧ୍ୟାଧୂପ ସରିବା ପରେ ପ୍ରଭୁ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ ଏବଂ ପ୍ରଭୁ ଅନନ୍ତ ବାସୁଦେବଙ୍କ ଚଳନ୍ତି ପ୍ରତିମାଙ୍କୁ ସେବାୟତମାନେ ଧରି ଆଡ଼କାଠ ନିକଟରେ ପହଞ୍ଚିଥିଲେ। ପୂଜାପଣ୍ଡା ସେବାୟତ ଆଜ୍ଞାମାଳ ଦେଇସାରିବା ପରେ ଶ୍ରୀଲିଙ୍ଗରାଜ ବିମାନରେ ଏବଂ ପ୍ରଭୁ ବାସୁଦେବ, ମା'ପାର୍ବତୀ ପାଲିଙ୍କିରେ ବିରାଜମାନ ହୋଇଥିଲେ। ଠାକୁରାଣୀ ସନ୍ଧ୍ୟାଧୂପ, ବଡ଼ସିଂହାର ସରିବା ପରେ ପଞ୍ଚବକ୍ତ୍ର ଆଳତି ହୋଇ ମନ୍ଦିର ପହଡ଼ ପଡ଼ିଥିଲା। ରାତି ୧୦ଟାରେ ବରଯାତ୍ରୀ ସେବାୟତମାନେ ଶ୍ରୀଲିଙ୍ଗରାଜ ମନ୍ଦିର ବେଢ଼ାଠାରେ ମହାପ୍ରସାଦ ଖାଇ ଆପ୍ୟାୟିତ ହୋଇଥିଲେ। ଏହା ପରେ ରାତି ପ୍ରାୟ ୧୧ଟା ୩୦ରେ ବିବାହ ଶୋଭାଯାତ୍ରାରେ ଦେବଦମ୍ପତି ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ଆଡ଼ମ୍ବରଭାବେ ରୋଶଣି, ବାଜା, ଘଣ୍ଟ ଘଣ୍ଟି, ନାଗା ନାଚ, ଘୋଡ଼ା ନାଚ ଓ ଡିଜେର ତାଳେତାଳେ ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। କେଦାରଗୌରୀ ମନ୍ଦିର ନିକଟରେ ପହଞ୍ଚିବା ପରେ ମା'ପାର୍ବତୀଙ୍କ ସେବାୟତମାନେ ଠାକୁରାଣୀଙ୍କୁ ପାଲିଙ୍କିରେ ନେଇ ତାଙ୍କ ମା'ଗୌରୀଙ୍କ ମନ୍ଦିରରେ ଅବସ୍ଥାନ କରିଥିଲେ। ବେଦିରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ ପାଳିଆ ସେବାୟତ। ଏହା ପରେ ହାତଗଣ୍ଠି ପଡ଼ିଥିଲା। ପରେ ଦେବଦମ୍ପତି ମନ୍ଦିର ସିଂହାସନକୁ ବିଜେ କରିଥିଲେ। ସେଠାରେ ପତ୍ରୀ ସେବକ ଠା' କରିଥିଲେ। ମନ୍ଦିର ପକ୍ଷରୁ ପର୍ବଯାତ୍ରା ବିଶୋୟୀଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡୁଆ ପିଠାକୁ ପାଳିଆ ପୂଜାପଣ୍ଡା ସେବାୟତ ଭୋଗ ନୈବେଦ୍ୟ କରିଥିଲେ। ଭୋଗ ସରିବା ପରେ ଶ୍ରୀଲିଙ୍ଗରାଜଙ୍କ ପକ୍ଷରୁ ପୂଜାପଣ୍ଡା ସେବାୟତ ଓ ମା'ପାର୍ବତୀଙ୍କ ପକ୍ଷରୁ ପତ୍ରି ସେବାୟତଙ୍କ ମଧ୍ୟରେ ୭ଥର ଲେଖାଏ ୧୪ଥର କଉଡ଼ି ଖେଳ ହୋଇଥିଲା। ଏହା ପରେ ଆଳତି କରାଯାଇ ବିବାହ ସମ୍ପନ୍ନ ହୋଇଥିଲା। ଶନିବାର ଦେବଦମ୍ପତିଙ୍କ କେଦାରଗୌରୀ ମନ୍ଦିରରେ ରହଣି କାଳରେ ପ୍ରାୟ ଦଶ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ବିବାହ ଭୋଜିର ଆୟୋଜନ କରାଯିବା ନେଇ ବ୍ୟବସ୍ଥା ହୋଇଛି ବୋଲି କେଦାରଗୌରୀ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ନରେନ୍ଦ୍ର କୁମାର ମହାପାତ୍ର କହିଛନ୍ତି।

## ଯୋଗଦେଲେନି କପିଳନାଥ ଦେବ

ଶ୍ରୀଲିଙ୍ଗରାଜଙ୍କ ବିବାହ କାର୍ଯ୍ୟରେ ଚଳିତ ବର୍ଷ ମଧ୍ୟ ଯୋଗଦେଲେନି ଶ୍ରୀକପିଳନାଥ ଦେବ। ୨୦୧୫ ମସିହାରୁ କପିଳେଶ୍ୱର ମନ୍ଦିରରେ ମଳିଆ ଓ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପାଇଁ ନଅ ଶହ ବର୍ଷର ହାଣ୍ଡି ଭଙ୍ଗା ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହାକୁ ସୁଧାର ଆଣିବା ପରିବର୍ତ୍ତେ ଜନପ୍ରତିନିଧି ଏବଂ ପ୍ରଶାସନ ନିରବ ରହିବା ଦ୍ୱାରା ଉଭୟ ଠାକୁରଙ୍କ ମଧ୍ୟରେ ଭିନ୍ନତା ବଢ଼ିବାକୁ ଲାଗିଛି। ସେହିଭଳି ପ୍ରତ୍ୟକ୍ଷ ଭାବେ ଅନେକ ଯାନିଯାତ୍ରାରେ କପିଳନାଥ ଦେବ ଯୋଗ ଦେଉନାହାନ୍ତି।

# ଯୁକ୍ତ୨ ପିଲାଙ୍କୁ ପଢ଼ାଇବେ ଅତିଥି ଅଧ୍ୟାପକ

### ବର୍ଷିକିଆ କଣ୍ଟ୍ରାକ୍ଟରେ ନିଯୁକ୍ତି ଦିଆଯିବ

ଭୁବନେଶ୍ୱର,୩୦।୫(ସୁଚିସ୍ମିତା ସାହୁ)

ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରେ ଯୁକ୍ତ୨ ପିଲାଙ୍କୁ ପାଠପଢ଼ାଇବେ ଅତିଥି ଅଧ୍ୟାପକ। ଏଥିପାଇଁ ଖରାଛୁଟି ଭିତରେ ନିଯୁକ୍ତି ଦେବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯୋଜନା ଆରମ୍ଭ ହୋଇଛି। ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଯୁକ୍ତ ୨କୁ ଉନ୍ନୀତ କଲେଜ ଅଧ୍ୟକ୍ଷଙ୍କୁ ଚିଠି କରାଯାଇଛି। ସମସ୍ତ କଲେଜ ନିଜ ଖାଲି ପଦବୀ ପୂରଣ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିବେ। ଜୁନ୍ ୧୭ ସୁଦ୍ଧା ସମସ୍ତ ଡକ୍ୟୁମେଣ୍ଟ ଯାଞ୍ଚ କରାଯାଇ ନିଯୁକ୍ତି ଦିଆଯିବ ବୋଲି ନିର୍ଦ୍ଦେଶାବଳୀରେ ଉଲ୍ଲେଖ କରାଯାଇଛି। ବର୍ଷିକିଆ କଣ୍ଟ୍ରାକ୍ଟ ମାଧ୍ୟମରେ ନିଯୁକ୍ତି ଦିଆଯିବ। ଏଥିପାଇଁ କମିଟି ଗଠନ କରାଯିବ। ଏଥିରେ ସରକାରୀ କଲେଜ ଅଧ୍ୟକ୍ଷ, ଜିଲା ଶିକ୍ଷା ଅଧିକାରୀ, ବରିଷ୍ଠ ଅଧ୍ୟାପକ ଏବଂ ବିଷୟ ବିଶେଷଜ୍ଞ ରହିବେ। ମାସକୁ ଅଧ୍ୟାପକମାନେ ୫୦ଟି କ୍ଲାସ କରିବେ ବୋଲି ସୂଚନା ଦିଆଯାଇଛି।

# ଅର୍ଥନୀତି ସୁଦୃଢ଼ କରିବ ରତଲାମ-ନଗଡ଼ା ତୃତୀୟ, ଚତୁର୍ଥ ରେଳଲାଇନ

ଭୁବନେଶ୍ୱର,୩୦।୫ (ଅନୁରାଧା ମହାରଣା)




ଅନ୍ୟମାନଙ୍କ ଉପସ୍ଥିତିରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆ ରେଳ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଉଛନ୍ତି।

ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଦ୍ୱାରା ଅନୁମୋଦିତ ରତଲାମ-ନଗଡା ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ମାଲ୍ ଓ ଯାତ୍ରୀ ପରିବହନ ଦକ୍ଷତା ବୃଦ୍ଧି କରିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀର ରେଳ ଭବନରେ ଗଣମାଧ୍ୟମ ସହିତ ଆଲୋଚନା କରିବା ଅବସରରେ ଏହା ଦେଶର ଅର୍ଥନୀତି ସୁଦୃଢ଼ କରିବା ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧,୦୧୮ କୋଟି ବ୍ୟୟରେ ୪୧.୪ କି.ମି. ରତଲାମ-ନଗଡା ସେକ୍ସନକୁ ଚାରି ଲାଇନ୍ କରାଯିବ। ଏହାଦ୍ୱାରା ଲାଇନ କ୍ଷମତା ବ୍ୟବହାର ୧୧୬%ରୁ ୬୫%କୁ ହ୍ରାସ ପାଇବ। ଏହା ନଗଡା (ଉତ୍ତର), ଭଦୋଦରା (ଦକ୍ଷିଣ), ଇନ୍ଦୋର (ପୂର୍ବ) ଏବଂ ଚିତ୍ତୋରଗଡ଼ (ପଶ୍ଚିମ) ଭଳି ପ୍ରମୁଖ ଜଙ୍କସନଗୁଡ଼ିକୁ ସଂଯୋଗ କରି ଆଞ୍ଚଳିକ ଏବଂ ଜାତୀୟ ସଂଯୋଗୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ପ୍ରକଳ୍ପ ମଧ୍ୟପ୍ରଦେଶରୁ କାଣ୍ଡଲା, ମୁନ୍ଦ୍ରା, ପିପାଭାଭ, ହାଜିରା, ଦହେଜ, ଜେଏନ୍‌ପିଏ ଏବଂ ପ୍ରସ୍ତାବିତ ୱାଧୱାନ ବନ୍ଦର ଭଳି ପ୍ରମୁଖ ପଶ୍ଚିମ ତଟ ବନ୍ଦରଗୁଡ଼ିକୁ ମାଲ ପରିବହନ ବୃଦ୍ଧି କରିବ। ଏହା ଇନ୍ଦୋର ଏସ୍‌ଇଜେଡ୍, ଛିନ୍ଦୱାଡା ଏସ୍‌ଇଜେଡ, ଏମ୍‌ଏମ୍‌ପିଏଲ୍ ଇନ୍ଦୋର, ଏମ୍‌ଏମ୍‌ଏଲ୍‌ପି ଭୋପାଳ, ଦିଲ୍ଲୀ-ମୁମ୍ବାଇ ଶିଳ୍ପ କରିଡର ଏବଂ ନଗଡା ତାପଜ ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ରତଲାମ ଅଞ୍ଚଳର ସମ୍ବନ୍ଧିତ ଭିସ୍କୋସ ଓ ରାସାୟନିକ ଶିଳ୍ପ ଭଳି ପ୍ରମୁଖ ଶିଳ୍ପ କେନ୍ଦ୍ରଗୁଡ଼ିକ ପାଇଁ ଲାଭଦାୟକ ହେବ। ଏହାସହ କୃଷି ସାମଗ୍ରୀ, କୋଇଲା, କଣ୍ଟେନର ଏବଂ ପେଟ୍ରୋଲିୟମ ଉତ୍ପାଦଗୁଡ଼ିକର ଦ୍ରୁତ ତଥା ଅଧିକ ପରିବହନ ସମ୍ଭବ ହେବ। ମଧ୍ୟପ୍ରଦେଶ ପର୍ଯ୍ୟଟନ ଖଜୁରାହୋ, ଗ୍ୱାଲିୟର, କାହ୍ନା ଜାତୀୟ ଉଦ୍ୟାନ, ଓଁକାରେଶ୍ୱର ଜ୍ୟୋତିର୍ଲିଙ୍ଗ, ସାଞ୍ଚି ସ୍ତୂପ, ଉଜ୍ଜୟିନୀ, ଭୋପାଳ, ଇନ୍ଦୋର, ଜବଲପୁର, ଅମରକଣ୍ଟକ ଏବଂ ଭୀମ ଜନ୍ମଭୂମି ଭଳି ଐତିହ୍ୟ ତଥା ଧାର୍ମିକ ସ୍ଥଳୀଗୁଡ଼ିକରେ ଉନ୍ନତ ପ୍ରବେଶ ସହିତ ପ୍ରୋତ୍ସାହନ ମିଳିବ। ଏହି ପ୍ରକଳ୍ପ ପ୍ରଥମ ବର୍ଷରେ ପରିବେଶଗତ ସ୍ଥିରତାରେ ଯୋଗଦାନ ଦେବ। ବଧବନ ବନ୍ଦର କାର୍ଯ୍ୟକ୍ଷମ ହେବା ପରେ ପ୍ରଥମ ବର୍ଷରେ ବାର୍ଷିକ ୭ ମେଟ୍ରିକ ଟନରୁ ୧୧ ବର୍ଷ ସୁଦ୍ଧା ମାଲ ପରିବହନ ବୃଦ୍ଧି ପାଇ ୭୬.୪ ମେଟ୍ରିକ ଟନ ହେବ। ୮୦ଟି ଷ୍ଟେଶନର ପୁନଃ ବିକଶିତ କରାଯାଉଛି। ଡ. ଆମ୍ବେଦକର ନଗର-ନୂଆଦିଲ୍ଲୀ ସୁପରଫାଷ୍ଟ ଏକ୍ସପ୍ରେସର ୩ଟି ନୂତନ ଟ୍ରେନ ଆଗାମୀ ଦୁଇ ମାସରେ ଚଳାଚଳ ଆରମ୍ଭ କରିବ। ସେହିପରି ଉଜ୍ଜୟିନୀରେ ଆଗାମୀ ସିଂହସ୍ଥ କୁମ୍ଭ ମେଳା ପାଇଁ ରେଳ ମନ୍ତ୍ରଣାଳୟ ବ୍ୟାପକ ଯୋଜନା ଆରମ୍ଭ କରିଛି। ଏହି ଆଲୋଚନାରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ଭିଡିଓ କନଫରେନ୍ସରେ ଯୋଗଦେଇଥିଲେ। ଏମ୍‌ପି ଅନିଲ ଫିରୋଜିଆ, ମଧ୍ୟପ୍ରଦେଶ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଚୈତନ୍ୟ କଶ୍ୟପ, ଏମ୍‌ପି ଅନିତା ନାଗର ସିଂହ ଚୌହାନ, ବିଧାୟକ ମଥୁରା ଲାଲ ଡାମୋର, ବିଧାୟକ ଡ. ତେଜ ବାହାଦୁର ସିଂହ ଚୌହାନ ରତଲାମ ଏବଂ ଭୋପାଳର ଡିଭିଜନାଲ ରେଳ ପ୍ରବନ୍ଧକ (ଡିଆର୍‌ଏମ) ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରମୋଦିନୀ



@ ଶୁଭଲକ୍ଷ୍ମୀ



@ ଅଶୋକ



@ ଶରତ



@ ନୀତୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସିଆଇଏସ୍ଏଫ୍‌କୁ ମିଳିଲା ତିନି ତାରକା ମାନ୍ୟତା

ବାରଙ୍ଗ,୩୦।୫(ଲିଙ୍ଗରାଜ ରାଉତ)



ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ମୁଣ୍ଡଳୀଠାରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍ଏଫ) ଖାରବେଳ ଆଞ୍ଚଳିକ ତାଲିମ କେନ୍ଦ୍ରକୁ ଶୁକ୍ରବାର ସମ୍ମାନଜନକ ତିନିତାରକା ଓ ଉତ୍କୃଷ୍ଟ ମାନ୍ୟତା ମିଳିଛି। ଏଥିପାଇଁ ଭାରତ ବର୍ଷରେ ଥିବା ସମସ୍ତ ତାଲିମ କେନ୍ଦ୍ରକୁ କେନ୍ଦ୍ର ସରକାରଙ୍କର ଏକ ପ୍ରତିନିଧିଦଳ ଯାଇ ଅନୁଧ୍ୟାନ କରିଥିଲେ। ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଏକ ପ୍ରତିନିଧି ଦଳ ଆସି ସିଆଇଏସ୍ଏଫ୍‌ରେ ଅନୁଧ୍ୟାନ କରିଥିଲେ। ଏହି ଅନୁଧ୍ୟାନ ସମୟରେ ଆସିଥିବା ମୂଲ୍ୟାଙ୍କନ ନିମନ୍ତେ ତାଲିମ କେନ୍ଦ୍ରରେ ସିଭିଲ ସର୍ଭିସ ଟ୍ରେନିଂ ଇନଷ୍ଟିଚ୍ୟୁଶନ୍ସ ପାଇଁ ଜାତୀୟ ମାନଦଣ୍ଡ ପରିଚାଳନା, ପ୍ରଶିକ୍ଷଣ, ତାଲିମଦାତାଙ୍କ କ୍ଷମତା, ପରିବେଶ, ପାଠ୍ୟକ୍ରମ ଡିଜାଇନ ଆଦି ୮ଟି ସ୍ତମ୍ଭ ପ୍ରତି ଗୁରୁତ୍ୱ ଦେଇଥିଲେ। ସିଆଇଏସ୍ଏଫ୍‌ରେ ଉଚ୍ଚମାନର ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ପ୍ରଦାନ ପ୍ରତି ପ୍ରତିବଦ୍ଧତାକୁ ସୂଚିତ କରୁଥିବାରୁ ଆସିଥିବା ଦଳ ମୂଲ୍ୟାଙ୍କନ ପରେ ସିଆଇଏସ୍ଏଫ୍‌କୁ ତିନି ତାରକା ଓ ଉତ୍କୃଷ୍ଟ ମାନ୍ୟତା ମିଳିଛି। କ୍ଷମତା ନିର୍ମାଣ ଆୟୋଗ (ସିବିସି)ଙ୍କ ଦ୍ୱାରା ସମ୍ମାନଜନକ ଉତ୍କୃଷ୍ଟ 'ଉତ୍କର୍ଷିତ' ବା ବହୁତ ଭଲସ୍ତରର ମାନ୍ୟତା ସହ ୩ ତାରକା ଗ୍ରେଡିଂର ମାନ୍ୟତା ଦିଆଯାଇଛି। ପୂର୍ବରୁ ୨୦୧୯-୨୦ରେ ସମସ୍ତ ତାଲିମ କେନ୍ଦ୍ର ମଧ୍ୟରେ ସର୍ବୋତ୍ତମ ତାଲିମ ପ୍ରତିଷ୍ଠାନ ଭାବେ ସିଆଇଏସ୍ଏଫ୍ ବିବେଚିତ ହୋଇ କେନ୍ଦ୍ର ଗୃହମନ୍ତ୍ରୀଙ୍କଠାରୁ ଟ୍ରଫି ଆଣିଥିଲା।

# ଅନିଶ୍ଚିତତାରେ ଅସ୍ତରଙ୍ଗ-ନିଆଳି-ଭୁବନେଶ୍ୱର ରେଳପଥ

### ସର୍ଭେକୁ ପୂରିଲା ୪ ବର୍ଷ

ଅସ୍ତରଙ୍ଗ/କାକଟପୁର,୩୦।୫(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ଅସ୍ତରଙ୍ଗରୁ ଭାୟା କଟକ ଜିଲା ନିଆଳି ଦେଇ ଭୁବନେଶ୍ୱରକୁ ରେଳପଥ ନିର୍ମାଣ ପାଇଁ ୪ବର୍ଷ ତଳେ ପ୍ରାଥମିକ ସର୍ଭେ କରାଯାଇଥିଲା। ଏପରିକି ଜମି ଚିହ୍ନଟ କରାଯାଇ କ୍ଷତିପୂରଣ ଦେବା ପର୍ଯ୍ୟନ୍ତ କଥା ଆଗେଇଥିଲା। ହେଲେ ଏପର୍ଯ୍ୟନ୍ତ ଏହି ରେଳ ପ୍ରକଳ୍ପ ମଞ୍ଜୁର ନେଇ କୌଣସି ଅଗ୍ରଗତି ହୋଇନାହିଁ। ଶୀତଳ ଭଣ୍ଡାରରେ ପ୍ରକଳ୍ପ ପ୍ରସ୍ତାବ ରହିଗଲା। ଫଳରେ ଏହି ରେଳପଥ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି।

ସୂଚନାଥାଉ କି, ଅସ୍ତରଙ୍ଗ-ନିଆଳି-ବାରଙ୍ଗ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉପକୂଳ ଓଡ଼ିଶାର ୩ଟି ଜିଲା ବ୍ୟବସାୟୀଙ୍କ କେନ୍ଦ୍ର ପାଲଟିବ। ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିବା ସହ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାରେ ସୁଧାର ଆସିବ। ଏହି ପ୍ରକଳ୍ପ ହେଲେ ଅସ୍ତରଙ୍ଗ ପୀରଜାହାନିଆ ପୀଠ, ଗଙ୍ଗାଦେବୀ ସମେତ କାକଟପୁର ମା'ମଙ୍ଗଳା ପୀଠ, ନିଆଳିର ମାଧବ, କଣ୍ଟାପଡ଼ା ବ୍ଲକର ଜୟଦେବ ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଜମିବ। ଏହି ରେଳପଥ ଦ୍ୱାରା ପୁରୀ ଜିଲାର ଅସ୍ତରଙ୍ଗ, କାକଟପୁର, ନୂଆହାଟ, କଟକ ଜିଲାର ନିଆଳି, କଣ୍ଟାପଡ଼ା ଓ ଜଗତସିଂହପୁର ଜିଲାର କୃଷକମାନେ ମଧ୍ୟ ଉପକୃତ ହେବେ। ଏହା ଦ୍ୱାରା ଅସ୍ତରଙ୍ଗ, କାକଟପୁର ଓ ନିଆଳି ଅଞ୍ଚଳର ଅଧିକ ଗାଁ ଉପକୃତ ହୋଇଥାନ୍ତେ। ଏହି ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ୨୦୨୦ମସିହାରେ ପ୍ରାଥମିକ ସର୍ଭେ କରାଯାଇଥିଲା। ଜମି ଚିହ୍ନଟ ମଧ୍ୟ ସରିଥିଲା। ଜମି ଦେବାକୁ ଚାଷୀମାନେ ଆଗ୍ରହର ସହ ଅପେକ୍ଷା କରିଥିଲେ। ତେବେ ପରେ ଆଉ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏନେଇ ରେଳ ବିଭାଗ ପକ୍ଷରୁ ବଜେଟରେ କୌଣସି ପ୍ରସ୍ତାବ ନ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡ଼ିଛି। ଫଳରେ ସର୍ଭେର ୪ବର୍ଷ ପରେ ମଧ୍ୟ ଅସ୍ତରଙ୍ଗ-ନିଆଳି-ଭୁବନେଶ୍ୱର ରେଳ ପ୍ରକଳ୍ପ ଅନିଶ୍ଚିତତାରେ ରହିଛି। ଏହି ରେଳପଥ କେବେ ନିର୍ମାଣ ହେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପର୍ଯ୍ୟଟକଙ୍କୁ ମାଡ଼, ବନ୍ଧୁକ ଦେଖାଇ ଲୁଟ୍

## ୫୫ନଂ. ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କ

ଅନୁଗୋଳ,୩୦।୫ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ସଦର ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ଲୁଟେରାଙ୍କ ଆତଙ୍କ ଦେଖିବାକୁ ମିଳିଛି। ବୋଲେରୋରେ ଥିବା ୫ଜଣ ପର୍ଯ୍ୟଟକଙ୍କୁ ଲୁଟେରାମାନେ ନିଛାଟିଆ ସ୍ଥାନକୁ ନେଇ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଟଙ୍କା, ସୁନା ଅଳଙ୍କାର ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ୫ ଜଣ ସାଙ୍ଗ ସୁବ୍ରନ କୁମାର ନାୟକ (୩୪), ସରୋଜ ଜେନା (୨୮), ବିନୋଦ ସେଠୀ (୩୦), ଚିନ୍ମୟ ଦାସ (୩୦), ଦେବାଶିଷ ବିଶ୍ୱାଳ (୩୮) ସମ୍ବଲପୁର ଜିଲା ବୁଲିବାକୁ ଆସିଥିଲେ। ସେମାନେ ଗୁରୁବାର ରାତିରେ ବୋଲେରୋରେ ଘରୁ ବାହାରିଥିବା ବେଳେ ଶୁକ୍ରବାର ସକାଳ ୭ଟା ୩୦ରେ ଅନୁଗୋଳ ସଦର ଥାନା ମୂଷାପାପୁଲିଠାରେ ଜଳଖିଆ ଖାଇବା



ଲୁଟେରାଙ୍କ ଆକ୍ରମଣର ଶିକାର ହୋଇଥିବା ପର୍ଯ୍ୟଟକମାନେ।

ପାଇଁ ଅଟକିଥିଲେ। ଏହି ସମୟରେ ଏକ ବାଇକ୍‌ରେ ୩ ଜଣ ଲୁଟେରା ଆସି ବନ୍ଧୁକ ଦେଖାଇ ଗାଡ଼ି ସହ ପର୍ଯ୍ୟଟକମାନଙ୍କୁ ନିକଟସ୍ଥ ଡ୍ୟାମ୍ ନିକଟକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଆଉ ୬ ଜଣ ଲୁଟେରା ଅପେକ୍ଷା କରିଥିଲେ। ଏହାପରେ ସମସ୍ତ ୯ ଲୁଟେରା ମିଶି ପର୍ଯ୍ୟଟକମାନଙ୍କୁ ମାଡ଼ ମାରିବା ସହ ଫୋନ, ଟଙ୍କା, ପିନ୍ଧିଥିବା ସୁନା ଚେନ୍, ବ୍ରେସଲେଟ୍, ଲକେଟ୍, ମୁଦି ସହ ଗାଡ଼ି ଛଡ଼ାଇ ନେଇଥିଲେ। ମାଡ଼ ଖାଇଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ୨ ଜଣ ପ୍ରାଣ ବିକଳରେ ଦୌଡ଼ି ପଳାଇ ଯାଇଥିବା ବେଳେ ଅନ୍ୟ ୩ଜଣଙ୍କୁ ଲୁଟେରାମାନେ ନିର୍ଘାତ ମାଡ଼ ମାରିବା ସହ ଘରୁ ଟଙ୍କା ମଗାଇବାକୁ ଧମକ ଦେଇଥିଲେ। ଖବରପାଇ ଘର ଲୋକେ ଅନୁଗୋଳ ସଦର ପୋଲିସକୁ ଖବର ଦେଇଥିଲେ। ଏହା ଜାଣିବା ପରେ ଲୁଟେରାମାନେ ପର୍ଯ୍ୟଟକଙ୍କ ବୋଲେରୋ ନେଇ ପଳାଇ ଯାଇଥିଲେ। ମାଡ଼ ଖାଇଥିବା ୩ ପର୍ଯ୍ୟଟକ କିଛି ବାଟ ଚାଲି ଚାଲି ଆସିବା ପରେ ଏକ ଅଟୋ ଯୋଗେ ସଦର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ସଦର ପୋଲିସ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଦର ଥାନା ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ ଅଧିକ ତଥ୍ୟ ମିଳିପାରି ନାହିଁ।

# ବଳାତ୍କାର ମାମଲା, ବାପାଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର, ୩୦।୫ (ସୁବାସ ଚନ୍ଦ୍ର ପାଢ଼ୀ)

## ପୀଡ଼ିତାଙ୍କୁ ସାଢ଼େ ୧୦ ଲକ୍ଷ ଦେବାକୁ ନିର୍ଦ୍ଦେଶ

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ତଥା ପୀଡ଼ିତାଙ୍କ ବାପାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟେ ଦୋଷୀ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ପୀଡ଼ିତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ୍ ମାମୁଙ୍କୁ ଜଜ୍ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ନାବାଳିକାଙ୍କ ପ୍ରଥମ ଓ ଦ୍ୱିତୀୟ ମା'ଙ୍କ ମୃତ୍ୟୁ ପରେ ବାପା ତୃତୀୟ ବିବାହ କରିଥିଲେ।

୨୦୨୩ ଡିସେମ୍ବର ୨୩ ତାରିଖରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ରହୁଥିବା ନାବାଳିକା ଅଙ୍ଗନୱାଡ଼ି କେନ୍ଦ୍ରରୁ ଅଣ୍ଡା ଆଣିବାକୁ ଯାଉଥିଲେ। ଏହି ସମୟରେ ୨ ଜଣ ତାଙ୍କୁ ଟାଣି ନେଉଥିବା ବେଳେ ସେ ଚିତ୍କାର କରିଥିଲେ। ଗାଁ ଲୋକେ ରୁଣ୍ଡ ହୋଇଯାଇ ଅଟକାଇବାରୁ ସେମାନେ ନାବାଳିକାଙ୍କ ବାପା ଓ ମାମୁ ବୋଲି ଜଣାପଡ଼ିଥିଲା। ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ଝିଅକୁ ନେଉଥିବା କହି ଅଭିଯୁକ୍ତଦ୍ୱୟ ସେଠାରୁ ପଳାଇଥିଲେ। ରାତିରେ ଘରେ ବାପା ଭୟଭୀତ କରି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ତାଙ୍କ ପ୍ରଥମ ମା'ଙ୍କ ଭାଇ ଅର୍ଥାତ ମାମୁମାଇଁଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୯୦୨/୨୩ ରେ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତ ବାପା ଓ ମାମୁଙ୍କୁ ଗିରଫ କରିଥିଲା। କିଛିଦିନ ପରେ ମାମୁଙ୍କୁ ଜାମିନ ମିଳିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ସମୀର କୁମାର ରାଉତ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ମହିଳା ହଷ୍ଟେଲ ବାଥରୁମ୍‌ରୁ ଯୁବତୀଙ୍କ ମୃତଦେହ ଜବତ

କଟକ,୩୦।୫ (କାର୍ତ୍ତିକ ସାହୁ)

## ଦେଢ଼ ମାସ ହେବ ରହୁଥିଲେ

କଟକ ଯୋବ୍ରା ଅଞ୍ଚଳର ଜଣେ କର୍ମଜୀବୀ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଯୋବ୍ରା ଚାରିଘରିଆ ଅଞ୍ଚଳରେ ଥିବା ଏକ କର୍ମଜୀବୀ ମହିଳା ହଷ୍ଟେଲର ବାଥରୁମ୍ କପଡ଼ା ହ୍ୟାଙ୍ଗରରେ ଯୁବତୀଙ୍କ ମୃତଦେହ ଓଢ଼ଣିରେ ଝୁଲୁଥିବା ଅବସ୍ଥାରେ ଠାବ କରାଯାଇଛି। ହଷ୍ଟେଲ ଅନ୍ତେବାସୀମାନେ ଶୁକ୍ରବାର ସକାଳୁ ଏହା ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ମୃତ ଯୁବତୀ ହେଲେ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ନରହରିପୁର ଗ୍ରାମର କଳ୍ପନା ଦାସ (୨୬)।

ସୂଚନାନୁସାରେ, କଳ୍ପନା ଏକ ଘରୋଇ ହସ୍ପିଟାଲରେ ଚାକିରି କରୁଥିଲେ। ସେ ପ୍ରାୟ ଦେଢ଼ ମାସ ହେବ ଉକ୍ତ ହଷ୍ଟେଲରେ ରହୁଥିଲେ। ହଷ୍ଟେଲ ଅନ୍ତେବାସୀମାନଙ୍କ କହିବା ଅନୁସାରେ, କଳ୍ପନା ଖୁବ୍ ଭଲ ସ୍ୱଭାବର ଝିଅ ଥିଲେ। ସକାଳ ୯ଟା ୪୫ମିନିଟ୍ ପର୍ଯ୍ୟନ୍ତ ସେ ବେଶ୍ ସ୍ୱାଭାବିକ ଥିଲେ। ମାତ୍ର ପରେ ବାଥରୁମ୍‌କୁ ଯାଇ ଦୀର୍ଘ ସମୟ ଯାଏ ଫେରି ନ ଥିଲେ। କବାଟ ନ ଖୋଲିବାରୁ ଅନ୍ତେବାସୀମାନେ କବାଟ ଭାଙ୍ଗି ଭିତରକୁ ପଶି ସେ ଝୁଲୁଥିବା ଅବସ୍ଥାରେ ଦେଖିଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୦୨୫) ରୁଜୁ ହୋଇଥିବା ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

# ଏସିଡ୍ ଆକ୍ରମଣକାରୀଙ୍କୁ ୧୨ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ, ୩୦।୫ (ରାକେଶ କୁମାର ରାଉତ)

ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରିତିଶ କୁମାର ରାଉତରାୟ ଶୁକ୍ରବାର ଏକ ଏସିଡ୍ ମାଡ଼ ମାମଲାର ରାୟ ପ୍ରକାଶ କରିଛନ୍ତି। ମାମଲାର ଅଭିଯୁକ୍ତ ଫୁଲବାଣୀ ପଟାବାଲି ସାହିର ପ୍ରମୋଦ କୁମାର ସାହୁ (୬୦)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୧୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଜରିମାନା ଏବଂ ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୨୦୨୩ ଡିସେମ୍ବର ୨୮ ତାରିଖରେ ଫୁଲବାଣୀ ସାହିର ସୁରଜ କୁମାର ମହାନ୍ତି ଶଶୀ ପାନଦୋକାନ ଛକଠାରେ ଠିଆ ହୋଇଥିଲେ। ଏହି ସମୟରେ ପ୍ରମୋଦ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ। ଖବରପାଇ ସୁରଜଙ୍କ ବାପା କୃଷ୍ଣ ଚନ୍ଦ୍ର ମହାନ୍ତି ଘଟଣାସ୍ଥଳକୁ ଆସିବାରୁ ତାଙ୍କ ଉପରକୁ ମଧ୍ୟ ଏସିଡ୍ ଫିଙ୍ଗିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବାପାପୁଅଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ସହ ପ୍ରମୋଦଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ବିଚାରପତି ୧୭ଜଣଙ୍କ ସାକ୍ଷ୍ୟ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତିକରି ଦଣ୍ଡାଦେଶ ଶୁଣାଇଛନ୍ତି।

# ବ୍ୟବସାୟୀଙ୍କ ଘରୁ ଲୁଟିନେଲେ ୧୦ ଲକ୍ଷ ଟଙ୍କା, ୨୦ ଭରି ସୁନା

ରାୟଗଡ଼ା,୩୦।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ନ୍ୟୁ କଲୋନିରେ ଗୁରୁବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ହୋଟେଲ କୈଳାସର ମାଲିକ ସୁବ୍ରତ ପତିଙ୍କ ଘରୁ ନଗଦ ୧୦ ଲକ୍ଷ ଟଙ୍କା, ପ୍ରାୟ ୨୦ଭରି ସୁନା ଅଳଙ୍କାର ଓ ୧ କେଜି ରୁପା ଲୁଟି ନେଇଛନ୍ତି। ଏ ନେଇ ଶୁକ୍ରବାର ସକାଳେ ସୁବ୍ରତ ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି।

ଘଟଣାରୁ ପ୍ରକାଶ, ସୁବ୍ରତ ଏବଂ ତାଙ୍କ ମା' ନିଶାମଣି ଗୁରୁବାର ରାତିରେ ଖାଇସାରି ପଛ ପାର୍ଶ୍ୱ ଘର ତାଲା ଦେଇ ଆଗପଟକୁ ଥିବା ଘରର ବେଡ୍‌ରୁମ୍‌ରେ ଆସି ଶୋଇ ଯାଇଥିଲେ। ଶୁକ୍ରବାର ସକାଳୁ ଉଠିବା ପରେ ଘରର ଗ୍ରୀଲ ହୁକ୍ କାଟି ଘରୁ


ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି।

ଚୋରି ହୋଇଥିବା ଦେଖି ସୁବ୍ରତ ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁରଙ୍କୁ ସୂଚନା ଦେଇଥିଲେ। ୨ ଜଣ କଳାମୁଖା ପିନ୍ଧିଥିବା ଦୁର୍ବୃତ୍ତ ରାତି ପ୍ରାୟ ୨ଟା ପରେ ଘରେ ପଶି ଚୋରି କରିଥିବା ସୁବ୍ରତଙ୍କ ଘରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚରୁ ଜଣାପଡ଼ିଛି। ପଛ ଘର ଭିତରେ ଥିବା ଦୁଇଟି ଆଲମିରା ଭାଙ୍ଗି ନଗଦ ୧୦ଲକ୍ଷ ଟଙ୍କା, ପ୍ରାୟ ୨୦ ଭରି ସୁନା ଗହଣା ଏବଂ ୧ କେଜିରୁ ଊର୍ଦ୍ଧ୍ୱ ରୁପା ସାମଗ୍ରୀ ଚୋରି ହୋଇଥିବା ସୁବ୍ରତ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟ ଜାଗାରେ ଘର କାମ ଚାଲିଥିବାରୁ ସୁବ୍ରତ ସାମଗ୍ରୀ କିଣିବା ପାଇଁ ନଗଦ ଟଙ୍କା ଘରେ ରଖିଥିଲେ ବୋଲି କହିଛନ୍ତି। ଏସ୍‌ଡିପିଓ ଗୌରୀଶଙ୍କର ସାହୁ, ଟାଉନ ଥାନା ଆଇଆଇସି କହଁରଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଡଗ୍ ସ୍କ୍ୱାଡ୍ ଯାଞ୍ଚ ବେଳେ ଅନୁସନ୍ଧାନୀ କୁକୁର ତୁମ୍ବିଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ଜଣାପଡ଼ିଛି। ତେବେ ଉକ୍ତ ରାସ୍ତା ପରଠାରୁ ଦୁର୍ବୃତ୍ତ କେଉଁଆଡ଼େ ଯାଇଛନ୍ତି ଆଉ ଜଣାପଡ଼ିନାହିଁ ବୋଲି ଆଇଆଇସି କହଁର କହିଛନ୍ତି।

BUSINESS

# ନାନୋ ସାର ବିକ୍ରିରେ ୪୭% ବୃଦ୍ଧି

ନୂଆଦିଲ୍ଲୀ,୩୦।୫: (ଅଭୟ ଦାଶ)

କ୍ରମାଗତ ଭାବେ ନାନୋ ସାରର ବ୍ୟବହାର ବୃଦ୍ଧି ପାଉଛି। ଫଳରେ ଚାଷୀ ଓ କୃଷକ ସୁଲଭ ମୂଲ୍ୟ ଗୁଣାତ୍ମକ ଉତ୍ପାଦର ବ୍ୟବହାର ସହ ବେଶ୍ ଲାଭବାନ୍ ହେଉଛନ୍ତି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରେ ୩୬୫.୦୯ ଲକ୍ଷ ବୋତଲ ନାନୋ ସାର ବିକ୍ରି କରାଯାଇଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ୨୪୮.୯୫ ଲକ୍ଷ ବୋତଲ ନାନୋ ସାର ବିକ୍ରି ହୋଇଥିଲା। ନାନୋ ସାର ବିକ୍ରି ବାର୍ଷିକ ଭିତ୍ତିରେ ୪୭% ବୃଦ୍ଧି ପାଇଛି।

ଅପରପକ୍ଷରେ ବିକ୍ରି ହୋଇଥିବା ୩୬୫ ଲକ୍ଷ ବୋତଲ ମଧ୍ୟରୁ ୨୬୮ ଲକ୍ଷ ଇଫ୍‌କୋ ନାନୋ ୟୁରିଆ ପ୍ଲସ୍ (ତରଳ) ବୋତଲ ଏବଂ ଇଫ୍‌କୋ ନାନୋ ଡିଏପି (ତରଳ) ର ୯୭ ଲକ୍ଷ ବୋତଲ ସାମିଲ ରହିଛି। ଯାହା ୨୦୨୪-୨୫ ଆର୍ଥିକ ବର୍ଷରେ ବିକ୍ରି କରାଯାଇଥିଲା ଏବଂ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଇଫ୍‌କୋ ନାନୋ ୟୁରିଆ ପ୍ଲସ୍ (ତରଳ) ବିକ୍ରି ୩୧% ଏବଂ ଇଫ୍‌କୋ ନାନୋ ଡିଏପି (ତରଳ) ବିକ୍ରି ୧୧୮ % ବୃଦ୍ଧି ପାଇଛି। ଏହି ବିକ୍ରି ପରିମାଣ ୧୨ ଲକ୍ଷ ମେଟ୍ରିକ ଟନ ପାରମ୍ପରିକ ୟୁରିଆ ଏବଂ ୪.୮୫ ମେଟ୍ରିକ ଟନ୍ ପାରମ୍ପରିକ




ଡିଏପି ସହିତ ସମାନ ରହିଛି। ସେହିଭଳି ବିଶ୍ୱର ଏକ ନମ୍ବର ସମବାୟ ସଂସ୍ଥା 'ଇଫ୍‌କୋ' କ୍ରମାଗତ ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଇଫ୍‌କୋ ଟିକସ ପ୍ରଦାନ ପୂର୍ବରୁ ୩,୮୧୧ କୋଟି ଟଙ୍କାର ଲାଭ ଉପାର୍ଜନ କରିଛି ଏହି ଆର୍ଥିକ ବର୍ଷରେ ଇଫ୍‌କୋ ୪୧,୨୪୪ କୋଟି ଟଙ୍କାର ବ୍ୟବସାୟ କରିଛି।

ଏ ସମ୍ପର୍କରେ ଇଫ୍‌କୋର ଅଧକ୍ଷ ଦିଲୀପ ସାଂଘାନି କହିଥିଲେ, ଦେଶର ସମୁଦାୟ ସମବାୟ କ୍ଷେତ୍ର ନିମନ୍ତେ ଏହା ଗର୍ବର ବିଷୟ ଯେ ଇଫ୍‌କୋର ଦମ୍‌ଦାର ଅଭିବୃଦ୍ଧି 'ସହକାର ସେ ସମୃଦ୍ଧି' ସ୍ୱପ୍ନକୁ ସାକାର କରୁଛି। ଏହି ସମବାୟ କ୍ରମାଗତ ୩ ବର୍ଷ ଧରି ୩୦୦୦ କୋଟି ଟଙ୍କାର ଲାଭ ଉପାର୍ଜନ କରିଆସୁଛି। କ୍ରମାଗତ ଭାବେ ବିଗତ ୨୩ ବର୍ଷ ଧରି ଇଫ୍‌କୋ ତାହାର ସଦସ୍ୟମାନଙ୍କୁ ପେଡ୍-ଅପ୍ ଶେୟାର କ୍ୟାପିଟାଲ ଉପରେ ୨୦%ର ଲାଭାଂଶ ପ୍ରଦାନ କରିଆସୁଛି। ଏହା ସମାନତାଭିତ୍ତିକ ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧି ପ୍ରତି ଇଫ୍‌କୋର ଉତ୍ସର୍ଗୀକୃତ ଭାବ ଏବଂ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି। ସମବାୟ ନିମନ୍ତେ ନାନୋ ସାର ମୁଖ୍ୟ ଦୃଷ୍ଟିନିବଦ୍ଧ କ୍ଷେତ୍ର ହୋଇଛି ଏବଂ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ସମର୍ଥନରେ ବ୍ୟାପକ ଜନସଚେତନତା ଅଭିଯାନ ଏବଂ ଗବେଷଣା ସମବାୟକୁ କୃଷକମାନଙ୍କ ମଧ୍ୟରେ ଏହି ଉତ୍ପାଦର ଗ୍ରହଣୀୟତା ବୃଦ୍ଧି କରିବାରେ ସହାୟକ ହୋଇଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୩୦।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୨ (୧୮୨.୦୧) ପଏଣ୍ଟ ହ୍ରାସ ଘଟି ୮୧,୪୫୧ (୮୧,୪୫୧.୦୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୮୩ (୮୨.୯୦) ପଏଣ୍ଟ କମି ୨୪,୭୫୧ (୨୪,୭୫୦.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଆଜିଠାରୁ ରିଲାଏନ୍ସ ଡିଜିଟାଲର 'ବୁଟ୍ ଅପ୍ ଇଣ୍ଡିଆ' ସେଲ୍

ମୁମ୍ବାଇ,୩୦।୫

ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଅଫର ତଥା ସବୁଠାରୁ ବଡ଼ ଲାପ୍‌ଟପ୍ ସେଲ୍ 'ବୁଟ୍ ଅପ୍ ଇଣ୍ଡିଆ' ର ଶୁଭାରମ୍ଭ ଶନିବାରଠାରୁ ସର୍ବଭାରତୀୟସ୍ତରରେ ଆରମ୍ଭ ହେଉଛି। ଏହା କେବଳ ଏକ ସେଲ୍ ନୁହେଁ, ବୁଟ୍ ଅପ୍ ଇଣ୍ଡିଆ ହେଉଛି ଏକ ଶକ୍ତିଶାଳୀ ମିଶନ ବା ଏକ ଅଭିଯାନ। ଅପରପକ୍ଷରେ ଆଜିର ଛାତ୍ରୀଛାତ୍ରମାନଙ୍କୁ ଆସନ୍ତାକାଲିର ଅବସର ପାଇଁ ପ୍ରସ୍ତୁତ କରିବା ଏବଂ ସେମାନଙ୍କୁ ସଶକ୍ତ କରିବା ହେଉଛି ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ। ଏହି ଅଫର (ସେଲ୍) ୨୦୨୫ ମେ ୩୧ ରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଉପଲବ୍ଧ। ସେହିଭଳି ଶନିବାରଠାରୁ ଆରମ୍ଭ ହେଉଥିବା ବୁଟ୍ ଅପ୍ ଇଣ୍ଡିଆ ସେଲକୁ କେବଳ ଏକ ଶପିଙ୍ଗ୍ ଇଭେଣ୍ଟ ଭାବେ ନୁହେଁ ବରଂ ଭାରତର ପରବର୍ତ୍ତୀ ପିଢ଼ିର ନେତା, ସୃଷ୍ଟିକର୍ତ୍ତା ଏବଂ ନବସୃଜନକାରୀଙ୍କ ପାଇଁ ଏକ ପ୍ରକୃତ ଲଞ୍ଚପ୍ୟାଡ୍ ଭାବେ ପ୍ରସ୍ତୁତ କରାଯାଇଛି। ଅପରପକ୍ଷରେ ବୁଟ୍‌ଅପ୍ ଇଣ୍ଡିଆ ସେଲ୍ ରିଲାଏନ୍ସ ଡିଜିଟାଲ ଏବଂ ମାଇ ଜିଓ ଷ୍ଟୋର ଏବଂ reliancedigital.in ରେ ଆକର୍ଷଣୀୟ ଅଫର ସହ ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ଲାପ୍‌ଟପ୍, ଆକ୍ସେସରିଜ୍ ଏବଂ ଅନ୍ୟାନ୍ୟ ଆଇଟି ଆବଶ୍ୟକ ସାମଗ୍ରୀର ଆକର୍ଷଣୀୟ ମୂଲ୍ୟ ସହ ବୁଟ୍ ଅପ୍ ସେଲ୍ ଅବିଶ୍ୱସନୀୟ ପୁରସ୍କାରରେ ପରିପୂର୍ଣ୍ଣ ରହିଛି। ସେହିପରି ଭାରତୀୟ ଛାତ୍ରମାନଙ୍କ ପାଇଁ ପ୍ରାୟ ୧ କୋଟିର ଛାତ୍ର ବୃତ୍ତି ଏବଂ ୨୫ଟି କାର, ୪୦ ଟି ବାଇକ୍ ଏବଂ ୪୫୦ ରୁ ଅଧିକ ଇଲେକ୍ଟ୍ରୋନିକ୍ ଉତ୍ପାଦ ଜିତିବାର ସୁଯୋଗ ରହିଛି। ଏପରିକି ପ୍ରତି ଗ୍ରାହକଙ୍କ ପାଇଁ ନିଶ୍ଚିତ ଉପହାର ଓ ପ୍ରତ୍ୟେକ କ୍ରୟକୁ ପୁରସ୍କାର ଯୋଗ୍ୟ କରିଥାଏ। ଏହି ସେଲ୍‌ରେ ବ୍ୟାଙ୍କ ଅଫର ଏବଂ କ୍ୟାଶ୍‌ବ୍ୟାକ୍ ଅନ୍ତର୍ଭୁକ୍ତ ରହିଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ଉତ୍ପାଦ

ମୁମ୍ବାଇ,୩୦।୫

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରିମିୟମ ରଙ୍ଗ ଆବୃତ୍ତ ଷ୍ଟିଲ୍ ପୋର୍ଟଫୋଲିଓ ଅପ୍ଟିଗାଲର ଦୁଇଟି ବିଶ୍ୱସ୍ତରୀୟ ଓ ଉଚ୍ଚକ୍ଷମତା ସମ୍ପନ୍ନ ଉତ୍ପାଦ 'ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲ'ର ଶୁଭାରମ୍ଭ ଶୁକ୍ରବାର ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ଶୁଭାରମ୍ଭ ସହ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଭାରତର ରଙ୍ଗ-ଆବୃତ୍ତ ଇସ୍ପାତ ବଜାରରେ ମଧ୍ୟ ବ୍ରାଣ୍ଡର ଉପସ୍ଥିତିକୁ ସୁଦୃଢ଼ କରିଛି। ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି, ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲର ଶୁଭାରମ୍ଭ ଗୁଣବତ୍ତା, ଦୀର୍ଘସ୍ଥାୟିତ୍ୱ ଏବଂ ଦୀର୍ଘସ୍ଥାୟୀ ନବସୃଜନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଭାରତର ଭିତ୍ତିଭୂମି ଏବଂ ନିର୍ମାଣ ଆବଶ୍ୟକତା 'ବିକଶିତ ଭାରତ' ପଥରେ ଅଗ୍ରସର ହେଉଥିବାରୁ ଆମେ ବିବିଧ ଜଳବାୟୁ ଏବଂ




ଶିଳ୍ପ ଚାହିଦାକୁ ପୂରଣ କରୁଥିବା ବିଶ୍ୱସ୍ତରୀୟ, ଉଚ୍ଚ କ୍ଷମତାସମ୍ପନ୍ନ ଇସ୍ପାତ ସମାଧାନ ପ୍ରଦାନ କରି ଗର୍ବ ଅନୁଭବ କରୁଛୁ। ଏହି ଉତ୍ପାଦ ପ୍ରଧାନମନ୍ତ୍ରୀଙ୍କ ତ୍ୱରିତ ବିକାଶ ଆହ୍ୱାନକୁ ଆଗେଇ ନେବା ସହିତ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ। ଏଏମ୍‌ଏନ୍‌ଏସ୍ ଏହି କ୍ଷେତ୍ରରେ ବଜାରରେ ପ୍ରାଧାନ୍ୟ ବିସ୍ତାର କରିବା ସହିତ ସାମଗ୍ରିକ ରଙ୍ଗ-ଆବୃତ୍ତ ଇସ୍ପାତ କ୍ଷେତ୍ରର ୨୫% ବଜାର ଅଂଶ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଅପ୍ଟିଗାଲ ପ୍ରାଇମ୍ ଏବଂ ଅପ୍ଟିଗାଲ ପିନାକଲ ୬ଟି ସ୍ୱତନ୍ତ୍ର ଭାରିଆଣ୍ଟରେ ଉପଲବ୍ଧ ହେବ।

# ମୁଥୁଟ୍ ଫୋରେକ୍ସ ଟ୍ରାଭେଲ କାର୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୩୦।୫

ମୁଥୁଟ୍ ଗ୍ରୁପ୍‌ର ବହୁ ପ୍ରତୀକ୍ଷିତ ତଥା ଏକ କୋ-ବ୍ରାଣ୍ଡେଡ୍ ଟ୍ରାଭେଲ କାର୍ଡ 'ମୁଥୁଟ୍ ଫୋରେକ୍ସ ଟ୍ରାଭେଲ କାର୍ଡ'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଥୋମାସ୍ କୁକ୍ ଏବଂ ମୁଥୁଟ୍ ଫୋରେକ୍ସର ମିଳିତ ସହଭାଗିତାରେ ଏହି ନୂତନ ଓ ବହୁମୁଖୀ କାର୍ଡର ଆରମ୍ଭ ହୋଇଛି।

ଉଲ୍ଲେଖଯୋଗ୍ୟ, ମୁଥୁଟ୍ ଗ୍ରୁପ୍ ପକ୍ଷରୁ ନୂଆଦିଲ୍ଲୀର ଏମ୍‌ଜି ଜର୍ଜ ମୁଥୁଟ୍ ଟାୱାରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ 'ମୁଥୁଟ୍ ଫୋରେକ୍ସ ଟ୍ରାଭେଲ କାର୍ଡ'ର ଶୁଭାରମ୍ଭ କରାଯାଇଥିଲା। ସେହିଭଳି ଏହି କାର୍ଡ ମୁଥୁଟ ଗ୍ରୁପ୍‌ର ସମସ୍ତ ଗ୍ରାହକଙ୍କୁ ଅନେକ ପ୍ରକାର ସୁବିଧା ଯୋଗାଇଦେବ। ଏପରିକି ୧୨ଟି ଦେଶର ଟଙ୍କା ଏହି କାର୍ଡରେ ରଖାଯାଇପାରିବ। ଏଥିରେ ଅନେକ ପ୍ରକାର ସୁବିଧା ସାମିଲ ଥିଲାବେଳେ ବିଦେଶୀ ଟଙ୍କା ଉଠାଣରେ



ମୁଥୁଟ୍ ଫୋରେକ୍ସ ଟ୍ରାଭେଲ କାର୍ଡ'ର ଶୁଭାରମ୍ଭ ଅବସରରେ ଆଲେକ୍‌ଜାଣ୍ଡର ଜର୍ଜ ମୁଥୁଟ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଏହା ବେଶ୍ ସହାୟକ ହେବ। ଏ ସମ୍ପର୍କରେ ମୁଥୁଟ୍ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକ୍‌ଜାଣ୍ଡର ଜର୍ଜ ମୁଥୁଟ୍ କହିଥିଲେ, ଥୋମାସ୍ କୁକ ସହ ମିଶି ଆମେ ଆମର ବହୁ ମୁଖ୍ୟ କାର୍ଡ 'ମୁଥୁଟ୍ ଫୋରେକ୍ସ ଟ୍ରାଭେଲ କାର୍ଡ'ର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ପରିବହନ ଶିଳ୍ପରେ ଥୋମାସ୍ କୁକ୍ ଏକ ଲୋକପ୍ରିୟ ନାମ ହୋଇଥିଲାବେଳେ ଆମର ଏହି ସହଭାଗିତା ଉଭୟଙ୍କ ଆଭିମୁଖ୍ୟଙ୍କୁ ସ୍ପଷ୍ଟ କରିଛି। ଏହି କାର୍ଡ ଆମ ଗ୍ରାହକମାନଙ୍କୁ ବିଦେଶରେ ଅନେକ ପ୍ରକାର ସୁବିଧା ପ୍ରଦାନ କରିବ ବୋଲି ମୁଥୁଟ୍ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ଆଦାନୀ ପୋର୍ଟ୍ସକୁ ବଡ଼ ସଫଳତା

ମୁମ୍ବାଇ,୩୦।୫

ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଏପିଏସ୍‌ଇଜେଡ୍)କୁ ନିକଟରେ ଏକ ବଡ଼ ସଫଳତା ମିଳିଛି। ଏପରିକି କମ୍ପାନୀ ୧୫ ବର୍ଷର ଏକ ନନ୍-କନ୍‌ଭର୍ଟିବଲ୍ ଡିବେଞ୍ଚର (ଏନ୍‌ସିଡି) ମାଧ୍ୟମରେ ସଫଳତାର ସହ ୫,୦୦୦ କୋଟି ଟଙ୍କା ସଂଗ୍ରହ କରିଛି। ସେହିଭଳି ଏପିଏସ୍‌ଇଜେଡ୍‌ର ଦୃଢ଼ ଆର୍ଥିକ ଏବଂ ପ୍ରତିଯୋଗିତାମୂଳକ କ୍ରେଡିଟ୍ ରେଟିଂରେ ଏଏଏ-ଷ୍ଟାବୁଲ ହାର ୭.୭୫% ପ୍ରତି ବର୍ଷ ଦ୍ୱାରା ସମର୍ଥିତ ଏବଂ ଏଲ୍‌ଆଇସି ଦ୍ୱାରା ସମ୍ପୂର୍ଣ୍ଣ ଭାବେ ସବ୍‌ସ୍କ୍ରାଇବ୍ଡ ହୋଇଛି। ଡିବେଞ୍ଚରଗୁଡ଼ିକ ବିଏସ୍‌ଇରେ ତାଲିକାଭୁକ୍ତ ହେବ। ସେହିପରି ଏହି ଇସ୍ୟୁ ଆକର୍ଷଣୀୟ ମୂଲ୍ୟରେ ବିବିଧ ଉତ୍ସରୁ ଦୀର୍ଘକାଳୀନ ପୁଞ୍ଜି ପ୍ରତି ଏପିଏସ୍‌ଇଜେଡ୍‌ର ଗଭୀର ପ୍ରବେଶକୁ ଦର୍ଶାଉଛି ଏବଂ ଏପିଏସ୍‌ଇଜେଡ୍‌ର ଋଣ ପରିପକ୍ୱତା ପ୍ରୋଫାଇଲକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି। ଏହି କାରବାର ଆଜି ପର୍ଯ୍ୟନ୍ତ ଏହାର ଦୀର୍ଘତମ ଅବଧି ଜାରି ପାଇଁ ଘରୋଇ ବଜାରରେ ଏପିଏସ୍‌ଇଜେଡ୍ ପ୍ରବେଶକୁ ହାଇଲାଇଟ୍ କରିଛି ଏବଂ ଭାରତୀୟ ପୁଞ୍ଜିବଜାର



ଇତିହାସରେ ସବୁଠାରୁ ଦୀର୍ଘତମ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି। ଏହି ଆୟ ଏପିଏସ୍‌ଇଜେଡ୍‌ର ଆମେରୀକୀୟ/ୟୁଏସ୍ ଡଲାର ବଣ୍ଡର ପ୍ରସ୍ତାବିତ କ୍ରୟ ବ୍ୟାକ୍ ପାଇଁ ପାଣ୍ଠି ଯୋଗାଇବ, ଯାହା ୨୦୨୫ ମେ ୩୧ରେ ବୋର୍ଡ ଅନୁମୋଦନ ପାଇଁ ପଡ଼ିରହିଛି। ଏକ ପୂର୍ଣ୍ଣ ସବ୍‌ସ୍କ୍ରିପସନ୍ ହାରାହାରି ଋଣ ପରିପକ୍ୱତାକୁ ଯଥେଷ୍ଟ ଅଧିକ ସମୟ ପର୍ଯ୍ୟନ୍ତ ବୃଦ୍ଧି କରିବ। ଏପରିକି ୪.୮ ବର୍ଷରୁ ୬.୨ ବର୍ଷ ପର୍ଯ୍ୟନ୍ତ ଅବଧି ରହିଛି। ଏପିଏସ୍‌ଇଜେଡ୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସିଇଓ ଅଶ୍ୱିନୀ ଗୁପ୍ତା କହିଛନ୍ତି, ଏପିଏସ୍‌ଇଜେଡ୍ ୨୦୩୦ ଆର୍ଥିକ ବର୍ଷ ସୁଦ୍ଧା ୧ ବିଲିୟନ ଟନ୍ କାର୍ଗୋ ପରିଚାଳନା କରିବାର ଲକ୍ଷ୍ୟ ରଖିଛି, ଯାହା ୨୦୨୫ ଆର୍ଥିକ ବର୍ଷ ସଂଖ୍ୟାର ୨ ଗୁଣ ଅଧିକ ବୋଲି କୁହାଯାଉଛି।




ବିଶ୍ୱ ତମାଖୁ ନିରୋଧ ଦିବସ ଅବ୍ୟବହିତ ପୂର୍ବରୁ ପୁରୀ ବେଳାଭୂମିଠାରେ ଶୁକ୍ରବାର ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ବାଲୁକା କଳାକୃତି।

## ଆଜି ବିଶ୍ୱ ତମାଖୁ ନିରୋଧ ଦିବସ

# ସଚେତନତାକୁ ଗୁରୁତ୍ୱ

ତମାଖୁ ଉଭୟ ଧୂମଯୁକ୍ତ ଓ ଧୂମବିହୀନ ଆମ ସ୍ୱାସ୍ଥ୍ୟ ଓ ଶରୀରରେ ଯେ କେତେ କ୍ଷତି କରେ ତାହା ପ୍ରାୟତଃ ସମସ୍ତଙ୍କୁ ଜଣା। ଧୂମଯୁକ୍ତ ତମାଖୁ ପରି ଧୂମବିହୀନ ତମାଖୁ ମଧ୍ୟ କ୍ୟାନ୍ସର, ହୃଦ୍‌ରୋଗ, କିଡ୍‌ନୀ, ଉଚ୍ଚ ରକ୍ତଚାପ, ଷ୍ଟ୍ରୋକ୍, ପାରାଲିସିସ, ଶ୍ୱାସ (ଆଜ୍‌ମା) ଆଦି ଅନେକ ରୋଗର ମୁଖ୍ୟ କାରଣ। ତମାଖୁ ବିକ୍ରିରୁ ଯେତିକି ଅର୍ଥ ଟିକସ ଆକାରରେ ମିଳିଥାଏ ତା'ଠାରୁ ଶତାଧିକ ଗୁଣ ଏହି ରୋଗୀମାନଙ୍କର ଚିକିତ୍ସାରେ ଖର୍ଚ୍ଚ ହୋଇଥାଏ। ସ୍ଥଳବିଶେଷରେ ସେହି ରୋଗରେ ମୃତ୍ୟୁ ମଧ୍ୟ ହୋଇଥାଏ।

ସାରା ପୃଥିବୀରେ ତମାଖୁଜନିତ ମୃତ୍ୟୁହାର ଦିନକୁ ଦିନ ଚିନ୍ତାର କାରଣ ସାଜିଛି। ୧୯୮୭ରୁ ସାରା ବିଶ୍ୱରେ ଧୂମପାନର ଭୟାବହତାକୁ ଅନୁଧ୍ୟାନ କରି ବିଶ୍ୱ ତମାଖୁ ନିରୋଧ ଦିବସ (ୱାର୍ଲ୍ଡ ନୋ ଟବାକୋ ଡେ) ପାଳିତ ହୋଇ ଆସୁଅଛି। ପ୍ରତିବର୍ଷ ମେ' ୩୧ ତାରିଖକୁ ଏହି ଦିବସ ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ନିବେଦନର ମୁଖା ଖୋଲି ଦେବା : ତମାଖୁ ପ୍ରଚାର ପ୍ରସାର କରୁଥିବା ବ୍ୟବସାୟିକ କୌଶଳର ଖୁଲାସା କରିବା'। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ତମାଖୁର ଭୟାବହତାକୁ ନେଇ ଜନସଚେତନତା ସୃଷ୍ଟି ହେବା ଦ୍ୱାରା ଏବେ ଏଥିଜନିତ ମୃତ୍ୟୁହାର ଅନେକାଂଶରେ କମି ପାରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଆମ ଦେଶରେ ଧୂମପାୟୀଙ୍କ ସଂଖ୍ୟା ୨୦୨୦ରେ ୨୯ ପ୍ରତିଶତ ଥିବାବେଳେ ତାହା ଚଳିତ ବର୍ଷ ୬ ପ୍ରତିଶତକୁ କମିଛି। ତା'ସହ ସାରା ପୃଥିବୀରେ ପ୍ରାୟ ୨୦୦କୋଟି ଲୋକ ଏହା ସହ ଜଡିତ ବୋଲି ଜଣାପଡ଼ିଛି। ଏଥିରେ କିଶୋରୀ-କିଶୋରଙ୍କର ସଂଖ୍ୟା ପ୍ରାୟ ୨୦ ପ୍ରତିଶତ। ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ କିଶୋରୀ-କିଶୋର ଏହାଦ୍ୱାରା କବଳିତ ହେଉଛନ୍ତି। ଇ-ସିଗାରେଟ୍ ଓ ନିକୋଟିନ ପ୍ୟାଚ୍ ସହିତ ତାପଯୁକ୍ତ ତମାଖୁ ପଦାର୍ଥ ମଧ୍ୟ ଏମାନଙ୍କର ପ୍ରଥମ ପସନ୍ଦ ହୋଇଛି।

ତମାଖୁରୁ ପ୍ରସ୍ତୁତ ଦ୍ରବ୍ୟରେ ଏକ ବୈଧାନିକ ସତର୍କତା ଉଲ୍ଲେଖ ରହିଥାଏ। ତାହା ହେଲା-'ଧୂମପାନ ଅବା ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଧୂମପାନ-ତମାଖୁ କର୍କଟ ରୋଗ କରିଥାଏ। ଏସବୁ ପ୍ରତି ଯଦି ଆମେ ସତର୍କ ହେବା ତେବେ ଆମେ ନିଜକୁ ଏଭଳି କ୍ଷତିକାରକ ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିପାରିବା। ତା'ସହ ଏଥିଯୋଗୁ ହେଉଥିବା ମୃତ୍ୟୁକୁ ମଧ୍ୟ କେତେକାଂଶରେ କମାଇ ଦିଆଯାଇପାରିବ। ତମାଖୁ ଯେ କେତେ ରୋଗ ସୃଷ୍ଟି କରୁଛି ଏବଂ ଜୀବନ ନେଉଛି ତାହା ଜାଣିବା ନିହାତି ଦରକାର। ଏ ବିଷୟରେ ଜନସଚେତନା ସୃଷ୍ଟି କରିବାରେ ଗଣମାଧ୍ୟମଗୁଡ଼ିକର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

**-ଡା. ରାମଚନ୍ଦ୍ର ରାଉତ,** ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର, ମୋ : ୮୨୪୯୦୮୭୯୯୫

# ସେପ୍ଟେମ୍ବର ସୁଦ୍ଧା ୩,୬୫୨ ଗାଁକୁ ସୌରଶକ୍ତି ଯୋଗେ ପାନୀୟ ଜଳ

### ଜିଲାପାଳ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିଷ୍ଠାର ସହ କରନ୍ତୁ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୩୦।୫(ସୁନିତ୍ ମିଶ୍ର)

ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ଥିବା ସମସ୍ତ ୩,୬୫୨ ଗ୍ରାମକୁ ସୌରଶକ୍ତି ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ନିର୍ମାଣଧୀନ ସମସ୍ତ ବୃହତ୍ ପାନୀୟ ଜଳ ପ୍ରକଳ୍ପ ପର୍ଯ୍ୟାୟକ୍ରମେ ମାର୍ଚ୍ଚ ୨୦୨୭ ସୁଦ୍ଧା ସାରିବାକୁ ବିଭାଗ ପକ୍ଷରୁ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଗୁରୁବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଛନ୍ତି। ଲୋକସେବା ଭବନଠାରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ସଚିବଙ୍କଠାରୁ ଆରମ୍ଭକରି ସବୁ ଜିଲାର ଜିଲାପାଳମାନେ ଭର୍ଚୁଆଲି ଯୋଗଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ପାନୀୟ ଜଳ ହେଉଛି ପ୍ରତ୍ୟେକ ଲୋକଙ୍କ ଆବଶ୍ୟକତା। ସମସ୍ତଙ୍କ ପାଇଁ ପିଇବା ପାଣି ସୁବିଧା କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା। ଏହାକୁ



ଦୃଷ୍ଟିରେ ରଖି ବିଭାଗ ତଥା ଜିଲାପାଳମାନେ ପାନୀୟ ଜଳ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକୁ ନିଷ୍ଠାର ସହ ନିର୍ବାହ କରନ୍ତୁ। ସବୁ ଗାଁ ଏବଂ ଘରକୁ କିପରି ପାନୀୟ ଜଳ ପହଞ୍ଚିବ, ସେଥିପାଇଁ ରାଜ୍ୟର କେଉଁସବୁ ଯୋଜନା ରହିଛିସେ ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ତରଫରୁ ବିଶଦ ଭାବେ ଉପସ୍ଥାପନ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ରାଜ୍ୟରେ ଭୂତଳ ଜଳଭିତ୍ତିକ ନଳକୂପ, ଓଭରହେଡ୍ ଟାଙ୍କି, ଆବଣ୍ଟିତ ପାଇପଲାଇନ୍, କାର୍ଯ୍ୟକ୍ଷମ ଘରୋଇ ଟ୍ୟାପ ସଂଯୋଗ ଜରିଆରେ ଏକକ ଗାଁ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏଥିରେ ଅଦ୍ୟାବଧି ୧୮,୬୭୭ଟି ପ୍ରକଳ୍ପ ସଂସ୍ଥାପିତ ହୋଇଥିବାବେଳେ ୧୨୮୯ ନିର୍ମାଣାଧୀନ ରହିଛି। ୧୬ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଶେଷ ହୋଇଥିବାବେଳେ ୧୯୧ଟି ନିର୍ମାଣଧୀନ ରହିଛି। ସେହିପରି ୪,୮୫୫ଟି ସୋଲାର ପ୍ରକଳ୍ପ ସରିଥିବାବେଳେ ୩,୬୫୨ଟି କାର୍ଯ୍ୟାନ୍ୱୟନ ସ୍ଥିତିରେ ରହିଛି। ଜୁନ୍ ୨୦୨୫ ସୁଦ୍ଧା ୨୩୮ ଏବଂ ଅକ୍ଟୋବର ସୁଦ୍ଧା ୭୫୨ ଏକକ ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ଥିବା ସମସ୍ତ ୩,୬୫୨ ଗ୍ରାମକୁ ସୌରଶକ୍ତି ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଲକ୍ଷ୍ୟ ରଖାଯାଇଛି। ନିର୍ମାଣଧୀନ ସମସ୍ତ ବୃହତ୍ ପାନୀୟ ଜଳ ପ୍ରକଳ୍ପ ପର୍ଯ୍ୟାୟକ୍ରମେ ମାର୍ଚ୍ଚ ୨୦୨୭ ସୁଦ୍ଧା ସରିବ ବୋଲି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ନିର୍ମାଣକାରୀ ସଂସ୍ଥାକୁ ପାନୀୟ ଜଳ ପ୍ରକଳ୍ପ ଶେଷ କରିବାକୁ କାର୍ଯ୍ୟାଦେଶ ଦିଆଯାଇଛି ଓ ସେମାନଙ୍କ ସହିତ ଚୁକ୍ତି କରାଯାଇଛି। ବିଭିନ୍ନ ପ୍ରମୁଖ ମେଗା ପାନୀୟ ଜଳ ପ୍ରକଳ୍ପରୁ କେଉଁ ବ୍ଲକର କେଉଁ ଗ୍ରାମସବୁ ଉପକୃତ ହେଉଛନ୍ତି ସେ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ଏହି ସବୁ ପାନୀୟ ଜଳ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବା ପାଇଁ ରହୁଥିବା ବିଭିନ୍ନ ସମସ୍ୟାର ସମାଧାନ ଲାଗି କେତେକ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

# ପୋଲିସ-ଗ୍ରାମବାସୀ ମୁହାଁମୁହିଁ



ଗ୍ରାମବାସୀଙ୍କ ସହ ବିଧାୟକ ଯୋଗେଶ ସିଂହ କୋଇଲା ସାଇଡିଂକୁ ବିରୋଧ କରୁଛନ୍ତି।

### ବେଆଇନ କୋଇଲା ସାଇଡିଂକୁ ବିରୋଧ

### ବିଧାୟକଙ୍କ ସମେତ ଗ୍ରାମବାସୀଙ୍କୁ ଉଠାଇ ନେଲା ପୋଲିସ

ସୁନ୍ଦରଗଡ,୩୦।୫(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ବରପାଲିଠାରେ ବେଆଇନ କୋଇଲା ସାଇଡିଂକୁ ବିରୋଧ କରି ଶୁକ୍ରବାର ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇଛନ୍ତି। ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହିତ ବିଧାୟକ ଯୋଗେଶ ସିଂହ ରାସ୍ତା ଅବରୋଧ କରି ଖଣିରୁ ସାଇଡିଂକୁ ଆସୁଥିବା କୋଇଲା ବୋଝେଇ ଟ୍ରକ ଛାଡି ନ ଥିଲେ। ଫଳରେ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ପୋଲିସ ବିଧାୟକ ଯୋଗେଶ ସିଂହଙ୍କ ସମେତ ଆନ୍ଦୋଳନରତ ୬୬ଜଣ ମହିଳାପୁରୁଷଙ୍କୁ ଉଠାଇ ଆଣି ସୁନ୍ଦରଗଡ ରିଜର୍ଭରେ ଅଟକ ରଖିଛି।

ସୂଚନାଯୋଗ୍ୟ, ହେମଗିର ବ୍ଲକ ବରପାଲିଠାରେ ବେଆଇନ କୋଇଲା ସାଇଡିଂକୁ ବିରୋଧ କରି ଗ୍ରାମବାସୀ ୪ ମାସ ହେବ ଧାରଣାରେ ବସିଛନ୍ତି। ଏହି ଧାରଣାରେ ବିଧାୟକ ଯୋଗେଶ ମଧ୍ୟ ସାମିଲ ହୋଇଛନ୍ତି। ଏଭଳି ବିରୋଧ ପ୍ରଦର୍ଶନ ବେଳେ ଗତ ୩ ତାରିଖରେ ବିଧାୟକ ଏବଂ ଗ୍ରାମବାସୀଙ୍କୁ ପୋଲିସ ୫ରୁ ୬ଘଣ୍ଟା ଅଟକ ରଖି ଛାଡି ଦେଇଥିଲା ବେଳେ ଶୁକ୍ରବାର ପୁଣି ଅଟକ ରଖିଛି। ବରପାଲି ଗ୍ରାମ ନିକଟ ଜନଗହଳି ପୂର୍ଣ୍ଣ ସ୍ଥାନରେ ଏହି ସାଇଡିଂକୁ ଗ୍ରାମବାସୀ ବିରୋଧ କରି ଜିଲାପାଳ ଓ ଏସପି ନିକଟରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏହି ସାଇଡିଂ ନିର୍ମାଣ ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ହାଇକୋର୍ଟଙ୍କ ରାୟ ନ ଆସିବା ପର୍ଯ୍ୟନ୍ତ ଏହି ସାଇଡିଂକୁ କୋଇଲା ପରିବହନ ଓ ଟ୍ରେନରେ ଲୋଡିଂ ନ କରିବାକୁ ଗ୍ରାମବାସୀ ଦାବି କରିଆସୁଛନ୍ତି।

## ବିଶ୍ୱଜିତ୍ ମହାନ୍ତି ଓଇଆର୍‌ସି ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୩୦।୫(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବିଶ୍ୱଜିତ୍ ମହାନ୍ତିଙ୍କୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ର ସଦସ୍ୟ (ନ୍ୟାୟିକ) ଭାବେ ନିଯୁକ୍ତ କରାଯାଇଛି। ଏସଂକ୍ରାନ୍ତରେ ଶକ୍ତି ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

## ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସରେ ଚେୟାର କାର୍ କୋଚ୍ ବୃଦ୍ଧି

ଭୁବନେଶ୍ୱର,୩୦।୫(ଅନୁରାଧା ମହାରଣା)

ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ୧୨୮୯୨/୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ୍‌ରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଚେୟାର କାର୍ କୋଚ୍ ଅସ୍ଥାୟୀ ଭାବରେ ବୃଦ୍ଧି କରାଯାଇଛି। ପୂର୍ବରୁ ୧୪ କୋଚ୍ ସହିତ ଚଳାଚଳ କରୁଥିବା ଏହି କୋଚ୍ ଜୁନ ୧ରୁ ୩୦ ପର୍ଯ୍ୟନ୍ତ ୧୫ କୋଚ ସହିତ ପୁରୀରୁ ଚଳାଚଳ କରିବ। ଫେରିବା ମାର୍ଗରେ ଅତିରିକ୍ତ କୋଚ୍ ୨ ଜୁନ୍‌ରେ ବାଙ୍ଗିରିପୋଷିରୁ ସଂଲଗ୍ନ ହେବ। ଯୋଡା ଯାଇଥିବା ଚେୟାର କାର୍ କୋଚ୍ ଦୈନିକ ଯାତ୍ରୀ, ପର୍ଯ୍ୟଟକ ଏବଂ ଦୂର-ଦୂରାନ୍ତର ଯାତ୍ରୀଙ୍କ ପାଇଁ ଅଧିକ ଆସନ କ୍ଷମତା ତଥା ଉନ୍ନତ ସୁବିଧା ପ୍ରଦାନ କରିବ।

## ଅମରେନ୍ଦ୍ର ମହାନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୩୦।୫ (ରବିନାରାୟଣ ଜେନା)

ରାଜ୍ୟ ସରକାର ଶୁକ୍ରବାର ଡା. ଅମରେନ୍ଦ୍ର ନାଥ ମହାନ୍ତିଙ୍କୁ ନୂତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ବିଭାଗୀୟ ସଚିବ ଏସ୍. ଆଶ୍ୱସ୍ଥିଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ଆଣ୍ଡ ଫ୍ୟାମିଲ ୱେଲ୍‌ଫେୟାର ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତିଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଖୁବ୍‌ଶୀଘ୍ର ଏହି ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ ଡା. ବିଜୟ କୁମାର ମହାପାତ୍ର ଦୀର୍ଘବର୍ଷ ଧରି ଏହି ପଦରେ ଅବସ୍ଥାପିତ ଥିଲେ। ନିକଟରେ ଡା. ମହାପାତ୍ରଙ୍କୁ ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ମିଳିଥିଲା ଏବଂ ସେ ଅତିରିକ୍ତ ଭାବେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ।

# ୧୬ ପୋଲିସ ଅଧିକାରୀଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୩୦।୫(ରବିନାରାୟଣ ଜେନା)

ରାଜ୍ୟ ସରକାର ୧୬ ଓଡ଼ିଶା ପୋଲିସ ସେବା(ଓପିଏସ୍) ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି। ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ବିଜ୍ଞପ୍ତି ଅନୁଯାୟୀ, ୧୬ ଜଣ ଆଡିଶ୍‌ନାଲ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଏଏସ୍‌ପି)ଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଏସ୍‌ପି) ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।

ପଦୋନ୍ନତିପ୍ରାପ୍ତ ଅତିରିକ୍ତ ଏସ୍‌ପିଙ୍କ ମଧ୍ୟରେ ଭିଜିଲାନ୍ସରେ କାର୍ଯ୍ୟରତ ଏଏସ୍‌ପି ତନୁଜା ମହାନ୍ତି, କଟକସ୍ଥିତ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଦେବବ୍ରତ ଚକ୍ର, ଅତିରିକ୍ତ ଏସ୍‌ପି ଭିଜିଲାନ୍ସ କେ. ବେଣୁଗୋପାଳ ଆଚାର୍ଯ୍ୟ ରହିଛନ୍ତି। ସେହିପରି ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଏସ୍‌ପି ଥିବା ବାସୁଦେବ ସ୍ୱାଇଁ, ଅନୁଗୋଳରେ ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ଅନିଲ କୁମାର ବେଉରିଆ, ଯାଜପୁରର ଅତିରିକ୍ତ ଏସ୍‌ପି ଅନିରୁଦ୍ଧ ରାଉତରାୟ, ଜଗନ୍ନାଥ ମନ୍ଦିରର ମୁଖ୍ୟ ସୁରକ୍ଷା ଅଫିସର ବିଷ୍ଣୁ ପ୍ରସାଦ ପତି, ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ରବୀନ୍ଦ୍ର କୁମାର ପଣ୍ଡା, ତାଳଚେରରେ କାର୍ଯ୍ୟରତ ଏଏସ୍‌ପି ଗୁପ୍ତେଶ୍ୱର ଭୋଇ, ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ, କେନ୍ଦୁଝରର ଅତିରିକ୍ତ ଏସ୍‌ପି ମନୋଜ କୁମାର ରାଉତ, ଏସ୍‌ଆଇଡବ୍ଲ୍ୟୁରେ କାର୍ଯ୍ୟରତ ଉମାଶଙ୍କର ପଣ୍ଡା, ଭିଜିଲାନ୍ସର ଅତିରିକ୍ତ ଏସ୍‌ପି ଭାବେ କାର୍ଯ୍ୟରତ ପ୍ରଦୀପ କୁମାର ପ୍ରଧାନ, ଅତିରିକ୍ତ ଡିସିପି ଚିନ୍ତାମଣି ପାତ୍ର, ଦ୍ୱୈତନଗରୀ ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ଏଏସ୍‌ପି କୃଷ୍ଣପ୍ରସାଦ ଦାଶ ଓ ରାୟଗଡ଼ା ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ର ପ୍ରମୁଖ ରହିଛନ୍ତି।

## କାର୍ମିକ ମନ୍ତ୍ରଣାଳୟର ଖୋଳତାଡ଼ ଆରମ୍ଭ

### ଜାଲ୍ କାଗଜପତ୍ରରେ ଆଇଏଏସ୍ ଚାକିରି ପ୍ରସଙ୍ଗ

ଭୁବନେଶ୍ୱର,୩୦।୫(ରବିନାରାୟଣ ଜେନା)

୨୦୨୧ ବ୍ୟାଚ ଓଡ଼ିଶା ଆଇଏଏସ୍ କ୍ୟାଡରର ଜଣେ ଅଧିକାରୀ ତାଙ୍କର ଆୟ ଲୁଚାଇବାକୁ ଯାଇ ଜାଲ୍ କାଗଜପତ୍ର ଦେଇଥିବା ନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଏସଂକ୍ରାନ୍ତରେ କାର୍ମିକ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ ପହଞ୍ଚିବା ପରେ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ଏସମ୍ପର୍କିତ ତଥ୍ୟ ମାଗିଛି। କାର୍ମିକ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ସଂପୃକ୍ତ ଆଇଏଏସ୍ ଅଫିସର ତାଙ୍କ ଆୟ ଏବଂ ସମ୍ପତ୍ତି ପ୍ରମାଣ ସମ୍ପର୍କରେ ସରକାରଙ୍କୁ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଏହାର ବାସ୍ତବତା ଯାଞ୍ଚ କରି ତ୍ୱରିତ ରିପୋର୍ଟ ଦେବାକୁ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଲେଖାଯାଇଛି। ସଂପୃକ୍ତ ଅଧିକାରୀ କିଏ ଏବଂ କେଉଁ ପରିପ୍ରେକ୍ଷୀରେ ସେ ଜାଲ ତଥ୍ୟ ପ୍ରଦାନ କଲେ, ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ ବୋଲି ସରକାରଙ୍କ ଜଣେ ଅଧିକାରୀ କହିଛନ୍ତି।

# ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କୁ ବିଜେଡିର ସ୍ମାରକପତ୍ର

### 'ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ନ୍ୟାୟ ଦାବି'

ଭୁବନେଶ୍ୱର,୩୦।୫(ସୁନିତ୍ ମିଶ୍ର)

ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ ବିଜେଡି ଏକ ସ୍ମାରକପତ୍ର ପ୍ରଦାନ କରିଛି। ସେଥିରେ କୋରାପୁଟ ଜିଲାର ଜଣେ ଆଦିବାସୀ ନାବାଳିକା ସହ ଗଣବଳାତ୍କାର ଓ ଗର୍ଭଧାରଣ ଭଳି ଏକ ସ୍ପର୍ଶକାତର ଘଟଣାରେ ହସ୍ତକ୍ଷେପ କରିବା ପାଇଁ ନିବେଦନ କରାଯାଇଛି। ଜାତୀୟ ଏସ୍‌ଟି କମିଶନ ଅଧକ୍ଷାଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍‌ର ଧାବଗାଁ ଗ୍ରାମର ଜଣେ ନାବାଳିକା ଆଦିବାସୀ ଝିଅ ସମ୍ପର୍କରେ ମହିଳା ଥାନା ପିଏସ୍ କେସ୍ ନଂ. ୭୦/୨୦୨୫ ଉପରେ ଆଲୋକପାତ କରାଯାଇଛି। ନାବାଳିକାଙ୍କୁ ବଳାତ୍କାର ପରେ ପୀଡ଼ିତା ଗର୍ଭବତୀ ହୋଇଥିବା ଅଭିଯୋଗ ହୋଇଛି। ଜୟପୁର ମହିଳା ଥାନାରେ ପୀଡ଼ିତାଙ୍କ ବିଧବା ମାଆଙ୍କ ଦ୍ୱାରା ଦାୟର ଅଭିଯୋଗ ଅନୁଯାୟୀ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଏକ ବିବାହ ଭୋଜିରେ ନାବାଳିକାଙ୍କୁ ଭେଟିବା ପରେ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଦୀର୍ଘ ୨ ବର୍ଷ ଧରି ଲଗାତର ବଳାତ୍କାର କରିଆସୁଥିଲେ। ନାବାଳିକା ଜଣଙ୍କ ୫ ମାସର ଗର୍ଭବତୀ ହୋଇଥିବା ଜଣାପଡ଼ିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଅଭିଯୁକ୍ତଙ୍କ ପିତା ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ହୋଇଥିବାରୁ ଘଟଣାକୁ ଚାପିଦେବା ପାଇଁ ପ୍ରଶାସନିକ ସ୍ତରରେ ଚେଷ୍ଟା କରାଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଏକ ଆଦିବାସୀ ନାବାଳିକା ନ୍ୟାୟ ପାଇବାରୁ ବଞ୍ଚିତ ହେବ ବୋଲି ବିଜେଡି ସ୍ମାରକ ପତ୍ରରେ ଉଲ୍ଲେଖ କରିଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ସ୍ମାରକ ପତ୍ର ପ୍ରଦାନ କରିଛି।

# ବାଲମୁକୁନ୍ଦ ଭୂୟାଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ନିଯୁକ୍ତ

### ୨୪ଘଣ୍ଟା ଭିତରେ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୫(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି ଯେ, ଆପଣମାନଙ୍କୁ କେନ୍ଦ୍ରୀୟ ଭାବେ ରିଲିଭ(ସେଣ୍ଟ୍ରାଲ ରିଲିଭ୍) କରାଯାଉଛି। ଆସନ୍ତା ୩୧ତାରିଖ ଅର୍ଥାତ୍ ଶନିବାର ସୁଦ୍ଧା ଆପଣମାନଙ୍କୁ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ପଡ଼ିବ। ବଦଳି ପାଇଁ ପ୍ରାକ୍ ପ୍ରସ୍ତୁତି ଭଳି କୌଣସି ସମୟ ଦିଆଯିବ ନାହିଁ। ୨୪ଘଣ୍ଟା ଭିତରେ ଅର୍ଥାତ୍ ଶନିବାର ସୁଦ୍ଧା ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଘାସିରାମ ମୁର୍ମୁ ଜାରି କରିଥିବା ବିଜ୍ଞପ୍ତିରେ ଦର୍ଶାଇଛନ୍ତି।

ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଲମୁକୁନ୍ଦ ଭୂୟାଁଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ସସ୍ମିତ କୁମାର ନାୟକଙ୍କୁ ଟେକ୍ସଟ୍ ବୁକ୍ ପ୍ରଡକ୍ସନ ଆଣ୍ଡ ମାର୍କେଟିଂର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବାବେଳେ ଭବାନୀ ପ୍ରସାଦ ମିଶ୍ରଙ୍କୁ ପିଏମ୍ ପୋଷଣ ଏବଂ ଏମ୍‌ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ ଚଳିତମାସ ୨୩ରେ ଜାରି ବିଜ୍ଞପ୍ତିକୁ ସରକାରଙ୍କ ପକ୍ଷରୁ ବାତିଲ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ସ୍ୱାସ୍ଥ୍ୟବିଭାଗର ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ଏବଂ ଏମ୍‌ଏମ୍ ପୋଷଣର ରାଜ୍ୟ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା। ଉକ୍ତ ବିଜ୍ଞପ୍ତିକୁ ସରକାର ବାତିଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ସଂଗ୍ରାମ କେଶରୀ ମହାପାତ୍ର ଏବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ସ୍ଥାନରେ ବାଲମୁକୁନ୍ଦ ଭୂୟାଁଙ୍କୁ ସରକାର ଅବସ୍ଥାପିତ କରିଛନ୍ତି।

# ଶିକାରୀ ଗୁଳିରେ ସାଥୀ ମୃତ

- ଗୋଛା ସଂରକ୍ଷିତ ଜଙ୍ଗଲରୁ ଅଧାପୋଡ଼ା ମୃତଦେହ ଜବତ
- ୨ ଶିକାରୀ ଫେରାର, ୧୦ ଅଟକ

ନୟାଗଡ଼/ଶରଣକୁଳ,୩୦।୫ (ଲୋକନାଥ ମିଶ୍ର/ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ନିକଟ ପଞ୍ଚରିଡା ବନାଞ୍ଚଳ ଗୋଛା ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଏକ ଅଘଟଣ ଘଟିଛି। ଶିକାରୀ ଗୁଳିରେ ଅନ୍ୟ ଜଣେ ସାଥୀ ଶିକାରୀଙ୍କ ମୃତ୍ୟୁ ଘଟିଛି। ଖବରପାଇ ଶରଣକୁଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନ। ଉକ୍ତ ଘଟଣାକୁ ଚାପିଦେବାକୁ ଗ୍ରାମବାସୀ ଉଦ୍ୟମ କରୁଥିଲେ। ଜଙ୍ଗଲରେ ମୃତଦେହକୁ ଦାହ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ପୋଲିସ ଅଧାପୋଡ଼ା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ୧୦ଜଣଙ୍କୁ ଅଟକ ରଖିଛି। ମୃତକଙ୍କ ସ୍ତ୍ରୀ କବିଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୯୩/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ୨ ଶିକାରୀ ଫେରାର ହେବା ପରେ ସୂର୍ଯ୍ୟମଣିଙ୍କ ମୃତ୍ୟୁର ସନ୍ଦେହ ବଢ଼ିଛି।



ଜଙ୍ଗଲରେ ଦାହ କରାଯାଉଥିବା ମୃତଦେହ ପାଖରେ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ କଜଳାଇପଲ୍ଲୀ ପଞ୍ଚାୟତ ବଧିସାହିର ସନ୍ତୋଷ କୁମାର ସାହୁ ଓ ମିଟୁ ପ୍ରଧାନ ଦୁହେଁ ମିଶି ଗୋଛା ଜଙ୍ଗଲକୁ ଶିକାର କରିବାକୁ ବାହାରିଥିଲେ। ସେମାନେ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନଙ୍କୁ ସାଙ୍ଗରେ ଯିବାକୁ କହିଥିଲେ। ହେଲେ ସୂର୍ଯ୍ୟମଣି ପ୍ରଥମେ ମନା କରିଥିଲେ। ସନ୍ତୋଷ ଓ ମିଟୁ ତାଙ୍କୁ ବାଧ୍ୟ କରିବାରୁ ସୂର୍ଯ୍ୟମଣି ସେମାନଙ୍କ ସହ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ରାତିରେ ଏକ ବାର୍‌ହା ଶିକାର କରି ସମସ୍ତେ ମିଶି ରୋଷେଇ କରି ଖାଇଥିଲେ। ଏହାପରେ ପୁଣି ଶିକାର କରିବାକୁ ସେମାନେ ଜଙ୍ଗଲ ଭିତରକୁ ପଶିଥିଲେ। ଗଛ ଉହାଡ଼ରେ କୌଣସି ପଶୁ ଛପିଥିବା ଭାବି ସନ୍ତୋଷ ଗୁଳି ଚଳାଇଥିଲେ। ହେଲେ ସେହି ଗୁଳିଟି ସୂର୍ଯ୍ୟମଣିଙ୍କ ଦେହରେ ବାଜିଥିଲା ଓ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳୁ ଖବର ଜଣାପଡ଼ିବା ପରେ ଶରଣକୁଳ ପୋଲିସ ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଘଟଣାକୁ ଚାପି ଦେବାକୁ ମୃତକଙ୍କ ପରିବାର ଓ ଗୋଛା ଗ୍ରାମବାସୀ ଉଦ୍ୟମ କରିଥିଲେ। ପୋଲିସ ପଚରାଉଚରା କରୁଥିଲେ ମଧ୍ୟ କେହି ମୁହଁ ଖୋଲି ନ ଥିଲେ। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଜଙ୍ଗଲରେ ଏକ ଗୁପ୍ତ ବୈଠକ ବସିଥିଲା। ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ୪ମାଣ ଜମି ଦେବାକୁ ସ୍ଥିର ହୋଇଥିଲା। ଏହାପରେ ଗ୍ରାମବାସୀ ମୃତଦେହକୁ ଜଙ୍ଗଲରେ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧାପୋଡ଼ା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ଏନେଇ ଶରଣକୁଳ ଥାନା ଆଇଆଇସି ପରମାନନ୍ଦ ଦଳେଇ କୁହନ୍ତି, ସୂର୍ଯ୍ୟମଣିଙ୍କ ମୃତ୍ୟୁ କିପରି ହୋଇଛି ସେନେଇ କିଛି ଅଭିଯୋଗ ନାହିଁ। କେବଳ ବିଭିନ୍ନ ଲୋକଙ୍କ ଠାରୁ ନାନା କଥା ଶୁଣିବାକୁ ମିଳୁଛି। ଗୁଳି କରି ହତ୍ୟା କରାଯାଇଛି କି ହତ୍ୟାର କାରଣ ଭିନ୍ନ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# କରୁନ ନାୟରଙ୍କ ମାରାଥନ ଶତକ

**ପ୍ରଥମ ଅନଅଫିସିଆଲ ଟେଷ୍ଟ**

**ଭାରତ 'ଏ' ୪୦୯/୩**

**କାଣ୍ଟରବୁରୀ,୩୦।୫** ଭାରତ 'ଏ' ଓ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଶୁକ୍ରବାରଠାରୁ ପ୍ରଥମ ଅନଅଫିସିଆଲ ଟେଷ୍ଟ ଆରମ୍ଭ ହୋଇଯାଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ 'ଏ' କରୁନ ନାୟରଙ୍କ ମାରାଥନ ଶତକ ବଳରେ ପ୍ରଥମ ଦିନ ଶେଷ ସୁଦ୍ଧା ୩ ଉଇକେଟ ହରାଇ ୪୦୯ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ କରୁନ ୧୮୬ ଓ ଧ୍ରୁବ ଜୁରେଲ ୮୨ ରନ କରି ଅପରାଜିତ ରହିଛନ୍ତି। ପ୍ରଥମେ ବ୍ୟାଟ କରିଥିବା ଭାରତ 'ଏ' ଆରମ୍ଭରୁ ଅଧିନାୟକ ଅଭିମନ୍ୟୁ ଈଶ୍ୱରନ (୮)ଙ୍କ ଉଇକେଟ ହରାଇଥିଲା। ଯଶସ୍ୱୀ ଜୟସ୍ୱାଲ ୨୪ ରନ କରି ପାଭିଲିଅନ ଫେରିଥିଲେ। ନଂ-୩ରେ ଆସିଥିବା କରୁନ ଓ ସର୍ଫରାଜ ଖାନ ତୃତୀୟ ଉଇକେଟରେ ୧୮୧ ରନ ଯୋଡ଼ିଥିଲେ। ଶତକ ଅଭିମୁଖେ ଅଗ୍ରସର ହେଉଥିବା ସର୍ଫରାଜ ୧୩ ଚୌକା ସହିତ ୯୨ ରନ କରି ଆଉଟ୍ ହୋଇଥିଲେ। ଏହିଠାରୁ କରୁନ ଓ ଧ୍ରୁବ ପ୍ରତିପକ୍ଷ ଦଳର ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇନଥିଲେ। ଦୁହେଁ ଅବିଭାଜିତ ଚତୁର୍ଥ ଉଇକେଟରେ ୧୭୭ ରନ ଯୋଡ଼ିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ-ଏ ପ୍ରଥମ ଇନିଂସ୍: କରୁନ ନାୟର-୧୮୬*, ସର୍ଫରାଜ ଖାନ୍-୯୨, ଧ୍ରୁବ ଜୁରେଲ-୮୨*, ଜୋସ୍ ହଲ୍ -୨/୫୧, ଏଡ୍‌ୱାର୍ଡ ଜ୍ୟାକ୍-୧/୫୧।



ଅପରାଜିତ ଶତକ ଅବସରରେ କରୁନ ନାୟର।

## ଗୁକେଶ ବିଜୟୀ

**ଷ୍ଟାଭାଙ୍ଗର,୩୦।୫(ପିଟିଆଇ):** ବିଶ୍ୱ ଚାମ୍ପିୟନ ଡି ଗୁକେଶ ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ରାଉଣ୍ଡରେ ଆମେରିକାର ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ଆର୍ମାଗେଡନ ଟାଇ-ବ୍ରେକରେ ହରାଇଛନ୍ତି। କିନ୍ତୁ ଅର୍ଜୁନ ଇରିଗାସି ବିଶ୍ୱ ନଂ-୧ ମାଗ୍ନସ କାର୍ଲସେନଙ୍କଠାରୁ ପରାଜିତ ହୋଇଛନ୍ତି। ଭାରତର ନଂ-୨ ଇରିଗାସିଙ୍କୁ କ୍ଲାସିକାଲ ମ୍ୟାଚ୍‌ରେ ହରାଇ କାର୍ଲସେନ ସମ୍ପୂର୍ଣ୍ଣ ୩ ପଏଣ୍ଟ ଅର୍ଜନ କରିଛନ୍ତି। ଲଗାତର ଦୁଇ ମ୍ୟାଚ୍‌ରେ ଇରିଗାସିଙ୍କ ଲାଗି ଏହା ଦ୍ୱିତୀୟ ପରାଜୟ। ଉଭୟ ଗୁକେଶ ଓ ଇରିଗାସି ପଏଣ୍ଟ ଟେବୁଲରେ ୪.୫ ଲେଖାଏଁ ପଏଣ୍ଟ ସହ ମିଳିତ ଚତୁର୍ଥ ସ୍ଥାନରେ ରହିଛନ୍ତି। କାର୍ଲସେନ ୮ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ କାରୁଆନା (୭) ଓ ହିକାରୁ ନାକାମୁରା (୫.୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ନମ୍ବର ୱାନ ଯୋଡ଼ିକୁ ହରାଇଲେ ସାତ୍ୱିକ-ଚିରାଗ

**ସିଙ୍ଗାପୁର, ୩୦।୫ (ପିଟିଆଇ):** ଭାରତର ଶୀର୍ଷ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଓ ଚିରାଗ ଶେଟ୍ଟି ବିଶ୍ୱର ନମ୍ବର ୱାନ ମାଲେସୀୟ ଯୋଡ଼ି ଗୋହ ସିଜି ଫେଇ ଓ ନୂର ଇଜ୍ଜୁଦ୍ଦିନଙ୍କ ବିପକ୍ଷରେ ସିଧାସଳଖ ଗେମ୍‌ରେ ବିଜୟ ସହ ସିଙ୍ଗାପୁର ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେମାନେ ଚଳିତ ସିଜନରେ ସେମାନଙ୍କର ପ୍ରଥମ ଟାଇଟଲ ଆଡକୁ ଅଗ୍ରସର ହୋଇଛନ୍ତି। କିଛି ସପ୍ତାହ ଧରି ଆଘାତଜନିତ ସମସ୍ୟାରେ ଥିବା ଏହି ଭାରତୀୟ ଯୋଡ଼ି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛନ୍ତି। କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ସାତ୍ୱିକ-ଚିରାଗ ଯୋଡ଼ି ୨୧-୧୭, ୨୧-୧୫ରେ ଜିତି ନେଇଥିଲେ।


**OFFICE OF THE PRINCIPAL,**
**BHADRAK HIGHER SECONDARY SCHOOL, BHADRAK**

Letter No. 1557/Date 29.05.2025

**ADVERTISEMENT FOR ENGAGEMENT OF GUEST FACULTIES IN DIFFERENT SUBJECTS FOR THE SESSION 2025-26**

**No.CAD-590** : Eligible candidates are invited to report for engagement of Guest faculties in different subjects in Bhadrak Higher Secondary School, Bhadrak for the session 2025-26 as per the following schedule. Selection of candidates, period of engagement and payment of remuneration shall be as per the Government guidelines, issued vide letter No. 6819, dt. 28.05.2025. Candidates are required to report with all Original Testimonials / Documents along with one set of self-attested photocopies in support of their qualification, Computer Knowledge and experiences. Candidates are instructed to visit college website at, www.bhadrakcollege.ac.in for detail information/Guidelines.

**Interview Schedule**

| Sl. No. | Date of Interview | Reporting time | Venue | Subjects |
|---|---|---|---|---|
| 01 | 17.06.2025 | 10.00 A.M. to 2.00 P.M. | Concerned Department | English, Odia, Sanskrit, Hindi, Urdu, Economics, Pol. Sc, Logic, History, Sociology, Statistic, Education, Psychology, Commerce, Physics, Chemistry, Botany, Zoology |

OIPR-11028/11/0012/2526

Sd./ Principal
Bhadrak H.S. School, Bhadrak


## ଫ୍ରାନ୍ସ ଗସ୍ତରେ ଓଡ଼ିଶାର ୯ ପାରା ଫେନ୍ସର



ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ପାରା ଫେନ୍ସରମାନେ।

**ଭୁବନେଶ୍ୱର,୩୦।୫(ଅନାଦି କର)**

ଭାରତୀୟ ପାରା ଫେନ୍ସିଂ ଦଳ ସାଟେଲାଇଟ୍ ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ଫ୍ରାନ୍ସର ଅରେଞ୍ଜ ସହରକୁ ଗସ୍ତ କରିଛି। ମେ ୩୧ରୁ ଜୁନ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଭାରତର ୧୬ କ୍ରୀଡ଼ାବିତ ଭାଗ ନେଉଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୯ ପାରା ଫେନ୍ସର ରହିଛନ୍ତି। ସେମାନେ ହେଲେ ଭି ରମେଶ ରାଓ, ରାଖାଲ ସେଠୀ, ପୂଜାସ୍ୱିନି ନାୟକ, ମାଳତୀ ପାନୌରେ, ସିଲା ମନ୍ତ୍ରୀ, ପବିତ୍ର ସାହୁ, ଓମ ପ୍ରକାଶ ବେହେରା, ମଧୁସ୍ମିତା ସାହୁ ଓ ରୁଦ୍ରନାରାୟଣ ବେହେରା।


**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER : REDHAKHOL DIVISION**

Email ID : dfo.redhakhol@odisha.gov.in

**Notice No.04 of 2025-26, Date. 28.05.2025**

**WALK IN INTERVIEW ON DATE 10.06.2025**

**No.MM-** : Redhakhol Forest Division requires qualified candidates with Graduation in any stream from a recognized university with additional desirable qualification such as soft skills like job-specific problem-solving ability for temporary engagement as one **(1) Data Entry Operator. The Walk- in interview** is scheduled on **Date.10.06.2025, 10:00 A.M.** at Conference Hall of Redhakhol Forest Division. The application form along with detail terms and conditions shall be available on the website https://sambalpur.odisha.gov.in / www.odishaforest.in from date 28.05.2025.

I would request you to kindly make necessary arrangement for publication of the same at least in two leading Odia Daily News Paper and one English Newspaper of National Presence as detailed in the Advertisement Notice fixed to dated **29.05.2025**.

The concerned Advertisement Manager may kindly be requested to send complimentary copy of the newspapers containing the Advertisement to the undersigned immediately after its publication.

An early action in this regard is requested.

Encl: As above.

OIPR-08146/11/0020/2526

Sd./- Divisional Forest Officer,
Redhakhol Forest Division



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**

**(WALK-IN-INTERVIEW) FOR IN-HOUSE TRANSFER**

No. E-128

**Advt. No : 2039 /DPMU** **Dt: 29.05.2025**

Interested candidates may attend the **In-House transfer Walk-in-interview** of the following positions under In-House transfer of NHM contractual employees.

| Sl No | Name of the Post | Vacancy | Walk-In-Interview |
|---|---|---|---|
| 01 | AYUSH MO SEBC-3 : (Ayurvedic-2 & Homeopathic-1) | 03 | 09.06.2025 (10.00 AM) |
| 02 | AYUSH MO MHT-RBSK, (Ayurvedic- UR- Male-1) | 01 | |
| 03 | Pharmacist-cum-Logistic Assistant | 01 | |
| 04 | Physiotherapist-IPU | 03 | |
| 05 | NRC Counsellor | 01 | |
| 06 | Data Asst. Cum-Accountant | 01 | |
| 07 | Staff Nurse/ANM MHT-RBSK (ST-1, UR-1 & SEBC-1) | 03 | |

The application format and details are available in the website **https://puri.odisha.gov.in** .

-Sd-
Chief District Medical & Public Health Officer, Puri

OIPR-10021/11/0018/2526



**THE ODISHA STATE POLICE HOUSING & WELFARE CORPORATION LTD.**

OPHWC

(A Government of Odisha Undertaking)
JANAPATH, BHOINAGAR, BHUBANESWAR-22

**No.CAD-591** Ph:0674-2541545, 2542921

E-mail: ophwc.od@nic.in, Website:www.ophwc.com/www.ophwc.nic.in

e-Procurement Notice No.04/OPHWC/2025-26

**INVITATION FOR BIDS (IFB)**

The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover System in ONLINE MODE only, for the works as detailed below:

| | | |
|---|---|---|
| 1 | Nature of Work | Building Works |
| 2 | No. of Works | 24 Nos. |
| 3 | Value of Tender | Rs.58.04 Lakh to Rs.780.22 Lakh |
| 4 | Class of Contractor | 'B' Class to 'Spcl' Class |
| 5 | Cost of Bid document (To be paid online) | Rs.11,800.00 |
| 6 | Availability of Bid documents in the website | Dt.03.06.2025 to Dt.19.06.2025 upto 5.00 P.M. |
| 7 | Last date/time of Receipt of Bids in the Portal | Dt.19.06.2025 upto 5.00 P.M. |
| 8 | Date of Opening Bid | Dt.20.06.2025 at 10.30 A.M. |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid |
| 10 | * The Bidders have to participate in ONLINE bidding only. Further details can also be seen from the website: https://tendersodisha.gov.in. Any addendum/ corrigendum/cancellation of tender shall not be published in Newspaper and can only be seen in the said website.* The Authority reserves the right to reject any or all bids and terminate the tender process without assigning any reason thereof. | |

Sd./- Chief Engineer (OSPH&WC)

N.B.: The quoted rate should be all inclusive but excluding G.S.T. as applicable Under works contract.

OIPR-12025/11/0034/2526



See Career Appointment on every Wednesday & Saturday



**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER : REDHAKHOL DIVISION**

Near Block Office, Redhakhol Post, Sambalpur District, Odisha, Pin-768106,
Email ID : dfo.redhakhol@odisha.gov.in

**Notice No. 03 Dated. 29.05.2025**

**Walk-in Interview for GIS Expert**
**(Temporary Position)**

**No.MM-65** : The Divisional Forest Office, Redhakhol Forest Division intends to engage **One GIS Expert** for the Site-Specific Wildlife Conservation Plan Project.

Interested candidates are requested to bring three copies of their Biodata, a duly signed application in the prescribed format, and supporting documents to Divisional Forest Office, Redhakhol Forest Division on **13th June 2025 at 10.00 AM for the interview.**

Detail ToR / Application form for the post can be seen/ downloaded from the Official website at https://sambalpur.odisha.gov.in / www.odishaforest.in.

OIPR-08146/11/0018/2526

Sd./- Divisional Forest Officer,
Redhakhol Forest Division



**OFFICE OF THE DIVISIONAL FOREST OFFICER, BRAHMAPUR DIVISION**

At-Courtpeta, Brahmapur-760004, Tel. /FAX-0680-2281354, Mob-7653908594,
E.mail-dfobhmpr@yahoo.co.in

**No.03/01F-/2025,**
**Dated, Brahmapur the 28th, May 2025**

**Tender Call Notice for Supply of Tree Guard (Bamboo Gabion)**

**No.MM-33** : Sealed Tenders are invited from reputed Registered Dealer / Manufacturer / Individuals for supply of good quality Tree Guard (Bamboo Gabion) of Size 6 feet X 4 feet for use in Avenue Plantations to be taken up in Brahmapur Forest Division, under various schemes during the current financial year 2025-26. The tender application form can be obtained from the O/o the D.F.O, Brahmapur Division on any working day from **10.00 A.M. to 05.00 P.M.** during **30.05.2025 to 13.06.2025** on payment of **Rs.10,000/-** (Rupees Ten Thousand) only or in shape of Non-refundable Demand Draft drawn in favour of the Divisional Forest Officer, Brahmapur Division. The tender documents may be downloaded from the website www.odishaforest.in./ganjam.nic.in. Sample of the Tree Guard (Bamboo Gabion) should be submitted along with the Tender document. The last date of submission of sealed tender is **13.06.2025 up to 05.00 P.M.** The Technical bids shall be opened **at 02.00 P.M. of 16.06.2025** in presence of the bidder (s) or their authorized representative in the office of the undersigned. The undersigned reserves the right to reject any or all tender without assigning any reasons thereof.

OIPR-08038/11/0039/2526

Sd./- Divisional Forest Officer
Berhampur Division



**OFFICE OF THE DIVISIONAL FOREST OFFICER, ANGUL DIVISION**

At/Po- ANGUL, Dist- ANGUL, Odisha-759122,
E-mail ID- dfoangul@gmail.com, dfo.angul@odisha.gov.in, Phone No-9938022883

Office Order No. 215 /1F-Accounts/2025-26
Dated Angul the 28th May, 2025

**TENDER CALL NOTICE FOR HIRING VEHICLE**

**No.MM-61** : Sealed tenders are invited from interested Reputed Travel Agencies/ Tour Operators or private individuals to provide approximately 27 (Twenty Seven) Nos. of Vehicle (BS VI compliant Diesel driven AC/ Non-AC) vehicles, which shall conform to the Terms and Conditions (Annexure-III) for official use at different Ranges(Details of the vehicles to be engaged is in - Annexure-V) under Angul Forest Division on monthly rent basis to reach in the O/o the Divisional Forest Officer, Angul Forest Division, on or before **12.06.2025** up to **5.00 P.M.** through Registered/ Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Angul Forest Division. The tenders will be opened in the same office on **13.06.2025** at **11.30 A.M.** The Standard Bidding Document and Terms and Conditions can be downloaded from https://angul.odisha.gov.in, https://odishaforest.in and also can be obtained from the Office of the Divisional Forest Officer, Angul Forest Division, Angul from **29.05.2025** to **12.06.2025** during office hours.

OIPR-08027/11/0024/2526

Sd./- Divisional Forest Officer,
Angul Forest Division



**KASTURBA GANDHI BALIKA VIDYALAYA (KGBV Type-IV)**
**ODISHA ADARSHA VIDYALAYA SAHARPADA, KEONJHAR**

AT/PO/-SAHARPADA, PS- PATNA, BLOCK- SAHARPADA, DIST- KEONJHAR, PIN- 758016

**Advertisement No : OAVS/2025/03** **Date: 30.05.2025**

**TENDER CALL NOTICE**

**No.n-57** : Sealed tenders are invited from registered supplier/ firms having own sale counter, valid GST, PAN & IT certificates for supply of recurring/non-recurring items/ articles for KGBV Type-IV Girls Hostel of OAV Saharpada, Keonjhar. The tender paper containing detailed scope of work along with terms and conditions hoisted at **www.kendujhar.odisha.gov.in** and notice board of OAV Saharpada, BEO Saharpada, BDO Saharpada, DPC, SSA Keonjhar. **Last date of receipt of the tender paper is 09-06-2025 at 4 p.m.**

The authority reserves the right to cancel all or any part of the tender without assigning any reason thereof.

By the Order of Chairman, VMDC

OIPR-27096/11/0005/2526 Sd./- Principal. OAV Saharpada



**ZILLA SWASTHYA SAMITI, MAYURBHANJ**

Office of the CDM&PHO-cum- District Mission Director, NHM, Mayurbhanj, Odisha, 757001

**Advt. No. 1976 /NHM/2025-26** **Dt: 29.05.2025**

**TENDER DOCUMENT FOR SUPPLY OF WORKING LUNCH FOR TRAINING/WORKSHOP/MEETING UNDER ZSS, MAYURBHANJ**

**No.E-124** : Sealed proposals as per prescribed document are invited from interested eligible bidders for **SUPPLY OF WORKING LUNCH FOR TRAINING / WORKSHOP / MEETING UNDER ZSS, MAYURBHANJ.** The eligible criteria, the details requirement of the said services and the formats for submission of proposals are set forth in the tender documents which can be downloaded from the website https://mayurbhanj.odisha.gov.in Interested bidders fulfilling the eligibility criteria may submit their proposals (with document as per tender call notice) to the O/o: CDM & PHO, DHH, Baripada, Mayurbhanj. The Proposal (s) complete in all respect should reach the undersigned on or before dt : 01.00 P.M. of dt : 16/06/2025 through Regd. Post / Speed post/ Courier and the same will be opened on dt : 17/06/2025 at 11.30 A.M. in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

OIPR-10020/11/0035/2526

Sd./- Chief District Medical
& Public Health Officer, Mayurbhanj



**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**

OHPC ISO 9001-14001 18001 Certified

DIST: KALAHANDI- 766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**'e'- Procurement Notice**

**NOTICE INVITING TENDER No.UIHEP/09/2025-26, DATED 29.05.2025**

**No.CAD-582:** The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of Work | Approx. Estimated Cost (in Rs.) | EMD (in Rs.) (Online) | Class of Contractor | Cost of Bid Document (in Rs.) (Online) | Period of Contract |
|---|---|---|---|---|---|---|
| 1 | Renovation of 08 no. 'EQ' type quarters of UIHEP, Mukhiguda | 47,30,479/- (Excluding GST) | 47,305/- | 'B' Class Contractor registered with State Govt./Central Govt./ MES/ Railways | 6,000/-+ GST @18% = 7,080/- | Six (06) Calendar Months |

Availability of tender document in the portal: From 01.06.2025 (10.00 Hrs) to 11.06.2025 (upto 13.00 Hrs.). Last date & time of submission of tenders in the portal: 11.06.2025 upto 13.00 Hrs. The date & time of opening of the bid: 12.06.2025 at 11.00 Hrs. (Only Technical Bid). The Bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement portal "https://tendersodisha.gov.in".

OIPR-04008/11/0026/2526 Sd./- Unit Head, UIHEP, Mukhiguda



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION NO.-II, KEONJHAR**

E-mail : eerw_kjr2@yahoo.com

**"e" Procurement Notice for Building Works**

**No.O-211** **Identification No. Online NCB - 04/2025-26**

1. Name of the work : Building Works, 2. Total Number of Work : 02 Nos., 3. Estimated Cost : Rs. 74.95 Lakhs to Rs. 78.52 Lakhs, 4. Class of Contractor : Only 'B' Class, 5. Period of Completion : As per annexture of e-Procurement Notice No.04/2025-26, 6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Keonjhar | Building Online NCB No.04 | Dt.03.06.25 at 11.00 A.M. | Dt.17.06.25 up to 5.00 P.M. | Dt.16.06.25 up to 5.00 P.M. | Dt.18.06.25 at 11.00 A.M. | Will be intimated later |

Further details can be seen from the Website www.tenderorissa.gov.in

OIPR-25093/11/0017/2526

Sd./- Executive Engineer
R.W.Divn. No.-II, Keonjhar



**OFFICE OF THE REGULATED MARKET COMMITTEE, BOUDH**

No.H-09

| Sl. No. | Item | |
|---|---|---|
| **A. General Information** | | |
| 1 | Name of the Work | (a) Construction of Infrastructure Developmental work at Khuntabandh MY, Biranarasinghpur MY and Kasalpur MY under RMC Boudh. (b) Construction of Infrastructure Developmental work at Biju Model Agri Market Boudh and repair Renovation of office building under RMC Boudh. (c) Construction of Infrastructure Developmental work at Palasagora MY under RMC Boudh. |
| 2 | (i) Inviting Authority | Sub-Collector, Boudh cum Chairman, R.M.C. Boudh |
| 3 | Estimated Cost | Rs.81.00 lakhs to Rs.3.23 Crores |
| **B. Bid Information** | | |
| 1 | Intended completion period | **9 months** |
| 2 | Last date & time for submission of bid | 17.00 hours of 17.06.2025 |
| 3 | Dates of opening (Technical bid) | 11.00 hours on 18.06.2025 |
| 4 | Dates of opening (Financial Bid) | **Will be intimated after evaluation of Technical Bid. (For Double Cover)** |
| 5 | **Cost of Bid Document** | |
| | **On-line transfer:** As indicated in col. No. 5 at table above | |
| 6 | **Bid Security** | |
| | **On-line transfer:** As indicated in col. No. 4 at table above | |
| 7 | Bid validity period | 90 days |
| 8 | Currency of Contract | INR |
| 9 | Language of Contract | English |

OIPR-01569/11/0001/2526

Sd./- Secretary
RMC, Boudh



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE**

**Advt. No.8279** DISTRICT PROGRAMME MANAGEMENT UNIT (DPMU) **Date:29.05.2025**

**NATIONAL HEALTH MISSION (NHM)**

**WALK-IN-INTERVIEW**

**No.E-130:**Walk-in-Interview will be conducted as scheduled below for filling up the following posts under National Health Mission of Balasore District.

| Sl. No. | Name of the Programme/ Activities as per NHM PIP | Name of the Post | Vacancy | Monthly Remuneration (in Rupees) +PI | Date of Registration/ Interview |
|---|---|---|---|---|---|
| 1 | Special Newborn Care Unit (SNCU) | Medical Officer | 1 | Rs.68,892/-+PI | 03.06.2025 |
| 2 | Day Care Centre (Hemoglobinopathy) | Medical Officer | 1 | Rs.68,892/-+PI | 03.06.2025 |
| 3 | DEIC | Medical Officer | 1 | Rs.68,892/-+PI | 03.06.2025 |
| 4 | Mobile Blood Collection Van | Medical Officer | 1 | Rs.68,892/-+PI | 03.06.2025 |
| 5 | Urban PHC, Sovarmpur, Soro | Medical Officer | 2 | Rs.68,892/-+PI | 03.06.2025 |
| 6 | Urban Ayushman Arogya Mandir (UAAM), Aradbazar, Puruna Balasore, Mirigini, Kurunia, Chakabishnu, Tundapada | Medical Officer | 6 | Rs.57,409/-+PI | 03.06.2025 |

Venue:- Office of the CDM & PHO-Cum-DMD, Balasore

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of Qualification, Experience of post alongwith application form can be downloaded from the district website: www.balasore.odisha.gov.in. The registration time for the Walk-In-Interview will be from 9.30 AM to 10.30 AM. The candidates are requested to visit the district website on regular interval till completion of recruitment / empanelment process. The undersigned reserves the right to cancel any or all the application without assigning any reason or communication thereof.

OIPR-10032/11/0020/2526 Sd./- CDM & PHO-cum-DMD, Balasore



**ODISHA PUBLIC SERVICE COMMISSION CUTTACK**

**NOTICE**

**No. 3669 / P.S.C., Dt. 30.05.2025**
**PF-1E-07-2025/26 (DR-III)**

**Recruitment to the Posts of Assistant Fisheries Officer (Advertisement No. 36 of 2023-24)**

**No.D-88** : In Continuation to this Office Notice No. 3468/PSC, dtd. 22.05.2025, it is for information of all qualified candidates that the **Document Verification and Viva Voce Test** for recruitment to the posts of **Assistant Fisheries Officer, Group-B** under Fisheries and Animal Resources Development Department, pursuant to Advertisement No. 36 of 2023-24 will be held from **24.06.2025 to 26.06.2025** at the office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of verification | Time of Viva Voce Test | ROLL NO. of candidates |
|---|---|---|---|
| 24.06.2025 | 08.30 A.M. | 10.30 A.M. | 100008, 100019, 100020, 100024, 100029, 100031, 100046, 100051, 100058, 100061, & 100067 = **11 Candidates** |
| | 12.30 P.M. | 02.30 P.M. | 100073, 100074, 100078, 100080, 100081, 100092 & 100093 **= 07 Candidates** |
| 25.06.2025 | 08.30 A.M. | 10.30 A.M. | 100095, 100100, 100105, 100118, 100121, 100126, 100127, 100144, 100146, 100150 & 100152 **= 11 Candidates** |
| | 12.30 P.M. | 02.30 P.M. | 100156, 100161, 100163, 100172, 100184, 100187 & 100189 **= 07 Candidates** |
| 26.06.2025 | 08.30 A.M. | 10.30 A.M. | 100202, 100205, 100217, 100219, 100223, 100227, 100228, 100232, 100233, 100240 & 100241 **= 11 Candidates** |

**N.B. -** The candidates are advised to report at the office of the Commission **30 minutes** before the commencement of Document Verification in each time slot allotted in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/Documents should be issued within the last date of submission of Online Application i.e. 03.05.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. *(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password / OTP etc through OPSC e-Chayan Portal via www.opscechayan.in)*
2. Four (04) passport size photographs (Unsigned & Unattested) which has been uploaded with application form.
3. Matriculation Certificate in support of declaration of age.
4. Intermediate/+2 Examination Certificate.
5. B.F.Sc. Degree Certificate issued from recognized University.
6. Mark Sheets in support of all the Examinations (H.S.C, +2 & B.F.Sc.) including fail marks, if any, issued by the concerned Board/Council/University.
7. Fishery Registration Certificate.
8. Required Odia Test Pass Certificate from the competent authority.
9. Caste Certificate by birth in support of claim as SEBC/ST/SC whichever applicable. (which has been uploaded with online Application Form)
10. Permanent Disability Certificate (indicating percentage of permanent disability i.e. 40% and more);
11. Ex-Servicemen claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
12. Any proof of identity.
13. Any other documents as per Para-10 of the Advertisement.
14. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
15. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0233/2526 Sd./- Secretary

**ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଖୁର୍ସିଦଙ୍କ ସମର୍ଥନ**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ ଶୁକ୍ରବାର ପ୍ରଶଂସା କରିଛନ୍ତି। ଅନୁଚ୍ଛେଦ ୩୭୦ରେ ସରକାରଙ୍କ ଚିନ୍ତାଧାରାରେ ପ୍ରତିଫଳିତ ହେଉଥିଲା, ଯାହା ଜମ୍ମୁ-କଶ୍ମୀରକୁ ଦେଶର ଅବଶିଷ୍ଟ ଅଞ୍ଚଳରୁ ପୃଥକ୍ ବୋଲି ଧାରଣା ସୃଷ୍ଟି ହୋଇଥିଲା। ଏହି ଧାରା ଉଚ୍ଛେଦ ସହ ଏଭଳି ଧାରଣାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ସର୍ବଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀରେ ଇଣ୍ଡୋନେସିଆ ଯାଇଥିବା ଖୁର୍ସିଦ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା: ୩ ଜଣଙ୍କୁ ଆଜୀବନ ଜେଲ

**ଡେରାଡୁନ୍,୩୦।୫**

## ଦୋଷୀଙ୍କ ମଧ୍ୟରେ ପୂର୍ବ ଭାଜପା ନେତାଙ୍କ ପୁଅ


ଅଙ୍କିତା ଭଣ୍ଡାରୀ


ପୁଲକିତ ଆର୍ଯ୍ୟ

୨୦୨୨ରେ ଉତ୍ତରାଖଣ୍ଡକୁ ସ୍ତବ୍ଧ କରିଦେଇଥିବା ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏକ ରିସର୍ଟରେ ରିସିପ୍ସନିଷ୍ଟ ଭାବେ କାର୍ଯ୍ୟ କରୁଥିବା ୧୯ ବର୍ଷୀୟା ଅଙ୍କିତା ଜଣେ ଭିଆଇପି ଗେଷ୍ଟଙ୍କୁ 'ସ୍ପେଶିଆଲ ସର୍ଭିସ୍' ଦେବାକୁ ମନା କରିବାରୁ ନିଯୁକ୍ତିଦାତା ପୁଲକିତ ଆର୍ଯ୍ୟ ଓ ୨ ସହଯୋଗୀ ତାଙ୍କୁ ହତ୍ୟା କରିଥିଲେ। ଏହି ବହୁଚର୍ଚ୍ଚିତ ମାମଲାରେ କୋଟଦ୍ୱାରସ୍ଥିତ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟ ଜଜ୍ ରୀନା ନେଗି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ତେବେ ଅଙ୍କିତାଙ୍କ ମା' ଉକ୍ତ ରାୟରେ ଅସନ୍ତୋଷ ପ୍ରକାଶ କରି ଦୋଷୀମାନଙ୍କୁ ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି।

ଉତ୍ତରାଖଣ୍ଡର ପୌରି ନିବାସୀ ଅଙ୍କିତା ଜଣେ ଗରିବ ଝିଅ ଥିଲେ। ସେ ପାଠ ପଢ଼ିବା ପାଇଁ ଋଷିକେଶକୁ ଯାଇଥିଲେ। ବାପା ବୀରେନ୍ଦ୍ର ଭଣ୍ଡାରୀ ଜଣେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଅଙ୍କିତା ଏକ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ନାମ ଲେଖାଇଥିଲେ। କିନ୍ତୁ କୋଭିଡ୍ ମହାମାରୀ ବେଳେ ଆର୍ଥିକ ଦୁରାବସ୍ଥା ଯୋଗୁ ଆଗକୁ ପାଠ ପଢ଼ିପାରି ନ ଥିଲେ। ତାଙ୍କ ଜଣେ ସାଙ୍ଗ ପୁଷ୍ପ ଋଷିକେଶସ୍ଥିତ ବନନ୍ତରା ରିସର୍ଟରେ ରିସିପ୍ସନିଷ୍ଟ ଭାବେ କାମ କରିବାକୁ ପ୍ରସ୍ତାବ ଦେଇଥିଲେ। ଅଙ୍କିତା ସେଠାରେ ଯୋଗଦେଇ ରିସିପ୍ସନିଷ୍ଟ କାର୍ଯ୍ୟ କଲେ। ୨୦୨୨ ସେପ୍ଟେମ୍ବର ୧୮ ରାତିରେ ରିସର୍ଟକୁ ଆସିଥିବା ଜଣେ ଭିଆଇପି ଗେଷ୍ଟଙ୍କୁ ସ୍ୱତନ୍ତ୍ର ସେବା ଦେବା ପାଇଁ ଭାଜପା ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ତଥା ନିଯୁକ୍ତିଦାତା ପୁଲକିତ ଆର୍ଯ୍ୟ ଅଙ୍କିତାଙ୍କୁ କହିଥିଲେ। ଏହି ସ୍ୱତନ୍ତ୍ର ସେବା ବଦଳରେ ତାଙ୍କୁ ୧୦,୦୦୦ ଟଙ୍କା ଦିଆଯିବ ବୋଲି ଅଫର୍ ଦେଇଥିଲେ। ଅଙ୍କିତା ଏଥିରେ ରାଜି ନ ହେବାରୁ ରିସର୍ଟ ମାଲିକ ପୁଲକିତ ତାଙ୍କ ସହଯୋଗୀ ସୌରଭ ଭାସ୍କର ଓ ଅଙ୍କିତ ଗୁପ୍ତାଙ୍କ ସହ ମିଶି ଅଙ୍କିତାଙ୍କୁ ହତ୍ୟା କରିଥିଲେ। ଅଙ୍କିତାଙ୍କ ମୃତଦେହ ଏହାର ୬ ଦିନ ପରେ ଅର୍ଥାତ୍ ୨୪ ତାରିଖରେ ଚିଲ୍ଲା କେନାଲରୁ ଠାବ ହୋଇଥିଲା। ଧରାପଡ଼ିବା ପରେ ୩ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ। ୨୦୨୩ ଜାନୁଆରୀ ୩୦ରେ ଏହି ମାମଲାର ଶୁଣାଣି ଏଡିଜେ କୋର୍ଟରେ ଆରମ୍ଭ ହୋଇଥିଲା। ଏସ୍‌ଆଇଟି ତଦନ୍ତ ପରେ ପୋଲିସ ୫୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିଲା। ୨ ବର୍ଷ ୮ ମାସ ଧରି ଶୁଣାଣି ଚାଲିଥିଲା। ୪୭ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ଶୁକ୍ରବାର ଏହାର ରାୟ ପ୍ରକାଶ ପାଇଛି। କୋର୍ଟ ପୁଲକିତଙ୍କୁ ଆଇପିସି ଦଫା ୩୦୨ (ହତ୍ୟା), ୨୦୧(ପ୍ରମାଣ ଲୁଚାଇବା), ୩୫୪ଏ(ଅସଦାଚରଣ ଓ ମହିଳାଙ୍କ ମର୍ଯ୍ୟାଦାହାନୀ) ଏବଂ ବେଆଇନ ଚାଲାଣ ଆଇନ ବଳରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅନ୍ୟ ୨ ଅଭିଯୁକ୍ତ ସୌରଭ ଓ ଅଙ୍କିତଙ୍କୁ ହତ୍ୟା, ପ୍ରମାଣ ଲୁଚାଇବା ଓ ବେଆଇନ ଚାଲାଣ ଆଇନର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୁଲକିତଙ୍କ ବାପା ବିନୋଦ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍‌ଙ୍କ ନେତୃତ୍ୱାଧୀନ ଭାଜପା ସରକାରରେ ମନ୍ତ୍ରୀ ଥିଲେ। ପୁଲକିତ ଏହି ମାମଲାରେ ଗିରଫ ହେବା ପରେ ଦଳ ବିନୋଦଙ୍କୁ ବହିଷ୍କାର କରିଥିଲା।

# ଆତଙ୍କବାଦ ବିରୋଧରେ ଲଢ଼େଇ ବନ୍ଦ ହେବନାହିଁ: ମୋଦି


ରୋହତାସ ଜିଲାର କାରାକାଟଠାରେ ଏକ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ।

**ପାଟନା,୩୦।୫**

ଅପରେଶନ ସିନ୍ଦୂରର ଶକ୍ତି ଶତ୍ରୁ ଦେଖିଛନ୍ତି। ଏହା ଆମ ତୁଣୀରର ମାତ୍ର ଗୋଟିଏ ତୀର ବୋଲି ସେମାନେ ବୁଝିଯିବା ଆବଶ୍ୟକ। ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇ ବନ୍ଦ ହେବନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ରୋହତାସ ଜିଲାର କାରାକାଟଠାରେ ଏକ ରାଲିକୁ ସମ୍ବୋଧିତ କରି କହିଛନ୍ତି। ସେ ଆତଙ୍କବାଦକୁ ସାପ ସହ ତୁଳନା କରି କହିଛନ୍ତି, ସେମାନେ ପୁଣି ଫଣା ଉଠାଇଲେ, ଗାତରୁ ଘୋଷାଡ଼ି ଆଣି ଦଳିଦେବୁ।

## ବିହାର ପାଇଁ ୪୮,୫୨୦ କୋଟିର ପ୍ରକଳ୍ପ

ପ୍ରଧାନମନ୍ତ୍ରୀ ଶୁକ୍ରବାର କାରାକାଟଠାରେ ୪୮,୫୨୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିହାର ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, କେନ୍ଦ୍ରମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ତୁର୍କୀ ଏୟାରଲାଇନ୍ସ ସହ ଲିଜ୍ ଚୁକ୍ତି ବାତିଲ କରିବ ଇଣ୍ଡିଗୋ

**ନୂଆଦିଲ୍ଲୀ,୩୦।୫**




ଅଗଷ୍ଟ ୩୧ ସୁଦ୍ଧା ତୁର୍କୀ ଏୟାରଲାଇନ୍ସ ସହ ଲିଜ୍ ଚୁକ୍ତି ବାତିଲ କରିବ ବୋଲି ଇଣ୍ଡିଗୋ ଲିଖିତ ପ୍ରତିଶ୍ରୁତି ଦେଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଶୁକ୍ରବାର କହିଛି। ଅପରେଶନ ସିନ୍ଦୂର ବେଳେ ପାକିସ୍ତାନକୁ ତୁର୍କୀର ସମର୍ଥନକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲାବେଳେ ଏହି ଦେଶର ଏୟାରଲାଇନ୍ସ ସହ ବ୍ୟବସାୟିକ ସମ୍ପର୍କ ଛିନ୍ନ କରିବାକୁ ଇଣ୍ଡିଗୋ ଉପରେ ଚାପ ପଡ଼ିଥିଲା। ଯାତ୍ରୀସେବା ବାଧାପ୍ରାପ୍ତ ନ ହେବା ପାଇଁ ଲିଜ୍ ଅବଧି ୩ ମାସ ବଢ଼ାଇବାକୁ ଅନୁମତି ଦିଆଯାଇଥିବାବେଳେ ଏହା ପରେ ଆଉ ବଢ଼ାଯିବ ନାହିଁ। ତୁର୍କୀ ଏୟାରଲାଇନ୍ସରୁ ୨ଟି ବୋଇଂ ୭୭୭-୩୦୦ଇଆର୍ ବିମାନ ଲିଜ୍‌ରେ ଆଣି ଇଣ୍ଡିଗୋ ଏହାକୁ ଦିଲ୍ଲୀ ଏବଂ ମୁମ୍ବାଇରୁ ଇସ୍ତାନବୁଲ୍ ଚଳାଉଥିଲା। ଏହାର ଲିଜ୍ ଅବଧି ମେ' ୩୧ରେ ଶେଷ ହେବାକୁ ଥିବାବେଳେ ଯାତ୍ରୀସେବା ବାଧାପ୍ରାପ୍ତ ନ ହେବା ପାଇଁ ଏହାକୁ ଆଉ ୩ ମାସ ବୃଦ୍ଧି କରାଯାଇଛି।

# ଦିଲ୍ଲୀରୁ ପାକିସ୍ତାନୀ ଗୁପ୍ତଚର ଗିରଫ

**ନୂଆଦିଲ୍ଲୀ,୩୦।୫**

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଦିଲ୍ଲୀ ପୋଲିସ ୩୪ ବର୍ଷୀୟ କାସିମ୍‌ଙ୍କୁ ଗିରଫ କରିଛି। ସେ ୨ ଥର ପାକିସ୍ତାନ ଯାଇ ଆଇଏସ୍‌ଆଇର ଅଧିକାରୀମାନଙ୍କୁ ଭେଟିଥିବା ଅଭିଯୋଗ ହୋଇଛି। ଦ୍ୱିତୀୟ ଥର ପାକିସ୍ତାନ ଯାଇଥିବାବେଳେ କାସିମ୍ ସେଠାରେ ମାସେ ତାଲିମ ନେଇଥିଲେ। ଗୁପ୍ତଚରଗିରି ପାଇଁ ପାକିସ୍ତାନୀ ଗୋଇନ୍ଦା ସଂଚାଳକମାନେ ଭାରତୀୟ ମୋବାଇଲ ନମ୍ବର ବ୍ୟବହାର କରୁଥିବା ଗତ ସେପ୍ଟେମ୍ବରରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍‌କୁ ସୂଚନା ମିଳିଥିଲା। ଭାରତୀୟଙ୍କ ଜରିଆରେ ଏହି ସିମ୍‌କାର୍ଡଗୁଡ଼ିକ ପାକିସ୍ତାନ ପଠାଯାଉଥିବା ଜଣାପଡ଼ିବା ପରେ କାସିମ୍‌ଙ୍କ ନାମ ସାମ୍ନାକୁ ଆସିଥିଲା। ସେ ୨୦୨୪ରେ ଥରେ ଏବଂ ୨୦୨୫ ମାର୍ଚ୍ଚରେ ଦ୍ୱିତୀୟ ଥର ପାକିସ୍ତାନ ଯାଇଥିଲେ। ସେ ସେଠାରେ ୯୦ ଦିନ ରହିବା ସହ ଆଇଏସ୍‌ଆଇ ଅଫିସରମାନଙ୍କୁ ଭେଟିଥିଲେ। ଭାରତୀୟମାନଙ୍କ ସହ ଯୋଗାଯୋଗ ପାଇଁ ପାକିସ୍ତାନୀ ଗୋଇନ୍ଦା ଅଧିକାରୀ ଉକ୍ତ ସିମ୍ କାର୍ଡ ବ୍ୟବହାର କରୁଥିଲେ ଏବଂ ସାମରିକ ପ୍ରତିଷ୍ଠାନଗୁଡ଼ିକର ସମ୍ବେଦନଶୀଳ ତଥ୍ୟ ପାଉଥିଲେ ବୋଲି ପୋଲିସ କହିଛି।



# Classified Everyday

**0674-2580101, 9692975378**


**REAL ESTATE**

**SALE**

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବା। **8327785834.** D-76266


**CONSTRUCTION**

Do you want to construct a building on your own plot please contact K.K. Construction. 7008268129, 9439143273. D-71397




Full body massage by odia therapist in homely atmosphere. 9556498382. D-75388

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76915

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

**LOST**

By virtue of an affidavit (No.- 515) sworn before Notary Public, Bhadrak, dtd. 30.04.2025, I, Narendra Prasad Jena(60 yrs), S/o- Managobinda Jena, Vill- Kalyanpur, P.O.- Ertal, P.S.- Basudevpur, Dist.- Bhadrak at present Erein, P.O.- Charampa, P.S.- Bhadrak (R), Dist.- Bhadrak declare that I have purchased the land in my name and Obtained Sale Deed & ROR Chain deed No.- 612, dt. 21.02.2015 which was excuted by Prakash Chandra Barik in favour of Smt. Puspanjali Das and another sale deed No.- 4109, dt. 06.12.2017 which was executed by Smt. Puspanjali Das in favour of Kartik Chandra Mohapatra were lost somewhere and inspite of my best effort I am unable trace out the same. That I am swearing this affidavit to produce it before the Competent Authority for the purpose of avoiding future complicacies. D-750

I, Diptesh Kumar Pattnayak, S/o- Braja Mohan Pattanayak, staying at A-11, VIP Colony, Nayapalli, Bhubaneswar- 751015, Odisha do inform that I have lost my 10th Standard ICSE Certificate passed in 1987 from St. Joseph's Convent High School, Sambalpur. D-761

**AFFIDAVIT**

I, Ullash Kumar Pattnaik, S/o- Debraj Pattnaik, resident of Plot No.- BL-02, VSS Nagar, P.O./P.S.- Saheed Nagar, Bhubaneswar- 751007, Dist.- Khurda, Odisha declare by this affidavit No.- 16, dated- 30.05.2025. That now onwards I shall be known as **ULLASH PATTNAIK** for all future purposes. D-755

By virtue of an affidavit sworn before the Executive Magistrate, Thuamul Rampur, dated 30.05.2025, I, Dora Naik, S/o- Jujar Naik, R/o. At- Tunapali, P.O.- Gopalpur, P.S.- Th. Rampur, Dist.- Kalahandi, Odisha declare that I have changed my daughter's name from Kaberi Harijan to Kaberi Naik. Henceforth, she shall be known as Kaberi Naik for all future purposes.
Dora Naik
D-760

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhubaneswar, dated- 30.05.2025, I, Subhakanta Bastia, Address: At- Harachandi Sahi, P.O.- Old Town, P.S.- Shree Lingraj, Bhubaneswar, Dist.- Khordha, Odisha- 751002, declare that I have changed my name from Santosh Das to Subhakanta Bastia. Henceforth, I shall be known as Subhakanta Bastia for all purposes.
Subhakanta Bastia
D-762

By virtue of an affidavit No.- 3372, Date- 30.05.2025. The Executive Magistrate Angul. I am Kumari Dehury (70) W/o- Durga Charan Dehury, Vill/ P.O.- Pokatunga, P.S.- Bantala, Dist.- Angul hereby declaration have changed my name from "Kumari Dehury" to "Kumari Devi". I shall be known as "Kumari Devi" for all purposes. D-757

By virtue of an affidavit No.-884, dated 29.05.2025 sworn before the Executive Magistrate, Boudh, I, Pramila Kaanr, formerly called Urmila Kanhar, W/o- Manabhanjan Kaanr, R/o. Village- Ichhapur, P.O.- Badhigaon, P.S./ Dist.- Boudh, Odisha, PIN- 762026 declare that I have changed my name from Urmila Kanhar to Pramila Kaanr for all purposes.
Pramila Kaanr
D-759

Notice by virtue of an affidavit sworn before in the Court of Sri Kabiraj Sethi(ORS) Executive Magistrate, Nuagaon, dated 19.05.2025, I, Jogendra Pradhan, Address: Village- Tabhapali, P.O.-Sampada, P.S.-Nuagaon, Dist.- Nayagarh, PIN-752083 declare that I have changed my son's name from Prasnt Pradhan to Prasant Pradhan.Henceforth, he shall be known as Prasant Pradhan for all purposes.
Jogendra Pradhan
D-756

By virtue of an affidavit sworn before Notary Public, Bhubaneswar, dated- 29.05.2025 I, Manoj Kumar Dalei, Address At- Baidyeswar, P.O.- Baidyeswar, P.S.- Baidyeswar, Dist.- Cuttack, Odisha, PIN- 754009, declare that, I have changed the name of my daughter ward from SHARDHANJALI DALEI to SHRADHANJALI DALEI. Henceforth, she shall be known as SHRADHANJALI DALEI for all purposes.
Manoj Kumar Dalei
D-754

By virtue of an affidavit sworn before the Executive Magistrate, Padampur No.- 06, Date- 24.03.2025, I Gupteswar Sahu, R/o. At/P.O.- Gaisilet, Dist.- Bargarh, Odisha, PIN- 768037 declare that I have changed my son's name from Durbala Sahu to Durbadala Sahu. Henceforth he shall be known as Durbadala Sahu for all purposes.
Gupteswar Sahu
D-758

I, Bapuni Bindhani, Resident of At- Khaladi, P.O.- Pashanipur, P.S.- Udala, Dist.- Mayurbhanj, PIN- 757087, Odisha,declare by this affidavit before Executive Magistrate, Sadar, Cuttack, No.- 4564, dt- 27.05.2025, that Bhua Bindhani and Bhua Bindhani, is one and same person who is my Father for all future purposes. D-753

By virtue of an affidavit sworn before the Executive Magistrate, Cuttack, dated- 17.05.2025, I, B.Debi, W/o- B.Rabi, declare that my actual and correct name is B.Debi mentioned in my Aadhaar card bearing No.- xxxx xxxx 2381 but in my PNB passbook my name has been wrongly mentioned as A.Rubi Rao. So both B. Debi A. Rubi Rao is one and same person. D-752

I, Salila Kumar Sahoo, At- Ichhapur, P.O.- Kakudibhag, P.S.- Sadar, Dist.- Dhenkanal, Odisha- 759015 have changed my minor son ASITOSA SAHOO aged 10 years to ASHUTOSH SAHOO, dtd- 27.05.2025 before Executive Magistrate, Athagarh, Cuttack. D-751

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit No.- 3372, date 30.05.2025. The Executive Magistrate, Angul, I am Kumari Dehury (70), W/o- Durga Charan Dehury and ROR of Mouza- Nandapur, Khata No.- 33,51,52 and Mouza- Karadasingh, Khata No.- 149, Vill/P.O.- Pokatunga,ps- Bantala, Dist.-Angul hereby declaration have changed my name from "Kumari Dehury" to "Kumari Devi". I shall be known as "Kumari Devi" for all purposes. D-764

I, Snehaprava Ratha, W/o- Late Gangadhar Tripathy, At- Surya Vihar, Link Road, P.O.- Arunodaya Nagar, Dist.- Cuttack, PIN- 753012, Odisha declared by this affidavit No.- 4619, dt- 29.05.2025. That now onwards I shall be known as Snehaprava Rath for all future purposes. D-763

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ଜଡ଼ର ଆତ୍ମା

## ଗଳ୍ପ
**ନୀଳମଣି ସାହୁ**



ତାଙ୍କୁ ଘର ଭିତରକୁ ଯିବାକୁ ଡର ଲାଗୁଥିଲା। ଆଜିକାଲି ଘରର ପୋର୍ଟିକୋରେ ବେଶୀ ସମୟ ବସି ରହିବାକୁ ସେ ପସନ୍ଦ କରୁଥିଲେ। ସେଇଠି ବସିରହି ଫାଟକ ବାହାରକୁ ଚାହିଁ ରହୁଥିଲେ। ଭଲ ଭଲ ପୋଷାକରେ ଗଣବେଶ ଧରି ଛୋଟ ଛୋଟ ପିଲାମାନେ ଯେବେ ସେଇ ରାସ୍ତା ଦେଇ ବିଦ୍ୟାଳୟ ଯାଉଥିଲେ, ସେମାନଙ୍କୁ କୁନି କୁନି ଠାକୁର ବୋଲି କହି ହାତଯୋଡ଼ି ନମସ୍କାର କରୁଥିଲେ ସୀତା ଦେବୀ। ଛୋଟ ଛୁଆଗୁଡ଼ାକ ସିନା କଣ୍ଢେଇ ଧରି ଖେଳିବାକୁ ଭଲ ପାଆନ୍ତି, ହେଲେ ବୁଢ଼ାବୁଢ଼ୀମାନଙ୍କ ପାଇଁ ତ କଣ୍ଢେଇ ଏଇ ଟିକି ଟିକି ଜିଅନ୍ତା ଠାକୁର। ଏମାନଙ୍କୁ ପାଖରେ ପାଇଲେ ସେମାନେ ସବୁ ଭୁଲିଯାଆନ୍ତି।

ସ୍ୱାମୀ ଯିବା ପରେ ସୀତା ଦେବୀ ପୂରା ଏକୁଟିଆ ଅନୁଭବ କରୁଥିଲେ। ଘର ଭିତରେ ପୁଅ, ବୋହୂ, ନାତି, ନାତୁଣୀ ଥାଇ ମଧ୍ୟ ସେ ଅହରହ କାନ୍ଥବାଡ଼ ସହ କଥା ହେଉଥିଲେ। ସମୟେ ସମୟେ ନିଜେ ନିଜ ସହ ଗପୁଥିଲେ ଅବଚେତନ ଅବସ୍ଥାରେ ଥାଇ। ସେଇ ଗପିବା ଅଭ୍ୟାସକୁ ଘରର ଅନ୍ୟ ସଦସ୍ୟମାନେ ଏକ ରୋଗ ବୋଲି ମତ ଦେଇଥିଲେ ଅତିଥିମାନଙ୍କ ଆଗରେ। ହେଲେ ସେ ରୋଗ ପାଇଁ କେହି କେବେ ତାଙ୍କୁ ଡାକ୍ତର ଦେଖେଇ ନଥିଲେ। ଦେଖେଇଥିଲେ ହୁଏତ ସେମିତି ରୋଗ ପାଇଁ କେବଳ ନିଦ ବଟିକା ଛଡ଼ା ଆଉ କିଛି ପ୍ରେସ୍କ୍ରିପ୍ସନ ଡାକ୍ତର ଦେଇ ନଥାନ୍ତେ। ଅତିଥିମାନେ ଘରକୁ ଆସିଲେ ସୀତା ଦେବୀଙ୍କର ପାଦ ଯୋଡ଼ିକ ଖାଲି ଜିଅନ୍ତା ସ୍ପର୍ଶ ଟିକିଏ ପାଇଥାଏ ଯାହା, ବାକି ଶରୀରଟା କୋଉ କାଳରୁ ସୁବର୍ଣ୍ଣ ସୀତା ପାଲଟି ଯାଇଥିଲା।

ନାତି ଏବେ କଲେଜ ଗଲାଣି। ନାତୁଣୀର ଆସନ୍ତାକୁ ହାଇସ୍କୁଲ ପଢ଼ା ସରିବ। ଏମାନେ ବି ଦିନେ କୁନିଠାକୁର ସାଜୁଥିଲେ ଜେଜେ ସନାତନଙ୍କ କାନ୍ଧରେ ବସି। ଆଜି କିନ୍ତୁ ସେମାନଙ୍କ ପାଖରେ ସମୟ ନାହିଁ ଜେଜେମା' ସହ ଟିକିଏ କଥା ହେବାକୁ। ସନାତନଙ୍କ ଜିଦିରେ ସୀତା ଦେବୀ ଜୀବନର ସର୍ବଶ୍ରେଷ୍ଠ ସମୟକୁ ଗାଆଁ ଘରେ ସାରିଦେଲେ। ସେଇଠି ତାଙ୍କୁ ଯେଉଁ ତୃପ୍ତି ମିଳୁଥିଲା ଆଜିର ଏ ସରକାରୀ ବଙ୍ଗଳାରେ ନାହିଁ। ପୁଅର ଚାକିରି ପରେ ସେ କେବେହେଲେ ଏଇ ବାସଭବନର ପାଦମଡ଼ା ହେଲେନି। ପୁଅ ବୋହୂ ଯାହା ମଝିରେ ମଝିରେ ଛୁଟି ଦେଖି ଗାଁକୁ ଯାଆନ୍ତି। ଆଗପରି ମଧ୍ୟ ଏ କାଳର ଲୋକମାନଙ୍କୁ ଗାଆଁ ବେଶୀ ଟାଣି ପାରେନି।

ସେତେବେଳକୁ ନାତି ସରୋଜକୁ ମୋଟେ ପାଞ୍ଚ ବର୍ଷ ବୟସ ଓ ନାତୁଣୀ ସୀମାକୁ ଦୁଇ ବର୍ଷ। ସନାତନ ଗେହ୍ଲା କରି ନାତି ନାତୁଣୀଙ୍କୁ କୋଳରୁ ଛାଡୁ ନଥିଲେ। ନିଜ ପକେଟରୁ ବାହାର କରି ପ୍ରତିଦିନ ଗୋଟାଏ ଲେଖା ମୁଦ୍ରା ନାତି ସରୋଜ ହାତକୁ ବଢ଼ାଇ ଦେଉଥିଲେ। ନୂଆ ନୂଆ କଥା କହି ଶିଖୁଥିବା ନାତି ସରୋଜ ପ୍ରଶ୍ନ କରେ– ଜେଜେ! ସବୁଦିନେ ତୁମେ ପଇସା କୋଉଠୁ ଆଣ? ଜେଜେ ଉତ୍ତର ଦିଅନ୍ତି, ଗାଆଁ ବୁଢ଼ୀଠାକୁରାଣୀ ପରା ସବୁଦିନେ ରାତିରେ ମୋ' ପକେଟରେ ପଇସା ରଖିଦିଏ। ଆଉ ହଁ, ସେ ଘରେ ଛୋଟ ପିଲା ଦେଖିଲେ ହିଁ ସେମିତି କରେ। ସରୋଜ ଗାଆଁମୁଣ୍ଡ ବୁଢ଼ୀଠାକୁରାଣୀ ଦେଖିଯିବାକୁ ଅଝଟ କରେ। ବୁଲେଇ ନେଲେ ମୁଣ୍ଡିଆମାରି କୁହେ ଏଥର ଦୁଇଟି ଲେଖାଏଁ ମୁଦ୍ରା ଦେବୁ। ସୀମା ପରା ବଡ଼ ହେଲାଣି!

ଗାଆଁ ଘର ଟିକିଏ ଅସନା। ରଙ୍ଗମାଟି ଲିପା କାନ୍ଥ, ଗୋବରଲିପା ଚଟାଣ ସାଙ୍ଗକୁ ଚାଳଛପର ଘର। ସେଇଠି ସରୋଜ ଓ ସୀମାକୁ ଗୋଡ଼େ ଗୋଡ଼େ ଜଗିଥାନ୍ତି ସ୍ୱାମୀ ସନାତନ ଏବଂ ସୀତା ଦେବୀ। ଦେହରେ ଟିକିଏ ମାଟି ଲାଗିଗଲେ ସଂକ୍ରମଣର ସୂଚନା ଦେଇ ବୋହୂ ଧାଇଁ ଆସି ପିଲା ଦୁଇଟାଙ୍କୁ କୋଳ କରିନିଏ। ସେତିକିବେଳେ ବୁଢ଼ାବୁଢ଼ୀଙ୍କ ଆଖିରେ ଆଉ ଏକ ତରଳ ପରଳ ମାଡ଼ିବସେ। ତଥାପି ଓଠ ଚାପି ବୋହୂକୁ ସମର୍ଥନ କଲା ପରି ହସିଦିଅନ୍ତି। ସହର ଜନ୍ମିତ ଛୁଆମାନଙ୍କର ଚଳଣିର କାଇଦା କଟକଣା ଟିକିଏ ଅଲଗା। ଏ ମାଟିର ଦେହରେ ଟିକିଏ ମାଟି ଲାଗିଗଲେ ସଂକ୍ରମଣର ସମ୍ଭାବନା ନେଇ ନାନା ରକମର କଳ୍ପନାଜଳ୍ପନା ଲାଗି ରହେ।

ସ୍ୱାମୀ ସନାତନଙ୍କର ଚାଲିଯିବାର ପାଖାପାଖି ସାତବର୍ଷ ବିତିଗଲାଣି। ସେବେଠୁ ଏଇ ସହର ବସାରେ ପୁଅ ପାଖରେ ରହି ଆସୁଛନ୍ତି। ନାତି ନାତୁଣୀ ବଡ଼ ହୋଇଯିବା ପରେ ସୀତା ଦେବୀଙ୍କ ପାଖରୁ ଦୂରତା ସେମାନଙ୍କର ବଢ଼ିଯାଇଛି। ବୋହୂ ହାତଗୋଡ଼କୁ ଜଗିରହି ବେସିନ ସଫା ରଖିବା, ପାନ ଛେପ ନ ପକେଇବା, କାନ୍ଥବାଡ଼କୁ ଆଉଜି ତେଲ ଚିକିଟା ନ କରିବା ଆଦିକୁ ଭାରି ତନଖି କରେ। ବୋଧହୁଏ ସେଇଥିପାଇଁ ଘରର ପୋର୍ଟିକୋଟି ତାଙ୍କ ପାଇଁ ଶେଷ ଆଶ୍ରୟ ପାଲଟିଯାଇଥିଲା।

ସବୁ ପରେ ଆଉ କେତୋଟି କଥା ତାଙ୍କୁ ବେଶୀ ଏକୁଟିଆ କରି ପକାଇଥିଲା। ପିଲାଦିନେ ମାଟି ଲାଗି ସଂକ୍ରମଣ ହୋଇଯାଉଥିବା ସରୋଜ ସମୟେ ସମୟେ କଲେଜପଢ଼ୁଆ ସାଙ୍ଗମାନଙ୍କ ସହ ମଦ୍ୟପାନ କରି ଘରକୁ ଫେରୁଛି। ହେଲେ ସଂକ୍ରମଣଟା ବୋହୂ ପାଇଁ ଏବେ ଆଭିଜାତ୍ୟ ପାଲଟିଯାଇଛି କେମିତି! ସବୁବେଳେ ଘର କାନ୍ଥ, ବେସିନକୁ ପରିଷ୍କାର ରଖିବାକୁ ତାଗିଦା କରୁଥିବା ବୋହୂ ମଲା ଶ୍ୱଶୁରଙ୍କ ଫଟୋକୁ ଏମିତି ଅପରିଷ୍କାର, ଝିଟିପିଟି ମଳଯୁକ୍ତ କରି ବୁଢ଼ିଆଣୀ ବସା ଭିତରେ କାନ୍ଥ ସିକ୍ତ କରି ଟଙ୍ଗେଇ ରଖିଛି କାହିଁକି!

ଏମିତି ପୋର୍ଟିକୋରେ ବସି ବସି ଦିନେ ସୀତା ଦେବୀ ଜଡ଼ ପାଲଟିଗଲେ। ହଲ୍‌ଚଲ୍ ନ ହେବା କାରଣରୁ ସନ୍ଦେହ କରି ବୋହୂ ଆସି ଦେଖିଲା କି ଶାଶୁ ଆତ୍ମାଶୂନ୍ୟ ହୋଇଛନ୍ତି। ସଙ୍ଗେ ସଙ୍ଗେ ଖବର ପାଇ ପୁଅ, ନାତି ନାତୁଣୀ ଆସି ପହଞ୍ଚିଗଲେ। ଠିକ୍ ସେତିକିବେଳେ ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହେଲେ, ବାରଣ୍ଡା କାନ୍ଥରେ ଝୁଲୁଥିବା ସନାତନଙ୍କ ଫଟୋଟି ସମ୍ପୂର୍ଣ୍ଣ ପରିଷ୍କାର ହୋଇଯାଇଛି। ସଫା ଓ ସୁନ୍ଦର ଭାବରେ କାନ୍ଥରେ ଝୁଲୁଛି। ଏସବୁ କେମିତି ହେଲା ବୋଲି ସରୋଜ ଓ ସୀମାର ପ୍ରଶ୍ନରେ ବାପା ତାଙ୍କର ଉତ୍ତର ଦେଲେ– ପ୍ରେମ ଦ୍ୱାରା କେବଳ ଜୀବନକୁ ନୁହେଁ, ବରଂ ଜଡ଼ତାକୁ ମଧ୍ୟ ଜୟ କରାଯାଇପାରେ। ଜୀବନକୁ କିଏ କେତେ ଜୟ କରିଥିଲେ କେଜାଣି, କିନ୍ତୁ ଜଡ଼ତାକୁ ଜୟ କରି ପାରିଛନ୍ତି ବୋଲି ନିଶ୍ଚିତ ଚିତ୍ତରେ ସୀତା ଦେବୀଙ୍କ ପାଦ ଛୁଇଁଲେ ଓ ପରେ ପଞ୍ଚଭୂତରେ ମିଶାଇ ଦେବାର ବ୍ୟବସ୍ଥା କଲେ।

ମୋ: ୭୦୦୮୦୭୦୧୬୬

## ପୁସ୍ତକ ପରିଚୟ

### ଆମେରିକା ଆଉଥରେ




**ଲେଖକ:** ଡ. ପ୍ରସନ୍ନ କୁମାର ମହାଂତି
**ପ୍ରକାଶକ:** ଅପୂର୍ବା, ୟୁନିଟ୍–୩, ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୧୨୦/–

ତିନିଥର ଆମେରିକା ଯାଇଛନ୍ତି ଲେଖକ। ଥରେ ୨୦୦୮ରେ, ଆଉଥରେ ୨୦୧୧ରେ ଓ ଏଥର ୨୦୨୨ରେ। ପ୍ରଥମ ଥରର ଭ୍ରମଣକୁ ନେଇ ଲେଖକ ୨୫୦ ପୃଷ୍ଠାର 'ସେ ଦେଶ' ଶୀର୍ଷକରେ ବହିଟିଏ ଲେଖିଥିଲେ ଓ ତୃତୀୟ ଥରର ଭ୍ରମଣକୁ ନେଇ ଏ ବହିଟି 'ଆମେରିକା ଆଉଥରେ'। ଗୋଟିଏ ଦେଶ ଭ୍ରମଣକୁ ନେଇ ଦୁଇଟି ବହି ଲେଖିବାର କାରଣ ସମ୍ପର୍କରେ ଲେଖକ କହନ୍ତି: ''ଏଥର ଅନେକ ନୂଆ ନୂଆ ଜାଗା ବୁଲାହେଲା।'' ଲେଖକଙ୍କର ତୃତୀୟ ଥର ଭ୍ରମଣବେଳକୁ ଆମେରିକା, ଏପରିକି ସମଗ୍ର ପୃଥିବୀରୁ କରୋନା ଆତଙ୍କ ଯାଇ ନ ଥାଏ। ଆମେରିକାର ସଜଡ଼ା ପରିବେଶକୁ ତାରିଫ୍ କରି ପ୍ରସନ୍ନ ଲେଖିଛନ୍ତି: ''ପାଦତଳଠୁଁ ଆରମ୍ଭ କରି ଚତୁର୍ଦ୍ଦିଗର ନିବିଡ଼ ସବୁଜିମା ଯେମିତି ମୁଗ୍ଧକର; ଲୋଭନୀୟ ସ୍ଥାପତ୍ୟର ଅସଂଖ୍ୟ ଅଟ୍ଟାଳିକା, ଶୀତଳ ଜଳବାୟୁ, ପ୍ରଦୂଷଣମୁକ୍ତ ପୂର୍ଣ୍ଣାଙ୍ଗ ପରିଚ୍ଛନ୍ନତା, ହ୍ରଦ, ଉଦ୍ୟାନ, ପୁଷ୍ପବାଟିକା, ସହରର ମଝିରେ ମଝିରେ ଥିବା ନିଘଞ୍ଚ ଅରଣ୍ୟାନୀ ପ୍ରଭୃତି ଯେକୌଣସି ଦର୍ଶକ ବା ପର୍ଯ୍ୟଟକକୁ ଆମୋଦିତ କରିବା ସ୍ୱାଭାବିକ। ଗୋଟାଏ ନବଗଠିତ ଦେଶ ଭାବରେ ଆମେରିକାର ବୟସ ସିନା ମାତ୍ର ସାଢ଼େ ଚାରିଶ' କି ପାଆଁଶ' ବର୍ଷ ହେବ, ହେଲେ ଏତିକି ସମୟ ଭିତରେ ଯେ ସେମାନେ ନାନା କ୍ଷେତ୍ରରେ ନାନା ଅସାଧାରଣ କାର୍ଯ୍ୟମାନ କରିପାରିଛନ୍ତି, ଏକଥାରୁ ମୁହଁ ଫେରାଇ ହେବନାହିଁ।'' (ପୃ:୧୨)। ବହିଟିରେ ଭ୍ରମଣକାଳର ଛୋଟବଡ଼ ନାନା ଅନୁଭୂତିକୁ ଲେଖକ ଗପ କହିଲା ପରି ଏକ ବହମାନ ଭାଷାରେ କହିଛନ୍ତି, ଯାହା ଗ୍ରନ୍ଥପଠନର କ୍ଳାନ୍ତି ଆଣେ ନାହିଁ। ଓସା–ମିସିଗାନ୍‌ର କୁମାରପୂର୍ଣ୍ଣିମା ଉତ୍ସବ, ଡିଅରବର୍ନସ୍ଥିତ ହେନ୍‌ରିଫୋର୍ଡ ମ୍ୟୁଜିୟମ୍, 'ଫଲ୍' (ପତ୍ରଝଡ଼ା), ହାଲୋୱିନ୍‌ର ଭୂତ–ଘଉଡ଼ା ପର୍ବ, ନାଏଗ୍ରା ପ୍ରପାତ, କଲମ୍ବସ୍‌ଙ୍କ ଆମେରିକା ଅନୁଭୂତି, ବନ୍ଧୁପରିଜନଙ୍କ ସହ ମିଳନ, ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟ ଓ ନ୍ୟୁଜର୍ସି ମନ୍ଦିର ପରିଦର୍ଶନ ଆଦିର ବର୍ଣ୍ଣନା ପଢ଼ିଲେ ବହିରୁ ମନ ଛାଡ଼େ ନାହିଁ। ଅନେକ ଭ୍ରମଣ କାହାଣୀ ତତ୍ତ୍ୱପ୍ରଧାନ ହେଉଥିବା ସ୍ଥଳେ ଏ ବହିଟି ଅନୁଭୂତିପ୍ରଧାନ ହୋଇଛି।

### ଋଷି ଶ୍ରୀଅରବିନ୍ଦଙ୍କ ରଚନା ବୈଭବ




**ସଂକଳନ ଓ ସଂପାଦନା:** ଶାନ୍ତିଲତା ପ୍ରଧାନ
**ପ୍ରକାଶକ:** ଗ୍ରାଫିକ୍ ଆର୍ଟ ଅଫ୍‌ସେଟ୍ ପ୍ରେସ୍, କଟକ–୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୫୦/–

୨୦୨୨ରେ ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀଠାରୁ 'ଆସ୍ପୃହା'ର ପ୍ରୟାସ ଥିଲା ଅରବିନ୍ଦଙ୍କ ରଚନାସମୂହ ଆଧାରିତ ନିବନ୍ଧଗୁଡ଼ିକୁ ନେଇ ଏକ ଗ୍ରନ୍ଥ ପ୍ରକାଶ କରିବା, ଯାହା ଫଳବତୀ ହୋଇଛି 'ଋଷି ଶ୍ରୀଅରବିନ୍ଦଙ୍କ ରଚନା ବୈଭବ' ଶୀର୍ଷକରେ ଏ ପୁସ୍ତକର ପ୍ରକାଶନ ଦ୍ୱାରା। ଏଥିରେ ମୋଟ ୧୯ଟି ନିବନ୍ଧ ସ୍ଥାନିତ। ଶ୍ରୀଅରବିନ୍ଦଙ୍କ ପ୍ରଥମ କାବ୍ୟ: ପ୍ରେମ ଓ ମୃତ୍ୟୁ, ବେଦ ରହସ୍ୟ, ଦିବ୍ୟ ଜୀବନ, ଯୋଗ ସମନ୍ୱୟ, ଈଶା ଉପନିଷଦର ଯାତ୍ରା ଓ ବାର୍ତ୍ତା, ମାନବ ଯୁଗଚକ୍ର ଅଧ୍ୟୟନ, ଗୀତା ନିବନ୍ଧମାଳା, ପୂର୍ଣ୍ଣଯୋଗରେ ଚେତନାର ଅଭିଯାତ୍ରା, ଶ୍ରୀଅରବିନ୍ଦଙ୍କ ବକ୍ତୃତା, ଭାରତୀୟ ସଂସ୍କୃତି, ତନ୍ତ୍ର, ସାବିତ୍ରୀ, ଉତ୍ତରପଡ଼ା ଅଭିଭାଷଣ ଓ ଭବାନୀ ଭାରତୀ ଆଦି ବିଷୟରେ ଅଭିଜ୍ଞ ଲେଖକଙ୍କ ଦ୍ୱାରା ଆଲୋଚନାମାନ ବହିଟିକୁ ମାନଯୁକ୍ତ କରିଛି। ଲେଖିକାଲେଖକଙ୍କ ମଧ୍ୟରେ ଅଛନ୍ତି ଅର୍ଚ୍ଚନା ନାୟକ, ଗୟାଧର ଦାଶ, ଶେଖ ଅବଦୁଲ କାଶମ, ଯଦୁନନ୍ଦନ ସାମଲ, ଜନ୍ମେଜୟ ଦ୍ୱିବେଦୀ, ସୁଷମା ବାରିକ, ଭାଗୀରଥି ମହାପାତ୍ର, ମମତା ଦାଶ, ନିତ୍ୟାନନ୍ଦ ମହାନ୍ତି, ଉମେଶ ପଟ୍ଟନାୟକ, ସରୋଜକାନ୍ତ ମିଶ୍ର, ଶରତଚନ୍ଦ୍ର ରଥ, ପ୍ରଫୁଲ୍ଲ କୁମାର ମିଶ୍ର ଓ ସନ୍ତୋଷ କୁମାର ଗାହାଣ। ଗ୍ରନ୍ଥର ମୁଖବନ୍ଧରେ ପ୍ରସାଦ ତ୍ରିପାଠୀ କହିଛନ୍ତି: ''ଆମ ସମାଜରେ ବ୍ୟକ୍ତିତ୍ୱ ସଂଶୋଧନ କରିବାର ସାମର୍ଥ୍ୟ ବହନ କରୁଥିବା ଅଧ୍ୟାତ୍ମ ସାହିତ୍ୟ ବିରଳ। ଅନେକ ରଚନା ପ୍ରକାଶ ପାଉଥିଲେ ମଧ୍ୟ ସେ ସବୁଥିରେ ଭାଷା ତଥା ସାହିତ୍ୟର ଚାତୁର୍ଯ୍ୟକୁ ଅଧିକ ଗମ୍ଭୀରତାର ସହ ସନ୍ନିବେଶିତ କରାଯାଏ। x x ମାତ୍ର ଶାନ୍ତି ତାଙ୍କ ଉଦ୍ଦେଶ୍ୟର ଭିନ୍ନତାକୁ ଯଥାସମ୍ଭବ ଏହି ରଚନାଗୁଡ଼ିକରେ ପର୍ଯ୍ୟବସିତ କରିବା ପାଇଁ ଉଦ୍ୟମ କରିଛନ୍ତି।''

## କବିତା

### ଘୁନଘୁଟପାଲି: ମଣିଷ ନଥିବା ଗାଁ
**ରାଜେଶ ପୂଜାରୀ**

ହଜିଯାଏ ଗାଁଟିଏ
ସତେ କ'ଣ ଏତେ ସହଜରେ
ପଚ୍ଛୁଆ ବଢ଼ିପାଣିରେ
ବୁଡ଼ିଯାଏ ଯୌଥ ସମ୍ପର୍କର ଘରଘାଟ
ପରମ ଆତ୍ମୀୟତାର କ୍ଷେତ, ଖାଲ, ଖମା
ନୂଆବୋହୂ ଆସିବା ଯିବାର ବାଟ!

ସରିଯାଏ ଯାନିଯାତ
କରଡ଼ି ହେଣ୍ଡୁଆ, ଚାର, ମହୁଲ ବଜାର
ଈଶ୍ୱର ବି ଜଳେ ସମାଧିସ୍ଥ
ଆକାଶଟୁପତଙ୍ଗ ଛିନ୍ନଛତ୍ର
ଆଖି ଭଳିଗଲା ଭଳି ଅସରା ସବୁଜିମା
ଉପହାସର ଶୂନ୍ୟ ମାନଚିତ୍ର!

ଛାତିରେ ଚାପି ପଥର
ଥୋକେ ଲୋକ ହେଲେ ଯାଯାବର
ତନ୍ନତନ୍ନ ଖୋଜିଲେ ଠିକଣା ଜୀବନାୟନର
ଆଉ କିଛି ମାଟିକୁ ଜାବୁଡ଼ି
ବୁଡ଼ିଥିବା ବସତିଠୁ କିଛି ଦୂର ବନସ୍ତକୁ ଯାଇ
ବନଚରେ ବେଖାତିର କରି
ରହିଲେ ଝାଟିମାଟିର ପୃଥିବୀ ଗଢ଼ି
ଦିନରେ ଟାଙ୍ଗରା ଭୂଇଁରେ
କୋଡ଼ି କୋଦାଳ ନଚେଇ
ରାତିବେଳେ ମାଛ ମାରି
ପେଟ ମନ ଉଭୟେ ବୁଝେଇ।

ମାଟି ପାଇଁ ମାଟି ହେଲେ
ବାଟ ପାଇଁ ବାଟ
ଆଲୁଅ ତ ଦୁରୂହ ବେପାର
କିନ୍ତୁ ଆଖିରେ ତାଙ୍କର
ଅୟୁତେ ସପନର ନାଟ
ଭାବିଥିଲେ,
ପୁଣି ଗାଁ ସବୁଜ ମହକେ ବାସିବ
ଦୁଃଖ ଶର୍ବରୀ ଅନ୍ତେ
ସୁନାର ସକାଳ ଆସିବ

କିନ୍ତୁ ଜଳିଗଲେ ଆଶା ଭରସା ସକଳ
ଅଦିନିଆ ଜଙ୍ଗଲ ଦାଁ(ନିଆଁ)ରେ
ସଭିଏଁ ହେଲେ ଗାଁଛଡ଼ା, ମୋହଛଡ଼ା
ପ୍ରାଣ ବିକଳରେ
ଅବଶେଷ ଯାହା ଥିଲା ବଢ଼ିପାଣିଠାରୁ
ନିମିଷକେ ଖାର ପାଲଟିଲା
ଶୂନ୍ୟ, ସବୁ ଶୂନ୍ୟ ହୋଇଗଲା
ଭରସି ହୁଏନି ଜମା ସେଠି ଗାଁଟିଏ ଥିଲା!

ନାଁଟିଏର ମୋହରେ
ସରଳ ଆଦିବାସୀ ଲୋକେ
କେତେ ଆକୁଳ ବ୍ୟାକୁଳ ଥିଲେ
ଦିନେ କେବେ,
ଆଜି ସମ୍ବାଦପତ୍ରରେ ପଢ଼ିଲି
ମଣିଷ ନଥିବା ଗାଁ
ରାଜସ୍ୱତାର ମୁକୁଟ ପିନ୍ଧିଛି
ହଜୁରଙ୍କ କୃପାଦୃଷ୍ଟି ପଡ଼ିଛି ସେଇଠି
ଏଇ ଏବେ ଏବେ।

ମୋ: ୮୧୪୪୭୭୯୦୬୧

### ଆୟୁଷ୍ମତୀ
**ପ୍ରତିଭା ପରିଡ଼ା**

ତୋ' ଓଠର ଧାରୁଆ ଧାରରେ
କି ନିଶା ଥାଏ ଆୟୁଷ୍ମତୀ!
କଳ୍ପବଟର ମିଠା ଫଳ
ନା' ନଷ୍ଟ ମୁହୂର୍ତ୍ତର ହଳାହଳ?
ସତରେ କି ନିଶା ଅଛି!
ତୋ' ପାଦର ଛନ୍ଦପାତରେ
ଏଣେ ତାତିଯାଉଛି ମାଟି
ଆଉ ମୋ' ରକ୍ତରେ ଘୁଙ୍ଗୁର ବାଜୁଛି...

ଅମୃତ ନା ଜହର ସ୍ନାନ ମୁଁ କରୁଥାଏ?
ସ୍ନାନ ସାରି ଚାହିଁବାବେଳକୁ
ମୁକୁଳି ଆସୁଥାଏ
ବର୍ଣ୍ଣଭୋର ରତୁଟିଏ...

ଝୁଙ୍କି ଆସୁଥାଏ ତଳକୁ
ମତୁଆଲା ଆକାଶର ଫର୍ଚ୍ଚା ବିଶ୍ୱାସ...
ତୋ' ପ୍ରୀତିର ପହିଲି ଛୁଆଁରେ
ଯାହା ମହକି ଉଠୁଥାଏ
ମୋର ଅଧାଲିଭା ଥର୍ଥର ଆୟୁଷ।

ମୋ: ୮୯୧୭୬୦୩୪୪୨

### ପାଦେ ଆକାଶ
**ବ୍ରହ୍ମମୟୀ ମିଶ୍ର**

ବିଶ୍ୱାସ କର
ଅଜବ ଏ ଦୁନିଆରେ
ଅଣନିଃଶ୍ୱାସୀ ହୋଇ
ମୁଁ ବି ଖୋଜୁଛି
ପାଦେ ଆକାଶ
ଯେଉଁଠି ମୁଗ୍ଧ ତାରାଟିଏ ହୋଇ
ଦେଖୁଥିବି ମୋ' ପ୍ରିୟ ପୃଥିବୀକୁ ଆଉ
ମେଣ୍ଟାଇ ପାରୁଥିବି
କାହିଁ କେତେ ଯୁଗର ଅବସୋସ।

ସେଇ ଆକାଶ ଯେଉଁଠି
ମୋ' ନିଃସଙ୍ଗତାର ଭାଷା
ପଢ଼ି ହସିବାକୁ ନ ଥିବେ କେହି
ଅବା ମୋ' ପାରିବାପଣିଆ
ଉପରେ ଉଠାଉ ନ ଥିବେ
ହଜାରେ ପ୍ରଶ୍ନବାଚୀ।

କିମ୍ବା ଶବ୍ଦମାନେ ଧରାଦେଇ
ହେଉ ନ ଥିବେ ଶେଷ
ପାଣି ପାଖରେ ଥାଇ ବି
ମେଣ୍ଟୁ ନ ଥିବ ଶୋଷ
ପୁଣି ଥରେ ମୋ' ନିଃଶ୍ୱାସ ମୋର ହୋଇ
ବହୁଥିବ ଅନନ୍ତ କାଳ
ମୁଁ ବି ଅଭିମାନରେ ବତୁରି ନ ଯାଇ
ଦମ୍ଭ ଧରିବି ଆଉ ରଚିଯିବି ମୋ'
ପ୍ରେମ ଓ ଜୀବନର ଇତିବୃତ୍ତ।

ମୋ: ୯୪୩୭୮୫୩୬୩୭

#### ଗୀତି–କବିତା

### କେତେ ଜନ୍ମ ଲାଗିବ
**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ପଥର ଛାତିକୁ ଫଟାଇ ଝରୁନି
ପୁଣ୍ୟର ଗଙ୍ଗୋତ୍ରି ଧାରା,
ନିର୍ବେଦ ସମ ଊର୍ଦ୍ଧ୍ୱେ ଚାହିଁଛି
ନାହିଁ ଜହ୍ନ ନାହିଁ ତାରା।
ଯୋଗୀର କେନ୍ଦରା ଶୁଭୁନାହିଁ ଆଉ
ଫେରୁନି ବସାକୁ ପକ୍ଷୀ,
ଥକି ପଡୁଥିବା ବାଟୋଇର କହ
ବାଟ ବିନା କିଏ ସାକ୍ଷୀ।
ଗରଳକୁ ପିଇ ପରଳ ଆଖିରେ
ଏକା ଚାଲିବାକୁ ହେବ
କେଜାଣି ତୋ'ପାଖେ ପହଞ୍ଚିବା ଲାଗି
କେତେ ଜନ୍ମ ଲାଗିଯିବ।

ମୋ: ୬୩୭୦୧୬୬୨୦୪

## କାଳକାଳକୁ



''ପୃଥିବୀରେ ଆମର ପ୍ରତି ପଦପାତ ଆମକୁ ଏକ ନୂଆ ଦୁନିଆକୁ ନେଇଯାଏ।''
– ଫେଡେରିକୋ ଗାର୍ସିଆ ଲୋର୍କା

**ଫେଡେରିକୋ ଗାର୍ସିଆ ଲୋର୍କାଙ୍କ** ଜନ୍ମ ୫ ଜୁନ୍ ୧୮୯୮ରେ ଓ ପରଲୋକ ୧୯ ଅଗଷ୍ଟ ୧୯୩୬ରେ। ସ୍ପେନ୍ ଜନ୍ମିତ ଲୋର୍କା ଏକାଧାରରେ କବି, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ। ପ୍ରତୀକବାଦ, ଭବିଷ୍ୟବାଦ ଓ ଅତିଯଥାର୍ଥବାଦ ଭଳି ସାହିତ୍ୟିକ ଆନ୍ଦୋଳନଗୁଡ଼ିକୁ ସେ ସଫଳ ଭାବେ ସ୍ପେନୀୟ ସାହିତ୍ୟରେ ପ୍ରୟୋଗ କରିଥିଲେ। ତାଙ୍କର ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକ ମଧ୍ୟରେ କବିତା: 'ଇମ୍ପ୍ରେସନ୍ସ ଆଣ୍ଡ୍ ଲ୍ୟାଣ୍ଡସ୍କେପ୍‌ସ' (୧୯୧୮), 'ବୁକ୍ ଅଫ୍ ପୋଏମ୍‌ସ' (୧୯୨୧) ଓ 'ପୋଏମ୍ ଅଫ୍ ଦ ଡିପ୍ ସଂଗ୍' (୧୯୩୧) ଏବଂ ନାଟକ: 'ବ୍ଲଡ୍ ୱେଡିଙ୍ଗ୍' (୧୯୩୨), 'ୟେର୍ମା' (୧୯୩୪), 'ଦ ହାଉସ୍ ଅଫ୍ ବରନାର୍ଡା ଆଲ୍‌ବା' (୧୯୩୬) ପ୍ରଧାନ। ସ୍ପେନୀୟ ଗୃହଯୁଦ୍ଧ ଆରମ୍ଭରେ ଏହି କୀର୍ତ୍ତିମାନ୍ ଲେଖକଙ୍କୁ ଜାତୀୟବାଦୀ ଶକ୍ତି କର୍ତ୍ତୃକ ହତ୍ୟା କରାଯାଇଥିଲା ଓ ତାଙ୍କର ମୃତଦେହ ମିଳି ନ ଥିଲା। ଲୋର୍କା କହନ୍ତି: ''ମୁଁ ସବୁବେଳେ ସେହିମାନଙ୍କର ପକ୍ଷଧର, ଯେଉଁମାନଙ୍କର କିଛି ବୋଲି କିଛି ନ ଥାଏ।''

# ଆକାଶୀ ରଙ୍ଗର ରୁମାଲ

## କଥାଟିଏ
**ଶିବ ମିଶ୍ର**

ସିଏ କମ୍ପାନୀ କାମରେ ବ୍ୟସ୍ତ ଥାଉ ଅବା ବସାରେ ବେକାର ବସିଥାଉ, ସବୁବେଳେ ତା' ହାତରେ ଥାଏ ସେଇ ରୁମାଲଟା। କେବଳ ଗାଧୋଇବା ବେଳ ଛାଡ଼ିଦେଲେ ବାକି ସବୁ ସମୟରେ, ଏମିତି କି ରାତିରେ ଶୋଇଲାବେଳେ ବି ହାତ କଟଟିରେ ବାନ୍ଧି ରଖିଥାଏ ସେଇଟାକୁ।

ପ୍ରାୟ ବର୍ଷେ ହେଲା ଗୋଟିଏ ଘରେ ଏକାଠି ରହୁଥିବା, ଗୋଟିଏ କମ୍ପାନୀରେ ଏକାଠି କାମ କରୁଥିବା ତା'ର ଜଣେ ସାଙ୍ଗ ତାକୁ କହିଲା– ମୁଁ ଦେଖୁଛି ତୁ ସେଇ ରୁମାଲଟା ମିନିଟିକ ପାଇଁ ପାଖଛଡ଼ା କରୁନୁ। ପୁଣି ସେଇଟା ମଇଳା ହୋଇ ଯାଇଥିଲେ ମଧ୍ୟ ସଫା କରିବା ତ ଦୂରେ ଥାଉ ଖାଲି ପାଣିରେ ବି ଧୋଉନୁ। ସେଥିରେ ଏମିତି କି ରସ ଲାଗିଛି ମୁଁ ଜାଣିପାରୁନି। ସାଙ୍ଗର କଥା ଶୁଣି ସିଏ କହିଲା– ଏ ରୁମାଲକୁ ଧୋଇବା ଦରକାର ନାହିଁ, କାହିଁକି ନା ଏଇଟା କେବେ ବି ମଇଳା ହେବ ନାହିଁ। ସାଙ୍ଗ କହିଲା– ଏଥିରେ କୋଉ ତାନ୍ତ୍ରିକର ମନ୍ତୁରାପାଣି ଛିଞ୍ଚା ହୋଇଛି ନା କ'ଣ? ସିଏ କହିଲା– ତୁ ଦେଖୁଛୁ ଏ ରୁମାଲର ରଙ୍ଗକୁ। ସାଙ୍ଗ କହିଲା– ହଁ ମୁଁ ଦେଖୁଛି, ଏଇଟା ଆକାଶୀ ରଙ୍ଗର ରୁମାଲ। ଏଥର ସେ ରୁମାଲକୁ ଥରେ ଦି'ଥର ଏ ହାତରୁ ସେ ହାତ କରିବା ପରେ ସିଏ ସାଙ୍ଗକୁ କହିଲା– ଆକାଶ ପରି ଏଥିରେ ମଧ୍ୟ ଗହନ ରହସ୍ୟ ରହିଛି। ସାଙ୍ଗ ପଚାରିଲା– କ'ଣ ସେ ରହସ୍ୟ? ସିଏ ଧରିଥିବା ରୁମାଲକୁ କିଛି ସମୟ ଚାହିଁବା ପରେ କହିଲା– ଆଜିଯାଏଁ କାହାକୁ ମୁଁ କହିନି ସେ ରହସ୍ୟ କଥା। ତୁ ଯଦି ଜାଣିବାକୁ ଚାହୁଁଛୁ ତେବେ ଶୁଣ।

ଏଇ କମ୍ପାନୀରେ କାମ କରିବା ପାଇଁ ମୁଁ ଏ ସହରକୁ ଆସିଲା ଦିନ ଆମ ଦାଣ୍ଡଦୁଆର ଏରୁଣ୍ଡିବନ୍ଧ ଡେଇଁଲାବେଳେ ମୋ' ମାଆ ଆଖିରୁ ନିଗିଡ଼ି ପଡୁଥିଲା ଧାର ଧାର ଲୁହ। ସେତେବେଳେ ତା'ର ସେ ଲୁହଝରା ଆଖିକୁ ମୁଁ ପୋଛି ଆଣିଥିଲି ଏଇ ରୁମାଲରେ। ମୋତେ ଲାଗୁଛି ମୋ' ମାଆ ଏଇ ରୁମାଲରେ ଥାଇ ପ୍ରତି ମୁହୂର୍ତ୍ତରେ ମୋତେ ଦେଖୁଛି।

ଏତେବେଳଯାଏ ତାକୁ ଚାହିଁ ହସୁଥିବା ସାଙ୍ଗର ମୁହଁଟା ହଠାତ୍ ଗମ୍ଭୀର ହୋଇଗଲା। ସିଏ ଖୁବ୍ ଧୀରେ କହିଲା– ଜାଣିଛୁ, ମୋତେ ପେଟରୁ କାଢ଼ି ମାଟିରେ ଥୋଇ ଦେଇ, ମୋ' ମାଆ ସେଇ ଅନ୍ତୁଡ଼ିଶାଳରୁ ଯମପୁରକୁ ଚାଲିଗଲା ବୋଲି ମୁଁ ଶୁଣିଛି। ମାଆର ମୁହଁ ଦେଖିନି। ତା'ପରେ ଗୋଟାଏ ମୋଟା ଦୀର୍ଘଶ୍ୱାସ ନେଇ ତୁଣ୍ଡ ଭିତରେ ଶୁଖିଶୁଖି ଯାଉଥିବା ଜିଭକୁ ଥରେ ଦି'ଥର ଏପଟସେପଟ କଲା ପରେ ସାଙ୍ଗ କହିଲା– ତୁ ଟିକିଏ ସମୟ ପାଇଁ ମୋତେ ସେଇ ରୁମାଲଟା ଦେଇପାରିବୁ? ମାଆ ତ ମାଆ, ସିଏ ତୋ'ର ହେଉ, ମୋ'ର ହେଉ କି ଯାହାର ହେଉ। ଏଇ ରୁମାଲରେ ଥିବା ମାଆର ଆଖିରେ ଥରେ ମୋ' ମୁହଁ ଦେଖିବା ପାଇଁ ମୋର ଭାରି ଇଚ୍ଛା ହେଉଛି। ତୁ ମୋ' ପାଇଁ କ'ଣ ଏତିକି କରିପାରିବୁନି? ମୁଁ ପରା ତୋର ସବୁଠାରୁ ପ୍ରିୟ ସାଙ୍ଗ।



କିଛି ନ କହି ଏତେ ଦିନ ହେଲା ବନ୍ଦ ଥିବା ହାତମୁଠା ଖୋଲି ଦେଇ ସିଏ ତା' ସାଙ୍ଗ ଆଡ଼କୁ ବଢ଼ାଇ ଦେଲା ରୁମାଲଟା। ଏବେ ସିଏ ଦେଖୁଥିଲା ମାଆ ପାଇଁ ତା' ସାଙ୍ଗ ଆଖିରୁ ଶ୍ରାବଣର ବର୍ଷା ପରି ଝରଝର ଝରୁଥିଲା ଅମାନିଆ ଲୁହର ଧାର, ଆଉ ସୁଲୁସୁଲୁ ପବନରେ ଉଡୁଥିଲା ତା' ହାତରେଥିବା ଗୋଟିଏ ମାଆର ଆଖି ଲୁହରେ ପଖଳା ସେଇ ଆକାଶୀ ରଙ୍ଗର ରୁମାଲ।

ମୋ: ୯୮୫୩୦୭୦୦୧୮

ଧରିତ୍ରୀ 51 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୩୧/୨୦୨୫ Bhubaneswar, Saturday, May 31/ 2025




# ପଞ୍ଜାବ-ମୁମ୍ବାଇ କ୍ୱାଲିଫାୟର-୨


ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳି।

## ୨୦ ରନରେ ହାରିଲା ଗୁଜରାଟ

ମୁଲାନପୁର,୩୦।୫

ଚଳିତ ଆଇପିଏଲ୍‌ରେ ଶୁକ୍ରବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୨୦ ରନରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୨୨୯ ରନର ଟାର୍ଗେଟକୁ ପିଛା କରୁଥିବା ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୨୦୮ ରନ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ସହ ମୁମ୍ବାଇ କ୍ୱାଲିଫାୟର-୨ ଖେଳିବା ଲାଗି ଯୋଗ୍ୟତା ହାସଲ କରିଛି। ଆସନ୍ତା ୧ ତାରିଖରେ ହେବାକୁ ଥିବା କ୍ୱାଲିଫାୟର-୨ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ମୁମ୍ବାଇ ଭେଟିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୨୮ ରନ କରିଥିଲା। ଦଳ ପକ୍ଷରୁ ରୋହିତ ଶର୍ମା ୫୦ ବଲରେ ୯ ଚୌକା ଓ ୪ ଛକା ସହିତ ସର୍ବାଧିକ ୮୧ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନି ବେଆରଷ୍ଟୋ ୨୨ ବଲରେ ୪୭ (୪ ଚୌକା ଓ ୩ ଛକା), ସୂର୍ଯ୍ୟକୁମାର ଯାଦବ ୨୦ ବଲରେ ୩୩ (୧ ଚୌକା ଓ ୩ ଛକା) ଓ ଅଧିନାୟକ ହାର୍ଦ୍ଦିକ ୯ ବଲରେ ୨୨ (୩ ଛକା) ରନ କରିଥିଲେ। ଗୁଜରାଟ ପକ୍ଷରୁ ସାଇ କିଶୋର ଓ ପ୍ରସିଦ୍ଧ କ୍ରିଷ୍ଣା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଗୁଜରାଟ ଆରମ୍ଭରୁ ଅଧିନାୟକ ଶୁବମନ ଗିଲ (୧)ଙ୍କ ଉଇକେଟ ହରାଇଥିଲା। ସାଇ ସୁଦର୍ଶନ ଓ କୁସାଲ ମେଣ୍ଡିସ ଦ୍ୱିତୀୟ ଉଇକେଟରେ ୬୪ ରନ ଯୋଡ଼ିଥିଲେ। ମେଣ୍ଡିସ ୨୦ (୧ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିଲେ। ଏହାପରେ ୱାଶିଂଟନ ସୁନ୍ଦର (୪୮ ରନ୍, ୫ ଚୌକା ଓ ୩ ଛକା) ଓ ସୁଦର୍ଶନ ଦଳୀୟ ସ୍କୋରକୁ ୧୫୦ ପାର କରାଇଥିଲେ। ହେଲେ ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ଗୁଜରାଟ ୬ ଉଇକେଟ ହରାଇ ୨୦୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁଦର୍ଶନ ୪୯ ବଲରେ ୮୦ (୧୦ ଚୌକା ଓ ୧ ଛକା) ଓ ଶେର୍ଫାନେ ରଦରଫୋର୍ଡ ୨୪ (୪ ଚୌକା) ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୨୮/୫ (ରୋହିତ ଶର୍ମା-୮୧, ଜନି ବେଆରଷ୍ଟୋ-୪୭, ସୂର୍ଯ୍ୟକୁମାର ଯାଦବ-୩୩, ସାଇ କିଶୋର-୨/୪୨, ପ୍ରସିଦ୍ଧ କ୍ରିଷ୍ଣା-୨/୫୩, ମହମ୍ମଦ ସିରାଜ-୧/୩୭)। ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୦୮/୬ (ସାଇ ସୁଦର୍ଶନ-୮୦, ୱାଶିଂଟନ ସୁନ୍ଦର-୪୮, ଶେର୍ଫାନେ ରଦରଫୋର୍ଡ-୨୪, ଟ୍ରେଣ୍ଟ ବୋଲ୍ଟ-୨/୫୬, ମିଚେଲ ସାଣ୍ଟନର-୧/୧୦)।


ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ରୋହିତ ଶର୍ମା।

# ମାରାଡୋନାଙ୍କ ମୃତ୍ୟୁ ମାମଲାର ଶୁଣାଣିକୁ ଅସିଦ୍ଧ ଘୋଷଣାକଲେ କୋର୍ଟ

ବୁଏନସ୍ ଆରିଜ, ୩୦।୫(ଏପି)

ଫୁଟ୍‌ବଲ କିମ୍ବଦନ୍ତୀ ଡିଏଗୋ ମାରାଡୋନାଙ୍କ ମୃତ୍ୟୁ ଘଟଣାରେ ୭ ଜଣିଆ ମେଡିକାଲ ଟିମ୍ ବିରୋଧରେ ଅଣାଯାଇଥିବା କାର୍ଯ୍ୟରେ ଅବହେଳା ମାମଲା ଏକ ରୋଚକ ମୋଡ଼ ନେଇଛି। ଏହି ମାମଲାର ଶୁଣାଣିକୁ ଆର୍ଜେଣ୍ଟିନାର ଏକ କୋର୍ଟ ଅସିଦ୍ଧ ବା ମିସଟ୍ରାଏଲ ଘୋଷଣା କରିଛନ୍ତି। ଆଗାମୀ ଡକ୍ୟୁମେଣ୍ଟାରିକୁ ନେଇ ପ୍ରବଳ ସମାଲୋଚନା କାରଣରୁ ଏହି ମାମଲାର ଶୁଣାଣି କରୁଥିବା ୩ ବିଚାରପତିଙ୍କ ମଧ୍ୟରୁ ଜଣେ ଓହରିଯିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ବିବାଦୀୟ ଭାବେ ଶୁଣାଣିରୁ ଓହରିଯିବାରୁ କୋର୍ଟଙ୍କ ନିକଟରେ ଉକ୍ତ ବିଚାରପତିଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ନିଯୁକ୍ତ କରିବା କିମ୍ବା ଆରମ୍ଭରୁ ମାମଲାର ଶୁଣାଣି କରିବା ଭଳି ଦୁଇଟି ବିକଳ୍ପ ଥିଲା। ଗୁରୁବାର ବିଚାରପତିମାନେ ପୁଣି ଥରେ ମାମଲାର ଆରମ୍ଭରୁ ଶୁଣାଣି କରିବାକୁ ରାୟ ଦେଇଛନ୍ତି। କିନ୍ତୁ ଏହି ଶୁଣାଣି କେବେ ଆରମ୍ଭ ହେବ, ତାହା ସ୍ପଷ୍ଟ କରାଯାଇନାହିଁ।

ପ୍ରସିକ୍ୟୁଟରଙ୍କ ପକ୍ଷରୁ ୬୦ ବର୍ଷୀୟ ମାରାଡୋନାଙ୍କ ମୃତ୍ୟୁ ପରବର୍ତ୍ତୀ ଘଟଣା ଉପରେ ନିର୍ମିତ 'ଡିଭାଇନ ଜଷ୍ଟିସ' ନାମକ ଡକ୍ୟୁମେଣ୍ଟାରିର ଟ୍ରେଲର ପ୍ରଦର୍ଶିତ କରାଯାଇଥିଲା। ଏଥିରେ ବିଚାରପତି ଜୁଲିଏଟା ମାକିନଟାଚ୍‌ଙ୍କୁ ମୁଖ୍ୟ ଖଳନାୟିକା ଭାବେ ପ୍ରଦର୍ଶିତ କରାଯାଇଥିଲା। ଏଥିଯୋଗୁ ବିଚାରପତି ମାକିନଟାଚ୍ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ୧୯୮୬ରେ ଆର୍ଜେଣ୍ଟିନାକୁ ବିଶ୍ୱକପ୍ ଜିତାଇଥିବା ମାରାଡୋନାଙ୍କର ୨୦୨୦, ନଭେମ୍ବର ୨୫ ତାରିଖରେ ହେମାଟୋମା ସର୍ଜରିର ସମ୍ମୁଖୀନ ହେବାର ଦିନକ ପରେ ମୃତ୍ୟୁ ହୋଇଥିଲା।



# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା

## ଫ୍ରେଞ୍ଚ ଓପନ

ପ୍ୟାରିସ,୩୦।୫

ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରେ ଶୁକ୍ରବାର ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ପଞ୍ଚମ ସିଡ୍ ଆଇଗା ସ୍ୱିଟେକ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଷ୍ଟମ ସିଡ୍ ଲୋରେଞ୍ଜୋ ମୁସେଟି ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

ଶୁକ୍ରବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟରେ ଓଲଗା ଡାନିଲୋଭିଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ପୋଲାଣ୍ଡର ସ୍ୱିଟେକ ୬-୨, ୭-୫ ସେଟ୍‌ରେ ରୋମାନିଆର ଜାକଲିନ କ୍ରିଷ୍ଟିଆନଙ୍କୁ ଓ ଅଷ୍ଟମ ସିଡ୍ କ୍ୱିନୱେନ ଝେଙ୍ଗ ୬-୩, ୬-୪ ସେଟ୍‌ରେ କାନାଡାର ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ହରାଇଛନ୍ତି। ଅନ୍ୟ ମ୍ୟାଚ୍‌ରେ ୧୬ତମ ସିଡ୍ ଆମାଣ୍ଡା ଆନିସିମୋଭା ୭-୬(୭-୪), ୬-୪ ସେଟ୍‌ରେ କ୍ଲାରା ଟୌସନଙ୍କୁ, ୧୭ତମ ସିଡ୍ ଡାରିଆ କାସଟକିନା ୬-୪, ୬-୨ ସେଟ୍‌ରେ ଲେଓଲିଆ ଜିନଜିନଙ୍କୁ ଓ ଲିଉଡମିଲା ସାମସୋନୋଭା ୬-୨, ୬-୩ ସେଟ୍‌ରେ ଡାଏନା ୟଷ୍ଟ୍ରେମସ୍କାଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଷ୍ଟମ ସିଡ୍ ମୁସେଟି ୪-୬, ୬-୪, ୬-୩, ୬-୨ ସେଟ୍‌ରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନଙ୍କୁ ଓ ଦଶମ ସିଡ୍ ହୋଲଗର ରୁନ ୪-୬, ୬-୨, ୫-୭, ୭-୫, ୬-୨ ସେଟ୍‌ରେ କ୍ୱେଣ୍ଟିନ ହେଲିସଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ଟମି ପଲ ୬-୩, ୩-୬, ୭-୬(୯-୭), ୩-୬, ୬-୩ ସେଟ୍‌ରେ ୨୪ତମ ସିଡ୍ କାରେନ ଖାଚନୋଭଙ୍କୁ ହରାଇଛନ୍ତି। ଆଲେକ୍ସି ପପରିନ ୬-୪, ୭-୬(୧୩-୧୧), ୭-୬(୭-୫) ସେଟ୍‌ରେ ନୁନୋ ବର୍ଗେସଙ୍କୁ ପରାସ୍ତ କରିଛନ୍ତି।


ଆରିନା ସାବାଲେଙ୍କା

# ଓଡ଼ିଆ ଖେଳାଳିଙ୍କୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା


ଭାରତୀୟ ଗେଟ୍‌ବଲ୍ ଦଳର ୪ ଓଡ଼ିଆ ଖେଳାଳିଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ଭାରତୀୟ ଗେଟ ବଲ ଦଳ

ଭୁବନେଶ୍ୱର,୩୦।୫ (ଅନାଦି କର)

ତାଇୱାନଠାରେ ଅନୁଷ୍ଠିତ ବିଶ୍ୱ ମାଷ୍ଟର୍ସ ଗେମ୍ସର ଗେଟ୍ ବଲ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହି ଦଳରେ ଦ୍ୱୈପାୟନ ପଟ୍ଟନାୟକ, ଉମାକାନ୍ତ ପାଣି, ସର୍ବେଶ୍ୱର ମହାପାତ୍ର ଓ ଦିଲୀପ ଷଡ଼ଙ୍ଗୀ ପ୍ରମୁଖ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଥିଲେ। ଓଡ଼ିଆ ଖେଳାଳିମାନେ ଓଡ଼ିଶା ଫେରିବା ପରେ ଗୁରୁବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଆଇକନିକ ପ୍ରତିଷ୍ଠାତା ଚିଦମ୍ବିକା ଖଟୁଆ, ଡ. ଶେଖ ହମିମ, ଦର୍ଶନ କୁମାର ଓ ଭାରତୀୟ ଗେଟ୍ ବଲ ୟୁନିଅନ (ଆଇଜିୟୁ)ର କୋଷାଧ୍ୟକ୍ଷ ଶରତ ପାତ୍ର, ଅଳକା ରାୟ, ଡ. ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଲ୍‌ବୀର, ପୂଜା, ନନ୍ଦିନୀଙ୍କୁ ସ୍ୱର୍ଣ୍ଣ

## ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଗୁମି, ୩୦।୫ ( ପି.ଟି.)

ଲଙ୍ଗ୍ ଡିଷ୍ଟାନ୍ସ ରନର ଗୁଲ୍‌ବୀର ସିଂ ଏଠାରେ ଚାଲିଥିବା ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଏକ ଦଶନ୍ଧି ଧରି କାଏମ ରହିଥିବା ପୁରଣା ମିଟ୍ ରେକର୍ଡକୁ ଭଙ୍ଗ କରି ଦେଇଥିବା ବେଳେ ସ୍ୱଳ୍ପ ବୟସ୍କା ହାଇଜମ୍ପର ପୂଜା ସିଂ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚାମ୍ପିୟନଶିପ୍ ଉଦ୍‌ଯାପିତ ହେବାକୁ ଆଉ ଗୋଟିଏ ଦିନ ବାକି ରହିଥିବା ବେଳେ ହେପ୍ଟାଥଲେଟ ନନ୍ଦିନୀ ଆଗାସାରା ଶୁକ୍ରବାର ଭାରତ ପାଇଁ ଅନ୍ୟ ଏକ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି।

ଭାରତର ଶ୍ରେଷ୍ଠ ଲଙ୍ଗ୍ ଡିଷ୍ଟାନ୍ସ ରନରମାନଙ୍କ ମଧ୍ୟରେ ଗୁଲ୍‌ବୀର ହେଉଛନ୍ତି ଅନ୍ୟତମ। ଶୁକ୍ରବାର କଡ଼ା ମୁକାବିଲାରେ ଅନୁଷ୍ଠିତ ପୁରୁଷ ୫,୦୦୦ ମିଟର ରେସ୍‌ରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ସେ ୧୦,୦୦୦ ମିଟର ରେସ୍‌ରେ ମଧ୍ୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଜାତୀୟ ରେକର୍ଡଧାରୀ ଏହି ଆଥ୍‌ଲେଟ ୧୩:୨୪.୭୭ ସେକେଣ୍ଡ ଟାଇମିଂରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥାଇଲାଣ୍ଡର କିରନ ଟୁନିଟ୍‌ଭେଟ୍ (୧୩:୨୪.୯୭ ସେକେଣ୍ଡ)ଙ୍କୁ ପଛରେ ପକାଇ ପ୍ରଥମ ହୋଇଥିଲେ। ଜାପାନର ନାଗିୟା ମୋରି (୧୩:୨୫.୦୬)ଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା। ପରେ ୧୮ବର୍ଷୀୟା ପୂଜା ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧.୮୯ ମିଟର ଜମ୍ପ୍ କରି ଉଜ୍‌ବେକିସ୍ତାନର ସାଫିନା ସାଦୁଲେଭା (୧.୮୬ ମିଟର)ଙ୍କୁ ପଛରେ ପକାଇ ଦେଇଥିଲେ। ହରିୟାଣାର ଏହି ସ୍ୱଳ୍ପ ବୟସ୍କାଙ୍କ ପିତା ହେଉଛନ୍ତି ଜଣେ କନଷ୍ଟ୍ରକ୍ସନ ୱାର୍କର। ପୂଜା ମହାଦେଶୀୟ ସ୍ତରରେ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ପୂର୍ବରୁ ୨୦୨୩ରେ ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ସେ ଏକ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏସିଆନ ସ୍ୱର୍ଣ୍ଣ ଜିତିବାରେ ସ୍ୱପ୍ନା ବର୍ମନ (୨୦୧୭) ଓ ସୋମା ବିଶ୍ୱାସ (୨୦୦୫) ପରେ ନନ୍ଦିନୀ ହେଉଛନ୍ତି ତୃତୀୟ ଭାରତୀୟ ହେପ୍ଟାଥଲେଟ। ନନ୍ଦିନୀ ୫୯୪୧ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜାଭେଲିନ୍ ଥ୍ରୋ (୩୪.୧୮ମିଟର)ରେ ତାଙ୍କର ପ୍ରଦର୍ଶନ ଖରାପ ରହିବା ପରେ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୮୦୦ମିଟର ରେସ୍ ଜିତିଥିଲେ। ଜାଭେଲିନ୍ ଥ୍ରୋ ଜିତି ପ୍ରଥମେ ନନ୍ଦିନୀଙ୍କଠାରୁ ଆଗରେ ରହିଥିବା ଚାଇନାର ଲିୟୁ ଜିଙ୍ଗ୍‌ୟି ୫୮୬୯ ପଏଣ୍ଟ ସହ ରୌପ୍ୟ ଜିତିଥିଲେ। ଶୁକ୍ରବାର ସୁଦ୍ଧା ଭାରତର ପଦକ ସଂଖ୍ୟା ୮ ସ୍ୱର୍ଣ୍ଣ ସହ ୧୮ରେ ପହଞ୍ଚିଛି।

### ଦଶନ୍ଧିର ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର



ଏଠାରେ ଗୁଲ୍‌ବୀର ୨ ସ୍ୱର୍ଣ୍ଣ ପଦକ ହାସଲ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ୨୮:୩୮.୬୩ ସେକେଣ୍ଡ ଟାଇମିଂରେ ସେ ୧୦,୦୦୦ ମିଟର ପ୍ରତିଯୋଗିତା ଜିତିଛନ୍ତି। ଶୁକ୍ରବାରର ପ୍ରଦର୍ଶନ ଦ୍ୱାରା ଗୁଲ୍‌ବୀର କଣ୍ଟିନେଣ୍ଟାଲ ମିଟ୍‌ର ପୁରୁଷ ୫,୦୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ହାସଲ କରିଥିବା ଭାରତୀୟ ଆଥଲେଟଙ୍କ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏଥିରେ ସ୍ଥାନ ପାଇଥିବା ଅନ୍ୟ ୩ ଆଥ୍‌ଲେଟ ହେଲେ ଗୋପାଳ ସଇନି (୧୯୮୧), ବାହାଦୁର ପ୍ରସାଦ (୧୯୯୩) ଓ ଜି. ଲକ୍ଷ୍ମଣନ (୨୦୧୭)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ